RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-314 ♦WEDNESDAY ♦13 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୧୪ ♦ବୁଧବାର ♦୧୩ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଆର୍ଜେଣ୍ଟିନା ଦଳରେ ମେସି

▶ପୃଷ୍ଠା ୧୨ ଦେଖନ୍ତୁ...

# ପ୍ରଶ୍ନପତ୍ର ଲିକ୍ | ନିଟ୍-ୟୁଜି ପରୀକ୍ଷା ବାତିଲ

- ଦେଶରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ପ୍ରଭାବିତ
- ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ର ସରକାର
- ଦଶ ଦିନରେ ଘୋଷଣା ହେବ ପରୀକ୍ଷା ତାରିଖ
- ରାଜ୍ୟରେ ପରୀକ୍ଷା ଦେଇଥିଲେ ୬୫ ହଜାର ଛାତ୍ରଛାତ୍ରୀ





■ ଭୁବନେଶ୍ୱର/ନୂଆଦିଲ୍ଲୀ, ୧୨।୫ (ସମିସ): ଗତ ୩ ତାରିଖରେ ସାରା ଦେଶରେ ଅନୁଷ୍ଠିତ ଡାକ୍ତରୀ ନାମଲେଖା ପ୍ରବେଶିକା ପରୀକ୍ଷାକୁ ବାତିଲ କରିଛି ଏନ୍‌ଟିଏ (ନେସନାଲ ଟେଷ୍ଟିଂ ଏଜେନ୍ସି)। ଏ ସଂକ୍ରାନ୍ତରେ ଏନ୍‌ଟିଏ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିହାର ଓ ରାଜସ୍ଥାନରେ ପରୀକ୍ଷା ସମୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ ପୁନଃପରୀକ୍ଷା ସୂଚୀ ପ୍ରକାଶ ପାଇବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏହି ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ବିହାରରେ ଏହି ପ୍ରଶ୍ନପତ୍ର ଲିକ୍ ଷଡ଼୍‌ଯନ୍ତ୍ରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥିଲା ଓ ଜଣେ ଡ଼ାକ୍ତରୀ ଛାତ୍ର ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ପ୍ରଶ୍ନପତ୍ର ଗୋଟାକୁ ୬୦ ଲକ୍ଷରେ ଡ଼ିଲ୍ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି। ତେବେ ପ୍ରବେଶିକା ପରୀକ୍ଷା ପୂର୍ବଦିନ ରାତିରେ ଏହି ଘଟଣା ଜଣା ପଡ଼ିଥିଲେ ହେଁ, ତତ୍‌ପରଦିନ କାହିଁକି ପରୀକ୍ଷା ବାତିଲ କରା ଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ପରୀକ୍ଷା ବାତିଲ୍ ସମ୍ପର୍କରେ ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଯେ ▶ପୃଷ୍ଠା-୭

➡ **୨୦୧୫:** ନିଟ୍ ପୂର୍ବରୁ ସାରା ଦେଶରେ ପ୍ରଚଳିତ ଅଲ୍ ଇଣ୍ଡିଆ ପ୍ରି ମେଡିକାଲ ଟେଷ୍ଟ (ଏଆଇପିଏମ୍‌ଟି)କୁ ୨୦୧୫ ମସିହାରେ ସମ୍ପୂର୍ଣ୍ଣ ବାତିଲ କରାଯାଇଥିଲା। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଓ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଏହାକୁ ବାତିଲ କରାଯାଇଥିଲା।

➡ **୨୦୨୪:** ନିଟ୍ ପରୀକ୍ଷାକୁ ନେଇ ୨୦୨୪ରେ ସାରା ଦେଶରେ ଏକ ବଡ଼ ବିବାଦ ହୋଇଥିଲା। ଅନେକ ପରୀକ୍ଷାର୍ଥୀଙ୍କୁ 'ଗ୍ରେସ ମାର୍କ' ଦିଆଯାଇଥିବା ଅଭିଯୋଗ ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେତେକ ପରୀକ୍ଷା କେନ୍ଦ୍ରରେ ପୁନଃ ପରୀକ୍ଷା କରାଯାଇଥିଲା।

➡ **୨୦୨୬:** ଚଳିତ ବର୍ଷ ମଇ ୩ ତାରିଖରେ ନିଟ୍ ପ୍ରବେଶିକା ପରୀକ୍ଷାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି।

## ଏହା ତ୍ରୁଟି ନୁହେଁ, ସାଂଘାତିକ ବିଶ୍ୱାସଘାତକତା: ନବୀନ



**ଛାତ୍ରଛାତ୍ରୀଙ୍କ ବିଶ୍ୱାସ ପ୍ରତି ଏକ ଶକ୍ତ ଆଘାତ**

**ଅବିଶ୍ୱାସ ବୃଦ୍ଧି କରୁଛି ବାରମ୍ବାର ପ୍ରଶ୍ନପତ୍ର ଲିକ୍**

■ ଭୁବନେଶ୍ୱର, ୧୨।୫ (ସମିସ): ୨୦୨୬ ମସିହାର ନିଟ ପରୀକ୍ଷା ବାତିଲ ହେବାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଟ୍-୨୦୨୬ ରଦ୍ଦ ଆମ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀମାନେ ରଖିଥିବା ଗଭୀର ବିଶ୍ୱାସ ପ୍ରତି ଏକ ଶକ୍ତ ଆଘାତ ବୋଲି ନବୀନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କହିଛନ୍ତି ଯେ ଯେତେବେଳେ ପରୀକ୍ଷାର ସ୍ୱଚ୍ଛତା ଓ ପବିତ୍ରତା ସହ ବୁଝାମଣା କରାଯାଏ, ତାହା କେବଳ ଏକ ତ୍ରୁଟି ନୁହେଁ। ଏହା ସେହି ଲକ୍ଷ ଲକ୍ଷ ଆଶାୟୀଙ୍କ ପ୍ରତି ଏକ ▶ପୃଷ୍ଠା-୭

## ତାମିଲନାଡୁରେ ହଟଚମଟ | ଆନ୍ନାଡିଏମ୍‌କେ ଦୁଇ ଫାଳ

### ସନ୍‌ମୁଗମ୍‌ଙ୍କ ନେତୃତ୍ୱରେ ବିଜୟଙ୍କୁ ୩୦ ବିଧାୟକଙ୍କ ସମର୍ଥନ

■ ଚେନ୍ନଇ, ୧୨।୫(ଏଜେନ୍ସି): ତାମିଲନାଡୁରେ ନବଗଠିତ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ଆସନ୍ତାକାଲି ବିଧାନସଭାରେ ଆସ୍ଥା ଭୋଟର ସମ୍ମୁଖୀନ ହେବାକୁ ଯାଉଛି। ତେବେ ଏହା ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ହଟଚମଟ ଦେଖିବାକୁ ମିଳିଛି। ନିର୍ବାଚନରେ ୪୭ଟି ଆସନ ପାଇ ତୃତୀୟ ସ୍ଥାନରେ ଥିବା ଆନ୍ନାଡିଏମକେ ଦୁଇ ଭାଗ ହୋଇଯାଇଛି। ବରିଷ୍ଠ ନେତା ସି.ଭି. ସନ୍‌ମୁଗମଙ୍କ ନେତୃତ୍ୱରେ ଦଳର ୩୦ ଜଣ ବିଧାୟକ ଅଲଗା ▶ପୃଷ୍ଠା-୭








## ଡାକ୍ତରୀ ଛାତ୍ର ମାଷ୍ଟରମାଇଣ୍ଡ
## ସିଟ୍ ଗୋଟାକୁ ୬୦ ଲକ୍ଷ

■ ନୂଆଦିଲ୍ଲୀ/ନାଳନ୍ଦା, ୧୨।୫(ଏଜେନ୍ସି): ନିଟ୍ ପରୀକ୍ଷା ବାତିଲ ହେବାପରେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ଚାଲିଥିବା ବଡ଼ ଧରଣର ଜାଲିଆତି ମଧ୍ୟ ଧରାପଡ଼ିଛି। ଏହାପଛରେ ବିହାରର ଏକ 'ସଲଭର ଗ୍ୟାଙ୍ଗ'ର ହାତ ରହିଛି ଏବଂ ଏହି ଗ୍ୟାଙ୍ଗ୍ ମେଡିକାଲ ସିଟ୍ ପିଛା ୫୦ ଲକ୍ଷରୁ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ଜଣାପଡ଼ିଛି। ସବୁଠାରୁ ଉଦବେଗର ବିଷୟ ହେଉଛି ଯେ ଏହି ଜାଲିଆତିର ମାଷ୍ଟରମାଇଣ୍ଡ ହେଉଛି ଜଣେ ମେଡିକାଲ ଛାତ୍ର। ଏହି ମାମଲାରେ ଏପର୍ଯ୍ୟନ୍ତ ୭ ଜଣଙ୍କୁ ଗିରଫ କରାଗଲାଣି। ତିନି ତାରିଖରେ ପରୀକ୍ଷା ହୋଇଥିବା ବେଳେ ଏହାପୂର୍ବରୁ ଅର୍ଥାତ୍ ମେ ୨ ତାରିଖ ରାତିରେ ନାଳନ୍ଦା ପୋଲିସ ଗାଡ଼ି ଯାଞ୍ଚ୍ ସମୟରେ ଦୁଇଟି ଦାମୀ ଗାଡ଼ିକୁ ଅଟକାଇଥିଲା। ସେଥିରୁ ଜଣେ ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ର ଅବଧେଶ କୁମାରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ୍ କରିବା ପରେ ପୋଲିସ ସ୍ତବ୍ଧ ହୋଇଯାଇଥିଲା। ସେଥିରେ ଅନେକ ପରୀକ୍ଷାର୍ଥୀଙ୍କ ପ୍ରବେଶ ପତ୍ର, ଟଙ୍କା କାରବାରର ତଥ୍ୟ ଏବଂ ଚାଟ୍ ମିଳିଥିଲା। ଏହି ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ସମଗ୍ର ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ହେଉଛନ୍ତି ପାୱାପୁରୀ ମେଡିକାଲ ▶ପୃଷ୍ଠା-୭

# ପୁଲିସ ଛବି ସୁଧାରିବ 'ମିଶନ ଏନ୍‌କାଉଣ୍ଟର' !



ଏଆଇ ପ୍ରତୀକାତ୍ମକ ଫଟୋ

■ ଭୁବନେଶ୍ୱର ୧୨।୫ (ସମିସ): ରାଜ୍ୟରେ ଅପରାଧ ଉପରମୁହାଁ। ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଅପରାଧ ନିୟନ୍ତ୍ରଣ ତ ଦୂରର କଥା, ଅପରାଧୀଙ୍କୁ ନିୟନ୍ତ୍ରଣରେ ରଖିବାରେ ପୁଲିସ ବ୍ୟବସ୍ଥା ବ୍ୟର୍ଥ ହୋଇଛି। ଅପରାଧୀମାନେ ପୁଲିସକୁ ଡ଼ରୁ ନାହାନ୍ତି, ସାଧାରଣ ଲୋକ ପୁଲିସ ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇ ସାରିଛନ୍ତି। କଥାକଥାରେ ଲୋକମାନେ ଆଇନକୁ ହାତକୁ ନେବାକୁ ଭୟ କରୁନାହାନ୍ତି। ପୁଲିସ ସାମ୍ନାରେ ଦିନ ଦି'ପହରରେ ଲୋକେ କାହାକୁ ପିଟି ପିଟି ମାରି ଦେଉଛନ୍ତି ତ ଆଉ କେଉଁଠି ପନିକିରେ ହାଣିବା ପରେ ଗାଡ଼ି ଚଢ଼ାଇ ଦେଉଛନ୍ତି। ପୁଣି କେଉଁଠି ହାତଗୋଡ଼ ବାନ୍ଧି ଗାଁ ଦାଣ୍ଡରେ ନିର୍ମମ ଭାବେ ପିଟୁଛନ୍ତି। ରାଜ୍ୟ ସାରା ଏବେ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ଅପରାଧ ଗ୍ରାଫ୍ ଏବେ ଉପର ମୁହାଁ। ପ୍ରତିଦିନ କିଛି ନା କିଛି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରୁଛି। ଦୁଷ୍କର୍ମ, ଗଣଦୁଷ୍କର୍ମ, ରାହାଜନୀ, ହତ୍ୟା ଆଦି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହେଉଥିବା ବେଳେ ରାଜନୈତିକ ହସ୍ତକ୍ଷେପ ପୁଲିସ ବ୍ୟବସ୍ଥାକୁ ଆହୁରି ଦୁର୍ବଳ କରୁଥିବା ଅଭିଯୋଗ ହେଉଛି। କଣାସ, ବାଲିଅନ୍ତା, ହିଞ୍ଜିଳିକାଟୁ ସହ ଅନେକ ଅପରାଧିକ ଘଟଣାରେ ପୁଲିସ ଏକପ୍ରକାର ▶ପୃଷ୍ଠା-୭

## ରାଜ୍ୟକୁ ଲଜ୍ଜା | ସାତ ମାସର ଛୁଆକୁ ବିକ୍ରି ପାଇଁ ଗାଁ ଗାଁ ବୁଲିଲା ବାପା



■ ବାରିପଦା/ମୋରଡ଼ା, ୧୨।୫ (ସମିସ): ନିଜ ୭ ମାସର ଶିଶୁପୁତ୍ରକୁ ମାତ୍ର ୩୦ହଜାର ଟଙ୍କା ମୂଲ୍ୟ ରଖି ବିକ୍ରି ପାଇଁ ଗାଁ ଗାଁ ବୁଲିଲା ବାପା। ଏମିତି ଘଟଣା ଦେଖିବାକୁ ମିଳିଛି, ବାରିପଦା ସଦର ଥାନା ଚନ୍ଦନପୁର ପଞ୍ଚାୟତର ଚନ୍ଦାବିଲା ଗ୍ରାମରେ। ଉକ୍ତ ଗ୍ରାମର ଲାଲୁ ମାରାଣ୍ଡିଙ୍କ ସ୍ତ୍ରୀ ମାଇନଙ୍କ ଅଭିଯୋଗ ମୁତାବକ, ମୋରଡ଼ା ଥାନା ଅନ୍ତର୍ଗତ ଘୋଳମୁହାଁ ପଞ୍ଚାୟତର କାରାମଘୁଟୁ ଗାଁର ରତନ କିସ୍କୁ ନିଜର ସାତ ମାସର ଶିଶୁ ପୁତ୍ରକୁ ୩୦ହଜାର ଟଙ୍କାରେ ବିକ୍ରି କରିବା ପାଇଁ ମଙ୍ଗଳବାର ଚନ୍ଦାବିଲା ଗାଁକୁ ଆସିଥିଲା। ସେଠାରେ ଲାଲୁଙ୍କ ଘରେ ଶିଶୁଟିକୁ ଦେବାକୁ ସେ ଚେଷ୍ଟା କରୁଥିବା ବେଳେ ପରିବାରଲୋକ ତାକୁ ବାରଣ କରିଥିଲେ। କାହିଁକି ଶିଶୁଟିକୁ ବିକ୍ରି କରୁଛ ବୋଲି ପଚାରିଥିଲେ। କିନ୍ତୁ, ରତନ ଉତ୍ତର ନଦେଇ ଶିଶୁପୁତ୍ରକୁ ସେଠାରେ ଛାଡ଼ି ପଳାଇଥିଲା। ଲାଲୁଙ୍କ ମା' ଅଙ୍ଗନବାଡ଼ି କେନ୍ଦ୍ରର ସହାୟିକା ହୋଇଥିବାରୁ ସେ ତୁରନ୍ତ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଖବର ପାଇ ବାରିପଦା ସଦର ଥାନା ଆଇଆଇସି ସସ୍ମିତା ମହାନ୍ତ, ମୋରଡ଼ା ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ସଦଳବଳେ ଚନ୍ଦାବିଲା ଗାଁରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଶିଶୁଟିକୁ ବାରିପଦା ଶିଶୁଯତ୍ନ କେନ୍ଦ୍ରରେ ରଖାଯାଇଛି। ସେ ଜ୍ୱରରେ ପୀଡ଼ିତ ଥିବାରୁ ଚିକିତ୍ସା କରାଯାଉଛି ବୋଲି କେନ୍ଦ୍ର ଅଧ୍ୟକ୍ଷା ଭାସ୍ୱତୀ ବାରିକ କହିଛନ୍ତି।




ସକାଳ
THE SAKALA



# ୧୯୨୯୭ ଜଣ ରବିଧାନ ଚାଷୀ ପଞ୍ଜୀକୃତ

**ଜୟପୁର,୧୨।୫(ସମିସ) :**

କୋରାପୁଟ ଜିଲ୍ଲାରେ ରବିଧାନ ଚାଷ କାର୍ଯ୍ୟ କରୁଥିବା ୧୯ହଜାର ୨୯୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଧାନ ଚାଷ କାର୍ଯ୍ୟ ହୋଇଥିବା ଜମିର ସେଟାଲାଇଟ୍ ଯାଞ୍ଚରେ ଜିଲ୍ଲାର ସମୁଦାୟ ୧୮ହଜାର ୪୦୯ଟି ପ୍ଲଟ ସନ୍ଦେହ ଘେରରେ ରହିଛି। ଏହିପରି ଚାଷୀ ମାନେ ସେମାନଙ୍କ ଅମଳ ରବିଧାନ ମଣ୍ଡିରେ ବିକ୍ରି କରିବା ପାଇଁ ଜିଲ୍ଲାର ସମୁଦାୟ ୧୩ଟି ଲ୍ୟାମ୍ପ୍ସ ଏବଂ ୩ଟି ପାଣି ପଞ୍ଚାୟତକୁ ନିୟୋଜିତ କରିଛନ୍ତି। ଚାଷୀ ମାନେ ସେମାନଙ୍କ ପଞ୍ଜିକୃତ ପାଇଁ ନିୟୋଜିତ ସମୁଦାୟ ୧୬ଟି କ୍ରୟାକାରୀ ସଂସ୍ଥାରେ ନାମ ପଞ୍ଜୀକରଣ କରିଛନ୍ତି। ଏଥିରେ କୋରାପୁଟ ଜିଲ୍ଲାରେ ସର୍ବାଧିକ କୋଟପାଡ ଲ୍ୟାମ୍ପ୍ସରେ ୪୭୭୩ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଦଶମନ୍ତପୁର ଲ୍ୟାମ୍ପ୍ସରେ ସର୍ବନିମ୍ନ ୫ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ସେହିପରି ସେଟାଲାଇଟ ଯାଞ୍ଚ ବେଳେ କେତେକ ଜମିରେ ଧାନ ଚାଷ ହୋଇ ନଥିବା ନେଇ ସନ୍ଦେହ କରାଯାଇଛି। ତେଣୁ ଏହି ଜମିର ପ୍ଲଟ ନମ୍ବର ସହିତ ଚିହ୍ନଟ କରାଯାଇଛି ଏବଂ ରାଜସ୍ୱ ଓ କୃଷି ବିଭାଗର କର୍ମଚାରୀ ମିଳିତ ଭାବେ ଉକ୍ତ ପ୍ଲଟ ନିକଟରେ ପହଞ୍ଚି ସରଜମିନ ଯାଞ୍ଚ କରିବେ। ଏଥିରେ କୋଟାପାଡ ଲ୍ୟାମ୍ପ୍ସର ୬୨୯୧ଟି ପ୍ଲଟ, ଦଶମନ୍ତପୁର ଲ୍ୟାମ୍ପ୍ସର ୨ଟି, ବୈପାରୀଗୁଡାର ୪୧୩ଟି, ବୋରିଗୁମ୍ମାର ୧୬୨୬ଟି, ଡୁମୁରିପୁଟର ୨୬ଟି, କାକିରିଗୁମ୍ମାର ୧୩ଟି, କାମତାର ୧୭୩୦ଟି, କୋଟପାଡର ୬୨୯୧ଟି, କୁମୁଲିପୁଟର ୧୦୯୧ଟି, କୁନ୍ଦୁରାର ୩୪୧୨ ଟି, କୁନ୍ଦୁଲିର ୩୨୯ଟି, ନନ୍ଦପୁରର ୨୨ଟି, ନାରାୟଣପାଟଣାର ୮୯ଟି, ଉମରୀ ଲ୍ୟାମ୍ପ୍ସର ୨୩୪୧ଟି ଏବଂ କୋଟପାଡ ବ୍ଲକରେ ରହିଥିବା ଲିଙ୍ଗରାଜ ପାଣିପଞ୍ଚାୟତର ୫୩୮ଟି ପ୍ଲଟ , ମାଁ ଖଣ୍ଡାଦେଇ ପାଣି ପଞ୍ଚାୟତର ୪୨୫ଟି ଏବଂ ବୋରିଗୁମ୍ମା ବ୍ଲକ ରତାଳି ପାଣିପଞ୍ଚାୟତର ୨୬୬ଟି ପ୍ଲଟ ରବିଧାନ ଚାଷ ନେଇ ସନ୍ଦେହରେ ରହିଥିବାରୁ ଯୁଗ୍ମ ବିଭାଗ ପକ୍ଷରୁ ଯାଞ୍ଚ କରିବା ନେଇ ନିର୍ଦ୍ଦେଶ କରାଯାଇଛି।

### ୧୮୪୦୯ ପ୍ଲଟ୍ ସନ୍ଦେହରେ

# ସରକାରୀ ଜମି ଜବରଦଖଲ ଉଚ୍ଛେଦ



ଜୟପୁର,୧୨।୫(ସମିସ): ଜୟପୁର ସଦରଥାନା ନିକଟରେ ଥିବା ଏକ ସରକାରୀ ଅନାବାଦୀ ଜମିରେ ବେଆଇନ ଘର ନିର୍ମାଣ କରୁଥିବା ଅବସ୍ଥାରେ ଆଜି ଟାଉନ୍ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ନିର୍ମାଣାଧୀନ ଘରକୁ ଭାଙ୍ଗି ଜବରଦଖଲ ଉଚ୍ଛେଦ କରିଛି। ଖ୍ରୀଷ୍ଟିଆନ ପେଟା ଅଞ୍ଚଳର ଫୁଲରୀନା ବାଘ ଦୀର୍ଘଦିନ ହେଲା ଜଗଧାତ୍ରୀପୁର ମୌଜାର ଖାତା ନମ୍ବର ୧୪୫୮ ଅନାବାଦୀ ଚାଷ ଜମିରେ ଘର ନିର୍ମାଣ କରୁଥିଲେ। ଏକ ମାସ ପୂର୍ବରୁ ନୋଟିସ ହେବାପରେ ମଧ୍ୟ ସେ ଘର ଛାଡ଼ି ନଥିଲେ। ଆଜି ତହସିଲ କର୍ମଚାରୀ, ଟାଉନଥାନା ପୁଲିସ ଦାୟୀତ୍ୱରେ ଥିବା ଥାନା ଅଧିକାରୀ ସଚ୍ଛିନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକାଶଯେ, ଜୟପୁର ସହରର ଅଧିକାଂଶ ସରକାରୀ ଜମି ଜବରଦଖଲ ହୋଇଥିବା ବେଳେ ପ୍ରଶାସନ କାଁ ଭାଁ ଜବରଦଖଲ ଉଚ୍ଛେଦ କରୁଛନ୍ତି। ଏହିପରି ଖ୍ରୀଷ୍ଟିଆନ ପେଟା ଜିଲ୍ଲା କୋର୍ଟକୁ ସଂଯୋଗ କରୁଥିବା ରାସ୍ତା ଜବରଦଖଲ ରହିଥିବା ବେଳେ ଏହି ଜମି ଜିଲ୍ଲା କୋର୍ଟ ନାମରେ ରହିଛି। କିନ୍ତୁ ପ୍ରଶାସନ ପକ୍ଷରୁ ଦୁଇ ଦୁଇ ଥର ମାପଚୂପ କରିଥିଲେ ସୁଦ୍ଧା ଏହାକୁ ଉଚ୍ଛେଦ ନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଉ ନଥିବାରୁ ସାଧାରଣରେ ପ୍ରଶାସନର କାର୍ଯ୍ୟଧାରା ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି।

# ଶାଲାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ବଣ୍ଟନ




ରାୟଗଡ, ୧୨।୫(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ଉଦୟପୁର, ପିଟୁଡ଼ି ଏବଂ ଫୁଲକୋଣା ଗ୍ରାମରେ ଶାଳାର ଫାଉଣ୍ଡେସନ ପକ୍ଷରୁ ଆଜି ଦେଶୀ ଧାନ ବିହନ ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଳାଜୀରା, ମାଛକାଣ୍ଟା ଏବଂ କୁଡେଇଚୁଡ଼ି ପ୍ରଜାତିର ଦେଶୀ ଧାନ ବିହନ ୫୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଚାଷୀଙ୍କୁ ୫ କେଜି କରି ବିହନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶୀ ବିହନର ସଂରକ୍ଷଣ, ଜୈବିକ ଚାଷର ପ୍ରଚାର ପ୍ରସାର ଏବଂ ଚାଷୀମାନଙ୍କୁ ପାରମ୍ପରିକ କୃଷି ପଦ୍ଧତି ସହିତ ଯୋଡ଼ି ରଖିବା।, ଦିନକୁ ଦିନ ଚାଷୀ ମାନେ ଚାଷ କରିବା ନିମନ୍ତେ ଧାନ ପାଇଁ ମୁଖ୍ୟତଃ ସରକାରୀ ବିହନ ବା ଅନ୍ୟ ବଜାର ଉପରେ ନିର୍ଭର କରିଥାନ୍ତି। ଏହା ଦ୍ୱାରା ସେମାନଙ୍କ ସମୟ ନଷ୍ଟ ହେବା ସହ ବିହନ ମଧ୍ୟ ଠିକ ଭାବରେ ଗଜା ହେଉନାହିଁ। ଦେଶୀ ବିହନ ଚାଷ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ସହ ପରିବେଶ ସୁରକ୍ଷା ହେବା ସହ ଚାଷୀମାନେ ଅଧିକ ଲାଭାନ୍ୱିତ ହେବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶାଳାର ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ସଂସ୍ଥାର ଶ୍ରୀମତୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମାଣ୍ଡାଙ୍ଗୀ ଏବଂ ନର୍ସି କୁଲେସିକା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଚାଷୀମାନେ ଶାଲାର ଫାଉଣ୍ଡେସନର ଏହି ପ୍ରୟାସକୁ ସ୍ୱାଗତ କରି ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ ଆହୁରି ବଢ଼ିବାକୁ ଆଶା ପ୍ରକାଶ କରିଥିଲେ।

# ଟ୍ରକ୍- ବାଇକ୍ ମୁହାଁମୁହିଁ ଧକ୍କା, ବାଇକ୍ ଚାଳକ ମୃତ

ରାୟଗଡ,୧୨।୫(ସମିସ): ରାୟଗଡ଼ ଥାନା ଅନ୍ତର୍ଗତ ହାଲୁଆ-ଜାପାଖାଲ ମଧ୍ୟରେ ଥିବା ଆଶୀର୍ବାଦ ଢ଼ାବା ସମ୍ମୁଖର ୩୨୬ ନମ୍ବର ଜାତୀୟ ରାଜପଥ ବୁଲାଣିରେ ଆଜି ସନ୍ଧ୍ୟାରେ ଏକା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ କପିଳାସ ବିଡ଼ିକା । ସେ ଓ ତାଙ୍କ ସାଙ୍ଗ ବାଇକ ଯୋଗେ ରାୟଗଡାରୁ ରୁପଂକୋଣା ଅଭିମୁଖେ ଯାଉଥିବା ସମୟରେ ହାଲୁଆ ଠାରୁ ଅଳ୍ପ ଦୂର ବୁଲାଣି ରାସ୍ତାରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ମାଲବାହୀ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥଲା। ଘଟଣା ସ୍ଥଳରେ କପିଳାସର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସହ ଥିବା ବନ୍ଧୁ ମଧ୍ୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ରାୟଗଡର ନୁଆସାହିରେ ଘର ଭଡା ନେଇ ନିଜ ସ୍ତ୍ରୀ ସହ କପିଳାସ ରହି ଆସୁଥିବା ବେଳେ ତାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ଜଣାପଡିଛି । ରାୟଗଡରେ କପିଳାସ ଣେ ଖଲାସୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଦୁର୍ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

■ ସାଇନ୍ସ , କମର୍ସ ବିଭାଗ ଖୋଲିବା ପାଇଁ ଦାବି

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନ୍‌ଲାଇନ୍ ଅଭିଯୋଗ



ବୈପାରୀଗୁଡ଼ା,୧୨।୫(ସମିସ): ବୈପାରୀଗୁଡା ସହିଦ ଲକ୍ଷ୍ମଣ ନାୟକ କଲେଜରେ ସାଇନ୍ସ ଓ କମର୍ସ ବିଭାଗ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ସ୍ଥାନୀୟ ସମାଜସେବୀ ତଥା ପୂର୍ବତନ କଲେଜ ଛାତ୍ର ଅଭିମନ୍ୟୁ ରୋଗଡି । ଶିକ୍ଷାର ଉନ୍ନତି ପାଇଁ କଲେଜ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାର ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ ଏବଂ ଚାକିରି ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ନୂଆ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ବୈପାରୀଗୁଡା ଠାରେ ମାଟ୍ରିକ ପରେ କଲେଜରେ କେବଳ ଆର୍ଟ (କଳା) ବିଭାଗ ରହିଛି । ବ୍ଲକରେ ୨୦ଟି ପଞ୍ଚାୟତର ୧୮ ଟି ହାଇସ୍କୁଲ ସମେତ ଆଖପାଖ ବ୍ଲକରୁ ମଧ୍ୟ ଛାତ୍ରଛାତ୍ରୀ ବୈପାରୀଗୁଡା କଲେଜ ଉପରେ ନିର୍ଭର କରନ୍ତି। ଏଠାରେ ସାଇନ୍ସ ଓ କମର୍ସର୍ ବିଭାଗରେ ପଢ଼ିବା ପାଇଁ ସୁବିଧା ନାହିଁ । ବ୍ଲକସ୍ତରର କଲେଜରେ ସାଇନ୍ସ ଓ କମର୍ସ ପଢ଼ିବା ପାଇଁ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଦୂର ସହରକୁ ଯିବାକୁ ପଡୁଛି। ଦୂର ସହରରେ ରହି ପଢ଼ିବା ଅଭିଭାବକଙ୍କ ପାଇଁ ବ୍ୟୟବହୁଳ ହୋଇଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସାଇନ୍ସ ଓ କମର୍ସ ବିଭାଗ ଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଉପଯୁକ୍ତ ଲାବୋରେଟୋରୀ ଏବଂ ଶିକ୍ଷକଙ୍କ ପଦବୀ ସୃଷ୍ଟି କରି ଶିକ୍ଷାର ମାନ ବୃଦ୍ଧି ପାଇଁ ଦାବି କରିଛନ୍ତି ସ୍ଥାନୀୟ ସମାଜସେବୀ ଅଭିମନ୍ୟୁ ରୋଗଡି । ସମାଜସେବୀ ତଥା ପୂର୍ବତନ କଲେଜ ଛାତ୍ର ଅଭିମନ୍ୟୁ ରୋଗଡି ଶହୀଦ ଲକ୍ଷ୍ମଣ ନାୟକ କଲେଜର ସମସ୍ୟାକୁ ନେଇ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନ୍‌ଲାଇନ ଅଭିଯୋଗ କରିଥିବା ବେଳେ ଆଜି ଏହାର ପ୍ରତି ଉତ୍ତର ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ମହାନ ମାଝୀ । ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଚିଠିରେ ଉଲ୍ଲେଖ ଅଛି ଯେ, ଅଭିଯୋଗ ଗ୍ରହଣ କରାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ନିଆଯିବ ।

# ଆବୁଝମାଡ ଜଙ୍ଗଲରେ ମାଓ ଡମ୍ପ୍ ଠାବ

● କୋଟିଏରୁ ଅଧିକ ଟଙ୍କା ସହ ଅସ୍ତ୍ରଶସ୍ତ୍ର ଜବତ



**ମାଲକାନଗିରି, ୧୨।୫(ସମିସ):**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାର ଆବୁଝମାଡ ଜଙ୍ଗଲରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ଗୁପ୍ତ ସୂଚନା ଆଧାରରେ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଯବାନମାନେ ମାଟି ତଳୁ ନକ୍ସଲମାନଙ୍କର ଏକ ବଡ ଡମ୍ପ ଠାବ କରିଛନ୍ତି। ଏହି ଡମ୍ପରୁ ଏକେ୪୭, ଏସଏଲଆର, ଇନସାସ, ୩୦୩ ରାଇଫଲ, ଏଲଏମଜି, ବିଜିଏଲ, ରକେଟ୍ ଲଞ୍ଚର ସହ ବହୁ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଛି। ଏଥିସହ ନଗଦ ୧ କୋଟି ୧ ଲକ୍ଷ ୬୪ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଆତ୍ମ ସମର୍ପଣ କରିଥିବା ନକ୍ସଲଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଏହି ଚଢ଼ଉ ହୋଇଥିବା ପୁଲିସ କହିଛି। ନକ୍ସଲମାନେ ସୁରକ୍ଷାବଳ ଉପରେ ବଡ ଆକ୍ରମଣ ପାଇଁ ଏହି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ଅଞ୍ଚଳ ମାଓ ମୁକ୍ତ ହେଉଥିବା ବେଳେ ଏହି ସାମଗ୍ରୀ ଜବତ ମାଓ ସଙ୍ଗଠନକୁ ସମୂଳେ ନାସ କରିବାରେ ସହାୟକ ହେବ ବୋଲି କୁହାଯାଇଛି।

### ଶପଥ ନେଉଣୁ ତାମିଲନାଡୁ ସରକାର ବିଦ୍ୟୁତ୍ ବିଲ୍ ଛାଡ଼ କଲେ

# ଓଡ଼ିଶା ସରକାର ୩୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ କରିବେ କେବେ ?







ନନ୍ଦପୁର,୧୨।୫ (ସମିସ): ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ଚାଲିଛି । ତିନି ଶହ ୟୁନିଟ ବିଦ୍ୟୁତ୍ ବିଲ୍ ଛାଡ ପାଇଁ ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶୃତି ତାହା କେବଳ ଘୋଷଣାରେ ସୀମିତ ରହିଯାଇଛି । ସରକାର ଗଠନରେ ଗୋଟିଏ ଦିନରେ ତାମିଲନାଡୁ ସରକାର ଦୁଇ ଶହ ୟୁନିଟ ବିଦ୍ୟୁତ୍ ଛାଡ ଘୋଷଣା କରିଛନ୍ତି । ଓଡ଼ିଶା ସରକାର କେବେ ତାଙ୍କର ପ୍ରତିଶୃତି ରକ୍ଷା କରିବେ ତାହା ଏବେ ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ କଂଗ୍ରେସ ନେତା ଶଶୀ ଭୂଷଣ ପାତ୍ର । ସେ କହିଛନ୍ତି ବିଦ୍ୟୁତ୍ ବିଲ୍ ଛାଡ଼ ବିଜେପି ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲେଇବା ଛଡ଼ା ଆଉ କିଛି ନୁହେଁ। ସରକାର ଆସିଲା ପରେ ବେକାରୀ ବଢିଲା । ଦରଦାମ ବଢ଼ିଲା । ବିଜେଡି ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା କହିଛନ୍ତି, ମିଥ୍ୟା ପ୍ରତିଶୃତି ପୂରଣ ହେବ ବା କେମିତି । ଏହି ଡବଲ ଇଞ୍ଜିନ ସରକାର ପାଇଁ ଉପରୁ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କିଛି ମଧ୍ୟ ହେବ ନାହି । କେବଳ ରଙ୍ଗ ବଦଳା କାମହିଁ ଚାଲିବ। ବିଜେପି ବରିଷ୍ଠ ନେତା ସରୋଜ କୁମାର ମିଶ୍ର ସରକାରଙ୍କ ସପକ୍ଷରେ ଯୁକ୍ତି କରି କହିଛନ୍ତି, ସୋଲାର ବିଦ୍ୟୁତ୍ ଯୋଜନାରେ ଛାଡ ପାଇ ଘୋଷଣା ହୋଇଥିଲା । ଯାହା ବର୍ତ୍ତମାନ ଚାଲୁ ରହିଛି । ଲୋକେ ଏହାର ଲାଭ ନେବା ପାଇଁ ପଞ୍ଜିକୃତ ମଧ୍ୟ କରୁଛନ୍ତି । ଯଦି ସରକାର ବିଦ୍ୟୁତ୍ ବିଲ ଛାଡ ନିମନ୍ତେ ଘୋଷଣା କରିଥିଲେ, ତେବେ ଚିନ୍ତା କରୁଥିବେ ବୋଲି କହିଛନ୍ତି। ତେବେ ସରକାର କ୍ଷମତାକୁ ଆସିବା କ୍ଷଣି ୩ଶହ ୟୁନିଟ ବିଦ୍ୟୁତ୍ ବିଲ ଛାଡ ଉପରୁ ମୁହଁ ଲୁଚାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଚାଷ ଜମିରୁ ମୃତଦେହ ଉଦ୍ଧାର ଘଟଣା, ଦୁଇ ହତ୍ୟାକାରୀ ଗିରଫ



କୋଷାଗୁମଡ଼ା,୧୨।୫(ସମିସ): ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଡେଙ୍ଗାଗୁଡା ପଞ୍ଚାୟତର ବିରିଗୁଡା ଗ୍ରାମରେ ଘଟିଥିବା ହତ୍ୟା ଘଟଣାରେ ଆଜି ଦୁଇ ହତ୍ୟାକାରୀଙ୍କୁ କୋଡ଼ିଙ୍ଗା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ କୋଡ଼ିଙ୍ଗା ଥାନାରେ ଏଏସ୍‌ପି ଆଦିତ୍ୟ ସେନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଗତ ୧୦ ତାରିଖରେ ବିରିଗୁଡା ଗ୍ରାମର ଜଗନ୍ନାଥ ଗୌଡ଼ଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଗାଁର ଏକ ଚାଷ ଜମିରେ ମିଳିଥିଲା। ଏନେଇ ପରିବାର ଲୋକ କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନବରଙ୍ଗପୁର ଏଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପାପଡାହାଣ୍ଡି ଏସ୍‌ଡିପିଓ ଓ କୋଡ଼ିଙ୍ଗା ଥାନା ଅଧିକାରୀ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ସେହି ଗ୍ରାମର ପଦ୍ମନ ଗୌଡ଼ ହତ୍ୟା କରିଥିବା ଜାଣିବାକୁ ପାଇ ତାକୁ ଓ ତାର ସହିଯୋଗୀଙ୍କୁ ଗିରଫ କରିଥିଲେ। ଘଟଣା ଦିନ ରାତିରେ ମୃତ ଜଗନ୍ନାଥ ଗୌଡ଼ ପଦ୍ମନ ଗୌଡ଼ଙ୍କ ଘରେ ପଶିଥିଲା। ଏହା ଜାଣିବା ପରେ ପଦ୍ମନ ଜଗନ୍ନାଥଙ୍କୁ ବାଡ଼ିରେ ହତ୍ୟା କରି ଦେଇଥିଲା। ଘରେ ହତ୍ୟା କରି ତାର ସମ୍ପର୍କୀୟ ଭଣଜାକୁ ଡାକି ବାହାରେ ପକାଇ ଦେଇଥିଲେ। ଅଭିଯୋଗ ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଏଏସ୍‌ପି ସୂଚନା ଦେଇଛନ୍ତି।

# ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକ




ଜୟପୁର ୧୨।୫(ସମିସ): ଓଡିଶାର ପୂର୍ବତନ ଅର୍ଥ ଓ ଆଇନମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କର ଦଶମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ପାୱାର ହାଉସ ଛକ ନିକଟରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ସଂଧ୍ୟା ୬ଘଟିକା ସମୟରେ ସ୍ଥାନୀୟ ଯାଦବ ଭବନରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାରେ ଉପସ୍ଥିତ ବକ୍ତାମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। କୋଲାବ ବହୁମୁଖୀ ଜଳପ୍ରପାତ ସ୍ଥାପନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ସେହିପରି ଦଳ-ମତ ନିର୍ବିଶେଷରେ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ତାଙ୍କର ବିଶେଷତ୍ୱ ଥିଲା । ତାଙ୍କ ବିୟୋଗରେ ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତିବୋଲି ବକ୍ତମାନେ କହିଥିଲେ। ଜିଲ୍ଲା ସମ୍ପାଦକ ନବୀନ ମାଦଳାଙ୍କ ଆହ୍ୱାନ କ୍ରମେ ଉତ୍କଳ ସମ୍ମିଳନୀର ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ନେପାକଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ଉପଦେଷ୍ଟା ବିନୋଦ ମହାପାତ୍ର, ବିରେନ ପଟ୍ଟନାୟକ, ବାଲା ରାୟ, ହରିହର କରସୁଧା ପଟନାୟକ, ଚନ୍ଦ୍ରକାନ୍ତ ସୁତାର, ସୁରେନ୍ଦ୍ର ଖରା, ପ୍ରତାପ ମାଦଳା, ପ୍ରମୋଦ ମହାନ୍ତି, ଶିଶିର କୁମାର ମିଶ୍ର, ରାଜକୁମାରୀ ମହାନ୍ତି, କୃଷ୍ଣଚନ୍ଦ୍ର ହୋତା, ବାଳକୃଷ୍ଣ ପଟ୍ଟନାୟକ, ପ୍ରହ୍ଲାଦ ପାତ୍ର, ରାମ ନାୟକ, ପ୍ରିତୀଶ ପଟନାୟକ ଏବଂ ପୀୟୂଷ ପଟନାୟକ ଉପସ୍ଥିତ ଥିଲେ । ସଂଗଠନ ସମ୍ପାଦକ ପରମେଶ୍ୱର ପାତ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ ସିତାଲାମା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ



**ରାୟଗଡ,୧୨।୫(ସମିସ):**

ରାୟଗଡ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମ ପଡ଼ିଆ ଠାରେ ମା ସିତାଲାମା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ ଜିଲ୍ଲା କଳାକାର ମହାସଂଘ ର ସଭାପତି ସନ୍ତୋଷ କୁମାର ବଚ୍ଛା ଓ ସମ୍ମାନିତ ଅତିଥି ଭାବେ କଲ୍ୟାଣସିଂହପୁର ମଣ୍ଡଳ ବିଜେପି କୃଷକ ମୋର୍ଚ୍ଚା ସଭାପତି ଗଙ୍ଗାରାଓ ପ୍ରାସ୍କା , ଯୁବ ନେତା ବିଶ୍ୱନାଥ ହିକକା, ବରିଷ୍ଟ କର୍ମୀ ସିରିପତି ପେରିଶିକା, ଯୁବ କର୍ମୀ ଚକ୍ରଧର ପ୍ରାସ୍କା, ନୀଳକଣ୍ଠ କାଡ୍ରାକା, ସିଡ଼ିକା କାଡ୍ରାକା ଯୋଗ ଦେଇଥିଲେ। ପ୍ରଥମେ ଗ୍ରାମ ଦେବତାଙ୍କ ଠାରେ ପୂଜାର୍ଚ୍ଚନା କରି ପଡ଼ିଆ ଠାରେ ରିବନ୍ ଫିତା କାଟି ଅତିଥି ଓ ଖେଳାଳୀ ମାନେ ପଡ଼ିଆ ଭିତରକୁ ପ୍ରବେଶ କରିଥିଲେ। ଏମ୍ପାୟର ଦିଲି ହିକକା, ସୁନିଲ୍ କାଡ୍ରାକା ଓ ଅତିଥି ଙ୍କ ଉପସ୍ଥିତିରେ ଟସ୍ ପଡ଼ିଥିଲା ଯେଉଁଥିରେ ଟସ୍ ଜିତି କଣ୍ଡାକରା ଟିମ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲେ ଏବଂ ଅଲଣ୍ଡା ଟିମ୍ କୁ ୧୧୧ ରନ୍ ର ଟାର୍ଗେଟ ଦେଇଥିଲେ ଏହି ରନ୍ କୁ ଲକ୍ଷ କରି ମୋଟ ଦଶ ଓଭର୍ ଶେଷ ସୁଦ୍ଧା ୬୮ ରନ୍ କରି ପରାଜିତ ହୋଇଥିଲେ। କୁମ୍ଭାରଗୁଡ଼ା ଗ୍ରାମର ବିଶିଷ୍ଟ ଭଦ୍ର ବ୍ୟକ୍ତି ହରିହର ହିକକା, ଲାଚିଗା ହିକକା, ନାଇଡୁ ହିକକା, ୱାଡର୍ ମେମ୍ବର ଚନ୍ଦ୍ରଦାସ ହିକକା, ସମାଜସେବୀ ତାଉଡୁ ହିକକା ଓ ଅନ୍ୟ କମିଟି ମେମ୍ବର ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଖେଳ ଦେଖିବାକୁ ଆଖପାଖ ଅଞ୍ଚଳର ଅନେକ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।

### ବନ୍ଧୁଗାଁ ପଞ୍ଚାୟତ ସମିତି ବୈଠକ

# ଅନ୍ୟ କାମରେ ବିଧାୟକ ହସ୍ତକ୍ଷେପ ନ କରିବାକୁ ପରାମର୍ଶ




ବନ୍ଧୁଗାଁ, ୧୨।୫ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟ ରେ ୯ ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକକୁ ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶ ମୂଳକ କାମ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥାଏ। ଏଥି ମଧ୍ୟରେ ବିଧାୟକଙ୍କ ପାଣ୍ଠି, ସାଂସଦଙ୍କ ପାଣ୍ଠି ଓ ବ୍ଲକ ପାଇଁ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାମ ପାଇଁ ଅର୍ଥ ଆସିଥାଏ। ଏହାକୁ ନେଇ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷା, ବ୍ଲକ ଅଧ୍ୟକ୍ଷା, ବ୍ଲକ ଉପାଧ୍ୟକ୍ଷା, ସରପଞ୍ଚ ଓ ସମିତି ସଭ୍ୟ ମାନେ ବିଧାୟକଙ୍କୁ ନିଜସ୍ୱ ପାଣ୍ଠି ପାଇଁ ହିଁ ସୁପାରିସ କରିବା ପାଇଁ କହିଥିଲେ। ବ୍ଲକର ଅନ୍ୟାନ୍ୟ ବିକାଶ ମୂଳକ କାମ ପାଇଁ ଠିକାଦାରଙ୍କୁ ସୁପାରିସ ନ କରିବା ପାଇଁ ଜଣାଇ ଥିଲେ। ପଞ୍ଚାୟତସ୍ତରୀୟ ଗ୍ରାମସଭା କରି ସରପଞ୍ଚ ମାନେ ଦେଇ ଥିବା ପ୍ରକଳ୍ପରେ ବିଧାୟକଙ୍କ ୪୦ ଭାଗ ଓ ବ୍ଲକ ଅଧ୍ୟକ୍ଷାଙ୍କ ୬୦ କାମ କରିବାକୁ ନେଇ ସରପଞ୍ଚ ମାନେ ବିରୋଧ କରିଥିଲେ। ଆଗାମୀ ପଞ୍ଚାୟତ ସମିତି ବୈଠକରେ ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀ ମାନେ ଉପସ୍ଥାପନ ପାଇଁ ଲିଖିତ ତଥ୍ୟ ପ୍ରଦାନ କରିବାକୁ ବିଧାୟକ ଜଣାଇ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ମଧ୍ୟ ଟଙ୍କା ପାଇ ନାହାନ୍ତି। ବିଦ୍ୟୁତ ବିଭାଗ ତରଫରୁ ଷ୍ଟ୍ରିଟ୍ ଲାଇଟ୍ ନ ଜଳିବା ଅଙ୍ଗନବାଡି କେନ୍ଦ୍ର ବିଦ୍ୟୁତ ସଂଯୋଗ ଥାଇ ବନ୍ଦ ରହିବା ଟ୍ୟୁବ୍‌ୱେଲ ମଟର କାମ ଦେଉ ନ ଥିବା, ବୋର ୱେଲ ବନ୍ଦ ଥିବା ତାଲିକା କରି ବିଦ୍ୟୁତ ବିଲ ଦେବାକୁ ବିଡିଓଙ୍କ ପରାମର୍ଶ, ବନ୍ଦ ଥିବା ସ୍କୁଲ ଗୁଡିକ ଖୋଲିବା, ଶିକ୍ଷକ ଶିକ୍ଷୟିତ୍ରୀ ଗ୍ରାମାଞ୍ଚଳରେ ପାଠ ପଢାଉ ନାହାନ୍ତି, ପରୀକ୍ଷା ବେଳକୁ ପିଲାଙ୍କୁ କପି କରିବାକୁ କହୁଛନ୍ତି, ଏହାକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲିଁ ଆଲୋଚନା ହୋଇଥିଲା। ବୈଠକରେ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ସଭାପତିତ୍ୱ କରିଥିଲେ। ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ପବିତ୍ର ସାଉନ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ ସାଂସଦ ପ୍ରତିନିଧି ଲକ୍ଷଣ ଖୋସଲା , ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳୀ ପିଡିକା, ତହସିଲଦାର ସୋନାଲି ପାତ୍ର, ବ୍ଲକ କଂଗ୍ରେସ ସଭାପତି ଡି ଏଙ୍କାଟି, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବାଗ, ଡାକ୍ତର ରଶ୍ମି ରଞ୍ଜନ ସାମଲ, ସିଡ଼ିପିଓ ଗୀତାଞ୍ଜଳୀ ମହାରଣା ସମସ୍ତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଥିଲେ। ଏହା ସହିତ ଇଇଓ ସୌରଭ ନାୟକ, ଆରଡିଯନ୍ତ୍ରୀ ବିଜୟ କୁମାର ବେହେରା , ବିଏଓ ସୂର୍ଯ୍ୟକାନ୍ତ ନାହାକ, ଏଏଓ ନିହାରିକା ହିକକା, ବିଭି ମୁକ୍ତିକାନ୍ତ ସେଠୀ, ଜଳ ଯୋଗାଣ ଯନ୍ତ୍ରୀ ବିଜୟ ବେହେରା , ବିଏସଏସ ଓ ଦୀପକ କୁମାର ବେଉରି ,ଏଫିଓ ସ୍ୱପ୍ନା ବେହେରା, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ ଓ ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶା ପରିତ୍ୟାଗ ପାଇଁ ଅସହଯୋଗ
# ଶୁଦ୍ଧିକ୍ରିୟା କାର୍ଯ୍ୟରେ ସହଯୋଗ ପାଇଁ ପ୍ରଶାସନକୁ ଗୁହାରି



**ବାରିପଦା, ୧୨।୫(ସମିସ):** ଆଦିବାସୀ ପରମ୍ପରା ପରିବର୍ତ୍ତେ ନିଶା ସେବନ ବିନା ମା'ଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଗ୍ରାମବାସୀ ଅସହଯୋଗ କରୁଥିବାରୁ ମୃତକଙ୍କ ପୁଅ ବାରିପଦା ଉପଜିଲ୍ଲାପାଳ ନିକଟରେ ଗୁହାରି କରିଛନ୍ତି। ପ୍ରଶାସନ ପକ୍ଷରୁ ସହଯୋଗ କରାଗଲେ ସେ ଶୁଦ୍ଧିକ୍ରିୟା କାର୍ଯ୍ୟ ସମ୍ପନ୍ନ କରିପାରିବେ ବୋଲି କହିଛନ୍ତି। ପୁତ୍ର ଜଣଙ୍କ ହେଲେ ଚାନ୍ଦୁଆ ଥାନା ଅଧୀନ କାଦପାଟିଆ ଗ୍ରାମର ରମେଶ ହେମ୍ବ୍ରମ (୫୫)। ଗତ ୭ ତାରିଖରେ ତାଙ୍କ ବିଧବା ମା' ଲଛମି ହେମ୍ବ୍ରମଙ୍କ ଦେହାନ୍ତ ହୋଇଥିଲା। ତେବେ ଆଦିବାସୀ ପରମ୍ପରା ନାମରେ ହାଣ୍ଡିଆ ଓ ମଦ ଭଳି ନିଶାଦ୍ରବ୍ୟକୁ ତ୍ୟାଗ କରି ଗ୍ରାମବାସୀ ଓ ବନ୍ଧୁବାନ୍ଧବଙ୍କ ସହଯୋଗରେ ଶବ ସତ୍କାର କାର୍ଯ୍ୟ ସହିତ ସମସ୍ତ ସାମାଜିକ କାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଶୁଦ୍ଧିକ୍ରିୟା କାର୍ଯ୍ୟରେ ହାଣ୍ଡିଆ, ମଦ ପରି ନିଶାଦ୍ରବ୍ୟକୁ ବ୍ୟବହାର ନ କଲେ ଆମ ଗ୍ରାମର ମାଝୀବାବା (ଗ୍ରାମମୁଖ୍ୟ) ସୁକୁଲ ମୁର୍ମୁଙ୍କ ନେତୃତ୍ୱରେ ଗ୍ରାମବାସୀ ମୋର ଶୁଦ୍ଧିକ୍ରିୟା କାର୍ଯ୍ୟରେ ସହଯୋଗ କରିବେ ନାହିଁ। ତତସହିତ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ଦେବେ ନାହିଁ ବୋଲି ଧମକ ଦେଇଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ନିଶାଦ୍ରବ୍ୟକୁ ବ୍ୟବହାର କରିବା ପାଇଁ ତାଙ୍କୁ ଜବରଦସ୍ତ ବାଧ କରୁଛନ୍ତି। ଯାହାକି ତାଙ୍କର ମୌଳିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ। ତେବେ ହାଣ୍ଡିଆ ଓ ମଦ ପରି ନିଶାଦ୍ରବ୍ୟକୁ ବ୍ୟବହାର ନ କରି ଆସନ୍ତା ୧୭ ତାରିଖ ରବିବାର ଦିନ ସେ ତାଙ୍କର ସହଯୋଗୀ ଓ ବନ୍ଧୁବାନ୍ଧବଙ୍କୁ ନେଇ ମାଆଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବାରୁ କାର୍ଯ୍ୟରେ ପୁଲିସ ପ୍ରଶାସନ ପକ୍ଷରୁ ସହଯୋଗ ଲୋଡିଛନ୍ତି। ଏପରି ସହଯୋଗ ମିଳିଲେ ସେ ନିଶାମୁକ୍ତ ଭାବରେ କମ୍ ଖର୍ଚ୍ଚ, କମ୍ ସମୟରେ ଶୁଦ୍ଧିକ୍ରିୟା କାର୍ଯ୍ୟ ସମାପ୍ତ କରି ପରିବାର ସହ ଶୁଦ୍ଧି ହୋଇପାରିବେ ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
# ୨୫ରୁ ରବି ଧାନ ସଂଗ୍ରହ ଆରମ୍ଭ

ବାରିପଦା, ୧୨।୫(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫-୨୬ ଖରିଫ ବର୍ଷ ପାଇଁ ଚାଷୀଙ୍କଠାରୁ ରବିଋତୁ ଧାନ କ୍ରୟ ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିନିଧି ତଥା ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦରା ସୋରେନ, କରଞ୍ଜିଆ ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ଓ ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଯୋଗଦେଇ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଧାନକିଣା ସୁରୁଖୁରୁରେ ସମ୍ପନ୍ନ ପାଇଁ ଆଲୋଚନା କରିଥିଲେ। ଆସନ୍ତା ୨୫ ତାରିଖରୁ ଜିଲ୍ଲାର ୨୮ଟି ଲ୍ୟାମ୍ପର ୨୯ଟି କେନ୍ଦ୍ରରେ ଧାନକିଣା ଆରମ୍ଭ ହେବ ନିଷ୍ପତ୍ତି ନିଆଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ରବିଧାନ ବିକ୍ରି ପାଇଁ ଚଳିତ ଥର ରେକର୍ଡ ସଂଖ୍ୟକ ମୋଟ ୫୧୯୪ଜଣ ଚାଷୀ ପଞ୍ଜିକୃତ କରିଥିବା ଜଣାପଡ଼ିଛି। ରାସଗୋବିନ୍ଦପୁର ଲ୍ୟାମ୍ପସରେ ସର୍ବାଧିକ ୮୩୨ଜଣ ଚାଷୀ ଥିବା ବେଳେ ଗୋପବନ୍ଧୁନଗରର ପଶୁଦା ଲ୍ୟାମ୍ପସରେ ସର୍ବନିମ୍ନ ୮ଜଣ ଚାଷୀ ଧାନ ବିକ୍ରି କରିବେ। ତେବେ ଯୋଗ୍ୟ ଚାଷୀଙ୍କ ଠାରୁ ରବି ଧାନ ସଂଗ୍ରହ/କ୍ରୟ ନିମନ୍ତେ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ଯୋଗାଣ/ଆରଏମସି ଏବଂ ଡିଆରସିଏସ ବିଭାଗ ମିଳିତ ତତ୍ୱାବଧାନ ଚାଷୀ ମାନଙ୍କ ସୁବିଧା କରାଯାଇଛି। ଖରିଫ ଋତୁ ଭଳି ରବି ଋତୁରେ ମଧ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫଏକ୍ୟୁ ଓ ସାଧାରଣ ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି ୨୩୦୦ଟଙ୍କା ସହିତ ୮୦୦ଟଙ୍କା ଇନପୁଟ ସହାୟତା ରାଶି ଓ ଏଫଏକ୍ୟୁ ଗ୍ରେଡ଼ ଏ' ମାନ ଧାନର ମୂଲ୍ୟ ୨୩୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ ବିକ୍ରୟ ପାଇଁ ଚାଷୀମାନେ ପୂର୍ବ ନିୟମାବଳୀ ପାଳନ କରିବେ। ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ପଞ୍ଜିକୃତ ବ୍ୟାଙ୍କ ପାସ ବହିରେ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନଲାଇନ ଜରିଆରେ ପ୍ରଦାନ କରାଯିବ। ଚାଷୀଙ୍କ ଆପତ୍ତି ଅଭିଯୋଗ ଉପରେ ଦୃଷ୍ଟିପାତ କରି ତ୍ୱରିତ ସମାଧାନ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ ପୂର୍ବକ କଟନୀ ଛଟନୀ ନ କରିବାକୁ ମିଲରଙ୍କୁ ବିଧାୟକ ଶ୍ରୀ ନାଏକ ପରାମର୍ଶ ଦେଇଛନ୍ତି। ସଂଗ୍ରହ ହୋଇଥିବା ଧାନକୁ ୨୪ ଘଣ୍ଟା ମଧ୍ୟରେ ମିଲ ଉଠାଇ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ଡିଆରସିଏସ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହିତ ବିଭାଗୀୟ ଅଧିକାରୀ, ଯୋଗାଣ ଓ ସମବାୟ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

**୫୧୯୪ ଜଣ ଚାଷୀଙ୍କ ପାଇଁ ୨୯ଟି କେନ୍ଦ୍ରରେ ବ୍ୟବସ୍ଥା**

# ସରିଲା ଦଣ୍ଡବତୀ, ୧୫ରେ ଉଡ଼ା ପର୍ବ



**ମୋରଡ଼ା, ୧୨।୫(ସମିସ):** ମୋରଡ଼ା ବ୍ଲକ ଚିତ୍ରଡାର ପ୍ରସିଦ୍ଧ ବୈଶାଖୀ ଉଡ଼ା ପର୍ବ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଆଜି ଭକ୍ତାଙ୍କ ଦଣ୍ଡବତୀ ଅନୁଷ୍ଠିତ ହୋଇଯାଇଛି। ଭକ୍ତାମାନେ ପ୍ରଥମେ ମାର୍କେଟ ସାହିର ଭକ୍ତାଘାଟ ନିକଟରେ ପୂଜାର୍ଚ୍ଚନା କରି ବେତ ଘେରରେ ଭକ୍ତାମାନେ ମନ୍ଦିର ନିକଟକୁ ଆସିଥିଲେ। ସେଠାରେ ଆରମ୍ଭ ହୋଇଥିଲା ଦଣ୍ଡବତୀ। ଆସନ୍ତାକାଲି କଣ୍ଟାପାଟ, ୧୪ ତାରିଖ ଦିନ ନିଆଁପାଟ ଅନୁଷ୍ଠିତ ହେବାକୁ ଥିବାବେଳେ ୧୫ ତାରିଖ ଦିନ ଉଡ଼ା ପର୍ବ ହେବ। ଚିତ୍ରଡାର ବାବା ଚିତ୍ରେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ବୈଶାଖୀ ଉଡ଼ା ପର୍ବରେ ଭକ୍ତମାନେ ମାନସିକ ରଖି ନିଷ୍ଠାର ସହିତ ବ୍ରତ ପାଳନ କରିବା ସହିତ ମହାଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ କଠିନ ପରୀକ୍ଷା ଦେଇଥା'ନ୍ତି। ଚଳିତ ବର୍ଷ ଦେଶଭକ୍ତା ୧୩ ଜଣ ରହିଥିବାବେଳେ ମାନସିକ ଭକ୍ତା ୧୨ ଜଣ ଅଛନ୍ତି ବୋଲି ଜଣାପଡ଼ିଛି।

## ଖଡ଼ିଶୋଳରେ ବସୁଧା ଯୋଜନା ପାଣିଟାଙ୍କି ଅଚଳ
# ପଞ୍ଚାୟତ ଅଫିସ୍ ଘେରିଲେ ଶତାଧିକ ଗ୍ରାମବାସୀ



**ବେତନଟୀ, ୧୨।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ବ୍ଲକ ଅନ୍ତର୍ଗତ ଖଡିଶୋଳ ପଞ୍ଚାୟତର ଖଡିଶୋଳ ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣିଟାଙ୍କି ପ୍ରାୟ ୨୦ ଦିନ ଧରି ଅଚଳ ହୋଇପଡ଼ିଥିବାରୁ ୪ଟି ୱାର୍ଡର ଶତାଧିକ ଗ୍ରାମବାସୀ ଗରା ଓ ବାଲ୍‌ଟି ଧରି ପଞ୍ଚାୟତ ଅଫିସ ଆଗରେ ଧାରଣା ଦେଇଛନ୍ତି।

ସୂଚନା ମୁତାବକ, ଖଡ଼ିଶୋଳ ପଞ୍ଚାୟତର ୫, ୬, ୭ ଓ ୮ ନମ୍ବର ୱାର୍ଡ ଅନ୍ତର୍ଗତ କଲୋନୀ ସାହି, ତଳସାହି, ଉପରସାହି, ପ୍ରଧାନସାହି, ଭୋସଲସାହି, କଇଞ୍ଚିଶୋଳ, ବାସୀସାହି, ବେହେରାସାହି ଆଦି ଅଞ୍ଚଳର ପାଖାପାଖି ଏକ ହଜାରରୁ ଅଧିକ ଲୋକ ଏହି ପାଣିଟାଙ୍କି ଉପରେ ନିର୍ଭର କରନ୍ତି। ଏହି ଟାଙ୍କିର ଜଳଧାରଣ କ୍ଷମତା ଏକ ଲକ୍ଷ ଲିଟର ହୋଇଥିବା ଜଣାପଡ଼ିଛି। ତେବେ ପାଣି ପମ୍ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ପ୍ରାୟ ୨୦ ଦିନ ହେଲା ଦୈନିକ ଦୁଇଥର ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇରହିଛି। ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ଆଜି ସେମାନେ ବାଧ ହୋଇ ପଞ୍ଚାୟତ ଅଫିସ ଘେରଉ କରି ନାରାବାଜି କରିଥିଲେ। ଶେଷରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଇଞ୍ଜିନିୟର ସୁରେନ୍ଦ୍ର ନାଥ କିସ୍କୁ ଧାରଣାରତ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ୨୪ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଗ୍ରାମବାସୀମାନେ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ଶୀଘ୍ର ପାଣି ଯୋଗାଣ ସ୍ୱାଭାବିକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

# ହୋ' ସଙ୍ଗୀତର ସୃଜନଶୀଳ ଲେଖକ ମୋତିଲାଲ ହାଇବ୍ରୁ

**ଶରତ, ୧୨।୫(ସମିସ):** ହୋ' ଏକ ଅନନ୍ୟ ଭାଷା। ଯେଉଁ ଭାଷାର ରହିଛି ସ୍ୱତନ୍ତ୍ର ଲିପି। ଯାହାକୁ ୱାରାଙ୍ଗଚିତି ବୋଲି କୁହାଯାଉଛି। ଏହି ୱାରାଙ୍ଗଚିତି ଲିପି ୩୨ଟି ଅକ୍ଷରକୁ ନେଇ ଗଠିତ ହୋଇଛି। ଯାହାର ମଧ୍ୟ ରହିଛି ସ୍ୱତନ୍ତ୍ର ବ୍ୟାକରଣ। ହୋ' ଏକ କଥିତ ଭାଷା ହୋଇଥିବାବେଳେ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଆସାମ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ପ୍ରଭୃତି ରାଜ୍ୟରେ ହୋ ଭାଷାଭାଷୀ ଲୋକେ ବସବାସ କରୁଛନ୍ତି। ଆମ ରାଜ୍ୟ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ଦେବଗଡ଼ ଓ ବରଗଡ଼ ଜିଲ୍ଲାରେ ଏହି ଭାଷାଭାଷୀ ଲୋକେ ରହୁଛନ୍ତି। ବର୍ତ୍ତମାନ ସମୟରେ ହୋ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ସେମାନେ ଦାବି କରୁଥିବାବେଳେ ଭାରତ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯିବା ସକାଶେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଉଥିବା ଦେଖିବାକୁ ମିଳୁଛି। ସାମ୍ପ୍ରତିକ ସ୍ଥିତିରେ ହୋ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ନିମନ୍ତେ ଅନେକ ଲେଖକ ଏବଂ ଚଳଚ୍ଚିତ୍ର ପ୍ରଯୋଜକ ମାନେ ଆଗେଇ ଆସୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ସଙ୍ଗୀତ ଲେଖକ ମୋତିଲାଲ ହାଇବ୍ରୁ(୩୯) ଏକ ଅନନ୍ୟ ଏବଂ ସୃଜନଶୀଳ ଲେଖକର ପରିଚୟ ପାଇ ପାରିଛନ୍ତି। ପେଶାରେ ସେ ଜଣେ ରାଜମିସ୍ତ୍ରି ହୋଇଥିବା ବେଳେ ନିଶା ତାଙ୍କର ହୋ ସଙ୍ଗୀତର ଲେଖନୀ, ହୋ ଗଳ୍ପ ଏବଂ ଉପନ୍ୟାସ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ଉଦଳା କଲେଜରୁ +୨ ବିଜ୍ଞାନରେ ପାସ, +୨ ପାସ ପରେ ଅର୍ଥ ଅଭାବ ଯୋଗୁଁ ତାଙ୍କ ପାଠ ପଢ଼ାରେ ଡୋରି ଲାଗି ଥିଲା। ସେ ଅନେକ ହୋ ସଙ୍ଗୀତ ସଂରଚନା କରି ଏବେ ଚର୍ଚ୍ଚାରେ ରହିଛନ୍ତି। ତାଙ୍କ ଘର



ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତର କେଶପଡ଼ା ଗ୍ରାମରେ ରହିଛି। ମୋତିଲାଲ ହାଇବ୍ରୁ ୧୦୦ରୁ ଊର୍ଦ୍ଧ୍ୱ ହୋ ସଙ୍ଗୀତ ଲେଖି ଚର୍ଚ୍ଚାକୁ ଆସି ପାରିଛନ୍ତି। ସେ ଲେଖିଥିବା ଅନେକ ଆଧୁନିକ ହୋ ସଙ୍ଗୀତ ବିଭିନ୍ନ ୟୁଟ୍ୟୁବରେ ମୁକ୍ତିଲାଭ କରି ସାରିଛି। ସେଥି ମଧ୍ୟରୁ ହାଏରେ ଆଞ୍ଜୋ ପାଗାଲା ମନ, ବୁରୁ ମାରାଃ, ଓଲ ଓଲ ତେଞ୍ଜି ଓଲ ତାଡା ଆମାଃ ନୁତୁମ, ଦିୱାନା ଦିୱାନୀ, ଓ ସାନାମ ଓ ସାନାମ, ନାମା ନାମା କୁଳି ଆମ ଆଲେ ହାତୁରେ, ନାଃ ଦ ଜୁଳି ଜାଅ ଲିକାଦ କାମ ଜାଗାରା, ମାମୁଁରେ ବେଟି, ବୁରୁ କୁଟିରେ, ସାମା ଗେମ ଚାକାଡ କିଡିଞ୍ଜୋ, ନିଲ୍ ଶାଳୀ, ପୂନାଇ ଚାଣ୍ଡୁଃ, ଇଦି ମୀୟାଞ୍ଜି ଆମଦ ଆଲେ ହାତୁତେ, ଡିଦେ ଭଡା, କଣ ଲିକାମ ସିନା କାଡ଼ା ଇତ୍ୟାଦି। ସେଥି ମଧ୍ୟରୁ ଶ୍ରୀ ହାଇବ୍ରୁ ନିଜେ ୨୦ ଗୋଟି ସଙ୍ଗୀତରେ ନିଜେ କଣ୍ଠଦାନ କରି ଜଣେ ଶ୍ରେଷ୍ଠ ଗୀତିକାର ହିସାବରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସେ ଆଗାମୀ ଦିନରେ ଆହୁରି ଅନେକ ହୋ ସଙ୍ଗୀତ ଲେଖିବା ସହିତ ସେହି ସବୁକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ରହିଛି ବୋଲି କହିଛନ୍ତି।

## ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ କ୍ୱାଟର
# ଛାତରୁ ଖସୁଛି ପ୍ଲାଷ୍ଟର, ଭାଙ୍ଗିଗଲାଣି କାନ୍ଥ

ରାଇରଙ୍ଗପୁର, ୧୨।୫(ସମିସ)

ମୟୂରଭଞ୍ଜ ଜିଲ୍ଲାର ରତ୍ନଗର୍ଭା ଅଞ୍ଚଳ ଗୋରୁମହିଷାଣୀରେ ସରକାରୀ କ୍ୱାଟର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପୁରାତନ ଗୃହଗୁଡ଼ିକର ଅବସ୍ଥା ବେହାଲ ହୋଇ ପଡ଼ିଥିବାବେଳେ ବିପଦସଂକୁଳ ଅବସ୍ଥାରେ କର୍ମଚାରୀ ଦିନ କାଟୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି କାର୍ଯ୍ୟ ହେଉନାହିଁ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ଗୋରୁମହିଷାଣୀ ଅଞ୍ଚଳରୁ ଅନେକ ଖଣିଜ ସମ୍ପଦ ଉତ୍ତୋଳନ ହେଉଥିବାବେଳେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। କିନ୍ତୁ ଏଠାକାର ସ୍ୱାସ୍ଥ୍ୟ ସେବାରେ ଆଖିଦୃଶିଆ ଉନ୍ନତି ସାଧିତ ହୋଇନାହିଁ। ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅବସ୍ଥା ବେହାଲ ହୋଇଛି। କର୍ମଚାରୀଙ୍କ ରହିବା ପାଇଁ ଥିବା କ୍ୱାଟର ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ନଷ୍ଟ ହୋଇଗଲାଣି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସରକାରୀ କ୍ୱାଟର ଛାତରୁ ପ୍ଲାଷ୍ଟର ଖସୁଥିବାବେଳେ କାନ୍ଥ ଭାଙ୍ଗିଗଲାଣି। ଫଳରେ



ଉକ୍ତ ସରକାରୀ କ୍ୱାଟର କଡ଼କୁ ଥିବା ଘରଗୁଡ଼ିକ ମଧ୍ୟ ନଷ୍ଟ ହେଉଛି। ସ୍ୱାସ୍ଥ୍ୟ ବିଭାଗ ତ୍ରୁଟି ପାଇଁ ସ୍ଥାନୀୟ ଲୋକ ଜୀବନକୁ ପାଣି ଛଡାଇ ପରିବାର ଲୋକଙ୍କ ସହ ଉକ୍ତ ବିପଦସଂକୁଳ ଅବସ୍ଥାରେ ରହିବାକୁ ବାଧ ହେଉଛନ୍ତି। ଏ ନେଇ ଗୋରୁମହିଷାଣୀ ଅଞ୍ଚଳର ସ୍ମିତାରାଣୀ ମଣ୍ଡଳ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ସେ ଗୋରୁମହିଷାଣୀର ସ୍ଥାୟୀ ବାସିନ୍ଦା ହୋଇଥିବାବେଳେ ସ୍ୱାମୀ ବାହାରେ ଚାକିରି କରନ୍ତି। ତାଙ୍କ ଘରକୁ ଲାଗି ଗୋରୁମହିଷାଣୀ ସିଏଚସି ସରକାରୀ କ୍ୱାଟର ରହିଛି। ପୂର୍ବରୁ ଏହା ଟିସ୍କୋ କମ୍ପାନୀର ଘର ଥିଲା। ସରକାରୀ କ୍ୱାଟର ମଧ୍ୟରୁ ଗୋଟିଏ

- ନଷ୍ଟ ହେଉଛି ପାଖ ଘର
- ବିପଦସଂକୁଳ ଅବସ୍ଥାରେ ରହିଛନ୍ତି ଲୋକ
- ବାରମ୍ବାର ଦାବି ସତ୍ତ୍ୱେ ହେଉନି ମରାମତି

କ୍ୱାଟର ଅବସ୍ଥା ବେହାଲ ଅଟେ। ସେଠାରେ କେହି ରହୁ ନ ଥିବା ହେତୁ ସେ ଘରଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଉକ୍ତ ଭଙ୍ଗା ଘରଟି ତାଙ୍କ ଘର କଡ଼କୁ ଥିବା ଯୋଗୁଁ ତାହାର ପ୍ରଭାବ ତାଙ୍କ ଘରେ ପଡ଼ି ନଷ୍ଟ ହେବାକୁ ବସିଲାଣି। ଘରଟି ଅଧା ନଷ୍ଟ ହୋଇ ବିପଦସଂକୁଳ ହୋଇଗଲାଣି। ଦୁଇଥର ଛାତ ପ୍ଲାଷ୍ଟର ଖସି ତାଙ୍କ ମୁଣ୍ଡରେ ପଡ଼ି ସେ ଆହତ ମଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସିଏଚସି ଅଧିକାରିଣୀଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। କୌଣସି କର୍ଣ୍ଣପାତ ନ କରି ଓଲଟି ଯୁକ୍ତିତର୍କ କରୁଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏମିତିକି କିଛି ପୂର୍ବତନ ସିଏଚସି କର୍ମଚାରୀ ମଧ୍ୟ ଅନ୍ୟତ୍ର ବଦଳି ସତ୍ତ୍ୱେ କ୍ୱାଟରକୁ ତାଲା ପକାଇ ନିଜ ଅକ୍ତିଆରରେ ରଖିଛନ୍ତି। ନିଜେ ସିଏଚସି ଅଧିକାରିଣୀ ମଧ୍ୟ ବେସରକାରୀ ଲୋକକୁ ବେଆଇନ ଭାବେ ଦୁଇଟି ସରକାରୀ କ୍ୱାଟର ଦେଇଥିବାର ଅଭିଯୋଗ କରିଛନ୍ତି। ଏ ନେଇ ସିଡିଏମଓ, ଏଡିଏମଓ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ପାଇଁ କୋଣସି ପଦକ୍ଷେପ ଗ୍ରହଣ କଲେ ନାହିଁ। ଯାହାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଭଙ୍ଗା ଘରେ ପିଲାଙ୍କୁ ନେଇ ରହୁଥିବାବେଳେ କେତେବେଳେ ବି ଅଘଟଣ ଘଟି ପିଲା ଆହତ ହେବାର ସମ୍ଭାବନା ରହିଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ନୀତି ପାଇଁ ବିପଦକୁ ଆମନ୍ତ୍ରଣ କରୁଛି। ଆଗକୁ ସମସ୍ୟା ସମାଧାନ ନ ହେଲେ ମହିଳା ଜଣକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନାବାଳିକା ଉଦ୍ଧାର, ପରିବାରକୁ ହସ୍ତାନ୍ତର



**ରାଇରଙ୍ଗପୁର/ଗୋରୁମହିଷାଣୀ, ୧୨।୫(ସମିସ):** ଗୋରୁମହିଶାଣୀ ଥାନା ପୁଲିସ ନିଖୋଜ ଥିବା ନାବାଳିକାକୁ ଉଦ୍ଧାର କରିଛି। ଗୋରୁମହିଷାଣୀ ଅଞ୍ଚଳର ଉକ୍ତ ନାବାଳିକା ଜଣକ କିଛି ଦିନ ହେବ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଉଦ୍ଧାର କରି ଗୋରୁମହିଷାଣୀ ଆଣିବା ପରେ ପଚାରଉଚରା କରାଯାଇଥିଲା। ସମସ୍ତ ଆଇନ ପ୍ରକ୍ରିୟା କରିବା ପରେ ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।






## ବୁଢ଼ାବଳଙ୍ଗ ନଦୀର ପଣ୍ଡୁପାଳ ଓ ତେନ୍ତୋଳ ଘାଟରେ ବେଆଇନ ବାଲି ଖନନ
# ଏନ୍‌ଜିଟିରେ ମାମଲା, ଯୁଗ୍ମ କମିଟିର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ବାରିପଦା, ୧୨।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରୁ ଲକ୍ଷାଧିକ କ୍ୟୁବିକ୍ ମିଟର ବାଲି ବେଆଇନ ଭାବେ ଖନନ କରାଯାଉଥିବା ଅଭିଯୋଗକୁ ଆଧାର କରି ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ଏକ ମାମଲା ରୁଜୁ ହୋଇଛି। ଏନଜିଟିର ଜଷ୍ଟିସ୍ ଅରୁଣ କୁମାର ତ୍ୟାଗୀ (ଜୁଡିସିଆଲ ମେମ୍ବର) ଓ ଈଶ୍ୱର ସିଂହ (ଏକ୍ସପର୍ଟ ମେମ୍ବର)ଙ୍କ ଖଣ୍ଡପୀଠ ଶୁଣାଣି କରି ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗକୁ ଗୁରୁତ୍ୱ ଦେଇଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଆବେଦନକାରୀ ଦିଲ୍ଲୀପ କୁମାର ସାମନ୍ତରାୟ (ଓକିଲ ଓ ପରିବେଶ କର୍ମୀ) ଅଭିଯୋଗ କରିଛନ୍ତି ଯେ, ରଞ୍ଜନ କୁମାର ସାମଲ ଓ ଅନ୍ୟମାନେ ଗତ ତିନିବର୍ଷ ଧରି ବୁଢାବଳଙ୍ଗ ନଦୀର ଦୁଇଟି ସ୍ଥାନ ତେନ୍ତୋଳ ଓ ପଣ୍ଡୁପାଳ ବାଲି ଶଯ୍ୟାରୁ ଅନୁମତି ବିନା ପ୍ରାୟ ୫ ଲକ୍ଷ କ୍ୟୁବିକ୍ ମିଟରରୁ ଅଧିକ ବାଲି ଖନନ କରିଛନ୍ତି। ଏହା ଦ୍ୱାରା ନଦୀର ପରିବେଶ ଓ ଇକୋସିଷ୍ଟମ୍ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। କୌଣସି ଅନୁମତି କିମ୍ବା ଅନୁମୋଦନ ବିନା ଅବୈଧ ଖନନ ଦ୍ୱାରା ନଦୀ ଓ ସୁରକ୍ଷା ଜୋନ୍ କ୍ଷତି ପହଞ୍ଚି ସ୍ଥାନୀୟ ପରିବେଶ ଓ ଜୀବଜଗତ ଉପରେ ପ୍ରଭାବ ପଡ଼ିଛି। ବଡ଼ସାହି ଥାନାରେ ଏନେଇ ମାମଲା ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଆବେଦନରେ ଦିଲ୍ଲୀପ କୁମାର ସାମନ୍ତରାୟ ଏକ ଯୁକ୍ତ କମିଟି ଗଠନ କରି ତଦନ୍ତ କରିବା, ଖନନ ପରିମାଣ ଓ ପରିବେଶ କ୍ଷତିର ମୂଲ୍ୟାଙ୍କନ କରିବା, କ୍ଷତିପୂରଣ ଆଦାୟ କରିବା ଓ ବେଆଇନ ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରାର୍ଥନା କରିଛନ୍ତି। ଆବେଦନ ଅନୁସାରେ ଏନଜିଟିରେ ମାମଲା ନଂ ୧୨୦/୨୦୨୬/ଇଜେଡ ଅନୁସାରେ ରୁଜୁ ହୋଇଛି। ଅଦାଲତ ଶୀଘ୍ର ଏହାର ଶୁଣାଣି କରିବା ସହ ରାଜ୍ୟ ଖଣି ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନକୁ ଜଡ଼ିତ କରିଛନ୍ତି। ଏକ ଯୁଗ୍ମ କମିଟି ଗଠନ ପୂର୍ବକ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଆବେଦନକାରୀ ଆଇନଜୀବୀ ଦିଲ୍ଲୀପ କୁମାର ସାମନ୍ତରାୟ କହିଛନ୍ତି। ସ୍ଥାନୀୟ ଲୋକେ ଏହି ଅବୈଧ ଖନନ ବନ୍ଦ କରି ନଦୀ ଓ ନଦୀ ସଂଲଗ୍ନ ଗ୍ରାମକୁ ରକ୍ଷା କରିବା ପାଇଁ ଦାବି କରୁଛନ୍ତି।




## ଜିଲ୍ଲା ମହିଳା କଂଗ୍ରେସର ମଶାଲ ଶୋଭାଯାତ୍ରା

ରାଉରକେଲା, ୧୨।୫(ସମିସ): ରାଉରକେଲା ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ଉଦିତନଗର ବାବା ସାହେବ ଆମ୍ବେଦକର ଛକରେ ଏକ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ୨୦୨୩ ମସିହାରେ ସଂସଦରେ ଗୃହୀତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା କଂଗ୍ରେସ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ମହିଳା ସଂରକ୍ଷଣ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ।



ରାଉରକେଲା ଜିଲ୍ଲା କଂଗ୍ରେସ କମିଟି (ଡିସିସି) ସହଯୋଗରେ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ମହିଳା କଂଗ୍ରେସ ସଭାନେତ୍ରୀ ଝରଣା ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନ, ରବି ରାୟ, ପ୍ରବୋଧ ଦାସ, ଖଦାଳ ସେଠୀ, କୀର୍ତ୍ତନ ଦାସ, ବସନ୍ତ ସାମଲ, ଶିବୁ ଦିପ୍, ତୁରସୀ ନାଗ, ନଚିକେତା ମହାପାତ୍ର, ରମେଶ ମଲ୍ଲିକ, ବ୍ରଜବନ୍ଧୁ ତ୍ରିପାଠୀ, ମନୋଜ ପାଣିଗ୍ରାହୀ, ସୁଧୀର ସିଂହ ଚୌହାନ, ବିଜୟଲକ୍ଷ୍ମୀ ପ୍ରଧାନ, ପ୍ରତିମା ବେହେରା, ଲକ୍ଷ୍ମୀ ଦାସ, ରୁମି ରୁମାନ, ସବନାମ ବେଗମ୍, ରୁକସାନା ବେଗମ୍, ପ୍ରସନ୍ନ ବଳିଆରସିଂ, ସୂର୍ଯ୍ୟକାନ୍ତ ବାରିକ୍, ସୋନୁ ଜୈସ୍ୱାଲ, ଏଡି ସଲିମ୍, ଶ୍ୟାମ ସାଗର, ଏଡି ଗୁଲାମ, ଏଡି ହାଇଦର, ସେନାପତି ପୃଷ୍ଟି, ବିଜୟ ନାହାକ, ଦିନୁ ତ୍ରପାଠୀ, ରାଜେଶ ଚୋପଦାର, ଶିବ ସୁନା, ଅନୀଲ ବିଶୋଇ, ମିଟୁ ଚୌଧୁରୀ, ଜୁଲୁ ରେହେମାନ, ଦିବ୍ୟ ନାହାକ, ଜେମସ୍ ଓରାମ, ସାହେବ ଓରାମ, ଯୋଶେଫ ଟପ୍ପୋ, ସୁନ୍ଦର ଲାକ୍ରା, ନିରଞ୍ଜନ ଭଞ୍ଜ, ସୁଲେମାନ ବାରିକ, ଶୁଭମ ଛତ୍ର, ମନୀଷ ଲାକ୍ରା, ରୋହିତ ନନ୍ଦ, ରାକେଶ ନନ୍ଦ, ନବୀନ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ବଣାଇଁଗଡ଼ରେ ଭୁଶୁଡ଼ିଛି ଶିକ୍ଷା ବ୍ୟବସ୍ଥା

## ମାଟ୍ରିକରେ ୯୫ ପ୍ରତିଶତ ପାସ୍; ଉତ୍କୃଷ୍ଟ ଫଳାଫଳ ଅତ୍ୟନ୍ତ କମ୍

ବଣାଇଁ, ୧୨।୫ (ସମିସ)

ବଣାଇଁଗଡ଼ରେ ଏବେ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। ପାସ୍ ହାର ବଢୁଛି ସତ ହେଲେ ପୂର୍ବତୁଳନା ଶିକ୍ଷାର ଗୁଣବତ୍ତା ହ୍ରାସ ପାଉଥିବା ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ବ୍ଲକରେ ୯୫ ପ୍ରତିଶତ ପାସ୍‌ହାର ରହିଥିବା ବେଳେ ଉତ୍କୃଷ୍ଟ ଫଳାଫଳ କମ୍ ରହିଛି। ସମୟ ଥିଲା ଯେତେବେଳେ ମାଟ୍ରିକ୍ ପାସ୍ କରିବା ଗାଁରେ ଗର୍ବ ଓ ସମ୍ମାନର ବିଷୟ ଥିଲା। ସେତେବେଳେ ମାତ୍ର ୩୦ ପ୍ରତିଶତରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିଲେ ଓ ତୃତୀୟ ଶ୍ରେଣୀରେ ପାସ୍ କରିବାକୁ ମଧ୍ୟ ବଡ଼ ସଫଳତା ଭାବେ ଦେଖାଯାଉଥିଲା। ସୀମିତ ସୁବିଧା ସତ୍ତ୍ୱେ ଛାତ୍ରମାନେ ଲଣ୍ଠନ ଆଲୋକରେ ପଢ଼ି ନିଜ ଲକ୍ଷ୍ୟ ପୂରଣ କରୁଥିଲେ। କିନ୍ତୁ ବର୍ତ୍ତମାନ ସ୍ଥିତି ପୂରାପୂରି ପରିବର୍ତ୍ତିତ। ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ଆଜି ୯୫ ପ୍ରତିଶତରୁ ଅଧିକ ପାସ୍ ହାର ସାଧାରଣ ଘଟଣାରେ ପରିଣତ ହୋଇଛି। ଲିବରାଲ୍ ମାର୍କିଂ, ଷ୍ଟେପ୍ ମାର୍କିଂ, ଡିଜିଟାଲ୍ ସହାୟତା ଓ ସ୍ମାର୍ଟ କ୍ଲାସ୍ ପ୍ରଣାଳୀ ପରୀକ୍ଷାକୁ ସହଜ କରିଦେଇଛି। ଏବେ ଛାତ୍ରମାନଙ୍କ ମଧ୍ୟରେ ପାସ୍ ହେବାର ଭୟ ନୁହେଁ, ବରଂ ଅଧିକ ନମ୍ବର ପାଇବାର ପ୍ରତିଯୋଗିତା ବଢ଼ିଛି। ବଣାଇଁଗଡ଼ ବ୍ଲକର ଚିତ୍ର ଏହାକୁ ଅଧିକ ସ୍ପଷ୍ଟ କରୁଛି। ମୋଟ ୨୯ଟି ଉଚ୍ଚ ବିଦ୍ୟାଳୟରୁ ୧୧୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୦୮୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ୩୮ ଜଣ ଏଫ୍ ଗ୍ରେଡ୍ ପାଇଛନ୍ତି। ଗ୍ରେଡ୍ ଭିତ୍ତିକ ବିଶ୍ଳେଷଣ କଲେ ଦେଖାଯାଏ ଏ-୧ରେ ମାତ୍ର ୧ ଜଣ, ଏ-୨ରେ ୧୬, ବି-୧ରେ ୩୪, ବି-୨ରେ ୮୭, ସି ରେ ୨୩୫, ଡି ରେ ୩୬୮ ଓ ଇ ରେ ୩୪୦ ଜଣ ରହିଛନ୍ତି। ଏହି ତଥ୍ୟ ପ୍ରମାଣ କରୁଛି ଯେ ପାସ୍ ହାର ଉଚ୍ଚ ଥିଲେ ମଧ୍ୟ ଉତ୍କୃଷ୍ଟ ଫଳାଫଳ ଅତ୍ୟନ୍ତ କମ୍ ଓ ଅଧିକାଂଶ ଛାତ୍ର ନିମ୍ନ ଗ୍ରେଡ୍‌ରେ ସୀମିତ ରହିଛନ୍ତି। ଶିକ୍ଷାବିତ ଓ ସ୍ଥାନୀୟ ମହଲର ମତାମତ ଅନୁଯାୟୀ, ଶିକ୍ଷାର ଗୁଣବତ୍ତା ହ୍ରାସ ପଛରେ କିଛି ମୂଳ କାରଣ ରହିଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ତୁଳନାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଧିକ ସମୟ ବ୍ୟୟ ହେଉଛି। ଶିକ୍ଷକ ଅଭାବ ଓ ଅନେକ ପ୍ରଶାସନିକ କାମରେ ଶିକ୍ଷକମାନଙ୍କ ବ୍ୟସ୍ତତା ମଧ୍ୟ ପଢ଼ାରେ ବାଧା ସୃଷ୍ଟି କରୁଛି। ତା' ସହିତ ଲିବରାଲ୍ ମୂଲ୍ୟାୟନ ପ୍ରଣାଳୀ ଛାତ୍ରମାନଙ୍କୁ ପାସ୍ କରାଇବାରେ ସହାୟକ ହେଉଥିଲେ ମଧ୍ୟ ମୂଳ ଜ୍ଞାନକୁ ଦୃଢ଼ କରିପାରୁନାହିଁ। ଏହି ପରିସ୍ଥିତିରେ ଏକ ମୂଳ ପ୍ରଶ୍ନ ଉଠୁଛି ଛାତ୍ରମାନେ କେବଳ ପାସ୍ ହେଉଛନ୍ତି କି, ନା ସତ୍ୟରେ ଶିଖୁଛନ୍ତି? ଯଦି ଶିକ୍ଷା କେବଳ ନମ୍ବର ଓ ସାର୍ଟିଫିକେଟ୍‌ରେ ସୀମିତ ହୋଇଯାଏ, ତେବେ ଏହା ଭବିଷ୍ୟତ ପିଢ଼ି ପାଇଁ ଗଭୀର ଚିନ୍ତାର ବିଷୟ। ଶିକ୍ଷାର ଗୁଣବତ୍ତାକୁ ପୁନର୍ଜୀବିତ କରିବା ପାଇଁ ଶିକ୍ଷକ ନିଯୁକ୍ତି ବୃଦ୍ଧି, ପାଠପଢ଼ାରେ ଗୁରୁତ୍ୱ, ମୂଲ୍ୟାୟନ ପ୍ରଣାଳୀର ସଂଶୋଧନ ଓ ଅଭିଭାବକ-ଶିକ୍ଷକ ସମନ୍ୱୟ ଅତ୍ୟାବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଯେଉଁଠି ମ୍ୟାଟ୍ରିକ୍ ପୂର୍ବରୁ ସଂଘର୍ଷ ଓ ସଫଳତାର ପ୍ରତୀକ ଥିଲା, ଆଜି ସେଥିରେ କେବଳ ନମ୍ବରର ପ୍ରତିସ୍ପର୍ଦ୍ଧା ଦେଖାଯାଉଛି। ବଣାଇଁଗଡ଼ରେ ପୁଣି କେବେ ଶିକ୍ଷାର ସୁବର୍ଣ୍ଣ ଯୁଗ ଫେରିବ ଏହା ଏବେ ସମାଜର ସମସ୍ତଙ୍କ ପାଇଁ ଏକ ବଡ଼ ପ୍ରଶ୍ନ ହୋଇ ରହିଛି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଉରକେଲା, ୧୨।୫(ସମିସ): ଜିଲ୍ଲା ସଦର ମହକୁମାଠାରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୨ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୭ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୯ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୧ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପିଏ ଆଇଟିଡିଏ ଧୀରେନ୍ଦ୍ର ସେଠୀ, ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଦୀପିକା ଇସ୍ପାତ ଶିକ୍ଷା ସଦନ

## ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଏକ ମାଧ୍ୟମ

ରାଉରକେଲା, ୧୨।୫(ସମିସ): ରାଉରକେଲା ଇସ୍ପାତ କାରଖାନା(ଆରଏସପି) ଦ୍ୱାରା ପ୍ରତିଷ୍ଠିତ ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ସେକ୍ଟର-୧୮ ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନ ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଏକ ମାଧ୍ୟମ ସାଜିଛି। ୨୦୦୭ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଏକ ଦେୟମୁକ୍ତ ଶିକ୍ଷାନୁଷ୍ଠାନ, ଯେଉଁଠାରେ ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ, ସ୍କୁଲ ଜୋତା, ବ୍ୟାଗ ଏବଂ ଅତ୍ୟାବଶ୍ୟକୀୟ ଶିକ୍ଷଣୀୟ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଏ। ପ୍ରତିଷ୍ଠିତ ଅକ୍ଷୟ ପାତ୍ର ଫାଉଣ୍ଡେସନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛ ପାନୀୟ ଜଳ, ପରିମଳ ସୁବିଧା ଏବଂ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦିଆଯାଉଛି। ଯାହାଦ୍ୱାରା ଗରିବ ଛାତ୍ରଛାତ୍ରୀ ଉନ୍ନତ ଶିକ୍ଷା ଲାଭ କରି ସଫଳତା ହାସଲ କରିବା ସହ ନିଜର ଉନ୍ନତ ଭବିଷ୍ୟତ ଗଠନ କରିପାରୁଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ କ୍ରମାଗତ ୧୧ତମ ବର୍ଷ ପାଇଁ ଅନୁଷ୍ଠାନର ଶତ ପ୍ରତିଶତ ପାସ୍ ଫଳାଫଳ ବଜାୟ ରଖି ଏକ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଚଳିତ ବର୍ଷ ୮୪ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୫ ଜଣ ପ୍ରଥମ ବିଭାଗ ଏବଂ ୪୦ ଜଣ ଦ୍ୱିତୀୟ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିଲେ। ଯାହା ବିଦ୍ୟାଳୟର ସ୍ଥିର ଶିକ୍ଷାଗତ ସହାୟତା ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି। ଚଳିତ ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତ ତଥା ୫୪୦ ନମ୍ବର ହାସଲ କରି ଦୀପିକା ଇସ୍ପାତ ଶିକ୍ଷା ସଦନ (ଡିଆଇଏସଏସ) ର ଟପ୍ପର୍ ହୋଇଥିବା କେଶବାନନ୍ଦ ସ୍ୱାଇଁ କହିଛନ୍ତି, ମୁଁ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ ଚିକିତ୍ସା ସେବା ପାଇଁ ସଂଘର୍ଷ କରୁଥିବା ମୋ ଗାଁ ଗହଙ୍ଗୁରେ କମ୍ ମୂଲ୍ୟରେ ଔଷଧ ସୁବିଧା ସହିତ ଏକ ବଡ଼ ହସ୍ପିଟାଲ ଖୋଲିବି। ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା କେଶବାନନ୍ଦ ହେଉଛନ୍ତି ରାଉରକେଲା ଇସ୍ପାତ କାରଖାନାରେ ଠିକା କର୍ମଚାରୀ ଭାବରେ କାମ କରୁଥିବା ସୂର୍ଯ୍ୟନାରାୟଣ ସ୍ୱାଇଁ ଏବଂ ସନ୍ତୋଷୀ କୁମାରୀ ସ୍ୱାଇଁଙ୍କ ପୁଅ। ସେକ୍ଟର-୧୫ ସ୍ଥିତ ଏକ ବସ୍ତି ଅଞ୍ଚଳରେ ତାଙ୍କ ପରିବାର ସହିତ ରହୁଥିବା କେଶବାନନ୍ଦ ତାଙ୍କ ସଫଳତାର ଶ୍ରେୟ ତାଙ୍କ ଶିକ୍ଷକଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ ନିଜ ପିତାମାତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଉତ୍ସାହଜନକ ପାଠ୍ୟ ପରିବେଶକୁ ଦେଇଛନ୍ତି। କେଶବାନନ୍ଦଙ୍କ ଏହି ସଫଳତା ଦୀପିକା ଇସ୍ପାତ ଶିକ୍ଷା ସଦନ ଦ୍ୱାରା ରଚିତ ଏକ ବଡ଼ ସଫଳତାର ଅଂଶ ବୋଲି କୁହାଯାଉଛି। ସେହିପରି ୮୦ ପ୍ରତିଶତ ତଥା ୪୮୨ନମ୍ବର ରଖି ଦ୍ୱିତୀୟ ସର୍ବାଧିକ ନମ୍ବର ରଖିଥିବା ଆଦିତ୍ୟ କୁମାର ସାହୁ କହିଛନ୍ତି, ବିଦ୍ୟାଳୟରେ କାଉନସେଲିଂ ଅଧିବେଶନଗୁଡ଼ିକ ଭବିଷ୍ୟତରେ ସଫଳ ଜୀବନଯାପନ କରିବା ପାଇଁ ଜଣେ ଇଞ୍ଜିନିୟର ହେବାର ଲକ୍ଷ୍ୟ ସ୍ଥିର କରିବାରେ ସାହାଯ୍ୟ କରିଥିଲା। ଆଦିତ୍ୟଙ୍କ ପିତା ଦୀନବନ୍ଧୁ ସାହୁ ଜଣେ ସୁରକ୍ଷା କର୍ମୀ ଏବଂ ମାତା ଅରୁନ୍ଧତୀ ସାହୁ ସେକ୍ଟର-୧୬ ସ୍ଥିତ ଜଗନ୍ନାଥ ପାଲିର ବାସିନ୍ଦା ଅଟନ୍ତି। ସେ ତାଙ୍କ ସଫଳତାର ଶ୍ରେୟ ବିଦ୍ୟାଳୟରେ ଦିଆଯାଉଥିବା ଅତିରିକ୍ତ କାଳାଂଶ, ପରାମର୍ଶ ଏବଂ ଉତ୍ସର୍ଗୀକୃତ ପରାମର୍ଶଦାତାଙ୍କୁ ଦେଇଥିଲେ। ଅନୁରୂପ ଭାବେ ସେକ୍ଟର-୭ର ଭିଏସଏସ ପଲ୍ଲୀର ପରିବା ବିକ୍ରେତା ସସଧର ବେହେରା ଏବଂ ଜ୍ୟୋତିର୍ମୟୀ ବେହେରାଙ୍କ ଝିଅ ସୁଶ୍ରୀ ସୌମ୍ୟଶ୍ରୀ ବେହେରା କହିଛନ୍ତି, ଅତିରିକ୍ତ ଶ୍ରେଣୀ ଏବଂ ନିୟମିତ ପରୀକ୍ଷା ପତ୍ର ସମାଧାନ ଅଭ୍ୟାସ ତାଙ୍କୁ ୭୮ ପ୍ରତିଶତ ତଥା ୪୬୮ ନମ୍ବର ସହିତ ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିବାରେ ସାହାଯ୍ୟ କରିଥିଲା। ଭବିଷ୍ୟତରେ ସେ ଜଣେ ଇଞ୍ଜିନିୟର ହୋଇ ଦେଶ ସେବାରେ ନିଜକୁ ଉତ୍ସର୍ଗ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ବିଦ୍ୟାଳୟ ପ୍ରତିବର୍ଷ ଏହାର ଭିତ୍ତିଭୂମିକୁ ଉନ୍ନତ କରିଚାଲିଛି, ଯାହାଦ୍ୱାରା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପୃଷ୍ଠଭୂମିର ପିଲାମାନେ ଯେକୌଣସି ମାନକ ସ୍କୁଲ ସହିତ ସମକକ୍ଷ ଶିକ୍ଷା ପାଇପାରୁଛନ୍ତି।



## ଆର୍‌ଏସ୍‌ପିର ସମସ୍ତ ପ୍ଲାଣ୍ଟ ୟୁନିଟ୍‌ରେ ମୌସୁମୀ ପ୍ରସ୍ତୁତି ଆରମ୍ଭ

ରାଉରକେଲା, ୧୨।୫(ସମିସ): ଆସନ୍ତା ମୌସୁମୀକୁ ଦୃଷ୍ଟିରେ ରଖି ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ବର୍ଷା ଋତୁରେ ନିରବଚ୍ଛିନ୍ନ ଉତ୍ପାଦନ, କାର୍ଯ୍ୟକ୍ଷମ ସୁରକ୍ଷା ଏବଂ ପ୍ରଭାବଶାଳୀ ବର୍ଷା ଜଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ କାରଖାନା ଏବଂ ସହରାଞ୍ଚଳରେ ଏକ ବ୍ୟାପକ ମୌସୁମୀ ପ୍ରସ୍ତୁତି ଅଭିଯାନ ଆରମ୍ଭ ହୋଇଛି। ଟାସ୍କ ଫୋର୍ସ ଦ୍ୱାରା କରାଯାଇଥିବା ସ୍ଥାନ ଯାଞ୍ଚ ଏବଂ ବିଭିନ୍ନ କାରଖାନା ୟୁନିଟ୍‌ଗୁଡ଼ିକରେ ଅତୀତର ମୌସୁମୀ ଅଭିଜ୍ଞତା ଉପରେ ମୌସୁମୀ ପ୍ରସ୍ତୁତି ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତି ହୋଇଛି। ସିଭିଲ୍ ଇଞ୍ଜିନିୟରିଂ ସେବା ସିଇ (ଏସ) ବିଭାଗ, ବିଭିନ୍ନ ବିଭାଗ ସହିତ ସମନ୍ୱୟ ପୂର୍ବକ କାର୍ଯ୍ୟକଳାପ ପ୍ରସ୍ତୁତ ହେଉଛି। ଉକ୍ତ ଯୋଜନା ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବେ ବର୍ଷା ଜଳର ସୁଗମ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ଗୁରାଡିହ ନାଳ, ଉତ୍ତର ଚ୍ୟାନେଲ ଏବଂ ପ୍ରମୁଖ ରାସ୍ତା କଡ଼ର ଡ୍ରେନ୍‌ଗୁଡ଼ିକର ବ୍ୟାପକ ଘାସ ସଫା କରାଯାଉଛି। ବିଭାଗୀୟ ବ୍ୟାଟେରୀ ସୀମା ବାହାରେ ଥିବା ସମସ୍ତ ଭୂତଳ ଡ୍ରେନ୍ ଏବଂ ଡ୍ରେନେଜ୍ ସିଷ୍ଟମ୍ ମଧ୍ୟ ସିଇ(ଏସ) ବିଭାଗ ଦ୍ୱାରା ସଫା ଏବଂ ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ କେତେକ ବିଭାଗଗୁଡ଼ିକୁ ସେମାନଙ୍କ ନିଜ ନିଜ ବିଭାଗ ମଧ୍ୟରେ ଆଭ୍ୟନ୍ତରୀଣ ଡ୍ରେନ୍ ସଫା ଏବଂ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୋକ୍ ଓଭେନ୍, ସିଡିଏସପି, ବ୍ଲାଷ୍ଟ ଫର୍ଣ୍ଣେସେସ୍, ଏସଜିପି, ଏସ୍‌ପି -୧, ସିପିପି-୧, ଓବିବିପି, ପ୍ଲେଟ୍ ମିଲ୍, ଏଚ୍‌ଏସଏମ ଏବଂ ବ୍ୟାଟେରୀ ସେକ୍ସନ ସମେତ କେତେକ ଅଞ୍ଚଳରେ ପମ୍ପ ଏବଂ ଡିୱାଟରିଂ ସିଷ୍ଟମର ପ୍ରତିରୋଧକ ରକ୍ଷଣାବେକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ପାଇଁ ବର୍ଷା ଜଳ ନିୟନ୍ତ୍ରଣ କାର୍ଯ୍ୟକଳାପ ପାଇଁ ଅତିରିକ୍ତ ମାନବ ସମ୍ବଳ ନିୟୋଜିତ କରାଯାଉଛି ଏବଂ ନିୟୋଜିତ ହେବା ପୂର୍ବରୁ ଓରିଏଣ୍ଟେସନ୍ ତାଲିମ ପ୍ରଦାନ କରାଯିବ। ପ୍ରବଳ ବର୍ଷା ଆରମ୍ଭ ହେବା ପୂର୍ବରୁ ଛାତ, ଡାଉନ୍ କମର୍ ଏବଂ ଡ୍ରେନେଜ୍ ସମ୍ବନ୍ଧୀୟ ଭିତ୍ତିଭୂମିର ମରାମତି ଏବଂ ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ ଏଚଏସଏମ-୨ ବିଭାଗର ପମ୍ପ ହାଉସ୍ ନିକଟରେ ନିର୍ମିତ ହ୍ୟୁମ୍ ପାଇପ୍ କଲଭର୍ଟ ସହିତ ଏକ ନୂତନ ବନ୍ଧକୁ ଜଳ ପ୍ରବାହରେ ପ୍ରତିବନ୍ଧକ ଭାବରେ ଚିହ୍ନଟ କରାଯାଇଛି ଏବଂ ବର୍ଷା ସମୟରେ ଜଳ ନିଷ୍କାସନକୁ ସୁଗମ କରିବା ପାଇଁ ଏହାକୁ ହଟାଯାଉଛି। ସେହିପରି ଡବ୍ଲ୍ୟୁ ଟି - ୧ ନିକଟ ଗୁରାଡିହ ନାଳ ଏବଂ ନୂତନ ସିଆଇଏସଏଫ ଗେଟରେ ସୃଷ୍ଟି ହୋଇଥିବା ପ୍ରତିବନ୍ଧକଗୁଡ଼ିକୁ ମଧ୍ୟ ବର୍ଷାଜଳର ସୁଗମ ନିଷ୍କାସନ ପାଇଁ ପ୍ରାଥମିକତା ଦୃଷ୍ଟିରେ ସଫା କରାଯାଉଛି। ଏହି ଯୋଜନାରେ ଲାଗୁନ୍ ଗେଟ୍‌ର କାର୍ଯ୍ୟକ୍ଷମ ପ୍ରସ୍ତୁତି, ଜରୁରୀକାଳୀନ ପ୍ରତିକ୍ରିୟା ପାଇଁ ଯାନବାହନ ଏବଂ କ୍ରେନ୍ ନିୟୋଜିତ କରିବା, ଗୁରୁତ୍ୱପୂର୍ଣ୍ଣ ଡ୍ରେନେଜ୍ ପଏଣ୍ଟରେ ଆଲୋକୀକରଣ ବ୍ୟବସ୍ଥା ଏବଂ ବର୍ଷା ଜଳ ନିୟନ୍ତ୍ରଣ ସହାୟତା ସିଷ୍ଟମର ୨୪ ଘଣ୍ଟା ସେବା ଉପଲବ୍ଧତା ମଧ୍ୟ ଅନ୍ତର୍ଭୁକ୍ତ ଅଛି। ସମସ୍ତ ମୌସୁମୀ ପ୍ରସ୍ତୁତି କାର୍ଯ୍ୟକଳାପ ଆସନ୍ତା ଜୁନ ୧୦ ତାରିଖ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ୨୦୨୬ ଜୁନ୍ ୧୫ ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସିଇ(ଏସ୍) କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟା ବର୍ଷା ଜଳ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ। ଏହି ନିୟନ୍ତ୍ରଣ କକ୍ଷ ମୌସୁମୀ ସମ୍ବନ୍ଧୀୟ ଯେକୌଣସି ସମସ୍ୟାର ତୁରନ୍ତ ସମାଧାନ ପାଇଁ ୨୪ ଘଣ୍ଟା ତଦାରଖ ଏବଂ ଅନ୍ୟ ବିଭାଗ ସହିତ ସମନ୍ୱୟକୁ ସୁନିଶ୍ଚିତ କରିବ ବୋଲି ଜଣାପଡ଼ିଛି।



## ୨୦ରେ ବଣାଇଁ ବିଜେଡିର ପ୍ରତିବାଦ ସଭା

ବଣାଇଁ, ୧୨।୫(ସମିସ): ବଣାଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଓଡ଼ିଶା ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ନାରୀ ଅଧିକାର ଅଭିଯାନ ଆରମ୍ଭ କରାଯାଇଛି। ଗତ ୧୦ ତାରିଖରେ ମାତୃ ଦିବସ ଅବସରରେ ଏହା ଭୁବନେଶ୍ୱରରେ ଆରମ୍ଭ ହୋଇଯାଇଛି। ଏହି ପରିପେକ୍ଷୀରେ ମଙ୍ଗଳବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବଣାଇ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ରାଉରକେଲା ସାଂଗଠାନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବ ସମ୍ମତି କ୍ରମେ ଆସନ୍ତା ୨୦ ତାରିଖ ଦିନ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ପ୍ରଭୃତି ନେଇ ବିଜେପି ବିରୋଧରେ ପ୍ରତିବାଦ ସଭା, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ। ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଣଜିତ୍ କିସାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଲ୍ ଲାକ୍ରା, ବରିଷ୍ଠ ନେତା ରଘୁନାଥ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବିର ବିଚିତ୍ରସେନ୍ ନାୟକ, ସଭ୍ୟା ଜୁଲିଆନ କାଣ୍ଡିର୍, ସୁଶିଳା ନାୟକ, ବଣାଇ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ବଣାଇ ବ୍ଲକ ସଭାପତି ବାଣେଶ୍ୱର ସାହୁ, ଲହୁଣୀପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ବ୍ଲକ ସଭାପତି ରାସ୍ୱଲ୍ ଓରାମ, କୋଇଡା ବ୍ଲକ ସଭାପତି କରୁଣାକର ପାତ୍ର, ଚାରିଗୋଟି ବ୍ଲକର ମହିଳା ସଭାପତି ଲକ୍ଷ୍ମୀ କିସାନ, ଦ୍ରୌପଦି କିସାନ, ଦମୟନ୍ତୀ ସ୍ୟାଣ୍ଡିଲ, ଅନିତା ଖେସ, କୃଷକ ନେତା ଶ୍ୱେତ ବସନ୍ତ ବିଶ୍ୱାଳ, ମୋହନ ମହାନ୍ତ, ସୁକୁମାରୀ ସାହୁ, ରାଜକୁମାରୀ ପ୍ରଧାନ, ପବନି ଭୋଇ, ପ୍ରିୟଙ୍କା ପ୍ରଧାନ, ସୀତା କିସାନ, ଇନ୍ଦିରା ବୁଢ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ହକର୍ସ ଆସୋସିଏସନ୍‌ର ଶୋକସଭା



ରାଉରକେଲା, ୧୨।୫(ସମିସ): ବିଶିଷ୍ଟ ଶ୍ରମିକ ନେତା, ବରିଷ୍ଠ ବାମପନ୍ଥୀ ନେତା ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଏବଂ ଓଡ଼ିଶା ସାଧାରଣ ସମ୍ପାଦକ ତଥା ରାଉରକେଲା ହକର୍ସ ଆସୋସିଏସନର ସଭାପତି ସ୍ୱର୍ଗତ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ତାଙ୍କ ଆତ୍ମାର ସଦଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମିହିର ପାତ୍ର, କିଶୋର ରାଉତ, ମନୋଜ ପଟ୍ଟନାୟକ, ସୁକେନ୍ଦୁ ପାତ୍ର, ଆର୍ତ୍ତତ୍ରାଣ ବେହେରା, ଅଶୋକ ସହୁ, ଆନନ୍ଦ କୋଲେ, ବାଦଲ ଘୋଷ, ନବୀନ ମାଝୀ, ବ୍ରଜ ନାୟକ, ଶରତ ପଣ୍ଡା, ଆନନ୍ଦ ବାରିକ, ସୁରେନ୍ଦ୍ର ପଟ୍ଟନାୟକ, ସଂଗ୍ରାମ ଭୂୟାଁ, ସାଗର ମହାପାତ୍ର, ଜୟଦେବ ପଣ୍ଡା, ଅନ୍ତର୍ଯ୍ୟାମୀ ନନ୍ଦୀ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଅଭିଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ମଧୁବାବୁ ମଣ୍ଡଳର ସାଙ୍ଗଠନିକ ବୈଠକ

ରାଉରକେଲା, ୧୨।୫(ସମିସ): ସ୍ଥାନୀୟ ସେକ୍ଟର-୬ ସ୍ଥିତ କମ୍ୟୁନିଟି ସେଣ୍ଟର ପ୍ରାଙ୍ଗଣରେ ମଣ୍ଡଳ ସଭାନେତ୍ରୀ ପ୍ରତିମା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେପି ମଧୁବାବୁ ମଣ୍ଡଳର ସାଙ୍ଗଠନିକ ବୈଠକରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗେଦେଇଥିଲେ। ମଣ୍ଡଳ ସଭାନେତ୍ରୀ ତାଙ୍କ ସ୍ୱାଗତ ଅଭିଭାଷଣରେ ବୈଠକର ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ଏବଂ ସଙ୍ଗଠନର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ସଂଗଠନକୁ ତୃଣମୂଳସ୍ତରରେ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ଶ୍ରୀ ତନ୍ତୀ ବୁଥ କମିଟି, ଶକ୍ତି କେନ୍ଦ୍ର ଓ ମଣ୍ଡଳ କମିଟି ଉପରେ ସମୀକ୍ଷା କରିବା ସହିତ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ଉପଦେଶ ଦେଇଥିଲେ। ଘର ଘର ବୁଲି ଜନତାଙ୍କ ସମସ୍ୟା ବୁଝିବା ସହିତ ଯେଉ ଲାଭାର୍ଥୀମାନେ ସରକାରଙ୍କର ବିବିଧ ଯୋଜନାର ସାମିଲ ହୋଇ ପାରିନାହାନ୍ତି ସେମାନଙ୍କର ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତା ସୁବ୍ରତ ପଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ ସେନାପତି, ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କଂସାରୀ ଉପସ୍ଥିତ ଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବାରିକ୍ ଓ ପ୍ରଭାସ ସାମଲ ମଞ୍ଚ ପରିଚାଳନା କରିଥିଲେ। ମନୋଜ କୁମାର ପଟ୍ଟନାୟକ, ଆଲୋକ ନାୟକ, ଆଇନଜୀବୀ ବୁଦ୍ଧି ରାମ ସ୍ୱାଇଁ, ପ୍ରତାପ ଦେଓ, ନମିତା ସେନାପତି, ସରସ୍ୱତୀ ମହାନ୍ତ, ସଂଯୁକ୍ତା ପାତ୍ର, ଗୌତମ୍ ବାଡା, ଅନିଲ ତନ୍ତୀ, ପ୍ରଶାନ୍ତ ଲେଙ୍କା, ହେମନ୍ତ ଜେନା, ସମିରନ ରାୟ, ପୁଷ୍ପା ସାହୁ, ଗାଡୁ ବାଗ, ନିରଞ୍ଜନ ଧଳ, ଖୁସବୁ ବଡାଇକ, କୁମକୁମ୍ ମହାପାତ୍ର, ପ୍ରଦୀପ ଲେଙ୍କା, ତାରା ନାଥ ମହାପାତ୍ର, ଶୁଖେନ୍ଦୁ ଜେନା, ତରୁଣ ତନ୍ତୀ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।



### ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ରାଉରକେଲା, ୧୨।୫(ସମିସ)



ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ରାଉରକେଲା ଗସ୍ତରେ ଆସି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବା ସହିତ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ମନ୍ତ୍ରୀ ଶ୍ରୀ ମହାପାତ୍ର କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପର ବାସ୍ତବିକ ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ବିଭିନ୍ନ ପ୍ରକଳ୍ପ ସହିତ ଜଡ଼ିତ ହିତାଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଆରଏସପିର ପ୍ରଶାସନିକ ଭବନ ସମ୍ମୁଖରେ ନୂତନ ଭାବରେ ସ୍ଥାପିତ ସଞ୍ଜ ବଜାରଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର ପ୍ରାୟ ୭ କୋଟି ୭୧ ଲକ୍ଷ ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୯ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଞ୍ଜ ବଜାରରେ ୧୦ଟି ଦୋକାନ ଗୃହ ରହିଥିବା ବେଳେ ମନ୍ତ୍ରୀ ଶ୍ରୀ ମହାପାତ୍ର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଦୋକାନ ଗୃହ ଚାବି ହସ୍ତାନ୍ତର କରିଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ କୋଏଲନଗର ସ୍ଥିତ ବିର୍ସାମୁଣ୍ଡା ପାର୍କ, ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମ ସାମ୍ନାରେ ତିଆରି କ୍ରୀଡ଼ା ବନ, ରୁପୁଟୋଲା କେୟାର କ୍ଲଷ୍ଟର, ଏସଟିଆଇ ଛକ ସ୍ଥିତ ଗଣେଶ ମାର୍କେଟ କମ୍ପ୍ଲେକ୍ସ, ସଞ୍ଜ ବଜାର ଓ ପାହାଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ, ରାଉରକେଲା ସହରର ବିକାଶ କରିବା ପାଇଁ ସହରକୁ ବସ୍ତି ମୁକ୍ତ କରିବାକୁ ଡବଲ ଇଂଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ସହରର ସବୁ ବର୍ଗର ଲୋକଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ସୁନିଶ୍ଚିତ କରିବା ସକାଶେ ଆଗାମୀ ଦିନରେ ସହରରେ ଅଧିକରୁ ଅଧିକ ସୁଲଭ ବାସଗୃହ ପ୍ରକଳ୍ପ, ରେଣ୍ଟାଲ ହାଉସ୍, ଏମ୍ଆଇଜି, ଏଲ୍ଆଇଜି ହାଉସ୍ ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ଓ ୨୦୩୬ ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟ ଭାବେ ପରିଣତ ହେବାକୁ ଯାଉଥିବା ବେଳେ ରାଉରକେଲା ମଧ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇଥିବା ବେଳେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନାଃ ଦସ୍ତଗୀର୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବେଦବ୍ୟାସ ପୀଠ ପରିଦର୍ଶନ କରିବା ସହ ସେଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଥିଲେ। ସେଠାରେ ଶ୍ମଶାନର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ବାଲୁଘାଟ ପିକନିକ୍ ପ୍ରକଳ୍ପ ସ୍ଥଳ ସମେତ ବାଲୁଘାଟ ସ୍ଥିତ ମଳ ଉପଚାର କେନ୍ଦ୍ର, ଛେଣ୍ଡ ସ୍ଥିତ ସୁଲଭ ବାସଗୃହ ପ୍ରକଳ୍ପ ସ୍ଥଳ, ବାୟୋ ମାଇନିଂ ପ୍ରକ୍ରିୟାକରଣ ସ୍ଥଳ, ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ଉଦ୍‌ଘାଟିତ ହୋଇଥିବା ଗଣେଶ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ପରିଦର୍ଶନ କରିଥିଲେ। ରାଉରକେଲା ୱାନଠାରେ ନିର୍ମିତ ଜନଜାତି ସଂଗ୍ରହାଳୟ ଓ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରିଥିଲେ। ମନ୍ତ୍ରୀ ତାଙ୍କର ଏହି ରାଉରକେଲା ଗସ୍ତ କାଳରେ ବେଦବ୍ୟାସ ସ୍ଥିତ ଗୋଶାଳା ପରିଦର୍ଶନ କରିବା ସହ ସେଠାକାର ପରିଚାଳନା ବାବଦରେ ପଚାରି ବୁଝିଥିଲେ। ସେହିପରି ୩୧ତମ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ବୈଠକରେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ତିଆରି ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ରାଉରକେଲା ମହାନଗର ନିଗମ, ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ବିଭିନ୍ନ ପ୍ରକଳ୍ପ ବାବଦରେ ଅବଗତ ହୋଇଥିଲେ। ଶେଷରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ପୌରପାଳିକାର ପ୍ରମୁଖ ଯୋଜନାଗୁଡିକର ଅଗ୍ରଗତି ବାବଦରେ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ସମସ୍ତ ବିଭାଗକୁ ନିର୍ମାଣ କାର୍ଯ୍ୟରେ ଗୁଣବତ୍ତା ବଜାୟ ରଖିବା ସହ ନିର୍ଦ୍ଧାରିତ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ସହରୀକରଣ ବୃଦ୍ଧି ସହ ସୁନ୍ଦର ଓ ସରସ ରାଉରକେଲା ଗଠନ ପାଇଁ ଆହ୍ୱାନ ଦେଇଥିଲେ।

## ମନ୍ତ୍ରୀଙ୍କ ସହ ଥିଂକର୍ସ ଫୋରମ୍‌ର ଆଲୋଚନା

ରାଉରକେଲା, ୧୨।୫(ସମିସ): ଓଡ଼ିଶା ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଥିଂକର୍ସ ଫୋରମ୍ ତରଫରୁ ଇଂ. ନଳିନୀ କାନ୍ତ ଧର, ସୁମନ ଦତ୍ତ ଓ ଚନ୍ଦ୍ର ଶେଖର ଶତପଥୀ ରଘୁନାଥପାଲ୍ଲି ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଉପସ୍ଥିତିରେ ରାଉରକେଲାର ସାମଗ୍ରିକ ବିକାଶ ପାଇଁ ଆଲୋଚନା କରିବା ସହ ସ୍ମାରକ ପତ୍ର ମଧ୍ୟ ପ୍ରଦାନ କରିଥିଲେ। ବିକଶିତ ଓଡ଼ିଶା ପାଇଁ ଓଡ଼ିଶାର ସହରର ଅର୍ଥନୈତିକ ଯୋଗଦାନ ଅଧିକ ଗୁରୁତ୍ୱ ବହନ କରୁଥିବାରୁ ରାଉରକେଲା ଓଡ଼ିଶାର ଶିଳ୍ପ ରାଜଧାନୀ ସହ ଏକ କେନ୍ଦ୍ର ସରକାରଙ୍କ ସ୍ମାର୍ଟ ସିଟି ମଧ୍ୟ ହୋଇଥିବାରୁ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ମାଧ୍ୟମରେ ବୃହତ୍ତର ରାଉରକେଲା ଗଠନ ସହ ସହରର ସାମଗ୍ରିକ ବିକାଶ ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କୌଣସି ସରକାରୀ ବାସଗୃହ ଯୋଜନା ଏଠାରେ ହୋଇନଥିବାରୁ ବିଗତ ଦିନରେ ରାଉରକେଲାର ବିକାଶ ବାଧାପ୍ରାପ୍ତ ହେବା ସହ ବର୍ତ୍ତମାନ ମଧ୍ୟ ରାଉରକେଲାରେ ସୁଲଭ ମୂଲ୍ୟରେ ବାସଗୃହ ଉପଲବ୍ଧ ହେଉନଥିବାରୁ ଜନସାଧାରଣ ଅନ୍ୟ ସହରରେ ବସତି ସ୍ଥାପନ ପାଇଁ ବାଧ୍ୟ ହେଉଛନ୍ତି। ରାଉରକେଲା ସାଧାରଣ ଜମି ପ୍ରାୟତଃ ଉପଲବ୍ଧ ହେଉନଥିବାରୁ ସରକାର ସମସ୍ତ ବର୍ଗ ଜନସାଧାରଣଙ୍କ ପାଇଁ ସରକାର ବାସଗୃହ ଯୋଜନା ପ୍ରଣୟନ କରନ୍ତୁ। ଏହା ବ୍ୟତୀତ ସହରର ଉନ୍ନତ ସାମାଜିକ ଭିତ୍ତିଭୂମି ପାଇଁ ଜମି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ଷୁଦ୍ର ଓ ମଧ୍ୟମ ଲଜିଷ୍ଟିକ, ଆମୋଦ ପ୍ରମୋଦ, ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପ ପାଇଁ ସହଜ ପ୍ରକ୍ରିୟାରେ ଅକସନ୍ ମାଧ୍ୟମରେ ବେସରକାରୀ ସଂସ୍ଥାକୁ ଜମି ଉପଲବ୍ଧ କରାନ୍ତୁ। ବିଗତ ଦିନରେ ସରକାର ଲିଜ୍ ସୂତ୍ରରେ ଆବଣ୍ଟନ କରିଥିବା ଗୃହ, ଦୋକାନ ଇତ୍ୟାଦିକୁ ତୁରନ୍ତ ଫ୍ରି-ହୋଲଡ୍ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ମଧ୍ୟ ସଦସ୍ୟ ମାନେ ଦାବି ଜଣାଇଥିଲେ। ମନ୍ତ୍ରୀ ସହୃଦୟତାର ସହ ଏହି ସବୁ ନ୍ୟାୟ ସଂଗତ ଦାବିକୁ ବିଚାର କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



# ଫ୍ଲାଏ ଆସ୍ ମ୍ୟାନେଜମେଣ୍ଟ ପରିଦର୍ଶନ

**ସମ୍ବଲପୁର, ୧୨।୫ (ସମିସ) :** ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଏକ ୧୫-ଜଣିଆ ପ୍ରତିନିଧି ଦଳ ଆଦିତ୍ୟ ବିର୍ଲା ଲପଙ୍ଗା ପ୍ଲାଣ୍ଟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୃଷ୍ଠପୋଷକତାରେ ଫ୍ଲାଏ-ଆସ୍ ପରିଚାଳନା ସମ୍ବନ୍ଧରେ ଅବଗତ ହେବାପାଇଁ ପରିଦର୍ଶନରେ ଯାଇଥିଲେ। ଏହି ଦଳରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ, ପ୍ରାଧ୍ୟାପକ, ପ୍ରଶାସକ ଅନ୍ତର୍ଭୁକ୍ତ ଥିଲେ। ଫ୍ଲାଏ ଆସ୍‌କୁ ସ୍ଥାନୀୟ ଜାଗାରେ ବିନିଯୋଗ ନକରି ରେଳ ଯୋଗେ (ର୍‌ୟାକ୍) ସାହାଯ୍ୟରେ ଓ ବନ୍ଦ ଟ୍ରଲି ଇଭି ଜରିଆରେ ୨୦ଟି ଟ୍ରକ୍ ସାହାଯ୍ୟରେ ସିମେଣ୍ଟ ପ୍ଲାଣ୍ଟ ତଥା ପ୍ରମୁଖ ରାସ୍ତା ନିର୍ମାଣ ସଂସ୍ଥାକୁ ପଠାଯାଉଥିବା ଆଦିତ୍ୟ ବିର୍ଲା ସଂସ୍ଥା ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଫ୍ଲାଏ ଆସ୍ ଅଳିଆ ଗଦାରେ, ବିଲରେ, ରାସ୍ତାରେ ଫିଙ୍ଗିଦେବା ଦ୍ୱାରା ଚାଷୀ ଓ ସାଧାରଣ ଲୋକଙ୍କ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଆଦିତ୍ୟ ବିର୍ଲା ପକ୍ଷରୁ ପ୍ରଦୂଷଣ ରକ୍ଷା ଓ ସବୁଜିମା ସକାଶେ ନିଆଯାଇଥିବା ପଦକ୍ଷପ ଗୁଡ଼ିକ ଦର୍ଶାଯାଇଥିଲା। ଫ୍ଲାଏ ଆସ୍ ମ୍ୟାନେଜମେଣ୍ଟ ଦିଗରେ ସମସ୍ତ ଶିଳ୍ପ କାରଖାନା ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ ହୀରାଖଣ୍ଡ ନାଗରିକ ପରିଷଦ ଓଡ଼ିଶା ସରକାରଙ୍କଠାରେ ଦାବି ଉପସ୍ଥାପନ କରିବ।



ପରିଷଦର ସଭାପତି ପ୍ରଫେସର ନନ୍ଦକିଶୋର ଦେବତା ଓ ସମ୍ପାଦକ ସୀତାଂଶୁ ତ୍ରିପାଠୀ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ରବୀନ୍ଦ୍ର ପଣ୍ଡା, ଯଶୋବନ୍ତ ପରିଡ଼ା, ଧ୍ରୁବ ପଣ୍ଡା, ସୀତାଂଶୁ ପଟ୍ଟନାୟକ, ଗିରିଧାରୀ ହୋତା ପ୍ରମୁଖ ସାମିଲ ହୋଇଥିଲେ।

# ଜନଗଣନା ପ୍ରଶ୍ନାବଳୀରେ ଓବିସି ଯୋଡ଼ିବାକୁ ଦାବି

**ସମ୍ବଲପୁର, ୧୨।୫ (ସମିସ)**

ଜିଲ୍ଲା ଓବିସି ମଞ୍ଚ ମାନେଶ୍ୱର ବ୍ଲକ ଶାଖା ପକ୍ଷରୁ ଜନଗଣନା ପ୍ରଶ୍ନାବଳୀରେ ଓବିସି ଯୋଡ଼ିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ଆଜି ଏକ ସ୍ମାରକ ପତ୍ର ମାନେଶ୍ୱର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଓବିସି ମଞ୍ଚ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଲୋକତାନ୍ତ୍ରିକ ସରକାର ଦେଶର ମୋଟ ସଂଖ୍ୟାର ୫୨% ଓବିସି ଜାତି-ସମୂହଙ୍କ ସାମାଜିକ ନ୍ୟାୟକୁ ହୃଦୟଙ୍ଗମ କରି ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ୍ ଯୋଡ଼ିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଦାବି ପତ୍ର ମାନେଶ୍ୱର ତହସିଲଦାର ବ୍ରଜ କିଶୋର ସାହୁ ଗ୍ରହଣ କରିଥିଲେ।

ଦାବିପତ୍ର ଅନୁଯାୟୀ, ଦେଶର ସର୍ବବୃହତ ପଛୁଆ ବର୍ଗ (ଓବିସି)ଙ୍କ ଜାତି ଜନଗଣନା ନ ହେବାରୁ ତାଙ୍କ ବିକାଶ ପାଇଁ ସମୁଚିତ ପଦକ୍ଷେପ ଏଯାବତ୍ ନିଆଯାଇ ପାରିନାହିଁ। ସେମାନେ ଜାତୀୟ ବିକାଶର ମୂଳ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି। ଓଡ଼ିଶା ରାଜ୍ୟରେ ଓବିସିମାନେ ଶିକ୍ଷା, ଚାକିରୀ ଏପରି କି ପଞ୍ଚାୟତିରାଜରେ

**କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ବି ସମାନୁପାତିକ ତ ଦୂରର କଥା ୨୭% ପ୍ରତିନିଧିତ୍ୱ ପାଇନାହାନ୍ତି। କେନ୍ଦ୍ର ସରକାର ଗତ ୨୦୨୫ ମସିହା ଏପ୍ରିଲ ୩୦ ତାରିଖ କ୍ୟାବିନେଟ ବୈଠକରେ ଜାତି ଜନଗଣନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦୨୬-୨୭ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲେ ମଧ ଜନଗଣନା ପ୍ରଶ୍ନାବଳୀ ୧୨ ନମ୍ବର ପ୍ରଶ୍ନ (ଯାହା ଓଡ଼ିଶା ରାଜ୍ୟରେ ୧୩ ନମ୍ବର ପ୍ରଶ୍ନ) ରେ ଓବିସି ଗଣନାର କୌଣସି ଉଲ୍ଲେଖ ନାହିଁ। ଅର୍ଥାତ୍ ସରକାର ଓବିସିଙ୍କ ଗଣନା କରୁନାହାନ୍ତି। ଏହାହେଲେ ଓବିସିଙ୍କୁ କୌଣସି ସାମାଜିକ ନ୍ୟାୟ ମିଳିବ ନାହିଁ। ଦାବି ପତ୍ର ପ୍ରଦାନ ସମୟରେ ଜିଲ୍ଲା ଓବିସି ମଞ୍ଚର ଆବାହକ ସରୋଜ ସାହୁ, ଓବିସି କର୍ମୀ କୃପାସିନ୍ଧୁ ଖମାରି, ଜଟା ଭୂଷଣ ସାହୁ, ଜିତେନ୍ଦ୍ର କୁମାର ପ୍ରଧାନ, ହୃଷିକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଭବାନୀ ନାୟକ, ରୋହିଦାସ ସାହୁ, ନିମାଇଁ ବଢ଼େଇ, କୃଷ୍ଣଚନ୍ଦ୍ର ସୁନାର, ଭବାନୀ ଶଙ୍କର ପ୍ରଧାନ, ପ୍ରଦୀପ କୁମାର ପରିଡ଼ା, ହିମାଂଶୁ ଶେଖର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ରାଜ କୁମାର ସାହୁ, ହିମାଂଶୁ ପ୍ରଧାନ, ନିମାଇଁ ସାହୁ, ଶିବାନନ୍ଦ ନାୟକ, ପ୍ରଶାନ୍ତ ଦେହେରି, ଦମୟନ୍ତୀ ନାୟକ ପ୍ରମୁଖ ମାନେଶ୍ୱର ବ୍ଲକର ବହୁ ଓବିସି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

**ସମ୍ବଲପୁର, ୧୨।୫(ସମିସ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମ୍ବଲପୁର ଗସ୍ତ ଅବସରରେ ସମ୍ବଲପୁର ମହାନଗର ନିଗମରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ମହାନଗର ନିଗମ ଏବଂ ଅନ୍ୟାନ୍ୟ ପୌରାଞ୍ଚଳର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ), ମଧୁବାବୁ ପେନସନ ଯୋଜନା ଅଧୀନରେ ସହରାଞ୍ଚଳ ଭିତ୍ତିଭୂମି, ନିଯୁକ୍ତି ସୁଯୋଗ, ଏବଂ ଜଳାଶୟର ବିକାଶ, ସହରର ପରିମଳ ବ୍ୟବସ୍ଥା ଏବଂ ସହ ଜଡ଼ିତ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନାର ସଫଳ ରୂପାୟନ, ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ସ୍ୱେରେଜ୍ ବୋର୍ଡ, ସହରର ସମସ୍ତ ଗଳିକନ୍ଦିରେ ସ୍ମାର୍ଟ ଏଲଇଡି ଓ ଷ୍ଟ୍ରିଟ ଲାଇଟ ସଂଯୋଗୀକରଣ, ଆହାର' କେନ୍ଦ୍ରର ସୁପରିଚାଳନା ଏବଂ କ୍ଲଟର ପ୍ରକଳ୍ପଗୁଡ଼ିକର



ସମୀକ୍ଷା କରାଯାଇଥିଲା। ବିଶେଷ କରି ଏସଏମ୍‌ସି ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଏବଂ ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା। ରେଙ୍ଗାଲି ଏବଂ ସମ୍ବଲପୁର ବିଧାୟକମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସମସ୍ୟା ଓ ବିକାଶ ସମ୍ପର୍କରେ ମଧ୍ୟ ମତ ରଖିଥିଲେ। ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୫୨ତମ କର୍ତ୍ତୃପକ୍ଷ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ମୁଖ୍ୟ ଏସଡିଏ ଅଧୀନରେ ଥିବା ଅଞ୍ଚଳଗୁଡ଼ିକର ଯୋଜନାବଦ୍ଧ ଏବଂ ବ୍ୟବସ୍ଥିତ ବିକାଶ କରିବା, ଜୋନାଲ୍ ଡେଭଲପମେଣ୍ଟ ପ୍ଲାନ୍ ସମେତ ବିସ୍ତୃତ ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ସହରର ଭିତ୍ତିଭୂମି ସମ୍ପର୍କିତ କାର୍ଯ୍ୟଗୁଡ଼ିକର ତଦାରଖ କରିବା, ହାଉସିଂ କଲୋନୀ, ସପିଂ ସେଣ୍ଟର ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଦକ୍ଷେପ ନେବା, ଅସଂଗଠିତ ସହରୀ ସମ୍ପ୍ରସାରଣକୁ ଏକ ବ୍ୟବସ୍ଥିତ ରୂପ ଦେବା ପାଇଁ ରୂପାନ୍ତରଣ ଯୋଜନା ପ୍ରଣୟନ କରିବା ଆଦି ଉପରେ ଆଲୋଚନା କରଯାଇଥିଲା। ମୋଦିପଡ଼ାଠାରେ ୧.୧୪ ଏକର ଜମିରେ ଏକ ବହୁତଳ ବିଶିଷ୍ଟ (ବି+ଜି+୬) ବାଣିଜ୍ୟିକ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହା ସହ ସାଲିବାଗିଚାସ୍ଥିତ ପୁରୁଣା ଏସଡିଏ କାର୍ଯ୍ୟାଳୟର ସମ୍ପୂର୍ଣ୍ଣ ମରାମତି ଓ ନବୀକରଣ କରାଯିବ। କର୍ତ୍ତୃପକ୍ଷଙ୍କ ଆର୍ଥିକ କାରବାରରେ ସ୍ୱଚ୍ଛତା ଆଣିବା ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଫର୍ମ ନିୟୋଜିତ କରିବା ଏବଂ ବାଣିଜ୍ୟିକ ସମ୍ପତ୍ତିରୁ ଟିକସ ଆଦାୟ ପାଇଁ ଜିଏସଟି ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୁର୍ଲା ଅଞ୍ଚଳରେ ଥିବା କୋର ହାଉସିଂ ସ୍କିମରେ ଖାଲି ପଡ଼ିଥିବା ପ୍ଲଟଗୁଡ଼ିକୁ ଇ-ଅକ୍ସନମାଧ୍ୟମରେ ବିକ୍ରୟ କରିବା ଏବଂ ଚେରୁଆପଡ଼ାଠାରେ ଜମି ବିକାଶ ପ୍ରକଳ୍ପ ପାଇଁ ଆଲୋଚନା ହୋଇଛି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ନିର୍ଦ୍ଦେଶକ ଟାଉନ୍ ପ୍ଲାନିଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶତ୍ରୁଘ୍ନ କର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖତ୍ରିଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

# ଅଶ୍ଳୀଳ ଫୋଟ ଭାଇରାଲ କରି ସ୍ୱାମୀ ଗିରଫ

**ରେଢ଼ାଖୋଲ, ୧୨।୫(ସମିସ):** ସ୍ୱାମୀ ଜୀବନ ସାଥୀ କରି ଘରକୁ ଆଣିଥିବା ନିଜ ଧର୍ମପତ୍ନୀଙ୍କୁ ଯୌତୁକ ନିର୍ଯାତନା ସହିତ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ସହିତ ନିଜ ପତ୍ନୀ ସହିତ ଶାରୀରିକ ସମ୍ପର୍କ ସମୟର ଅଶ୍ଳୀଳ ଫୋଟ ସୋସିଆଲ ମିଡିଆରେ ଭାଇରାଲ କରି ଗିରଫ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଘଟିଛି।

ସୂଚନା ଯୋଗ୍ୟ ଯେ ଏପ୍ରିଲ ୨୦୨୪ ମସିହାରେ ରେଢ଼ାଖୋଲ ଥାନା ଅଞ୍ଚଳର ସୀମାରାଣୀ ପ୍ରଧାନ ଏବଂ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା କୁଦାପଡ଼ା ଗ୍ରାମବାସିନ୍ଦା ବିନୋଦ ପ୍ରଧାନଙ୍କ ସହିତ ହିନ୍ଦୁ ରୀତିନୀତି ବିଦ୍ଧିବିଦ୍ଧ ଅନୁଯାୟୀ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର କିଛି ଦିନ ବିତିବା ପରେ, ପୀଡ଼ିତାଙ୍କ ସ୍ୱାମୀ ବିନୋଦ ପ୍ରଧାନ ଏବଂ ତାଙ୍କ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ, ଗୋଟିଏ ସୁନା ହାର, ୱାସିଂ ମେସିନ୍ ସହିତ ୨ ଲକ୍ଷ ଟଙ୍କା



ନଗଦ ଦାବି କରିଥିଲେ। କିନ୍ତୁ ଯୌତୁକ ଆଣିବାକୁ ଅକ୍ଷମତା ଦେଖାଇବାରୁ ତାଙ୍କ ସ୍ୱାମୀ ସହିତ ଶ୍ୱଶୁର ଘରଲୋକେ ତାଙ୍କୁ ବିଭିନ୍ନ ସମୟରେ ଆକ୍ରମଣ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଅତି ଅସହ୍ୟ ହେବାରୁ ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗକ୍ରମେ ରେଢ଼ାଖୋଲ ଥାନାରେ କେସ ଜାରି ହୋଇଥିଲା। ଏଥିରେ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ି ଚାଲିଥିଲା। ଗତ ୬ ତାରିଖରେ ପୀଡ଼ିତା ସ୍ୱାମୀ ବିନୋଦ ଉଭୟଙ୍କ ମଧ୍ୟରେ ହୋଇଥିବା ଶାରୀରିକ ସମ୍ପର୍କ ଅଶ୍ଳୀଳ ଫୋଟ ଗୁଡିକୁ ସ୍ତ୍ରୀର ସମ୍ପର୍କୀୟ ଭାଇ ରୋଶନ ବିଶ୍ୱାଳଙ୍କ ମୋବାଇଲ ଫୋନ୍‌କୁ ପଠାଇ ଦେଇଥିଲେ। ପୀଡ଼ିତାଙ୍କ ଭାଇ ବିରୋଧ କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ। ଜାଣିବା ପରେ ସ୍ତ୍ରୀ ସୀମାରାଣୀ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିବା ବେଳେ ତାଙ୍କ ଭାଇ ସମସ୍ତ ପ୍ରକାର ସହଯୋଗ କରିବା ପ୍ରତିଶ୍ରୁତି ଦେଇ ଜୀବନ ରକ୍ଷା କରିଥିଲେ।

ଏ ସଂକ୍ରାନ୍ତରେ ସ୍ତ୍ରୀ ସୀମାରାଣୀ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ କେସ ନଂ ୮୩/୨୬ରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ସ୍ୱାମୀ ବିନୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ଥାନା ଅଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

# ସାବିତ୍ରୀ ବ୍ରତ ପାଇଁ ଜମୁଛି ତାଳସଜ ବେପାର

**ବରପାଲି, ୧୨।୫(ସମିସ):** ଗ୍ରୀଷ୍ମ ଋତୁ ଆସିଲେ ତାଳ ସଜର ଚାହିଦା ବୃଦ୍ଧି ପାଇଥାଏ। ବରପାଲି ସହର ସମେତ ବିଭିନ୍ନ ରାସ୍ତାକଡରେ ତାଳସଜ ବେପାର ଚାଲିଛି।୨୬ନମ୍ବର ଜାତିୟ ରାଜପଥ କଡ ବରଲାବାହାଲ ଛକରେ ଅସ୍ଥାୟୀ ଦୋକାନ କରି ବ୍ୟବସାୟୀ ତାଳସଜ ବିକ୍ରି କରୁଥିବା ବେଳେ ଯାତାୟତ ଲୋକଙ୍କ ଭଲ ଭିଡ଼ ଦେଖିବାକୁ ମିଳିଥିଲା। ବ୍ୟବସାୟୀଙ୍କ କହିବା ଅନୁସାରେ, ସେମାନେ ଗୋଟା ତାଳ ପ୍ୟାକେଟ ପିଛା ପ୍ରାୟ ୬୦୦ ଟଙ୍କାରେ କ୍ରୟ କରିଥାନ୍ତି। ପରେ ଖୁଚୁରା ବିକ୍ରି କରି ସେଥିରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ହେଉଥିବା କହିଛନ୍ତି। ବିଶେଷ କରି ରାସ୍ତା କଡରେ ପସରା ମେଲାଇ ବିକ୍ରି କରାଯାଉଥିବାରୁ ଯାତ୍ରୀ ଓ ସ୍ଥାନୀୟ ଲୋକ ସହଜରେ କିଣିପାରୁଛନ୍ତି। ଆଗାମୀ ସାବିତ୍ରୀ ପାଳନ ପାଇଁ ତାଳ କିଣିବାକୁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ବ୍ରତ ଓ ପୂଜାପାଠରେ ତାଳର ବିଶେଷ ମହତ୍ତ୍ୱ ଥିବାରୁ ମହିଳାମାନେ ବେଶି କ୍ରୟ କରୁଛନ୍ତି। ବର୍ତ୍ତମାନ ବଜାରରେ ତାଳ ସଜର ଦର କିଲୋ ପିଛା ୮୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ରହିଛି।

# ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ଉତ୍ପାତ ; ୧୭ ଅଟକ

**ବରଗଡ଼, ୧୨।୫(ସମିସ):** ବରଗଡ଼ ଟାଉନ ଥାନା ପୁଲିସ ପକ୍ଷରୁ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ବିଶେଷ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ସାଧାରଣଲୋକଙ୍କୁ ଅସୁବିଧା ସୃଷ୍ଟି କରୁଥିବା ୧୭ଜଣଙ୍କୁ ପୁଲିସ ଅଟକ ରଖିଥିଲା। ପୁଲିସ ସୂଚନା ଅନୁସାରେ, ଅଟକ ବ୍ୟକ୍ତିମାନେ ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ଉଚ୍ଚସ୍ୱରରେ ଚିତ୍କାର କରିବା ସହ ଅଶାନ୍ତିକର ପରିବେଶ ସୃଷ୍ଟି କରୁଥିଲେ। ଫଳରେ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପରେ ସମସ୍ତ ଅଟକ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ସେମାନଙ୍କ ଠାରୁ ଜାମିନ ବଣ୍ଡ ଓ ଭବିଷ୍ୟତରେ ଏପରି କାର୍ଯ୍ୟରେ ଲିପ୍ତ ନ ହେବା ପାଇଁ ଲିଖିତ ଅଣ୍ଡରଟେକିଂ ନେଇ ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ ଆଗାମୀ ଦିନରେ ମଧ ଏପରି ଚଢ଼ଉ ଜାରି ରହିବ ବୋଲି ସୂଚନା ମିଳିଛି।

# ସଫଳ ଆମ୍ବ ଚାଷୀ ରାଜାରାମ

**ପଦ୍ମପୁର, ୧୨। ୫(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ସାରଙ୍ଗପୁରଗ୍ରାମର ଚାଷୀ ରାଜାରାମ ବରିହା ଆମ୍ବ ଚାଷ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରିବା ସହିତ ଅଣଧାନ ଫସଲରେ ଯୁବ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପଡ଼ିଆ ଜମିରେ ଆମ୍ବ ଚାଷ କରି ଜଣେ ଲକ୍ଷପତି ହେବା ସହିତ ରୋଜଗାରିଆ ପୁଅ ଭଳି ରୋଜଗାର ଦେବ ତାହା ପ୍ରମାଣ କରିଛନ୍ତି।ଆମ୍ବ ଚାଷୀ ରାଜାରାମ ୨୦୧୦ମସିହାରେ ପଦ୍ମପୁର ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରି ରାଜ୍ୟ ସରକାରଙ୍କ ମନରେଗା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ତାଙ୍କର ପଡ଼ିଆ ପଡ଼ିଥିବା ୫.୫୦ଏକର ଜମିରେ ଆମ୍ରପଲ୍ଲି, ଦଶେରୀ, ଲେଙ୍ଗଡ଼ା, ନିଲମ୍, ବାଇଗଣ ପଲ୍ଲୀ, ମଲ୍ଲିକା ଆଦି କିସମର ୬୦୦ଗଛ



ଲଗାଇଥିଲେ। ପରେ ୨୦୧୩ରେ ପୁଣି ୫ଏକର ଜମିରେ ପ୍ରାୟ ୫୦୦ଆମ୍ବ ଚାରା ଲଗାଇଥିଲେ।ଏଥିପାଇଁ ସରକାରଙ୍କ ତରଫରୁ ତାଙ୍କୁ ପେକ୍ ହାଉସ ଓ ପୋଖରୀ ପାଇଁ ସହାୟତା ମିଳିଥିଲା।ସେ ବର୍ତ୍ତମାନ ଆମ୍ବ ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ଏହା ସହିତ ଅଞ୍ଚଳର ଅନେକ ଯୁବ ଚାଷୀ ତାଙ୍କ ନିକଟକୁ ଆସି ଆମ୍ବ ଚାଷ ଉପରେ ଉପଦେଶ ନେଉଛନ୍ତି।ଆମ୍ବ ଚାଷରୁ ବର୍ତ୍ତମାନ ସେ ୧୦/୧୨ଲକ୍ଷ ଟଙ୍କା ଉପାର୍ଜନ କରିବା ସହିତ ଅନେକ ପରିବାରକୁ ରୋଜଗାର ଦେଉଛନ୍ତି। ଗଛ କେବେ ମଣିଷକୁ ଠକେ ନାହିଁ ବୋଲି କୁହନ୍ତି ରାଜାରାମ। ବର୍ତ୍ତମାନର ଯୁବ ପିଢ଼ି ଅବା ଚାଷୀ ଚାକିରୀ କିମ୍ବା ଧାନ ଚାଷ ଉପରେ ଗୁରୁତ୍ୱ ନ ଦେଇ ଫଳ ଚାଷ ଉପରେ ଗୁରୁତ୍ୱ ଦେଲେ ବେଶୀ ଲାଭବାନ ହେବେ ବୋଲି କହିଛନ୍ତି।

# ସମାଜସେବୀ ସଂଘମିତ୍ରା ପଟେଲ ସମ୍ମାନିତ

**ବରଗଡ଼, ୧୨।୫(ସମିସ):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ଆୟୋଜିତ ସେବା ଭାରତୀ ଓଡ଼ିଶା ପଶ୍ଚିମ ପ୍ରାନ୍ତର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ପାନୀୟଜଳ ଯୋଗାଣ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆଦି ଯୋଗ ଦେଇ ସେବା ଭାରତୀର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ତଥା ବରଗଡ଼ ର ବିଶିଷ୍ଟ ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ସେବା ସମ୍ମାନରେ ସମ୍ମାନିତ କରି ଶ୍ରୀମତୀ ପଟେଲଙ୍କୁ ଅଶେଷ ପ୍ରଶଂସା କରିଥିଲେ। ସଂଘମିତ୍ରା ପଟେଲ ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଉଥିବାରୁ ସେବା ଭାରତୀ ପରିବାର ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।




# ଭାରତ ବିକାଶ ପରିଷଦର ସାଧାରଣ ସଭା




**ସମ୍ବଲପୁର, ୧୨।୫ (ସମିସ) :** ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖାର ସାଧାରଣ ବୈଠକ ଜିଲ୍ଲାସ୍କୁଲ ଛକ ନିକଟସ୍ଥ ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଶାଖା ଅଧ୍ୟକ୍ଷ ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟବକ୍ତା ଭାବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ ଆଦିତ୍ୟ କୁମାର ପାଣ୍ଡେ ଯୋଗ ଦେଇଥିଲ। ଡଃ ପାଣ୍ଡେ କହିଲେ ଯେ, ଆମ ଭାରତୀୟ ସଂସ୍କୃତିର ସନାତନୀ ଚିନ୍ତାଧାରା ଏବଂ ସର୍ବଧର୍ମ ସମନ୍ୱୟ ଓ ବସୁଧୈବ କୁଟୁମ୍ବକମ୍ ଭାବନାର ବିରଳ ଉଦାହରଣ। କିନ୍ତୁ, ଭାରତୀୟ ସଂସ୍କୃତି ବିରୁଦ୍ଧରେ ଅପପ୍ରଚାର, ସୋସିଆଲ ମିଡିଆ ଜରିଆରେ ଆମ ସମାଜରେ ଗୋଷ୍ଠୀ ବିଭାଜନ ସୃଷ୍ଟି, ସନାତନୀ ପରିବାରର ଏକାନ୍ନବର୍ତ୍ତୀ ଆଧାର ଉପରେ କୁଠାରାଘାତ କରି ଅଣୁ ପରିବାରକୁ ପ୍ରୋତ୍ସାହିତ କରିବା ଭଳି ବିଘଟନକାରୀ ତତ୍ତ୍ୱ ପ୍ରତି ଆମେ ସଚେତନ ରହିବା ଆବଶ୍ୟକ। ଭାରତୀୟ ସଂସ୍କୃତିର ସଂରକ୍ଷଣ ନିମିତ୍ତ ଆମକୁ ଏକଜୁଟ ହୋଇ ଲଢ଼ିବାକୁ ପଡ଼ିବ। ପରିଷଦର ବରିଷ୍ଠ ତଥା ସଂସ୍ଥାପକ ସଦସ୍ୟ ଶ୍ୟାମସୁନ୍ଦର ଶର୍ମା ଅତିଥି ପରିଚୟ ପ୍ରଦାନ ଏବଂ ଶାଖା ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପରିଷଦର ପୂର୍ବତନ ଅଧ୍ୟକ୍ଷ ମକରଧ୍ୱଜ ଯୋଶୀ ମୁଖ୍ୟବକ୍ତା ଡଃ ପାଣ୍ଡେଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶାଖା ସଚିବ ସରୋଜ କୁମାର ମିଶ୍ର ବୈଠକ ସଞ୍ଚାଳନ କରିଥିବାବେଳେ ଅର୍ଥ ସଚିବ ଭକ୍ତବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କଲେଜର ଅଧ୍ୟାପକଙ୍କୁ ନିର୍ଯାତନା ଅଭିଯୋଗ ଘଟଣା**

# କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ରେଢ଼ାଖୋଲ, ୧୨।୫(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଣେ ଅଧ୍ୟାପକଙ୍କୁ ନିର୍ଯାତନା ଦେବା ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ମାନଭଞ୍ଜନ କହଁର ଜାତିଆଣ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ନେଇ କଲେଜ ପରିଚାଳନା ସମିତିର ସଭାପତି ତଥା ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗତ ୬ ତାରିଖରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତକାରୀ କମିଟି ଆସି ସମସ୍ତ ଘଟଣାର ତଦନ୍ତ



କରିଥିଲା। ତଦନ୍ତ ବେଳେ କମିଟି ଆଗରେ ଅଧିକାଂଶ ବୟାନ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଏବଂ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀଙ୍କ ବିରୋଧରେ ଯାଇଥିବା ଜଣାଯାଉଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ହେବାରୁ ମଙ୍ଗଳବାର ଦିନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ରଛାତ୍ରୀ ଅଭିଯୋଗର ନିରପେକ୍ଷ ତଦନ୍ତ ଏବଂ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।ବିଳମ୍ବ ଘଟିଲେ ତଦନ୍ତ ପ୍ରକ୍ରିୟାରେ ବିଭ୍ରାଟ ଘଟିବାର ସମ୍ଭାବନା ନେଇ ପରିଷଦର ସଦସ୍ୟଗଣ ତଦନ୍ତ ପ୍ରକ୍ରିୟାରେ ଶିଘ୍ରତା ଆଣି ଦୋଷୀଙ୍କୁ ଉଚିତ ଦଣ୍ଡ ବିଧାନ କରି ଭୀମଭୋଇ କଲେଜର ଗୌରବକୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସିଦ୍ଧାନ୍ତ ମାଝୀ, ବିବେକ ମହାପାତ୍ର, ବାଦଲ ପ୍ରଧାନ, କ୍ରୀଷ୍ଣା ସାହୁ, ଶ୍ରେୟାଂଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୨।୫ (ସମିସ) :** ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପ୍ରସ୍ତୁତି ପାଇଁ, ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ, ଆଜି ଗୋଶାଳା, ସମ୍ବଲପୁରସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ଉପ-ନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ସାମୂହିକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧିକାରୀ, କର୍ମଚାରୀ, ସୈନିକ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଯୋଗାଭ୍ୟାସ ମାଧ୍ୟମରେ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ତାଙ୍କ ଅଭିଭାଷଣରେ, ଡେପୁଟି ଇନ୍ସପେକ୍ଟର ଜେନେରାଲ କହିଥିଲେ ଯେ, ଯୋଗ ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ, ଯାହା ମାନବ ଜୀବନର ବିକାଶରେ ଯୋଗଦାନ କରେ।



ଶୃଙ୍ଖଳା ହେଉଛି ସକାରାତ୍ମକ ଶକ୍ତି ଏବଂ ସ୍ୱାସ୍ଥ୍ୟ ସନ୍ତୁଳନ ପ୍ରତିଷ୍ଠା କରିବାର ଏକ ପ୍ରଭାବଶାଳୀ ମାଧ୍ୟମ। ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ର ସଫଳ ଆୟୋଜନ ପାଇଁ ସର୍ବାଧିକ ଜନ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହା ବ୍ୟତୀତ, ଆଗାମୀ ଦିନରେ, ସିଆର୍‌ପିଏଫ୍ ପକ୍ଷରୁ ଗ୍ରୁପ୍ ସେଣ୍ଟର ପରିସର ଏବଂ ବାହାର ଅଞ୍ଚଳରେ ବକ୍ତୃତା, କର୍ମଶାଳା, ଯୋଗ ଅଧିବେଶନ ଏବଂ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା ରହିଥିବା ଜଣାପଡ଼ିଛି।

# କଟକ ସିଟି





## ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ, ୧୨।୫(ସମିସ):** ବାଦାମବାଡି ଥାନା ଅଞ୍ଚଳରେ ଜଣେ ଶିକ୍ଷକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଅଞ୍ଚଳର ଅମିତାଭ ସିଂହଦେଓ(୩୫)। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଛି। ପୁଲିସ ସୂଚନା ଅନୁଯାୟୀ, ଗତ ୬ ମାସ ହେବ ବାଦାମବାଡି ବରାଳ ଲେନରେ ଅମିତାଭ ଘର ଭଡା ନେଇ ରହୁଥିଲେ। ଉଚ୍ଚଶିକ୍ଷିତ ଅମିତାଭ କଟକରେ ରହି ସରକାରୀ ଚାକିରି ପାଇଁ ପ୍ରସ୍ତୁତି ସହ ଏକ ବେସରକାରୀ ସ୍କୁଲରେ ଶିକ୍ଷକତା ମଧ୍ୟ କରୁଥିଲେ। ସବୁଦିନ ସେ ସକାଳ ୭ଟା ସୁଦ୍ଧା ସ୍କୁଲକୁ ଯାଇଥାନ୍ତି। କିନ୍ତୁ ଆଜି ପୂର୍ବାହ୍ନ ୧୦ଟା ଯାଏ ସେ ଘରୁ ବାହାରିନଥିଲେ। ଘର ମାଲିକ ଓ ପଡୋଶୀ ଯେତେ ଡାକିଲେ ବି ଘର ଭିତରୁ କିଛି ଉତ୍ତର ମିଳିନଥିଲା। ସନ୍ଦେହ ହେବାରୁ ପୁଲିସକୁ ସୂଚନା ଦିଆଯାଇଥିଲା। ବାଦାମବାଡି ଥାନା ପୁଲିସ ଆସି କବାଟ ଭାଙ୍ଗିବାରୁ ଘର ଭିତରେ ଅମିତାଭଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏକ ଟାୱେଲକୁ ବେକରେ ଗୁଡାଇ ଫ୍ୟାନରେ ଝୁଲିପଡ଼ିଥିଲେ। ପୁଲିସ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ପ୍ରାଥମିକ ତଦନ୍ତରୁ ଅମିତାଭ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି। କିନ୍ତୁ ଆତ୍ମହତ୍ୟା ପଛର କାରଣ ଜଣାପଡ଼ିନାହିଁ। ଦୀର୍ଘ ବର୍ଷ ହେବ ଅମିତାଭ ସରକାରୀ ଚାକିରି ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ସମ୍ଭବ ହୋଇନଥିଲା। ଏହାକୁ ନେଇ ସେ ମାନସିକ ଚାପରେ ଥିଲେ ବୋଲି ମୃତକଙ୍କ ନିକଟତମ ବ୍ୟକ୍ତି ପୁଲିସକୁ ଜଣାଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ବେଧଡ଼କ ଚାଲିଛି ଚୋରା ବାଲି କାରବାର

# କାର୍ଯ୍ୟାନୁଷ୍ଠାନ ନେଲେ ମିଳୁଛି ବଦଳି ଦଣ୍ଡ

**କଟକ, ୧୨।୫(ସମିସ)**

କଟକ ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରା ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ରାଜନୈତିକ ଚାପ ଓ ବଦଳି ଭୟରେ ସ୍ଥାନୀୟ ପୁଲିସ ନୀରବ ସାଜିଥିବା ବେଳେ ବେଧଡ଼କ ଭାବେ ପ୍ରାକୃତିକ ସମ୍ପଦ ଲୁଟ୍ ଚାଲିଛି। ଫୁଲନଖରା ନିକଟସ୍ଥ କାଟରାମାଳ କୁଆଖାଇ ନଦୀ ପଠାରୁ ଆରମ୍ଭ କରି ଖଲର୍ଦ୍ଧା ଓ କୋରକରା ଆଦି ଅଞ୍ଚଳରେ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ଏହି ବାଲିକୁ ବାହାରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ବେଳେ ଏହାକୁ କେନ୍ଦ୍ର କରି ବାରମ୍ବାର ଗୋଷ୍ଠୀ ସଂଘର୍ଷ ଓ ହଣାମରା ଭଳି ହିଂସାକାଣ୍ଡ ଘଟୁଛି। ଗତ ରବିବାର ବିଳମ୍ବିତ ରାତିରେ କାଟରାମାଳ ଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଏହି ବାଲି ଘାଟକୁ ନେଇ ଗଣ୍ଡଗୋଳ ହୋଇଥିବା ଚର୍ଚ୍ଚା



ହେଉଥିବା ବେଳେ, ପୁଲିସ କିନ୍ତୁ ଏହାକୁ 'ପ୍ରେମଜନିତ ଗଣ୍ଡଗୋଳ' କହି ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଚୋରା ବାଲି କାରବାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା କିମ୍ବା ଗାଡ଼ି ଧରୁଥିବା ପୁଲିସ କର୍ମଚାରୀଙ୍କୁ ତୁରନ୍ତ ବଦଳି କରାଯାଉଥିବା ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ନିକଟରେ କୋରକରା ଅଞ୍ଚଳରୁ ବାଲି ବୋଝେଇ ଟ୍ରାକ୍ଟର ଧରିଥିବା ଜଣେ ହୋମଗାର୍ଡଙ୍କୁ ମାତ୍ର କେଇ ଘଣ୍ଟା ମଧ୍ୟରେ ହେଡକ୍ୱାଟରକୁ ବଦଳି କରିଦିଆଯାଇଛି। ଏହି ଘଟଣା ପରେ ତଳିଆ ପୁଲିସ କର୍ମଚାରୀମାନେ ବାଲି ମାଫିଆଙ୍କୁ ଛୁଇଁବାକୁ ସାହସ କରୁନାହାନ୍ତି। ଅଞ୍ଚଳରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ଏହି ବେଆଇନ

### ରାଜନୈତିକ ଚାପରେ ପୁଲିସ ନିରବ

ବାଲି ଘାଟ ଗୁଡ଼ିକ ଉପରେ ଯଦି ଶୀଘ୍ର ରୋକ ନ ଲଗାଯାଏ, ତେବେ ଆଗାମୀ ଦିନରେ ଏହା ଭୟଙ୍କର ରକ୍ତପାତର ରୂପ ନେବାର ଆଶଙ୍କା ରହିଛି। ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ବାଲି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନୂଆବଜାର ସେଣ୍ଟ ଜାଭିୟର୍ସର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ




**କଟକ, ୧୨।୫(ସମିସ):** ନୂଆବଜାର ସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲରେ ଗତ ସାତଦିନ ଧରି ଆୟୋଜିତ ହୋଇଥିବା ବାର୍ଷିକ ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ତ୍ରିପାଠୀ ଓ ଉପାଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଇମର୍ତ୍ତିଦେବୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରଫେସର ଡଃ ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ବିକାଶ କରିବାରେ ଏହା ଏକ ସୁନ୍ଦର ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଶିବିରରେ ଛାତ୍ରଛାତ୍ରୀଙ୍କୁ ନୃତ୍ୟ, ସଙ୍ଗୀତ, ଯୋଗ, ଚିତ୍ରକଳା ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା। ଅଭିଭାବକମାନଙ୍କ ମଧ୍ୟରେ ବିନା ନିଆଁରେ ରୋଷେଇ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ ତ୍ରିପାଠୀ ଗ୍ରୀଷ୍ମକାଳୀନ ଶିବିରରେ କୁନି କୁନି ଶିଶୁମାନଙ୍କର ଆତ୍ମବିଶ୍ୱାସ ଓ ଶୃଙ୍ଖଳା ବୃଦ୍ଧି କରିବାରେ ଏକାନ୍ତ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ନିଷ୍ଠାପର ସହଯୋଗ ନିମନ୍ତେ ଧନ୍ୟବାଦ ଦେଇଥିଲେ। କୁନି କୁନି ଛାତ୍ରଛାତ୍ରୀମାନେ ନୃତ୍ୟ, ଗୀତ, ଶ୍ଳୋକ ଉଚ୍ଚାରଣ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିଶେଷରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା।

## ସେଲଟର୍ ଛକରେ ଦୁର୍ଘଟଣା: ମଦ୍ୟପ ଚାଳକ ଫେରାର୍

**କଟକ, ୧୨।୫(ସମିସ):** କାର୍ ଦୁର୍ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ସେଲଟର ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଭଙ୍ଗାରୁଜା କରିବା ସହିତ ଚାଳକକୁ ନିର୍ଘାତ ମାଡ଼ ମାରିଥିଲେ। ଖବରପାଇ ଲାଲବାଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା, ହେଲେ ଚାଳକଜଣକ କୌଶଳକ୍ରମେ କାର୍ ସହିତ ଫେରାର ହୋଇଯାଇଥିଲା। ଫଳରେ ଅଭିଯୋଗ ଆଧାରରେ ପୁଲିସ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ ଚଳାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଏକ କାର ସତୀଚଉରା ଛକରୁ ସେଲଟର ଛକ ଆଡକୁ ଦ୍ରୁତଗତିରେ ଆସୁଥିଲା। ଏହି ସମୟରେ କାର୍‌ଟି ସ୍ଥାନୀୟ ଅଞ୍ଚଳର ଜଣେ ନାବାଳକକୁ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାରେ ନାବାଳକଜଣକ ଗୁରୁତର ଆହତ ହୋଇଥିଲା। ଏହାକୁ ଦେଖି ପାଖଆଖର ଲୋକେ ଉତ୍ତ୍ୟକ୍ତ ହୋଇ କାର୍‌କୁ ଘେରିଯିବା ସହିତ ହୋ-ହଲ୍ଲା କରିଥିଲେ। ତେବେ ଚାଳକଜଣକ ନିଜର ଦୋଷ ସ୍ୱିକାର କରିବା ପରିବର୍ତ୍ତେ ପାଲଟା ଯୁକ୍ତିତର୍କ କରିଥିଲେ। ଏପଟେ ଚାଳକଜଣକ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିବା ପରେ ଲୋକେ ତାକୁ ବାହାରକୁ ଟାଣିଆଣି ମାଡ଼ ମାରିବା ସହିତ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏହାପରେ ଲୋକେ ଆହତ ନାବାଳକକୁ ମେଡିକାଲ ପଠାଇବା ସମୟରେ ସୁଯୋଗ ଦେଖି ଚାଳକଜଣକ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ସିସିଟିଭି ଫୁଟେଜ ଯାଞ୍ଚ ଚଳାଇଛି।

## ଠକେଇ ଘଟଣାରେ ମହିଳା ଗିରଫ

**କଟକ, ୧୨।୫(ସମିସ):** ଏକ ଠକେଇ ଘଟଣାରେ ଜଣେ ମହିଳାଙ୍କୁ ଆଜି ଲାଲବାଗ ଥାନା ପୁଲିସ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ ଏକ ଠକେଇ ନେଇ ମହିଳାଙ୍କ ବିରୋଧରେ ୨୦୦୨ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାଟି କୋର୍ଟରେ ବିଚାରଧୀନ ଥିଲେ ମଧ୍ୟ ମହିଳାଜଣକ ନିର୍ଦ୍ଧାରୀତ ତାରିଖରେ ହାଜର ହେଉନଥିଲେ। ଫଳରେ କିଛିଦିନ ପୂର୍ବେ କୋର୍ଟ ତାଙ୍କ ବିରୋଧରେ ଜାରି କରିଥିଲେ। ଏହି ଆଧାରରେ ମହିଳାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି।

## ଶ୍ରୀୟା ମନୀଷା ଜେନା ସମ୍ବର୍ଦ୍ଧିତ

**କଟକ, ୧୨।୫(ସମିସ):** ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ୪୨ମୌଜାସ୍ଥିତ ରାଉତରାପୁର ଗ୍ରାମର ମନୀଷା ଜେନାଙ୍କୁ ସିବିଏସ୍‌ଇ ପରୀକ୍ଷାରେ ୯୪% ନମ୍ବର ରଖିଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ସମାଜସେବୀ ତଥା ପ୍ରାଧ୍ୟାପକ ଡଃ ସେକ୍ କଲିମ୍‌ଉଲ୍ଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନିଷାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନାରଣଚନ୍ଦ୍ର ମହାନ୍ତି ଏବଂ ସଭାପତି ସରୋଜାନଳିନୀ ପରିଡ଼ା, ମନିସାଙ୍କ ବାପା ଚିତ୍ତରଞ୍ଜନ ଜେନା, ମାତା ରଶ୍ମିରେଖା ଜେନା, ମହମ୍ମଦ ଫୟାଜୁଲ୍ ହକ୍, ମିର୍ଜା କରିମ୍ ବେଗ୍, ସକ୍ ଭବେ ଦୁଲ୍ଲା, ଅଫିସର ଅଲ୍ଲୀ ଏବଂ ଚନ୍ଦନ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



## ରାମେଲିଙ୍ଗେଶ୍ୱର ମନ୍ଦିରରେ ରୋଷେଇ ଘର ଉଦ୍‌ଘାଟିତ



**କଟକ, ୧୨।୫(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୭ ଦେଉଳ ସାହି ସ୍ଥିତ ରାମେଲିଙ୍ଗେଶ୍ୱର ମନ୍ଦିର ପରିସରରେ ଏକ ନୂତନ କମ୍ୟୁନିଟି ରୋଷେଇ ଘର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଯାଇଛି। ଆଜି ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି। ମନ୍ଦିରରେ ହେଉଥିବା ବିଭିନ୍ନ ପର୍ବପର୍ବାଣି, ସାମାଜିକ ଉତ୍ସବ ଏବଂ ଭୋଜି ପ୍ରସ୍ତୁତି ପାଇଁ ଏହି ରୋଷେଇ ଘର ବିଶେଷ ସହାୟକ ହେବ। ଉଦଘାଟନ ଅବସରରେ ବିଧାୟିକା କହିଛନ୍ତି ଯେ, ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ଲୋକଙ୍କ ସୁବିଧା ସୁଯୋଗକୁ ପ୍ରାଥମିକତା ଦେବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ଆଗାମୀ ଦିନରେ ଏହି ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସେ ସର୍ବଦା ଚେଷ୍ଟା ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଦେଉଳ ସାହିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହି ମୁରବି ଏବଂ ସ୍ଥାନୀୟ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ବିଧାୟିକାଙ୍କ ଏହି ଜନହିତକର ପଦକ୍ଷେପ ଏବଂ କାର୍ଯ୍ୟର ତ୍ୱରିତ ସମାପ୍ତି ପାଇଁ ସ୍ଥାନୀୟ ବାସିନ୍ଦା ତାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି। ମନ୍ଦିର କମିଟି ପକ୍ଷରୁ ମଧ୍ୟ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିରେନ୍ଦ୍ର ଦାସ, ଦିଲ୍ଲୀପ ମହାନ୍ତି, ସୁଷମା ଦାସ, ପ୍ରଭାସ ମହାନ୍ତି, ଆକୁଳି ଶେଠୀ, ବିକ୍ରମ ଶେଠୀ, ତୈଲୋକ୍ୟ ଶେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଲୁଟ୍ ପାଇଁ ଜାଲ ବିଛାଇଛନ୍ତି ସାଇବର ଲୁଟେରା

# ସିଏମ୍‌ସି କମିଶନରଙ୍କ ନାଁରେ ଜାଲ୍ ହ୍ୱାଟସଆପ୍ ଆକାଉଣ୍ଟ!

**କଟକ, ୧୨।୫(ସମିସ):** ସାଇବର ଅପରାଧିମାନେ ଏବେ ସାଧାରଣ ଲୋକଙ୍କ ନିକଟରୁ ଠକେଇ ପାଇଁ ନୂଆ ଜାଲ ବିଛାଉଛନ୍ତି। ଫେକ ହ୍ୱାଟସଆପ, ଫେସବୁକ ଆକାଉଣ୍ଟ କରି ସାଇବର ଲୁଟେରାମାନେ ଅପରାଧିକ ଜାଲ ବିଛାଇ ଟଙ୍କା ଲୁଟ ମାମଲା ସାମ୍ନାକୁ ଆସିଛି। କିଛି ଅସାମାଜିକ ବ୍ୟକ୍ତି ସିଡିଏ ଉପାଧ୍ୟକ୍ଷା ତଥା ସିଏମସି କମିଶନର ସୁଶ୍ରୀ କିରଣଦୀପ୍ କୌର ସହୋତାଙ୍କ ନାମ ଏବଂ ଫଟୋ ବ୍ୟବହାର କରି ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲିଥିବା ଜଣାପଡ଼ିଛି। ଏହି ଜାଲିଆତି ମାଧ୍ୟମରେ ସାଇବର ଠକମାନେ ସାଧାରଣ ଲୋକଙ୍କୁ ଟଙ୍କା ମାଗୁଥିବା ନଜରକୁ ଆସିଛି। ପ୍ରଶାସନ ପକ୍ଷରୁ ଏହି ଘଟଣାକୁ ଗୁରୁତର ସହ ନିଆଯାଇଛି ଏବଂ ଜନସାଧାରଣଙ୍କୁ ସତର୍କ କରାଯାଇଛି। କୌଣସି ବ୍ୟକ୍ତି ଏଭଳି ସନ୍ଦେହଜନକ ବାର୍ତ୍ତା ବା ଟଙ୍କା ମାଗିବା ଅନୁରୋଧକୁ ପ୍ରଶ୍ରୟ ନ ଦେବା ପାଇଁ କୁହାଯାଇଛି। ଏହି ପ୍ରକାରର ସାଇବର ଠକେଇର ଶିକାର ନ ହେବା ପାଇଁ ସର୍ବଦା ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଯଦି କାହା ପାଖକୁ ଏପରି କୌଣସି ସନ୍ଦେହଜନକ ମେସେଜ୍ ଆସେ, ତେବେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ କୁହାଯାଇଛି। କୌଣସି ଅଜଣା ବ୍ୟକ୍ତିଙ୍କୁ ଅନଲାଇନରେ ଟଙ୍କା ନ ପଠାଇବାକୁ ସତର୍କ କରାଯାଇଛି। ପ୍ରକାଶଥାଉକି ଅତୀତରେ କଟକର ତତ୍କାଳୀନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନାମରେ ନକଲି ହ୍ୱାଟସଆପ ଆକାଉଣ୍ଟ ଖୋଲି ସାଇବର ଲୁଟେରାମାନେ ଟଙ୍କା ମାଗୁଥିବା ଜଣାପଡ଼ିବା ନେଇ ସାଇବର ଥାନାରେ ଏତଲା ହୋଇଥିଲା।




## ୱାର୍ଡ ନଂ-୪ରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ



**କଟକ, ୧୨।୫(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ୪ ନମ୍ବର ୱାର୍ଡର ରାଇସିଣା ମଣ୍ଡପଠାରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଶ୍ରୀ ମୋକିମ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ଅଧିକ ଶକ୍ତିଶାଳୀ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ।

### ସଙ୍ଗଠନକୁ ସୁଦୃଢ଼ କରିବାକୁ ମହମ୍ମଦ ମୋକିମଙ୍କ ଆହ୍ୱାନ

ଜନସାଧାରଣଙ୍କ ସେବା ଓ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦଳ ସଦାସର୍ବଦା ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସୁଖଦୁଃଖରେ ସାଥୀ ହୋଇ ରହିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ୱାର୍ଡର ଅନେକ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ କିଭଳି ଦଳ ଏହି ୱାର୍ଡରେ ବିଜୟୀ ହେବ, ସେ ନେଇ ରଣନୀତି ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ରାଉତରାୟ, ସରୋଜ ମିଶ୍ର, ବାମଦେବ ସ୍ୱାଇଁ, ରମେଶ ବେହେରା, ରବି ମିଶ୍ର, ଉତ୍କଳ ରାଉତରାୟ, ପି କେ ମିଶ୍ର, ବିଚିତ୍ରାନନ୍ଦ ପ୍ରଧାନ, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ, ରିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପକ୍ଷୀଙ୍କ ସେବାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ

**କଟକ, ୧୨।୫(ସମିସ):** ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଚାଲିଥିବାରୁ ପାଣି ପାଇଁ ପଶୁ ପକ୍ଷୀ ମାନବ ସମାଜ ଉହଳ ବିକଳ। ଏହାକୁ ଉପଲବ୍ଧି କରି ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ଏନଏସଏସ ପକ୍ଷରୁ ପଥିକଙ୍କ ପାଇଁ ଜଳଛତ୍ର କରିବା ସହ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। କଲେଜ ଅଧ୍ୟକ୍ଷା ଡ଼ ଦୀପା ନାଗଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ଼ ସନ୍ଧ୍ୟାସାୟନ୍ତିନୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ରେଡକ୍ରସର ଆବାହିକା ଡ଼ ସସ୍ମିତା ପଟ୍ଟନାୟକଙ୍କ ସହଯୋଗରେ ରାସ୍ତାରେ ଯାଉଥିବା ପଥଚାରୀଙ୍କ ପାଇଁ ଟଙ୍କପାଣି ଦେଇ ତୃଷ୍ଣା ମେଣ୍ଟାଇ ଥିଲେ। ଏଥି ସହ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ ଡ. ରାଗିଣ୍ରୀ ସ୍ୱାଇଁ, ଡ଼ ତନୁଶ୍ରୀ ପଟ୍ଟନାୟକ, ଡ଼ ଅମରନାଥ ସାହୁ, ମାନସ ଆଇଚ ଓ ଅନିମେଶ ଦାସ ପଟ୍ଟନାୟକଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।




## ଶୋଭନୀୟରେ 'ଦେବକନ୍ୟା'ଙ୍କ ବିବାହ ଉତ୍ସବ

**କଟକ, ୧୨।୫(ସମିସ):** ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ କଟକ ବିଡ଼ାନାସୀସ୍ଥିତ ଦେବଶିଶୁ-ଶୋଭନୀୟ ଶିଶୁ ଯତ୍ନ କେନ୍ଦ୍ରରେ ବଢ଼ିଥିବା ପିତୃମାତୃହରା 'ପିଙ୍କି'ର ନୂଆସାହି ନିବାସୀ ମାତା ରଶ୍ମିତା ଦାସ ଓ ପିତା ସହଦେବ ଦାସଙ୍କ ପୁତ୍ର 'ପପୁନ୍'ଙ୍କ ସହିତ ଶୁଭ ବିବାହ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିବାହ ଉତ୍ସବରେ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଡଃ ସୁବୋଧ କୁମାର ରାଉତରାୟ ଓ ବିଜୟଲକ୍ଷ୍ମୀ ଜେନା କନ୍ୟାଦାନ କରିଥିଲେ। ସ୍ଥାନୀୟ ବିଧାୟିକା ଇଂ. ସୋଫିଆ ଫିରଦୋଷ, ମା' ଶାରଦା ଦେବୀ, ସି.ଡବ୍ଲ୍ୟୁ. ସି ଅଧ୍ୟକ୍ଷ ମାନସ ରଞ୍ଜନ ବିଶ୍ୱାଳ, ସଦସ୍ୟା ମନ୍ଦାକିନୀ ଜେମା, ପ୍ରଗତି ମହାନ୍ତି, ଶିକ୍ଷାବିତ୍ ବିଜୟ କୁମାର ନାଥ, ସମାଜସେବୀ ମୁନ୍ନା ଜୈନ, ପ୍ରଦୀପ ଜେନା, ଇଂ. ଦୟାନିଧି ରାଉତ, ସମାଜବିଜ୍ଞାନୀ ନିରାକାର ବେଉରା, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଇଂ. ସୁବାସ ରାଉତରାୟ, ଆଇନ୍‌ଜୀବୀ ଗୀତାଞ୍ଜଳି ବେହୁରା, ବୁଟୁ ବାବୁ, ରବୀନ୍ଦ୍ର ବେହେରା ଓ ବହୁ ଶୁଭେଚ୍ଛୁ ଏହି ଅବସରରେ ବର କନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶୋଭନୀୟ ଆନ୍ଦୋଳନର ବରିଷ୍ଠ କର୍ମକର୍ତ୍ତା ମିନତୀ ଦେବୀ, ଉର୍ମିଳା ଗୁରୁମା, ମନୋରମା ଦେବୀ, ବରଦା ଦେବୀ, ମମତା ଗୁରୁମା, କେଦାରଲକ୍ଷ୍ମୀ ଦାସ ଓ ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ।



## ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

# ଡିଜି କାର୍ଯ୍ୟାଳୟ ଘେରଉ କରିବ ବିଜେଡି

**କଟକ, ୧୨।୫(ସମିସ)**

ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବାର ଦୁଇ ବର୍ଷ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବଢୁଥିବା ବର୍ବରୋଚିତ ହତ୍ୟା, ଦୁଷ୍କର୍ମ ଏବଂ ମାଫିଆଙ୍କ ଦୌରାତ୍ମ୍ୟ ବିରୋଧରେ ଆସନ୍ତା ୧୪ ତାରିଖ ସକାଳ ୧୧ ଘଟିକା ସମୟରେ କଟକ ସ୍ଥିତ ପୁଲିସ ମହାନିର୍ଦ୍ଦେଶକଙ୍କ (ଡିଜି) କାର୍ଯ୍ୟାଳୟ ଘେରଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଥିବା ସଙ୍ଗୀନ ଅପରାଧଗୁଡ଼ିକର ଏକ ଲମ୍ବା ତାଲିକା ଉପସ୍ଥାପନ କରିଥିଲେ। ଢେଙ୍କାନାଳ ଭାପୁରରେ ଜଣେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥରରେ ଛେଚି ବିଭତ୍ସ ଭାବେ ହତ୍ୟା ଉଦ୍ୟମ ଏବଂ ପୁରୀ ଜିଲ୍ଲାରେ ଯୁବତୀଙ୍କୁ ପେଟ୍ରୋଲ ଢାଳି ଜିଅନ୍ତା ପୋଡ଼ି ମାରିବା ଭଳି ଘଟଣା ସଭ୍ୟ ସମାଜକୁ ସ୍ତବ୍ଧ କରିଦେଇଛି। ସେହିପରି ଗଞ୍ଜାମ ଜିଲ୍ଲା ହିଞ୍ଜିଳିରେ ୩ ବର୍ଷର ଶିଶୁ କନ୍ୟା ସାମ୍ନାରେ ଗର୍ଭବତୀ ମାଆଙ୍କୁ ନୃଶଂସ ହତ୍ୟା ଏବଂ ଗତ ମାସକ ମଧ୍ୟରେ ଜିଲ୍ଲାରେ ୧୦ରୁ ଅଧିକ ହତ୍ୟାକାଣ୍ଡ ଘଟିବା ପୁଲିସର ଅପାରଗତାକୁ ସ୍ପଷ୍ଟ କରୁଛି। କେବଳ ସାଧାରଣ ଜନତା ନୁହଁନ୍ତି, ବରଂ ଖୋଦ୍ ପୁଲିସ କର୍ମଚାରୀମାନେ ମଧ୍ୟ ଏହି ଅରାଜକତାର ଶିକାର ହେଉଛନ୍ତି। ନିଆଳି ଅଞ୍ଚଳର ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପୁଲିସ ଉପସ୍ଥିତିରେ ପିଟିପିଟି ମାରିଦେବା ଏବଂ ଚାଉଳିଆଗଞ୍ଜରେ ବାଲି ମାଫିଆଙ୍କ ଗାଡ଼ି ଧକ୍କାରେ ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣା ପ୍ରମାଣ କରୁଛି ଯେ ଅପରାଧୀଙ୍କ ମନରେ ଆଇନ ପ୍ରତି ଭୟ ନାହିଁ। ରାଜ୍ୟରେ ଆଇନର ଶାସନ ନାହିଁ ବୋଲି ନିଜେ ପୁଲିସ ଡିଜି ଗଣମାଧ୍ୟମରେ ସ୍ୱୀକାର କରିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ଅଭିଯୋଗ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଓଡ଼ିଶା ଶୃଙ୍ଖଳା ଓ ଶାନ୍ତି ପାଇଁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ମାତ୍ର ବର୍ତ୍ତମାନର 'ଡବଲ ଇଞ୍ଜିନ' ସରକାରରେ ସ୍ଥିତି ଏପରି ହୋଇଛି ଯେ ଆମେରିକା ରାଷ୍ଟ୍ରପତି ମଧ୍ୟ ନିଜ ନାଗରିକଙ୍କୁ ଓଡ଼ିଶା ନ ଆସିବାକୁ ପରାମର୍ଶ ଦେଉଛନ୍ତି। ରାଜ୍ୟର ଛବି ମଳିନ ହେବା ସହ ସାଧାରଣ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଥିବାରୁ ଏହା ବିରୋଧରେ ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ପ୍ରତାପ ଜେନା, ମେୟର ସୁବାଷ ଚନ୍ଦ୍ର ସିଂହ, ପୂର୍ବତନ ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ ଏବଂ ଛାତ୍ର ସଭାପତି ସୁମନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ 'କୁମ୍ଭକର୍ଣ୍ଣ ନିଦ୍ରା' ଭାଙ୍ଗିବା ପାଇଁ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଡିଜି ଅଫିସ ଘେରଉ କାର୍ଯ୍ୟକ୍ରମରେ ହଜାର ହଜାର କର୍ମୀ ସାମିଲ ହେବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି।




- ଡବଲ ଇଞ୍ଜିନ ସରକାରରେ ବଢୁଛି ଅରାଜକତା
- ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଗର୍ଜିଲା ବିଜେଡି

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବୃକ୍ଷରୋପଣ ଓ ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ଯାଜପୁର, ୧୨।୫(ସମିସ)




ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଜିଲ୍ଲା ପରିଷଦ ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ନଦୀବନ୍ଧର ସୁଦୃଢ଼ୀକରଣ ସହ ବନ୍ୟା ପାଇଁ ଏକ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ବ୍ୟାସନଗର ସହରାଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ରହୁଥିବାରୁ ଡ୍ରେନେଜ, ରେଲୱେ, ମ୍ୟୁନିସିପାଲିଟି ଓ ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଯୁଗ୍ମ ସମନ୍ୱୟରେ ଜଳ ନିଷ୍କାସନ ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ନୂତନ ଓ ପୁରାତନ ରାସ୍ତା କଡ଼ରେ ବ୍ୟାପକ ବୃକ୍ଷରୋପଣ ଓ ଭୂତଳ ଜଳର ସଂରକ୍ଷଣ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଲେ ପ୍ରତିବର୍ଷ ବନ୍ୟା ଯୋଗୁଁ ବଡ଼ଚଣା ନିର୍ବାଚନ ମଣ୍ଡଳୀର ନଦୀକୂଳିଆ ଗ୍ରାମ ଗୁଡ଼ିକର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଣୁ ବନ୍ୟା ପୂର୍ବରୁ ନଦୀବନ୍ଧ ଗୁଡ଼ିକର ମରାମତି ଏବଂ ଡ୍ରେନେଜ ସମସ୍ୟା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ କହିଛନ୍ତି ଯେ ଗତ ବର୍ଷ କାଣୀ ନଦୀରେ ଘାଇ ହୋଇ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟା କ୍ଷତଗ୍ରସ୍ତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ, ପଲିଥିନ, ପାନୀୟ ଜଳ ଏବଂ ଗାଈ ଗୋରୁଙ୍କ ପାଇଁ ଗୋଖାଦ୍ୟ ଏବଂ ପଲିଥିନ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ କହିଥିଲେ ଯେ ଗତ ୫ ବର୍ଷରେ ବିଭିନ୍ନ ନଦୀ ବନ୍ଧରେ ହୋଇଥିବା ଘାଇ ଗୁଡ଼ିକର ତୁରନ୍ତ ମରାମତି ଶେଷ କରିବା ଏବଂ ଦୁର୍ବଳ ନଦୀବନ୍ଧ ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଓ ବ୍ୟାକ ୱାଟର ଯୋଗୁଁ କୃଷିଜାତ ଫସଲର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ବେଳେ ଯେପରି କୌଣସି କ୍ଷୟକ୍ଷତି ଅଞ୍ଚଳ ବାଦ୍ ନପଡେ ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଋତୁ ପୂର୍ବରୁ ସମସ୍ତ ଓଭର ହେଡ ଟାଙ୍କି ଏବଂ ବିଶେଷ କରି ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ଓଭରହେଡ୍ ଟାଙ୍କି ଗୁଡ଼ିକ କ୍ଲୋରିନେସନ କରିବା ଓ ସମସ୍ତ ପାନୀୟ ଜଳ ଉତ୍ସର ନମୁନା ପରୀକ୍ଷାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବୈଠକରେ ନଦୀବନ୍ଧ ସୁଦୃଢ଼ୀକରଣ, ଘାଇ ମରାମତି, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରିତା, ଜଳ ନିଷ୍କାସନ, ବୃଷ୍ଟିପାତ ଡାଟା, ଆଗୁଆ ସୂଚନା ପ୍ରଦାନ, ଅସ୍ଥାୟୀ ବେତାର ଷ୍ଟେସନ, ଟେଲି ଯୋଗାଯୋଗ, ପାୱାର ବୋଟ ନିୟୋଜନ, ସମ୍ବେଦନଶୀଳ ଅଞ୍ଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା, ପାନୀୟ ଜଳ ଯୋଗାଣ, ଫସଲ କ୍ଷୟକ୍ଷତି, ସ୍ୱାସ୍ଥ୍ୟ ଓ ପରିମଳ, ଆସନ୍ନ ପ୍ରସବା ମହିଳାଙ୍କୁ ଚିହ୍ନଟ ଓ ଯତ୍ନ, ଗୋଖାଦ୍ୟ ମହଜୁଦ, ତଳିଆ ଅଞ୍ଚଳରେ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣ, ଏନ୍‌ଡିଆରଏଫ୍, ଓଡ୍ରାଫ, ଅଗ୍ନିଶମ ଓ ପାରା ମିଲିଟାରୀ ନିୟୋଜନ, ରିଲିଫ ପରିଚାଳନା, ଯୋଗାଯୋଗ ଓ ଅତ୍ୟାବଶ୍ୟକ ସେବା, ଏନ୍‌ଜିଓ, ଏସଏସଜି ଏବଂ ସିଭିଲ ସୋସାଇଟି ସହ ସମନ୍ୱୟ, ଟ୍ରାଫିକ ପରିଚାଳନା ଓ ବରିଷ୍ଠ ଅଧିକାରୀମାନଙ୍କୁ ତଦାରଖ ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ମ୍ୟୁନିସପାଲିଟି ଓ ବ୍ଲକ ଅଧ୍ୟକ୍ଷ ଅଧ୍ୟକ୍ଷା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ମହିଳାଙ୍କୁ ଆକ୍ରମଣ



**ଦଶରଥପୁର, ୧୨।୫(ସମିସ):** ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବାରୁ ଜନୈକା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣରେ ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ ଦଶରଥପୁର ଥାନା ଜୟନ୍ତରା ପଞ୍ଚାୟତ ପାଟପୁର ଗ୍ରାମର ଜଗନ୍ନାଥ କର ୧୯ ବର୍ଷ ପୂର୍ବେ ଧାମନଗର ଅଞ୍ଚଳର ମାନସୀ କରଙ୍କୁ ବିବାହ କରିଥିଲେ। ଜଗନ୍ନାଥ ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ନିଜ ଗାଁର ଜନୈକା ବିବାହିତା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଘଟଣା ଜଣାପଡ଼ିବା ପରେ ମାନସୀ ଓ ଜଗନ୍ନାଥଙ୍କ ମଧ୍ୟରେ ପ୍ରାୟତଃ କଳିଝଗଡ଼ା ଲାଗିଥାଏ। ଏପରିକି ସ୍ୱାମୀଙ୍କ ପରକ୍ରିୟା ପ୍ରୀତିକୁ ବିରୋଧ କରୁଥିବାରୁ ଜଗନ୍ନାଥ ସ୍ତ୍ରୀ ମାନସୀଙ୍କୁ ବିଭିନ୍ନ ସମୟରେ ମାଡ଼ ମାରୁଥିବା ନେଇ ପୂର୍ବରୁ ଦଶରଥପୁର ଥାନାରେ ମାନସୀ ଏକାଧିକବାର ଅଭିଯୋଗ କରିଛନ୍ତି। ସବୁଥର ପୁଲିସ ନିକଟରେ ଭୂଲ ସ୍ୱୀକାର କରି ସ୍ୱାମୀ ଜଗନ୍ନାଥ ଘରକୁ ଫେରିବା ପରେ ପୂର୍ବପରି ସମ୍ପୃକ୍ତ ବିବାହିତା ମହିଳାଙ୍କ ସହ ସମ୍ପର୍କ ରଖିବା ସହିତ ମାନସୀଙ୍କୁ ମାଡ଼ ମରିଥାନ୍ତି। ଗତକାଲି ସମାନ କାରଣକୁ ନେଇ ଜଗନ୍ନାଥ ଓ ମାନସୀଙ୍କ ମଧ୍ୟରେ କଳିଝଗଡ଼ା ଲାଗିଥିବା ପଡୋଶୀ ଝୁଲଣା ପଣ୍ଡା, ସୁଚିତ୍ରା ପଣ୍ଡା ଓ ବାବନ ପଣ୍ଡା ପହଞ୍ଚି ମାନସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧକ୍କା ମାରିବାରୁ ମାନସୀ ତଳେ ପଡ଼ିଯିବା ପରେ ବାବନ ପଣ୍ଡା ଏକ ଧାରୁଆ ଅସ୍ତ୍ରରେ ମାନସୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। କିଛି ପଡୋଶୀ ତାଙ୍କୁ ଉଦ୍ଧାର କରି ଦଶରଥପୁର ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ୬ଟି ଷ୍ଟିଚ ପଡ଼ିଥିବା ବେଳେ ମାନସୀ ଦଶରଥପୁର ଥାନାକୁ ଯାଇ ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## ବାଲି ହାଇୱା ଜବତ

**ପାଣିକୋଇଲି, ୧୨।୫(ସମିସ):** ଖଣି ଓ ପୁଲିସ ବିଭାଗର ମିଳିତ ଚଢ଼ଉ ସମୟରେ ଗୋଟିଏ ବାଲି ହାଇୱା ଜବତ କରାଯାଇ ପୁଲିସ ଜିମା ଦିଆଯାଇଛି। ପାଣିକୋଇଲି ସର୍ଭିସ ରୋଡରେ ବାଲି ଗାଡିକୁ ଖଣି ବିଭାଗ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବାଲିର କୌଣସି କାଗଜାଦି ନ ଥିବାରୁ ବେଆଇନ ଚାଲାଣ ଜଣାପଡ଼ିଥିଲା। ଓଡି ୨୨ଏବି ୩୫୩୪ ନଂ. ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି। ଖଣି ବିଭାଗ ଏହାକୁ ଯାଞ୍ଚ କରିବା ସହ ଥାନାରେ ମାମଲା କରାଯିବ ବୋଲି ସୂଚନା ମିଳିଛି। ଏହି ଚଢାଉରେ ଖଣି ଅଧିକାରୀ ମହେଶ ଚନ୍ଦ୍ର ନାଥ, ଜେମେଓ ଶେଖର କୁମାର ମଲ୍ଲିକ, ଅଶୋକ କୁମାର ମହାନ୍ତିଙ୍କ ସମେତ ପଲିସ ମୁଖ୍ୟାଳୟର ଫୋର୍ସ ସାମିଲ ହୋଇଥିଲେ।

## ସେନା କର୍ମଚାରୀଙ୍କ ପରିବାରକୁ ସହାୟତା

**ଧର୍ମଶାଳା, ୧୨।୫(ସମିସ):** ଧର୍ମଶାଳା ବ୍ଲକ ଭୁବନ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଫିଜିକାଲ ଏକାଡେମୀର ପ୍ରତିଷ୍ଠାତା ଚନ୍ଦ୍ରମଣି ନାୟକଙ୍କ ଅକାଳ ଦେହାନ୍ତ ପରେ ଆଜି ତାଙ୍କ ପତ୍ନୀଙ୍କୁ ଡିଫେନ୍ସ କ୍ଲବ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଡିଫେନ୍ସ କ୍ଲବର ଉପଦେଷ୍ଟା କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସଭାପତି କ୍ୟାପଟେନ ଅନିଲ କୁମାର ସାମଲ ଓ କର୍ମକର୍ତ୍ତାମାନେ ବାସଭବନରେ ପହଞ୍ଚି ତାଙ୍କ ପତ୍ନୀଙ୍କୁ ୮୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେ ୨୦୦୨ ମସିହାରେ ସେନାରେ ଯୋଗଦେଇ ୨୦୨୨ମସିହାରେ ଅବସର ଗ୍ରହଣ କରିଥିଲେ। ଅବସରପରେ ଧର୍ମଶାଳା ଫିଜିକାଲ ଏକାଡେମୀ ପ୍ରତିଷ୍ଠା କରି ବହୁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କର ଏଭଳି ମହତ କାର୍ଯ୍ୟ ପାଇଁ ସେ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ପରିବାର କହିଲେ ସ୍ତ୍ରୀ, ପୁଅ, ଝିଅ, ବୃଦ୍ଧ ବାପା ଓ ମା'। ତାଙ୍କ ପରିବାର ପ୍ରତିପୋଷଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତାଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବସ୍ତ୍ର ଓ ଖାଦ୍ୟ ବଣ୍ଟନ

ଧର୍ମଶାଳା, ୧୨।୫(ସମିସ): ଧର୍ମଶାଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ୟୁନିଟ୍ ପକ୍ଷରୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଛି। ସଂଯୋଜକ ପ୍ରାଧ୍ୟାପକ ଡ. ବସନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଅସହାୟ ପିଲା, ମହିଳା ଓ ପୁରୁଷଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଥିଲେ। ନେଉଳପୁର ପୂର୍ବତନ ସରପଞ୍ଚ ଦିବାକର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଡ. ସସ୍ମିତା ସାମଲ ଓ ସଂଯୋଜକ ସୁନୀଲ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନିକଟସ୍ଥ ଛତିଆସ୍ଥିତ ସେବକ ଜରାଶ୍ରମରେ ୧୯୨ ଜଣ ଅନ୍ତେବାସୀ ବୟସ୍କଙ୍କୁ ଏବଂ ନେଉଳପୁରସ୍ଥିତ ଆଦିବାସୀ ବସ୍ତିରେ ୩୦ ପରିବାରକୁ ଯୁବ ରେଡକ୍ରସ ପକ୍ଷରୁ ସହାୟତା କରାଯାଇଥିଲା। କାର୍ଯ୍ୟକ୍ରମର ସମାଜସେବୀ ଡ. ସସ୍ମିତା ପଟ୍ଟନାୟକ ସେବା ହିଁ ସାଧନା। ସେବା ହିଁ ପରିଚୟ। ବିଶ୍ୱ ରେଡକ୍ରସ ଦିବସର ମୂଳ ମନ୍ତ୍ର ହେଉଛି ମାନବ ସେବା ମାଧବ ସେବା। ଏହାକୁ କାର୍ଯ୍ୟରେ ପରିଣତ କରାଯାଇଛି ବୋଲ କହିଥିଲେ। ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଦେବାଶିଷ ସ୍ୱାଇଁ, ଶୁଭଦର୍ଶିନ ବଳ, ତୃପ୍ତିମୟୀ ସାହୁ, ପ୍ରତୀକ୍ଷା ଲେଙ୍କା, ପାୟଲ ବେହେରା, ମୈତ୍ରୀ ସାସ୍ୱତୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କୋରଡ଼ା ପିପଳରେ ପାଲା ପରିବେଷଣ

**ବରୀ, ୧୨।୫(ସମିସ):** ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତ କୋରଡ଼ା ପିପଲ ଗ୍ରାମରେ କୈଳାସ ଚନ୍ଦ୍ର ଦାସଙ୍କ ପୃଷ୍ଠପୋଷକତା ଏବଂ ଦିଲୀପ ଦାସଙ୍କ ପରିଚାଳନାରେ ଏକ ଭଜନ ସନ୍ଧ୍ୟା ଓ ପାଲା ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଶିକ୍ଷା ବିଭାଗ ପଫେସର ଡ. ନାରାୟଣ ବାରିକ୍ ଏବଂ ରଜାତୋଟାସ୍ଥିତ ଆମ୍ରକାନନ ଶିକ୍ଷା ନିକେତନତର ପୂର୍ବତନ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।ଭଳିନୂଆଗାଁ।(ଶଙ୍ଖାରିଗଡ଼ା)ର ଗାୟିକା ରଶ୍ମିତା ସାହୁ ଏବଂ ସହଯୋଗୀମାନଙ୍କ ଦ୍ୱାରା ସ୍ନେହାଶିଷ ଦାସ(ବାବନ)ଙ୍କ ପ୍ରଯୋଜନାରେ ସତ୍ୟନାରାୟଣ ପାଲା ପରିବେଷଣ କରାଯାଇଥିଲା।

## ଟ୍ରାଫିକ ସମସ୍ୟା ସ୍ଥାୟୀ ସମାଧାନ ଦାବି

**ମଙ୍ଗଳପୁର, ୧୨।୫(ସମିସ):** ମଙ୍ଗଳପୁର ବଜାର ଅଞ୍ଚଳରେ ପ୍ରତିଦିନ ସୃଷ୍ଟି ହେଉଥିବା ଭୟଙ୍କର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ 'ଓଡ଼ିଶା ଲୋକ ଦଳ' ପକ୍ଷରୁ ମଙ୍ଗଳପୁର ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଜାର ମଧ୍ୟରେ ଅସମ୍ଭାଳ ଭିଡ଼ ଯୋଗୁଁ ସାଧାରଣ ଜନତାଙ୍କ ସମେତ ସ୍କୁଲ ଛାତ୍ରଛାତ୍ରୀ ଓ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ମଙ୍ଗଳପୁର ବଜାର ମଧ୍ୟରେ ମେଡିକାଲ, ଓମେନ କଲେଜ ଓ ମହତାବ ହାଇସ୍କୁଲ ପରି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ମାତ୍ର ଗୋଟିଏ ମୁଖ୍ୟ ରାସ୍ତା ଥିବା ବେଳେ ଭାରୀଯାନ ଚଳାଚଳ ଓ ଅନିୟନ୍ତ୍ରିତ ପାର୍କିଂ ଯୋଗୁଁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ରହୁଛି। ଏପରିକି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଯାତାୟତରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଓଡ଼ିଶା ଛାତ୍ର ସଂଗଠନ ରାଜ୍ୟ ସଭାପତି ଅଭିଷେକ ଦାଶଙ୍କ ତତ୍ତ୍ୱାବଧାନରେ ଆଜି ଏକ ପ୍ରତିନିଧି ଦଳ ଥାନାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ସଂଗଠନ ପକ୍ଷରୁ ମୁଖ୍ୟତଃ ନିମ୍ନଲିଖିତ ଦାବି ରଖାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଯୁବ ସଂଗଠନ ଦଶରଥପୁର ବ୍ଲକ ସଭାପତି ପ୍ରତ୍ୟୁଷ ପଣ୍ଡା, ଓଡ଼ିଶା ଛାତ୍ର ସଂଗଠନ ଜିଲ୍ଲା ସଭାପତି ସରୋଜ ମଲ୍ଲିକ ଓ ଶିବଶଙ୍କର ମଲ୍ଲିକ, ଅମୃତ ବିଶ୍ୱାଳ, ବିକାଶ ବାରିକ, ଜୀବନ ଜ୍ୟୋତି ଦାଶ, ଗୋପାଳ ସାହୁ ସଂଗଠନର ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆସନ୍ତା ୨୦ରେ ଔଷଧ ଦୋକାନ ବନ୍ଦ ପାଇଁ ଦାବି

**ଧର୍ମଶାଳା, ୧୨।୫(ସମିସ):** ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆସନ୍ତା ୨୦ ତାରିଖରେ ଦେଶ ବ୍ୟାପୀ ଅଲ ଇଣ୍ଡିଆ କେମିଷ୍ଟ ଓ ଡ୍ରଗିଷ୍ଟ ଅସୋସିଏସନ ପକ୍ଷରୁ ଦିଆଯାଇଥିବା ହରତାଲ ଡାକରାକୁ ଉତ୍କଳ କେମିଷ୍ଟ ଓ ଡ୍ରଗ୍ସ ଆସୋସିଏସନ ସମର୍ଥନ ଜଣାଇଛି। ଏହିକ୍ରମରେ ଯାଜପୁର ଜିଲ୍ଲା ଆସୋସିଏସନ ପକ୍ଷରୁ ଏହାକୁ ସମର୍ଥନ ଜଣାଇ ଜିଲ୍ଲା ବ୍ୟାପୀ ଔଷଧ ଦୋକାନ ଗୁଡିକୁ ଆସନ୍ତା ୨୦ ତାରିଖରେ ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି। ଏନେଇ ଆଜି ଜିଲ୍ଲା ଡ୍ରଗ୍ସ ଏଣ୍ଡ କେମିଷ୍ଟ ଆସୋସିଏସନ ପକ୍ଷରୁ ସଭାପତି ଅଜୟ କୁମାର ଦାସ, ସମ୍ପାଦକ ରାଜେଶ କୁମାର ଦାସ ସମେତ କାର୍ଯ୍ୟକାରୀ ସଦସ୍ୟ କମଳକାନ୍ତ ନାୟକ, ଧିର କିଶୋର ରାଉତ, ଶରତ ଦାସ, ମାନସ ଦାସ, ଜ୍ୟୋତିପ୍ରକାଶ ସାହୁ, ଅମ୍ବୁଜ ପଣ୍ଡା, ରବିନାରାୟଣ ପଣ୍ଡା, ପ୍ରଫୁଲ୍ଲ କୁମାର ରାଉତ, ଦେବେନ୍ଦ୍ର ନାୟକ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୦ ତାରିଖରେ ଜିଲ୍ଲାର ସମସ୍ତ ଔଷଧ ଦୋକାନ ବନ୍ଦ କରିବା ନେଇ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଅନ୍‌ଲାଇନରେ ଔଷଧ ବିକ୍ରୟ ବନ୍ଦ କରିବା, କର୍ପୋରେଟରମାନଙ୍କ ଦ୍ୱାରା ଔଷଧରେ ଦିଆଯାଉଥିବା ରିହାତିକୁ ବନ୍ଦ କରିବା ଓ ନକଲି ଔଷଧକୁ ବଜାରରୁ ହଟାଇବା ଆଦି ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଆସନ୍ତା ୨୦ ତାରିଖରେ ଜିଲ୍ଲା ବ୍ୟାପୀ ଔଷଧ ଦୋକାନ ଗୁଡିକ ବନ୍ଦ ରହୁଥିବାରୁ ରୋଗୀ ସେବା ବ୍ୟାହତ ଘଟିବା ଆଶଙ୍କା ରହିଛି। ଏହି ବନ୍ଦକୁ ସମସ୍ତ ଔଷଧ ଦୋକାନୀ ଓ ଜନସାଧାରଣ ସମର୍ଥନ ଜଣାବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ରକ୍ତଦାନ ଶିବିର




**ଯାଜପୁର, ୧୨।୫(ସମିସ):** ଯାଜପୁର ବ୍ଲକ ବିଚିତ୍ରପୁର କଲ୍ୟାଣ ମଣ୍ଡପରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏହାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଏଡିପିଏଚ୍‌ଓ ଡ. ରମେଶଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରତ୍ୟେକ ନର୍ସିଂ ଅଫିସର ମାନେ ଜଣେ ଜଣେ ଜୀବନଦାତା ବୋଲି ମତବ୍ୟକ୍ତ କରିଥିଲେ। ନର୍ସିଂ ସଂଘର ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମେଡ଼ିସିନ ବିଭାଗର ମୁଖ୍ୟ ଡା. ପ୍ରଫୁଲ୍ଲ ଚନ୍ଦ୍ର ଦୀକ୍ଷିତ ଯୋଗ ଦେଇଥିଲେ।ସଂଘର ସାଧାରଣ ସମ୍ପାଦକ ଅମର କୁମାର ମଲ୍ଲିକ, ଉପ ସଭାପତି ଶୁଭ୍ରାଂଶୁ ଶେଖର ନନ୍ଦ, କୋଷାଧକ୍ଷ ଜୁଳିପ୍ରଭା ଜେନା, ନର୍ସିଂ ଅଫିସର ରଘୁନାଥ ସାହୁ, ମୋନାଲିସା ଭୂୟାଁ, ଶୁଭଶ୍ରୀ ରଥ, ସିଦ୍ଧାନ୍ତ କୁମାର ପାଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେବିକା ଅଳକା ନାୟକ ଓ ମମତା ମହାନ୍ତିଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନୀଳାଚଳ କାରଖାନାରେ ଦୁର୍ଘଟଣା; ଜଣେ ମୃତ

**ଦାନଗଦି, ୧୨।୫(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳ ଟାଟା ନୀଳାଚଳ ଇସ୍ପାତ କାରଖାନାର ଏସ୍‌ଏମ୍‌ଏସ୍ ସାଇଡରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି, ମୃତ ଯୁବକ ଜଣକ ହେଲେ କେନ୍ଦୁଝର ଅଞ୍ଚଳର ଲିକୁନ ପାଡ଼ୀ (୩୦)। ଲିକୁନ ଆଜି ସନ୍ଧ୍ୟାରେ ଏସ୍‌ଏମଏସ୍ ସାଇଡ୍ ୧୦ ଫୁଟ ଉପରେ କାମ କରୁଥିବାବେଳେ ହଠାତ ତଳକୁ ଖସି ପଡ଼ିଥିଲେ ଯାହାଫଳରେ ଗୁରୁତର ଆହତ ହୋଇଥିଲେ। ଖବର ପାଇ କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବରମୁଣ୍ଡା ଦୁର୍ଘଟଣାରେ ଚାଲିଗଲା ପୂର୍ବତନ ଅଧ୍ୟକ୍ଷାଙ୍କ ଝିଅର ଜୀବନ

# ମୃତ ଝିଅଙ୍କ ଚକ୍ଷୁ ଦାନ କଲେ ମା'

ବରୀ, ୧୨।୫(ସମିସ)



ଭୁବନେଶ୍ୱରର ବରମୁଣ୍ଡା ଫାୟାର ଷ୍ଟେସନ ଫ୍ଲାଏଓଭର ଉପରେ ଘଟିଥିବା ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଜଣେ ଥିଲେ ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ୨୬ ବର୍ଷୀୟା ଯୁବତୀ ବର୍ଷାରାଣୀ ବେହେରା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା। ବର୍ଷାରାଣୀ ହେଉଛନ୍ତି ବରୀ ବ୍ଲକର ପୂର୍ବତନ ଅଧ୍ୟକ୍ଷା ଭାରତୀ ବେହେରା ଓ ଅକ୍ଷୟ ବେହେରା ଝିଅ। ତେବେ ନିଜ ଝିଅର ମୃତ୍ୟୁରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ଭାରତୀ ଝିଅର ଚକ୍ଷୁ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁଯାୟୀ, ବର୍ଷାରାଣୀ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣା ଦିନ ସେ ନିଜ ସ୍କୁଟି ଯୋଗେ ଯାଉଥିବା ସମୟରେ ଏକ ହାଇୱା ତାଙ୍କ ସହ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତାନର ମୃତ୍ୟୁ ପରେ ଅନେକ ସମୟରେ ପରିବାର ଲୋକେ ଭାଙ୍ଗି ପଡ଼ନ୍ତି। କିନ୍ତୁ ଭାରତୀ ଦେବୀ ନିଜ ଝିଅକୁ ଅନ୍ୟମାନଙ୍କ ମଧ୍ୟରେ ଜୀବିତ ରଖିବା ପାଇଁ 'ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କ୍' ସହ ଯୋଗାଯୋଗ କରି ଚକ୍ଷୁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ବର୍ଷାରାଣୀଙ୍କ ଦୁଇଟି ଚକ୍ଷୁ ସଫଳତାର ସହ ସଂଗ୍ରହ କରାଯାଇଛି। ଯାହା ଭବିଷ୍ୟତରେ ଦୃଷ୍ଟିହୀନ ବ୍ୟକ୍ତିଙ୍କ ଠାରେ ପ୍ରତିରୋପଣ କରାଯାଇପାରିବ। ଏହି ମହନୀୟ କାର୍ଯ୍ୟ ପାଇଁ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଭାରତୀ ବେହେରାଙ୍କୁ ପ୍ରଶଂସା କରାଯିବା ସହ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଓଭରବ୍ରିଜ୍ ଉପରେ ଜଳିଲା ହାଇୱା

**ପାଣିକୋଇଲି, ୧୨।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଉପରେ ଆଜି ସକାଳେ ଏକ ମୋରମ ବୋଝେଇ ହାଇୱାରେ ନିଆଁ ଲାଗିଥିବା ବେଳେ ଅଳ୍ପକେ ଚାଳକ ବର୍ତ୍ତିଯାଇଥିଲା। ପ୍ରକାଶଯେ ଚଣ୍ଡିଖୋଲ ପଟୁ ଏକ ମୋରମ ବୋଝେଇ ହାଇୱା (ଓଡି୨୨ୟୁ ୦୯୧୫) ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ଓଭରବ୍ରିଜରର ଯଶୋଦା ପେଟ୍ରୋଲ ପମ୍ପ ସମ୍ମୁଖରେ ପଛ ଚକରେ ଲାଗିଯାଇଥିଲା। ବ୍ରେକସୁ'ରୁ ନିଆଁ ବାହାରି ଟାୟାରକୁ ଧରିଥିଲା। ନିଆଁ ଲାଗିବା ଦେଖି ଚାଳକ ହାଇୱାଟିକୁ ସାଇଡ କରି ଓହ୍ଲାଇ ଦୌଡିଥିଲା। ଧିରେ ଧିରେ ନିଆଁ ଜଳିବାରୁ ଚାରିଆଡେ ଧୂଆଁମୟ ହୋଇଥିଲା। ଟାୟାର ଗୁଡିକ ଫାଟି ପ୍ରଚଣ୍ଡ ଶବ୍ଦ କରିଥିଲା। ଖବରପାଇ ପାଣିକୋଇଲି ପୁଲିସ, ରାଜପଥ ପାଟ୍ରୋଲିଂ ପହଞ୍ଚି ଆସୁଥିବା ଗାଡି ଗୁଡିକୁ ବଜାର ଦେଇ ଅତିକ୍ରମ କରାଇବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ଯାଜପୁରରୋଡ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିବା ବେଳେକୁ ହାଇୱାର ଡାହାଣ ପଟ ୪ଟି ପଛ ଚକା ସମ୍ପୂର୍ଣ୍ଣ ଜଳିଯାଇଥିଲା। ସୌଭାଗ୍ୟବଶତଃ ବାମ ପଟେ ଥିବା ଡିଜେଲ ଟାଙ୍କିକୁ ନିଆଁ ଲାଗିନଥିଲା। ନିଆଁ ଆୟତ ପରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା।

## ମାଙ୍କଡ଼ କାମୁଡ଼ାରେ ୧୫ରୁ ଊର୍ଦ୍ଧ୍ୱ ଆହତ

**ବରୀ, ୧୨।୫(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଲିଆ, ନାଥପୁର, ଇଶାଣପୁର ଅଞ୍ଚଳରେ ଏକ ମାଙ୍କଡ଼ ଏକାଧିକ ଲୋକଙ୍କୁ ଆକ୍ରମଣ କରି ଥିବା ଜଣାପଡ଼ିଛି। ଗତ କିଛି ଦିନ ମଧ୍ୟରେ ମାଙ୍କଡ଼ କାମୁଡ଼ାରେ ୧୫ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଦେବସ୍ମିତା ଦାସ, ତାରା ଦାସ, ପ୍ରୀତି ମଲ୍ଲିକ, ଏବଂ ସ୍ନେହଲତା କରଙ୍କ ଭଳି ଅନେକ ବ୍ୟକ୍ତି ମାଙ୍କଡ଼ ଆକ୍ରମଣର ଶିକାର ହୋଇଛନ୍ତି। ବାରମ୍ବାର ଏଭଳି ଅଘଟଣ ଘଟୁଥିଲେ ମଧ୍ୟ ଏବଂ ସ୍ଥାନୀୟ ଲୋକମାନେ ବନ ବିଭାଗ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ବନ ବିଭାଗର ଏହି ନିଷ୍କ୍ରିୟତା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ଏବେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ଛୋଟ ପିଲା ଓ ବୃଦ୍ଧବୃଦ୍ଧାମାନେ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ଯଦି ତୁରନ୍ତ ଏହି ହିଂସ୍ର ମାଙ୍କଡ଼ଟିକୁ ଧରା ନଯାଏ, ତେବେ ଆଗାମୀ ଦିନରେ ପରିସ୍ଥିତି ଅତି ଭୟଙ୍କର ହେବାର ଆଶଙ୍କା ରହିଛି। ସ୍ଥାନୀୟ ଜନସାଧାରଣ ଏବେ ଶୀଘ୍ର ପ୍ରଶାସନିକ ହସ୍ତକ୍ଷେପ ଓ ସୁରକ୍ଷା ଦାବି କରୁଛନ୍ତି।

## ଦୁର୍ଘଟଣାରେ ଗୁରୁତର ମାଟ୍ରିକ୍ ଛାତ୍ରଙ୍କ ମୃତ୍ୟୁ



**ବିଞ୍ଝାରପୁର, ୧୨।୫(ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ସହ ୫୧୫ ନମ୍ବର ରଖିଥିବା ଛାତ୍ର ପ୍ରୀତମ ନାୟକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚ ୨ତାରିଖରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଇଞ୍ଜନପୁର ଗ୍ରାମର ଉମେଶ ନାୟକଙ୍କ ସାନପୁଅ ନିଜ ସାଙ୍ଗ ସହିତ ଏକ ବାଇକ୍‌ରେ ଯାଜପୁର ଯାଇଥିଲେ। ହେଲେ ଫେରିଲାବେଳେ ରାସ୍ତାକଡ଼ ବାଲିମୟ ହୋଇଥିବାରୁ ତାଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲା। ଏଥିରେ ବାଇକ ପଛରେ ବସିଥିବା ପ୍ରୀତମ ତଳେ ପଡ଼ି ସଜ୍ଞାହୀନ ଅବସ୍ଥାରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ପ୍ରଥମେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରୀତମଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଘଣ୍ଟିଆଳି ପଞ୍ଚାୟତ ସମେତ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ପ୍ରୀତମ ଘର ନିକଟସ୍ଥ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ଥିଲେ।

## କୃଷକ ନେତା ରାଧାଚରଣ ପଣ୍ଡାଙ୍କ ଦେହାନ୍ତ



**ଧର୍ମଶାଳା, ୧୨।୫(ସମିସ):** ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତ ଫାଜିଲପୁର ଗ୍ରାମର କୃଷକ ନେତା ଓ ଗ୍ରାମ ମୁରବୀ ରାଧାଚରଣ ପଣ୍ଡା (୮୭)ଙ୍କ ଗତକାଲି ଦେହାନ୍ତ ହୋଇଯାଇଛି। ସେ କିଛିଦିନ ରୋଗ ଶଯ୍ୟାରେ ପଡ଼ି ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହଲ, ନାତି, ନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ କୃଷକ ନେତା ଭାବରେ ଧର୍ମଶାଳା ଅଞ୍ଚଳରେ ପରିଚିତ। ନୂତନ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବାକୁ ବିଭିନ୍ନ ପଞ୍ଚାୟତର ପ୍ରଶିକ୍ଷଣ ଦେଇ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭାବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସେହିପରି ଚତରପଦା ସତ୍ୟସାଇ ସେବା ସମିତିର କର୍ମକର୍ତ୍ତା ଓ ସଦସ୍ୟମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ କଂଗ୍ରେସ ନେତା କିଶାନ ପଣ୍ଡା ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ପୁତ୍ର ଅଭିମନ୍ୟୁ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ୪୦ ଫୁଟ କୂଅରୁ ଉଦ୍ଧାର ହେଲେ ବୃଦ୍ଧା



ତୁରୁମୁଙ୍ଗା,୧୩।୫(ସମିସ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ବୁଢ଼ୀକାପୁଡ଼ି ପଞ୍ଚାୟତ ନେଉଳିପଶି ଗ୍ରାମରେ ୪୦ ଫୁଟ କୂଅରେ ପଡ଼ିଯାଇଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି ଅଗ୍ନିଶମ ବାହିନୀ କର୍ମଚାରୀ। ଉଦ୍ଧାର ହୋଇଥିବା ବୃଦ୍ଧା ଜଣଙ୍କ ହେଲେ ଗ୍ରାମର ଦ୍ରୌପଦୀ ମହାନ୍ତ। ସୋମବାର ରାତିରେ ବୃଦ୍ଧା ଜଣଙ୍କ ଶୌଚ ହେବାକୁ ଯାଇଥିବା ସମୟରେ ବାଡ଼ିରେ ଥିବା ପଥର କୂଅ ଭିତରେ ଅସାବଧାନତା ଯୋଗୁଁ ପଡ଼ିଯାଇଥିଲେ। ଚିତ୍କାର ଶୁଣି ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ପାଟଣା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ଅଧିକାରୀ ଗୌରମୋହନ ହେମ୍ବ୍ରମ, ସରୋଜ କୁମାର ସିଂହ, ତରୁଣ କୁମାର ନାଏକ, ଶିବ କୁମାର ବେହେରା, ବନମାଳୀ ସାମଲ, ବିନାୟକ ବେହେରା ପ୍ରମୁଖ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚଳାଇ ବୃଦ୍ଧାଙ୍କୁ ସୁରକ୍ଷିତ ଭାବରେ କୂଅ ଭିତରୁ ଉଦ୍ଧାର କରିଥିଲେ।

# ବାଇକ୍ ଧକ୍କାରେ ଅଜା ମୃତ, ନାତି ଗୁରୁତର

ତୁରୁମୁଙ୍ଗା.୧୨।୫(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଚିତ୍ରପଶି ବିଲା ରାସ୍ତାର ହରିଚନ୍ଦନପୁର ନିକଟରେ ଦୁଇ ବାଇକ୍ ଧକ୍କା ହେବା ଫଳରେ ବାଇକ୍‌ରେ ଥିବା ଅଜା ନାତି ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କାରଯାଇଥିଲା। ସେଠାରେ ଅଜାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଅଜାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାନନଇ ଗ୍ରାମର ନିତ୍ୟାନନ୍ଦ ମହାନ୍ତ (୭୩) ଏବଂ ଗୁରୁତର ନାତି ହେଲେ ହରିଚନ୍ଦନପୁର ଗ୍ରାମ ରଲିଙ୍କୁନ ମହାନ୍ତ। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନିତ୍ୟାନନ୍ଦଙ୍କ ଦେହ ଅସୁସ୍ଥ ଥିବାରୁ ଝିଅ ଘରକୁ ଆସି ନାତି ସହ ବାଇକ୍ ଯୋଗେ କରଞ୍ଜିଆ ମେଡିକାଲକୁ ଚିକିତ୍ସା ପାଇଁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ଥାନା ଏଏସ୍‌ଆଇ ଦେବେନ୍ଦ୍ର ମୁର୍ମୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ୧୨୫/୨୬ ଏକ ମାମଲା ରୁଜୁ ହୋଇଛି।

# ଦୀପପାଳରେ ପିକ୍‌ଅପ୍ ଓଲଟି ୩ ଶ୍ରମିକ ଗୁରୁତର





ଆନନ୍ଦପୁର,୧୨।୫(ସମିସ): ଶ୍ରମିକଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଓଲଟିପଡ଼ିବାରୁ ସେଥିରେ ଥିବା ଶ୍ରମିକଙ୍କ ମଧ୍ୟରୁ ୩ଜଣ ଗୁରୁତର ହୋଇଛନ୍ତି। ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଦେଓଗାଁ-ଦୀପପାଳ ରାସ୍ତାରେ ଘଟିଛି ଏଭଳି ଏକ ଦୁର୍ଘଟଣା। ପିକଅପ୍‌ରେ ମୋଟ ୧୦ଜଣ ଶ୍ରମିକ ଆଜି ଏକ ଠିକା ସଂସ୍ଥାର ରାସ୍ତାକାମ ସାରି ଠିକାଦାରଙ୍କ କ୍ୟାମ୍ପକୁ ଯାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଫଳରେ ଶାଳବଣୀ ଗାଁ'ର ଶ୍ରମିକ କାଣ୍ଡେଇ ମୁଣ୍ଡା, ମାଧ ମୁଣ୍ଡା ଓ ଭଦ୍ରକ ଜିଲ୍ଲା ବନ୍ତ ଥାନା ତରାପୁର ଗାଁର ସୁରେଶ ପଲେଇ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତ ଓ ଗୁରୁତରଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କାଣ୍ଡେଇ ମୁଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ରହିଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆନନ୍ଦପୁର ନଗର କଂଗ୍ରେସ କମିଟି ଗଠିତ



ଆନନ୍ଦପୁର,୧୨।୫(ସମିସ): ଆନନ୍ଦପୁର ନଗର କଂଗ୍ରେସ କମିଟି ଘୋଷଣା ହୋଇଛି। ଜିଲ୍ଲା ସଭାପତି ଇଂ. ମନୋଜ କୁମାର ଜେନାଙ୍କ ଅନୁମୋଦନ ପରେ କମିଟି ସଦସ୍ୟଙ୍କ ନାମ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସଭାପତିଭାବେ ବରିଷ୍ଠନେତା ହାଡ଼ିବନ୍ଧୁ ଖୁଣ୍ଟିଆ ରହିଛନ୍ତି। ସେହିପରି ଉପସଭାପତି ଭାବେ ବୁଦ୍ଧଦେବ ସାହୁ, ଆଶୁତୋଷ ପୁହାଣ, ନବଘନ ସାହୁ, ପର୍ଶୁରାମ କୁଣ୍ଡୁ, ଅନନ୍ତ ଚରଣ ବେହେରା, ସାଧାରଣ ସମ୍ପାଦକଭାବେ ବୁଦ୍ଧଦେବ ମଲିକ୍, କୋଷାଧ୍ୟକ୍ଷ ପ୍ରାଣବଲ୍ଲଭ ରାମ୍, ସମ୍ପାଦକଭାବେ ଶଙ୍କର୍ଷଣ ସାହୁ, ସିପୁନ୍ ଦାସ, ବାବୁଲି ମଲିକ୍, ଦିଲ୍ଲୀପ୍ କୁମାର ରାମ୍, ପରମେଶ୍ୱର ରାମ୍, ବାପୁନ୍ ଜେନା, ମନ୍ମଥ ଜେନା, ଦୀପକ କୁମାର ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଅମର କୁମାର ମହାପାତ୍ର, ସୁରଥ ବେହେରା, ପପୁ ପଟ୍ଟନାୟକ, ବିଜୁ ଜେନା, ଅଜୟ ଘୋଷ, ମହେନ୍ଦ୍ର ରାମ୍, ଜିତେନ୍ଦ୍ର ବେହେରା ପ୍ରମୁଖ ରହିଛନ୍ତି। କମିଟିର ସ୍ଥାୟୀ ସଦସ୍ୟଭାବେ ପୁର୍ବତନ ମନ୍ତ୍ରୀ ଜୟଦେବ ଜେନା, ମନୋରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ଅମରସିଂହ ମହାନ୍ତି, ଶ୍ରୀଧର ଦଳେଇ, ନିକୁଞ୍ଜ ବିହାରୀ ମିଶ୍ର, ଅକ୍ଷୟ କୁମାର ମହାନ୍ତି, ନିରଞ୍ଜନ ମିଶ୍ର, ନିତ୍ୟାନନ୍ଦ ସାମଲ, ଜୟନ୍ତ ସାହୁ, ହାଡ଼ିବନ୍ଧୁ ସାହୁ, ମଦନମୋହନ ଦାସ, ପୁରନ୍ଦର ମିଶ୍ର, ଅଭିମନ୍ୟୁ ରଣା, ଦାମୋଦର ଧଡ଼ା, ପ୍ରଶାନ୍ତ କୁମାର ଜେନା, କୀର୍ତ୍ତନ ବେଜ, ଅନନ୍ତ ଚରଣ ସାହୁ ରହିଥିବାନେଇ ନଗର ସଭାପତି ଜଣାଇଛନ୍ତି।

## ମହିଳା ସଂରକ୍ଷଣ ବିଲ୍ ଲାଗୁ, କାଳ ବୈଶାଖୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

# ମହିଳା ବିଜେଡିର ବିଶାଳ ରାଲି; କୁଶପୁତ୍ତଳିକା ଦାହ




ତୁରୁମୁଙ୍ଗା,୧୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ମଙ୍ଗଳବାର ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ମହିଳା ଜନତା ଦଳର ନାରୀ ଅଧିକାର ଅଭିଯାନ ଶୋଭାଯାତ୍ରା, ବିକ୍ଷୋଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ଆଇନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏ ନେଇ ଆନନ୍ଦେଶ୍ୱର ମନ୍ଦିରଠାରୁ ଏକ ବିରାଟ ରାଲିରେ ହଜାର ହଜାର ମହିଳା ଓ ବିଜେଡି କର୍ମୀ ବାହାରି ସରକାର ବିରୋଧୀ ସ୍ଲୋଗାନ ଦେଇ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ବଜାର ପରିକ୍ରମା କରିବା ପରେ ତହସିଲ ସମ୍ମୁଖରେ ପାଟଣା ବ୍ଲକ୍‌ର ୮ଟି ପଞ୍ଚାୟତରେ ଗତ ଏପ୍ରିଲ ମାସରେ ହୋଇଥିବା କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି କରିଥିଲେ। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ତହସିଲ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହା ପରେ ବ୍ଲକ୍ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ବିଜେଡି ନେତ୍ରୀମାନେ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ବର୍ଷିବା ସହ ୨୦୨୩ରେ ପାରିତ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଲାଗୁ କରିବାକୁ ଦାବି କରିଥିଲେ। ରାଜ୍ୟରେ ନାରୀକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ବୋଲି କହିଥିଲେ। ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କୁଶପୁତ୍ତଳିକା ଦାହକରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଟଣା ବିଡିଓ ମାନସ ରଞ୍ଜନ ଦଣ୍ଡପାଟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୂର୍ବତନ କେନ୍ଦୁଝର ପୌରାଧ୍ୟକ୍ଷା ମୀନା ମାଝୀ, ବରିଷ୍ଠ ବିଜେଡି ନେତା ସତ୍ୟବ୍ରତ ନାଏକ, ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବା ନନ୍ଦ ପୃଷ୍ଟି, ସାହାର ପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ଚମ୍ପାବତୀ ଟୁଡୁ, ବୁଦ୍ଧଦେବ ମହାକୁଡ଼ ରାଧାକାନ୍ତ ନାଏକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ପାର୍ବତୀ ଦେହୁରୀ, ଜିଲ୍ଲା ବିଜେଡି ଉପସଭାପତି ଆଇନଜୀବୀ ରାହାସବିହାରୀ ପୃଷ୍ଟି, ବଶିଷ୍ଠ ନେତା ଅଜୟ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ମହିଳା ନେତ୍ରୀ ଧରିତ୍ରୀ ମହାନ୍ତ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଶତ୍ରୁଘ୍ନ ସିଂ, ମହେନ୍ଦ୍ର ସାହୁ ସନ୍ତୋଷ ତ୍ରିପାଠୀ, ସୁମିତ କୁମାର ପତି, ଶ୍ରୀତମ ପଣ୍ଡାଙ୍କ ସହ ହଜାର ହଜାର ବିଜେଡି କର୍ମୀ ସାମିଲ ଥିଲେ।

# ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ସମର କ୍ୟାମ୍ପ



ଯୋଡ଼ା,୧୨।୫(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଦ୍ୱାରା ଆୟୋଜିତ 'ଡିଭାଇନ୍ ଭର୍ଚୁସ୍ ସମର କ୍ୟାମ୍ପ'ର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେବା ଗ୍ରୁପ୍‌ର ସମ୍ପାଦକ ବିନୋଦ ଭାଉ ସିଂକାଜୀ ଏବଂ ଅଞ୍ଚଳର ଜଣାଶୁଣା ଡାକ୍ତର ଚନ୍ଦନ ବାରିକ ଜୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀଙ୍କ ତତ୍ତ୍ୱାବଧାନରେ ଏବଂ ଆଶ୍ରମର ଅନ୍ୟ ଭାଇ ଓ ଭଉଣୀ ସହଯୋଗ କରିଥିଲେ। ଏହି ଶିବିରରେ ଏକାଗ୍ରତା ବୃଦ୍ଧି ପାଇଁ ପିଲାମାନଙ୍କୁ ରାଜଯୋଗ ମେଡିଟେସନ୍ ଶିକ୍ଷା ଦିଆଯାଉଛି। ମାନସିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ସକାରାତ୍ମକ ଚିନ୍ତାଧାରାର ଗୁରୁତ୍ୱ ବୁଝାଯାଉଛି। ସାମାଜିକ ଦାୟିତ୍ୱବୋଧ ଓ ସ୍ୱଚ୍ଛତା, ପରିବେଶ ସୁରକ୍ଷା ପାଇଁ ବାଟରେ କେଉଁଠି ହେଲେ ଅଳିଆ ନ ଫିଙ୍ଗିବା, ଛେପ ନ ପକାଇବା ଏବଂ କେବଳ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଶପଥ କରାଯାଇଛି। ବୃଦ୍ଧ, ଅସହାୟ ଏବଂ ଭିନ୍ନକ୍ଷମଙ୍କୁ ସାହାଯ୍ୟ କରିବା ସହ ମହିଳାଙ୍କୁ ସମ୍ମାନ ଦେବା ପାଇଁ ଶିକ୍ଷା ଦିଆଯାଉଛି। ପ୍ରତିଟି କାର୍ଯ୍ୟରେ ଧୈର୍ଯ୍ୟ ରଖିବା ଏବଂ ଧାଡ଼ିରେ ରହି ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଶିଖାଯାଉଛି। ସଂସ୍କାର ଓ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ସେହିପରି ପିତାମାତାଙ୍କୁ ପ୍ରଣାମ କରିବା ଏବଂ ମୋବାଇଲ୍ ଠାରୁ ଦୂରେଇ ରହିବା ପାଇଁ ପିଲାଙ୍କୁ ପ୍ରୋତ୍ସାହିତ କରାଯାଉଛି। କ୍ରୋଧ, ମିଛ ଏବଂ ଅଭିମାନ ଭଳି ଖରାପ ଅଭ୍ୟାସ ତ୍ୟାଗ କରିବାକୁ ଶିକ୍ଷା ଦିଆଯାଇଛି। ମନୋରଞ୍ଜନ ଓ ପ୍ରତିଯୋଗିତା, ଦେଶପ୍ରେମ, ଭକ୍ତି ଏବଂ ନୈତିକତା ଉପରେ ଆଧାରିତ ବିଭିନ୍ନ ଗପ, ସଙ୍ଗୀତ, ଖେଳକୁଦ ଏବଂ ପ୍ରତିଯୋଗିତା ମାଧ୍ୟମରେ ପିଲାଙ୍କ ପ୍ରତିଭାକୁ ଲୋକଲୋଚନକୁ ଅଣାଯାଉଛି।

# କାଳବୈଶାଖୀରେ ଭାଙ୍ଗିଲା ଘର

## ସରକାରୀ ସହାୟତା ଅପେକ୍ଷାରେ ଡାଳିମ୍ବ

କେନ୍ଦୁଝର,୧୨।୫(ସମିସ): କାଳବୈଶାଖୀ ପ୍ରଭାବରେ କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଞ୍ଚାୟତ କାଣିପୋସି ଗ୍ରାମର ଡାଳିମ୍ବ ମହାନ୍ତଙ୍କ ଗୁହାଳ ଘର ଏହି ପ୍ରାକୃତିକ ବିପର୍ଯ୍ୟୟ ପରିବାରର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଗରିବ ପରିବାରକୁ ଏପର୍ଯ୍ୟନ୍ତ ସରକାରଙ୍କ 'ସିଏମ କିସାନ' କିମ୍ବା 'ପିଏମ କିସାନ' ଭଳି



ଭାଙ୍ଗି ଚୁରମାର୍ ହୋଇଯାଇଛି। ସ୍ୱାମୀ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିବାବେଳେ ଡାଳିମ୍ବ ୨୦ ବର୍ଷର ପୁଅ କୈଳାସଙ୍କ ସହ ଅତି କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ପୁଅ ଜଣେ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ କୌଣସି ଯୋଜନାର ସୁଫଳ ମିଳିପାରି ନାହିଁ। ବାସହୀନ ଓ ସମ୍ବଳହୀନ ଅବସ୍ଥାରେ ଥିବା ଏହି ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ସହ ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପ୍ରକୃତିପ୍ରେମରେ ପରିବେଶ ଯୋଦ୍ଧା ବିଶ୍ୱରଞ୍ଜନ



ହାଟଡିହୀ,୧୨।୫(ସମିସ): ପିଲାଟି ଦିନରୁ ପ୍ରକୃତିକୁ ଭଲ ପାଇବା ଓ ସମର୍ପିତ ଭାବେ ଗଛ ଲଗାଇ ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ପଡ଼ିଆରିପଲ୍ଲୀ ପଞ୍ଚାୟତ କୁରାଢ଼ିଘସା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱରଞ୍ଜନ ବେହେରା। ବୃତ୍ତିରେ ଶିକ୍ଷକ ଥିଲେ ମଧ୍ୟ ପ୍ରବୃତ୍ତିରେ ପରିବେଶ ସୁରକ୍ଷା ଓ ସମାଜ ସେବାକୁ ନିଜ ବ୍ରତ ଭାବେ ଗ୍ରହଣ କରି ନେଇଛନ୍ତି। ବିଦ୍ୟାଳୟରେ ପାଠପଢ଼ା ପରେ ବିଦ୍ୟାଳୟ ପରିସର ଓ ବାହାର ରାସ୍ତାକଡ଼ରେ ବିଭିନ୍ନ ଫୁଲ, ଫଳ ଗଛ ଲଗାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ପରିବେଶ ସୁରକ୍ଷାର ବାର୍ତ୍ତା ବାଣ୍ଟିଥାନ୍ତି। ବିଦ୍ୟାଳୟରେ ବର୍ଣ୍ଣମାଳା ଉଦ୍ୟାନ ଆରମ୍ଭ କରି ଅ-ରେ ଅର୍ଜୁନ, ଅଶୋକ, ଅମୃତଭଣ୍ଡା, ଆ-ରେ ଆମ୍ବ, ଆତ, ଆକାଶି ଏହି ଭଳି ପ୍ରାଥମିକ ସ୍ତରରେ ପିଲାମାନେ ବର୍ଣ୍ଣମାଳା ସହିତ ବିଭିନ୍ନ ବୃକ୍ଷ ସହ ଔଷଧୀୟ ଗୁଣ ଓ ତାର ଉପକାରିତା ଜାଣିବା ସହିତ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ ଓ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ନକରି କପଡ଼ା ବ୍ୟାଗ ବ୍ୟବହାର କରିବା, ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ 'ପ୍ରୋଜେକ୍ଟ ୱାର୍କ' ମାଧ୍ୟମରେ ବୃକ୍ଷ ରୋପଣ ବାଧ୍ୟତାମୂଳକ କାର୍ଯ୍ୟକାରି କରାଗଲେ ପିଲାଦିନରୁ ପରିବେଶ ପ୍ରତି ଦାୟିତ୍ୱ ଓ ସଚେତନତା ବୃଦ୍ଧି ପାଇବ ବୋଲି ଶ୍ରୀ ବେହେରା କହିଛନ୍ତି। 'ଗ୍ରୀନ୍ ଓଡ଼ିଶା' ନାମକ ସମାଜିକ ସଂଗଠନ ପ୍ରତିଷ୍ଠା କରି ସରକାରଙ୍କ ଠାରୁ ପଞ୍ଜିକୃତ କରି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ବନମହୋତ୍ସବରେ ସାମିଲ୍ ହୋଇ ପ୍ରକୃତି ସଂରକ୍ଷଣ ଉପରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଗଲେ ସେମାନେ ଆଗାମୀ ଦିନରେ ପୃଥିବୀକୁ ଏକ ବଡ଼ ବିପଦରୁ ରକ୍ଷା କରିପାରିବେ ବୋଲି କହିଥିଲେ। ୨୦୧୯ରେ ତାଙ୍କୁ 'ପ୍ରକୃତି ବନ୍ଧୁ' ସମ୍ମାନରେ ଜିଲ୍ଲାପାଳ ସମ୍ମାନିତ କରିଛନ୍ତି। ସେ ବ୍ୟକ୍ତିଗତ ଭାବେ ନିଜ ବାଡି ବଗିଚାରେ ବିଭିନ୍ନ ଆମ୍ବ, ନଡ଼ିଆ, ସପେଟା, ପିଜୁଳି, ପଣସ, ଲେମ୍ବୁ, କଦଳୀ, ସପୁରୀ, ଲିଚୁ, ଜାମରୋଳ ଆଦି ଗଛ ଲଗାଇବା ସହ ବିଭିନ୍ନ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗଦାନ କରି ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହିତ କରୁଛନ୍ତି। ସୁସ୍ଥ ପରିବେଶ ସୃଷ୍ଟି ପାଇଁ 'କେନ୍ଦୁଝର ବଞ୍ଚାଅ ମଞ୍ଚ' ନାମକ ସାମାଜିକ ସଂଗଠନ ଗଢ଼ି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଓ ସାମାଜିକ ଆନ୍ଦୋଳନ ଜାରି ରଖିଛନ୍ତି।

# ସରିଲାଣି ନିଲାମ ଅବଧି; ବନ୍ଦ ହେଉନି ବାଲି ଚାଲାଣ





ଆନନ୍ଦପୁର,୧୨।୫(ସମିସ): କେନ୍ଦୁଝର ଜିଲ୍ଲା ବୈତରଣୀ ନଦୀରୁ ଏବେ ବେଆଇନ ବାଲି ଉତ୍ତୋଳନ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଦିନକୁ ଦିନ ନୂଆ ନୂଆ ତରିକା ଆପଣାଇ ବୈତରଣୀ ନଦୀରୁ ବାଲି ଚାଲାଣରେ ବ୍ୟବସାୟୀମାନେ ଲାଗିପଡ଼ିଛନ୍ତି। ଆନନ୍ଦପୁର ତହସିଲ ଇଲାକାର ପଞ୍ଚୁପଲି ଘାଟ ନିଲାମ ଅବଧି ଶେଷ ହୋଇଥିଲେ ମଧ୍ୟ ଉକ୍ତ ଅଞ୍ଚଳରୁ ବାଲି ଚାଲାଣ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଳମ୍ବିତ ରାତିରୁ ସକାଳ ଯାଏ ହେଉଛି ବାଲିବୋଝେଇ ଓ ଚାଲାଣ। ଗତକିଛି ଦିନ ଧରି ପୁଲିସ ପକ୍ଷରୁ ଚଢ଼ଉ ହେବାପରେ ବନ୍ଦ ଥିବା ଏହି କାରବାର ପୁଣି ଆରମ୍ଭ ହୋଇଛି। ସବୁଠାରୁ ଚିନ୍ତାର ବିଷୟ ଏହି ଯେ ପଞ୍ଚୁପଲ୍ଲୀ ନାଁରେ ଘାଟ ନିଲାମ ହୋଇଥିବାବେଳେ ଗୁହାଳିଆ ସୀମାରୁ ବାଲି ଖନନ କରାଯାଉଛି। ଯାହାକୁ ଅଞ୍ଚଳବାସୀ ବିରୋଧ କରି ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ବାଲି ଲୁଟ୍ କରିବା ପରେ ସେହି ସ୍ଥାନଗୁଡ଼ିକରେ ଖାଲ ସୃଷ୍ଟି ହେଉଛି। ଆନନ୍ଦପୁର ବ୍ୟାରେଜ ଡିଭିଜନ ବ୍ୟାରେଜରୁ ପାଣି ଛାଡ଼ିଦେଲେ ସେହି ଘାଟରେ କାରବାର କରୁଥିବା ଲୋକେ ଓ ଗୃହପାଳିତ ପଶୁ ମୃତ୍ୟୁ ମୁଖରେ ପଡୁଥିବାରୁ ଅସନ୍ତୋଷ କୁହୁଳିବାରେ ଲାଗିଛି। ସେହିପରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବାଲି ବ୍ୟବସାୟୀମାନେ ଆନନ୍ଦପୁର ବ୍ୟାରେଜ ଡିଭିଜନ ସହିତ ସଲାସୂତର କରି ବ୍ୟାରେଜରୁ ପାଣି ଛାଡ଼ି ବାଲି ମାଫିଆଙ୍କୁ ପୂର୍ଣ୍ଣ ସହଯୋଗ କରୁଛି। ବାଲି ମାଫିଆ ଓ ବୈତରଣୀ ବ୍ୟାରେଜ ଡିଭିଜନର ଭିତିରି ବୁଝାମଣାରେ ଏଭଳି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ବେଆଇନ ବାଲି ଉତ୍ତୋଳନର ପରିଣାମ ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥି ଯୋଗୁଁ ନଦୀର ପରିବେଶ ନଷ୍ଟ ହେବା ସହିତ ଜଳସ୍ତର କମିଯିବା, ପାର୍ଶ୍ୱବର୍ତ୍ତୀ ଗାଁ ରେ ବନ୍ୟା ଓ ଭୂସ୍ଖଳନର ବିପଦ ଭଳି ସମସ୍ୟା ଦେଖାଦେଇପାରେ ବୋଲି ମତପ୍ରକାଶ ପାଇଛି। ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରଶାସନ କେବେ ଏହା ଉପରେ କଠୋର ପଦକ୍ଷେପ ନେବ? ଏହାକୁ ନେଇ ଭୟଙ୍କର ସଙ୍କଟ ସୃଷ୍ଟି ହୋଇପାରେ ବୋଲି ପରିବେଶ ପ୍ରେମୀ ମତ ପ୍ରକାଶ କରିଛନ୍ତି।

# ଘଣା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ବାର୍ଷିକ ଉତ୍ସବ

ତୁରୁମୁଙ୍ଗା,୧୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀସ୍ଥିତ ଘଣା ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ କଲେଜର ବାର୍ଷିକ ଉତ୍ସବ ଏବଂ ଅନ୍ତର୍ଜାତୀୟ ସେବିକା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଅଧିକାରୀ ଡକ୍ଟର ଶିବ ଚରଣ ବାଗ୍, ସମ୍ମାନିତ ଅତିଥି ଭାବେ ଡାକ୍ତର ସମ୍ବିତ ପାଲ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ସମାଜସେବୀ ସାରଦା ପ୍ରସନ୍ନ ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତରଣୀସେନ ବାରିକ, ବାଙ୍କବିହାରୀ ମହାନ୍ତ ଯୋଗଦେଇ ଥିଲେ। ଏହି ଅବସରରେ ମେଡିକାଲ କଲେଜ ପରିସରରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ କରାଯାଇଥିଲା। ଅତିଥିମାନେ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଆଗକୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିବାକୁ କହିଥିଲେ। ବାର୍ଷିକ ଉତ୍ସବରେରେ ପୂର୍ବରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ନିଶିକାନ୍ତ ସ୍ୱାସ୍ଥ୍ୟସେବା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ବବିତା ବାରିକ, ଘଣା ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସଞ୍ଜୀବ ଘଣା, ଇଂ. ଦୀପକ ମହାନ୍ତଙ୍କ ସହ କଲେଜର ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ପୁରୁଣା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରସଙ୍ଗ

# ୧୩ରୁ ଓଡ଼ିଶା ମେଟାଲିକ ସମ୍ମୁଖରେ ଗଣଧାରଣା

**ଝାରସୁଗୁଡ଼ା, ୧୨।୫(ସମିସ)**



ଝାରସୁଗୁଡ଼ା ଜିଲ୍ଲା ମରାକୁଟା ଗ୍ରାମପଞ୍ଚାୟତ ସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାରେ ପୁରୁଣା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ କମ୍ପାନୀ ପକ୍ଷରୁ ଇବ୍ ନଦୀରୁ ବେଆଇନ ଜଳ ଉଠାଣ ଅଭିଯୋଗକୁ ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଡକାଯାଇଥିବା ତ୍ରିପାକ୍ଷିକ ବୈଠକ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ବିନା ବିଫଳ ହୋଇଯାଇଛି। ଫଳରେ ମେ ୧୩ ତାରିଖ ବୁଧବାରରୁ କମ୍ପାନୀ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଆଜି ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୁର୍ଲା ଡ୍ୟାମ ପ୍ରୋଜେକ୍ଟ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଏବଂ ମରାକୁଟା ଓ ଜମେରା ପଞ୍ଚାୟତର ପ୍ରତିନିଧିମାନଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ତେବେ ଉପଜିଲ୍ଲାପାଳ ମାତ୍ର ୨୦ ଜଣ ପ୍ରତିନିଧିଙ୍କୁ ଆଲୋଚନା ପାଇଁ ଭିତରକୁ ଡାକିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ବୈଠକ ବର୍ଜନ କରିଥିଲେ। ପୂର୍ବରୁ ଅନେକ ବୈଠକ ପରେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ, ଯାହା ବି ଆଲୋଚନା ହେବ ତାହା ସମସ୍ତ ଗ୍ରାମବାସୀଙ୍କ ସମ୍ମୁଖରେ ହେବା ଉଚିତ ବୋଲି ସେମାନେ ଜିଦ୍ ଧରିଥିଲେ। ପୁରୁଣା କର୍ମଚାରୀଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନ ପକ୍ଷରୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଓଡ଼ିଶା ମେଟାଲିକ କମ୍ପାନୀ ଅଧିକାରୀ ଅଜିତ ସିଂ କହିଛନ୍ତି, ସରକାରୀ ଗାଇଡଲାଇନ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ନେଇ ସୂଚନା ଦେଇଛନ୍ତି। କମ୍ପାନୀ ଇବ ନଦୀରୁ ବେଆଇନ ଭାବେ ପାଣି ଉଠାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ସୂଚନା ଦେଇଛନ୍ତି।

### ପ୍ରଶାସନର ତ୍ରିପାକ୍ଷିକ ବୈଠକ ବିଫଳ

ଅପରପକ୍ଷରେ ଇବ ନଦୀରୁ ପାଣି ଉଠାଇବା ପ୍ରସଙ୍ଗରେ କମ୍ପାନୀ ଅଧିକାରୀ ପ୍ରତି ମାସରେ ଜଳସେଚନ ବିଭାଗ ପରିଦର୍ଶନରେ ଆସୁଛନ୍ତି ବୋଲି କହିବା ସହ ଜଳ ଉଠାଣ ପାଇଁ କୌଣସି ବିଧିବଦ୍ଧ ଅନୁମତି ନଥିବା କଥା ପରୋକ୍ଷରେ ସ୍ୱୀକାର କରିଛନ୍ତି। ବୈଠକରେ କୌଣସି ସମାଧାନ ନ ବାହାରିବାରୁ ଗ୍ରାମବାସୀ ବୁଧବାର ଠାରୁ କାରଖାନା ଗେଟ୍ ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିବ ଓ ପ୍ରଶାସନ ପକ୍ଷରୁ ସେହିଠାରେ ହିଁ ସମସ୍ତଙ୍କ ସମ୍ମୁଖରେ ଆଲୋଚନା କରାଯିବ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ କେଉଁ କାରଣରୁ ଅଣଦେଖା କରୁଛି ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହିଁକି ସମସ୍ୟାର ସମାଧାନ ହୋଇପାରୁନାହିଁ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମ୍ପାନୀ ପାଇଁ ଜମି ହରାଇବା ସହିତ କମ୍ପାନୀ ପାଇଁ ଅଞ୍ଚଳବାସୀ ହଇରାଣ ହେଉଥିବା ବେଳେ ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉନାହିଁ କିମ୍ବା କମ୍ପାନୀ ପ୍ରତି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଆସନ୍ତା ୧୩ ତାରିଖ ବୁଧବାର ଦିନ ଠାରୁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' ସମୀକ୍ଷା ବୈଠକ



**ଦେବଗଡ଼, ୧୨।୫(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'ବେଟି ବଚାଓ ବେଟି ପଢ଼ାଓ' ଜିଲ୍ଲାସ୍ତରୀୟ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମନ୍ୱୟ ବୈଠକରେ ସମାଜରେ ବାଲ୍ୟ ବିବାହ ଜନିତ ବିଭିନ୍ନ ସମସ୍ୟା ଓ ଲିଙ୍ଗଗତ ଅସମାନ୍ୟତା ବିଷୟରେ ଜନସଚେତନତା ସୃଷ୍ଟି କରିବା, ବାଳିକାମାନଙ୍କ ସୁରକ୍ଷା ଓ ସେମାନଙ୍କ ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟାମାନଙ୍କୁ ସଶକ୍ତ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମନ୍ୱୟ ବୈଠକରେ ଅତିରିକ୍ତ ଜିଲ୍ଲପାଳ ରେବେକା ବିଲୁଙ୍ଗ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଶିଶୁ ମଙ୍ଗଳ ସୁରକ୍ଷା ଅଧକ୍ଷା ପିଙ୍କିରାଣି ନନ୍ଦ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଡିପିଏମ୍ ଓଏଲେମ୍ ଶିଶିର କୁମାର ଷଡ଼ଙ୍ଗୀ, ଶିଶୁ ସୁରକ୍ଷା ୟୁନିଟ ଚିନ୍ମୟ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସମସ୍ତ ବ୍ଲକର ସିଡ଼ିପିଓ, ମହିଳା ସୁପରଭାଇଜର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ଦେବଗଡ଼, ୧୨।୫(ସମିସ):** ବାରକୋଟ ସଦର ମହକୁମା ସ୍ଥିତ ଏକ ଘରୋଇ ଲଜରେ ଆଜି ମଧ୍ୟାହ୍ନରେ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନା ଅନ୍ତର୍ଗତ ଲାଲାପସି ଗ୍ରାମର ଚନ୍ଦ୍ରମଣୀ ନାଏକଙ୍କ ସ୍ତ୍ରୀ ଭାରତୀ ନାଏକ (୪୯) ପାରିବାରିକ ଅଶାନ୍ତି କାରଣରୁ ଗତ ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ବାରକୋଟ ସଦର ମହକୁମା ସ୍ଥିତ ଏକ ଲଜରେ ରହୁଥିଲେ। ତେବେ ଆଜି ପୂର୍ବାହ୍ନରୁ ଭାରତୀ ଉକ୍ତ ଲଜର କୋଠରୀର ଭିତର ପଟୁ ବନ୍ଦ କରି ଫ୍ୟାନରେ କପଡ଼ା ସାହାଯ୍ୟରେ ବେକକୁ ବାନ୍ଧି ଝୁଲି ପଡ଼ିଥିଲେ। ଖବର ପାଇ ବାରକୋଟ ଥାନା ପୁଲିସ ମୃତଦେହ ଉଦ୍ଧାର କରିଥିଲା। ମୃତ ମହିଳାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ରେଷ୍ଟୁରାଣ୍ଟ ପରିସରରୁ ଚୋରି ଘଟଣା; ଅଭିଯୁକ୍ତ ଗିରଫ

**ଇବଥର୍ମାଲ, ୧୨।୫(ସମିସ):** ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଞ୍ଚଳ ଖଡାମ ଛକ ପାଖରେ ଥିବା ରେଷ୍ଟୁରାଣ୍ଟରେ ଗତ ୧୦ ତାରିଖ ରାତିରେ ଘଟିଥିବା ଚୋରିର ଘଟଣାରେ ଅଭିଯୁକ୍ତ ଚୋରକୁ ପୁଲିସ ଗିରଫ କରିଛି। ସୂଚନାନୁଯାୟୀ, ସେଦିନ ବିଶ୍ୱ ମାତୃଦିବସ ଥିବାରୁ ବ୍ରଜରାଜନଗର ଗାନ୍ଧୀନଗର ନିବାସୀ ଗଜପତି ମେହେର ପରିବାର ସହ ଖାଇବାକୁ ରେଷ୍ଟୁରାଣ୍ଟକୁ ଆସିଥିଲେ। ମାଆଙ୍କୁ ଉପହାର ଦେବାକୁ ସୁନାର ଦୁଇଟି କାନଫୁଲ କିଣି ରେଷ୍ଟୁରାଣ୍ଟରେ ସ୍ତ୍ରୀଙ୍କୁ ଦେଖାଇବା ବେଳେ ସାମାନ୍ୟ ଅନ୍ୟମନସ୍କ ହୋଇଯିବାରୁ ତାହା ଚୋରି ହୋଇଯାଇଥିଲା। ଏ ସଂକ୍ରାନ୍ତରେ ସେ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୁରାକ ପାଇ ପୁଲିସ ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅନ୍ତର୍ଗତ ଚାରପାଲି ଗ୍ରାମର ଶିବଶଙ୍କର ନାଗ(୪୮)କୁ ଆଜି ସକାଳେ ଚାରପାଲିରୁ ଗିରଫ କରିବା ସହ ଚୋରି ଜିନିଷ ବରାମତ କରିଛି। ଚୋରି କାନଫୁଲର ମୂଲ୍ୟ ୨୨ହଜାର ଟଙ୍କା ବୋଲି କୁହାଯାଇଛି। ଆଜି ପୁଲିସ ଶିବଶଙ୍କରକୁ କୋର୍ଟ ଚାଲାଣ କରିଥିବା ଆଇଆଇସି ବିନୋଦ କୁମାର ରାଓ କହିଛନ୍ତି।



### ରବି ଧାନ ସଂଗ୍ରହ ପାଇଁ ଜିଲ୍ଲା ଧାନକ୍ରୟ କମିଟି ବୈଠକ

## ୨୫ ରୁ ସମସ୍ତ ମଣ୍ଡିରେ ଧାନ କ୍ରୟ ଆରମ୍ଭ

**ନୂଆପଡ଼ା, ୧୨।୫(ସମିସ):** ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଜିଲ୍ଲା ରବିଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଯଦୁମଣି ପାଣିଗ୍ରାହୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।କମିଟିର ଅନୁମୋଦନ କ୍ରମେ ଚଳିତ ବର୍ଷ ଆସନ୍ତା ୨୦ ତାରିଖରେ ଖରିଆରଠାରେ ରବି ମଣ୍ଡିର ଉଦ୍‌ଘାଟନ କରାଯିବା ସହ ଆସନ୍ତା ୨୫ ତାରିଖରୁ ଜିଲ୍ଲାର ସମସ୍ତ ମଣ୍ଡିରେ ଧାନକ୍ରୟ ଆରମ୍ଭ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ରବି ଧାନ ବିକ୍ରୟ ପାଇଁ ୧୯, ୩୪୭ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ, ଏହା ଗତ ବର୍ଷ ତୁଳନାରେ ୬, ୦୫୦ ଜଣ ଅଧିକ ଓ ପ୍ରାୟ ୪୫ ପ୍ରତିଶତ ବୃଦ୍ଧି ହୋଇଛି। ଏହି ବର୍ଷ ଜିଲ୍ଲାରେ ୪୭ଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଧାନ ସଂଗ୍ରହ କରାଯିବ। କୌଣସି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ କ୍ରୟ ନ କରିବାକୁ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।ବୈଠକରେ ଜିଲ୍ଲାପାଳ ଧାନ କ୍ରୟ ସହ ଜଡିତ ସମସ୍ତ ବିଭାଗର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଭାଗୀୟ ଜିଲ୍ଲା ଅଧିକାରୀଙ୍କ ସହ ସମିକ୍ଷା କରିଥିଲେ। ଧାନ କ୍ରୟ କାର୍ଯ୍ୟକୁ ସୁଚାରୁରୂପେ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବା ପାଇଁ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।ବିଶେଷ କରି ଛତିଶଗଡ଼ ରାଜ୍ୟରୁ ବେଆଇନ ଭାବେ ଧାନ ପ୍ରବେଶ ରୋକିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଖରିଆରରୋଡ଼ ଓ ସିନାପାଲି ସୀମାନ୍ତ ସହ ନୂତନ ଭାବେ ନୂଆପଡ଼ା ବ୍ଲକର ଖଳନା ଓ ନରା ଏବଂ ସିନାପାଲି ବ୍ଲକର କେନ୍ଦୁମୁଣ୍ଡା ଅନୁପ୍ରବେଶ ରାସ୍ତାକୁ ସିଲ୍ କରି ୨୪ ଘଣ୍ଟିଆ ପ୍ରହରୀ ମୁତୟନ ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ବୈଠକରେ ମିଲର ପ୍ରତିନିଧି ରାଜକୁମାର ଖେମଚା ଗତ ବର୍ଷର ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଶୀଘ୍ର ଉଠାଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ସମସ୍ତ ମିଲରେ ନୂତନ ଧାନ ଗଚ୍ଛିତ ପାଇଁ ଆବଶ୍ୟକ ସ୍ଥାନର ଅଭାବ ଥିବାରୁ ଜିଲ୍ଲା ବାହାର ମିଲରମାନଙ୍କ ଅଂଶଗ୍ରହଣ ପାଇଁ ମଧ୍ୟ ପ୍ରସ୍ତାବ ରଖାଯାଇଥିଲା। ଚଳିତ ବର୍ଷ ରବି ଧାନ ସଂଗ୍ରହ ପାଇଁ ପ୍ରଥମ କିସ୍ତିରେ ସରକାର ୪୪୩୭.୦୦ ମେଟ୍ରିକ ଟନ ଧାର୍ଯ୍ୟ ପ୍ରଦାନ କରିଥିବା ସୂଚନା ମିଳିଛି। ବୈଠକରେ ଉପଜିଲ୍ଲାପାଳ ସୁର୍ମୀ ସୋରେନଙ୍କ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବ୍ଲକ ଯୋଗାଣ ନିରୀକ୍ଷକ ଏବଂ ସହଯୋଗାଣ ଅଧିକାରୀ ହୃଷିକେଶ ନାୟକ ଓ ପୂର୍ଣ୍ଣାଶା ଭୋଇ ଉପସ୍ଥିତ ଥିଲେ।




## ୮ କିଲୋ ଗଞ୍ଜେଇ ଜବତ; ୭ ଗିରଫ

**ଝାରସୁଗୁଡା, ୧୨।୫(ସମିସ):** ଝାରସୁଗୁଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ସାତ ଗୋଟି ମାମଲା ରୁଜୁ କରାଯାଇଛି। ଝାରସୁଗୁଡା ଅବକାରୀ ଥାନା, ଝାରସୁଗୁଡା ଅବକାରୀ ରେଞ୍ଜ ଓ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡା ତରଫରୁ ସାତ ଗୋଟି ଜାଗାରେ ଯଥା ପୁରୁଣାବସ୍ତି (ଓରାମପଡ଼ା), ସରବେଣ୍ଡା, ଓଏମପି (ଭୂୟାଁପଡ଼ା), ଇବ ରେଲୱେ ଷ୍ଟେସନ, କୁଟୁରାଚୁଁଆ, ବିଦ୍ୟାନଗର (ପଞ୍ଚପଡ଼ା) ଆଦି ଗ୍ରାମ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ଉ କରି ସମୁଦାୟ ୮ କେଜି ଗଞ୍ଜେଇ, ୫୮ ଲିଟର ଦେଶୀ ମଦ, ୫.୨୦୦ ଲିଟର ବିଅର ଓ ୨୦୦ ଲିଟର ହାଣ୍ଡିଆ ଜବତ କରିଛି। ଏଥିରେ ସମ୍ପୃକ୍ତ ପୁରୁଣାବସ୍ତି (ଓରାମପଡ଼ା) ଅଞ୍ଚଳର ଅଜୟ ଓରାମ, ସରବେଣ୍ଡା ଗ୍ରାମର ସବିତା ଓରାମ, ଓଏମପି (ଭୂୟାଁପଡ଼ା) ଅଞ୍ଚଳର ରିତା ରାଏ ଓ କିଶୋର ରଣା, ଛତ୍ରପୁର (ଝାରଖଣ୍ଡ) ଅଞ୍ଚଳର କୁନ୍ଦନ କୁମାର, କୁଟୁରାଚୁଁଆ ଗ୍ରାମର ସୁବରାଜ ଖଡିଆ, ବିଦ୍ୟାନଗର (ପଞ୍ଚପଡ଼ା) ଅଞ୍ଚଳର ଟଙ୍କଧର ବେହେରା ଆଦି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କାମନାରେ ମାଁ ଠାକୁରାଣୀଙ୍କ ବହଲେନ୍ ଯାତ୍ରା

**ଥୁଆମୂଳରାମପୁର, ୧୨।୫(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଅଞ୍ଚଳରେ ପାରମ୍ପରିକ ଭାବେ ପାଳିତ ହେଉଥିବା ମାଁ ଠାକୁରାଣୀଙ୍କ ବହଲେନ୍ ଯାତ୍ରା ସମଗ୍ର ଅଞ୍ଚଳକୁ ଉତ୍ସବମୁଖର କରିଦେଇଛି। ଗାଁରେ ଶାନ୍ତି ସ୍ଥାପନ, ରୋଗବ୍ୟାଧିରୁ ରକ୍ଷା ଓ ଭଲ ଫସଲ ହେବାର କାମନା ନେଇ ପ୍ରତିବର୍ଷ ପାରମ୍ପରିକ ଯାତ୍ରାର ଆୟୋଜନ କରାଯାଉଥାଏ। ଯାତ୍ରା ଅବସରରେ ବିଭିନ୍ନ ଗ୍ରାମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମବାସୀ ଭକ୍ତିଭାବରେ ମାଁଙ୍କ ନିକଟରେ ପୂଜା ପାଇଁ କୁକୁଡ଼ା, ପାରା ଓ ନଡ଼ିଆ ଅର୍ପଣ କରି ମାଁଙ୍କର ଆଶୀର୍ବାଦ କାମନା କରିଥିଲେ।ମଙ୍ଗଳବାର ଥୁଆମୂଳ ରାମପୁର ବ୍ଲକ ଉପରଖିପି ଗ୍ରାମରେ ମାଁ ଠାକୁରାଣୀଙ୍କ ବହଲେନ୍ ଯାତ୍ରା ଶାନ୍ତି ଓ ଶୃଙ୍ଖଳାର ସହିତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରତିବର୍ଷ ଏହି ପାରମ୍ପରିକ ଯାତ୍ରା ପାଳନ ହେବା ଦ୍ୱାରା ଗାଁରେ ସୁଖ, ଶାନ୍ତି ଓ ସମୃଦ୍ଧି ବର୍ତ୍ତି ରହିଥାଏ ବୋଲି ସେମାନଙ୍କର ଗାଢ଼ ବିଶ୍ୱାସ ରହିଛି।



### ଶିଶୁ ସୁରକ୍ଷା ବିଶେଷଜ୍ଞ ଦଳର ଜିଲ୍ଲା କାରାଗାର ପରିଦର୍ଶନ

## ସ୍ୱଚ୍ଛତା, ମହିଳା ଅନ୍ତେବାସୀ ଓ ଶିଶୁଙ୍କ ସୁବିଧାର କଲେ ସମୀକ୍ଷା



**ଝାରସୁଗୁଡା, ୧୨।୫(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜେଲ ଅନ୍ତେବାସୀଙ୍କ ମାନବାଧିକାର ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ ସ୍ୱରୂପ ଆଜି ଏକ ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ବିଶେଷଜ୍ଞ ଦଳ ଝାରସୁଗୁଡା ଜିଲ୍ଲା ଜେଲ ପରିଦର୍ଶନ କରିବା ସହ ସେଠାରେ ଥିବା ବିଭିନ୍ନ ବ୍ୟବସ୍ଥାର ତଦାରଖ କରିଛନ୍ତି। ଏହି ପରିଦର୍ଶନ ସମୟରେ ବିଶେଷଜ୍ଞ ଦଳ ଜେଲର ମହିଳା ୱାର୍ଡକୁ ଯାଇ ଅନ୍ତେବାସୀ ମହିଳାମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ସେମାନଙ୍କୁ ମିଳୁଥିବା ଦୈନନ୍ଦିନ ସୁବିଧା ସୁଯୋଗ, ସ୍ୱାସ୍ଥ୍ୟ ସେବା ଏବଂ କୌଣସି ବିଶେଷ ଅସୁବିଧା ରହିଛି କି ନାହିଁ, ସେ ସମ୍ପର୍କରେ ଟିମ୍ ପଚାରି ବୁଝିଥିଲେ। ଏଥିସହ ଜେଲ ପରିସରରେ କୌଣସି କମ୍ ବୟସର ଅନ୍ତେବାସୀ ଅଛନ୍ତି କି ନାହିଁ, ତାହା ନିଶ୍ଚିତ କରିବା ପାଇଁ ସ୍ଥିତି ଅନୁଧାନ କରାଯାଇଥିଲା। ଶିଶୁ ମଙ୍ଗଳ ଆଇନ ଅନୁଯାୟୀ ଜେଲର ସାମଗ୍ରିକ ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ। ଜେଲର ସାମଗ୍ରିକ ପରିବେଶକୁ ଅଧିକ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ପାଇଁ ବିଶେଷଜ୍ଞ ଦଳ ଜେଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ତେବାସୀଙ୍କ ପାଇଁ ଥିବା ପାନୀୟ ଜଳ, ଶୌଚାଳୟ ଏବଂ ପରିମଳ ବ୍ୟବସ୍ଥା ଉପରେ ଦଳ ସନ୍ତୋଷ ପ୍ରକାଶ କରିବା ସହ ଏହାକୁ ଅଧିକ ଉନ୍ନତ କରିବାକୁ କହିଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଦଳ ପକ୍ଷରୁ ସବିଶେଷ ଅବଲୋକନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପରିଦର୍ଶନ ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର ଏବଂ ଜେଲ ଅଧିକ୍ଷକ ଅମୀୟକୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଆଇନଜୀବୀ ବି. ନାଗେଶ୍ୱରୀ ଏବଂ ସାଜଦା ବେଗମ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଆଇନଗତ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ। ଜେଲ ଭିତରେ ଥିବା ଅନ୍ତେବାସୀ ଏବଂ ବିଶେଷ କରି ମହିଳା ଓ ସେମାନଙ୍କ ସହ ରହୁଥିବା ଶିଶୁମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

### ମାଟ୍ରିକ ମେଧାବୀଙ୍କ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ 'ଉନ୍ମେଷ'

# ୭୮ ଜଣ 'ଏ-୧' ଗ୍ରେଡ୍ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ






**ଝାରସୁଗୁଡା, ୧୨।୫(ସମିସ)**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ 'ଉନ୍ମେଷ' ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ମୁଖ୍ୟଅତିଥି ଭାବେ ଆଭାସି ମାଧ୍ୟମରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ଏଥିସହ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଡ. ଏନ୍. ଥିରୁମାଲା ନାଏକ, ପୂର୍ବତନ ଜିଲ୍ଲାପାଳ ଆବୋଲି ସୁନୀଲ ନରଭାଣେ, ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାର ପାଣ୍ଡେ ଆଭାସି ମାଧ୍ୟମରେ ଯୋଗ ଦେଇଥିଲେ। ସଭା ସ୍ଥଳରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଟିଆରଏଲର ସିଏସ୍‌ଆର୍ ମୁଖ୍ୟ ସନ୍ତୋଷ ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆ, ଏଡିଇଓ, ବିଇଓ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶିକ୍ଷା କ୍ଷେତ୍ରରେ ଝାରସୁଗୁଡା ଯେପରି ସମଗ୍ର ଦେଶରେ ଏକ ନୂତନ ସୋପାନ ସୃଷ୍ଟି କରିବ, ସେଥିପାଇଁ ଜିଲ୍ଲା ପ୍ରଶାସନ ଏକ ଦୃଢ଼ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ପରଫର୍ମିଂ ଗ୍ରେଡିଂ ଇଣ୍ଡେକ୍ସରେ ଝାରସୁଗୁଡ଼ା ଜିଲ୍ଲା ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ପାସ୍ ହାରରେ ଚତୁର୍ଥ ସ୍ଥାନରେ ରହିବା ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ଜିଲ୍ଲାପାଳ 'ଉନ୍ମେଷ' ଭଳି ସରକାରୀ ପ୍ରୟାସ ଏବଂ ଶିକ୍ଷକମାନଙ୍କର ଅତିରିକ୍ତ ପରିଶ୍ରମ ଯୋଗୁଁ ଝାରସୁଗୁଡା ଏବେ ରାଜ୍ୟର ଏକ ଶିକ୍ଷା ହବ୍ ଭାବେ ଉଭା ହେଉଛି ବୋଲି କହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ଚାରୋଟି ପର୍ଯ୍ୟାୟରେ ଅନୁଷ୍ଠିତ 'ଉନ୍ମେଷ' କାର୍ଯ୍ୟକ୍ରମ ମାଧ୍ୟମରେ ଚୟନ କରାଯାଇଥିବା ୧୦୦ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶିକ୍ଷାଦାନ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ତଥା ପିଲାଙ୍କ ଉତ୍ତମ ପ୍ରଦର୍ଶନ କ୍ଷେତ୍ରରେ ଏକ ସୁଦୂରପ୍ରସାରୀ ପ୍ରଭାବ ପକାଇଛି ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତିର୍ଣ୍ଣ ହୋଇଥିବା ୭୮ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଝାରସୁଗୁଡା ଜିଲ୍ଲାରେ ପାସ୍ ହାର ୯୭.୮୯ ପ୍ରତିଶତ ରହିଥିବା ବେଳେ ଗତବର୍ଷ ଜିଲ୍ଲାରେ ୩୩ ଜଣ 'ଏ-୧' ଗ୍ରେଡ୍ ପାଇଥିବା ବେଳେ ଚଳିତ ବର୍ଷ ଏହା ୭୮କୁ ବୃଦ୍ଧି ପାଇଛି ବୋଲି ଅତିଥିମାନେ କହିଥିଲେ। ସେହିପରି 'ଏ-୨' ଗ୍ରେଡ୍‌ରେ ଗତ ବର୍ଷର ୩୦୦ ଛାତ୍ରଛାତ୍ରୀଙ୍କ ବଦଳରେ ଏ ବର୍ଷ ୩୮୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାର ମୋଟ ୧୨୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬୫ଟି ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିବା ଜିଲ୍ଲା ପାଇଁ ଏକ ବଡ଼ ଉପଲବ୍ଧି। ସରକାରୀ ଉଚ୍ଚ ବିଦ୍ୟାଳୟ, ମୁନ୍ସୀପାଲ ହାଇସ୍କୁଲ (ଏକାତାଲି)ର ଛାତ୍ର ନମନ ପ୍ରଧାନ ଏବଂ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ର ସୁଦାମ ବେହେରା ଉଭୟ ୯୬.୩୩ ପ୍ରତିଶତ ନମ୍ବର ରଖି ସମଗ୍ର ଓଡ଼ିଶାର ଶ୍ରେଷ୍ଠ ୫ ଜଣ ମେଧାବୀଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଛନ୍ତି। ନମନ ଭବିଷ୍ୟତରେ ଜଣେ ସୁଦକ୍ଷ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାର ଲକ୍ଷ୍ୟ ରଖିଥିବା ବେଳେ ସୁଦାମ ଜଣେ ଦକ୍ଷ ଡାକ୍ତର ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋଲି ସୂଚାଯାଇଥିଲା।

### ପରଫର୍ମିଂ ଗ୍ରେଡିଂ ଇଣ୍ଡେକ୍ସରେ ଝାରସୁଗୁଡ଼ା ରାଜ୍ୟରେ ପ୍ରଥମ

## ମାଗଣା ଚକ୍ଷୁ ପରୀକ୍ଷା



ବରଗଡ଼,୧୨।୫(ସମିସ): ବରଗଡ଼ ପୁରୁଣା ଜୀରାବ୍ରିଜସ୍ଥିତ ରାଜ୍ ପୋଲି କ୍ଲିନିକ ଏବଂ ଡାଇଗନୋଷ୍ଟିକ ସେଣ୍ଟରର ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟକ୍ଲିନିକରେ ମାଗଣା ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ ପୋଲି କ୍ଲିନିକର ଡ଼ାଇରେକ୍ଟର ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ମଞ୍ଚରେ ମହାନଦୀ ନେତ୍ରାଳୟର ମୁଖ୍ୟ ଡାକ୍ତର ରୋହିତ ସିଂହ,କ୍ଲିନିକର ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ମଞ୍ଚରେ ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତ ଅତିଥିଙ୍କୁ କ୍ଲିନିକର ଡ଼ାଇରେକ୍ଟର ଶ୍ରୀ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ମହାନଦୀ ନେତ୍ର ଚିକିତ୍ସାଳୟର ମୁଖ୍ୟ ଡାକ୍ତର ସିଂ ଆଖିର ବିଭିନ୍ନ ସମସ୍ୟା ବିଷୟରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ ସଭା କାର୍ଯ୍ୟକ୍ରମ ପରେ ଡାକ୍ତର ସିଂ ରିବନ କାଟି ଚକ୍ଷୁ ପରୀକ୍ଷା ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୫୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶେଷରେ ରାଜ୍ ପୋଲି କ୍ଲିନିକର ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଇଦପାଲିରେ ଷୋହଳପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି



ପାଇକମାଲ,୧୨।୫(ସମିସ): ପାଇକମାଲ ବ୍ଲକ୍ ଅନ୍ତର୍ଗତ ବଇଦପାଲି ଗ୍ରାମରେ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଯାଇଛି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ନାମଯଜ୍ଞ ୧୦ରେ ପୂର୍ଣ୍ଣାହୁତି ସହ ଶେଷ ହୋଇଛି।ତିନିଦିନ ଧରି ଚାଲିଥିବା ନାମଯଜ୍ଞରେ ଭଜନ, କୀର୍ତ୍ତନ ଓ ହରିନାମ ସଂକୀର୍ତ୍ତନରେ ସମଗ୍ର ଗ୍ରାମ ଭକ୍ତିମୟ ହୋଇଉଠିଥିଲା। ଯଜ୍ଞ କାର୍ଯ୍ୟକୁ ପଣ୍ଡିତ ମିତ୍ରଭାନୁ ଦେବତା ବିଧିବତ୍ ଭାବେ ସମ୍ପନ୍ନ କରାଇଥିବା ବେଳେ, ମମତା ସାହୁ ଓ ଟିକେଲାଲ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।ବଇଦପାଲି ଗ୍ରାମବାସୀଙ୍କର ସମୂହ ସହଯୋଗ ଓ ସକ୍ରିୟ ଭୂମିକା ପ୍ରଶଂସନୀୟ ରହିଥିଲା। ପବିତ୍ର ନାମଯଜ୍ଞ ମାଧ୍ୟମରେ ଗ୍ରାମରେ ଶାନ୍ତି, ସମୃଦ୍ଧି ଓ ଭାଇଚାରାର ବାର୍ତ୍ତା ପ୍ରସାରିତ ହୋଇଥିବା ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

## ସଂଚାର ଗୁରୁ ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

ପାଇକମାଲ,୧୨।୫ (ସମିସ): ପାଇକମାଲ ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହରେ ପାଇକମାଲ ବ୍ଲକ୍ ଲୋକକଳା ସଂଘ ପକ୍ଷରୁ ସ୍ୱର୍ଗତ ସଂଚାର ଗୁରୁ ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଲୋକକଳା ସଂଘ ସଭାପତି ଶୁକଦେବ ବେରିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ପ୍ରଫୁଲ୍ଲ ଉଦୁ ଯୋଗଦେଇ ସଂଚାର ଗୁରୁ ଦୁଃଖନାଶନ ବେହେରାଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅପର୍ଣ କରି ତାଙ୍କ କଳାଜୀବନ ତଥା ଶ୍ରୀ ବେହେରା ସଂଚାର କଳାର ଜଣେ ବରିଷ୍ଠ ଗବେଷକ ଭାବେ ରାଜ୍ୟ ଏବଂ ରାଜ୍ୟରେ ବାହାରେ ସଂଚାର କଳା ପ୍ରଦର୍ଶନ କରି ସଂଚାର କଳା ବଞ୍ଚାଇଥିଲେ। ସେ ଜାପାନ, ଦିଲ୍ଲୀକୁ ଯାଇ ମଧ୍ୟ ତାଙ୍କ ସଂଚାର କଳା ପ୍ରଦର୍ଶନ କରି ନିଅ ଅଞ୍ଚଳର ତଥା ରାଜ୍ୟର ଗୌରବ ଆଣିଛନ୍ତି ବୋଲି ମତପୋଷଣ କରି ସ୍ମୃତିଚାରଣ କରିଥିଲେ। ଲୋକକଳା ସଂଘ ବରିଷ୍ଠ କଳାକାର କର୍ପୁଁଜନ ଛତର, ଶାନ୍ତିଲାଲ ପ୍ରଧାନ, ଗଣେଶ ସୁନା, ଦୁର୍ଲ୍ଲଭ ହରିପାଳ, ଭିଷ୍ମଣ ସାହୁ, ଆଦି ସୁନା, ଗିରିଧାରୀ ବାଗ, ଅକ୍ରୁର ଥପା, ଗଣ୍ଡୁ ବରିହା, ଶ୍ରୀଧର ଷାଣ୍ଢ,ସାଗର ପଟେଲ, ଗଣେଶ କୁମ୍ଭାର, କୃପାରାମ ଭଇସାଲ, ନବୀନ କଠାର ପ୍ରମୁଖ ଉପସ୍ଥିତ ରହି ସଂଚାର ଗୁରୁ ଦୁଃଖନାଶନ ବେହେରା ଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅପର୍ଣ କରି ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଗଣେଶ ସୁନା ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

● ବାଣିଜ୍ୟକ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି

## କାଠ ଭରସାରେ ହୋଟେଲ ଓ ଦୋକାନୀ

ପଦ୍ମପୁର,୧୨।୫(ସମିସ): ଦୁଇ ମାସରୁ ଅଧିକ ସମୟ ଧରି ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ସମଗ୍ର ଦେଶରେ ଜାଳେଣୀ ସଂକଟ ଦେଖାଦେଇଛି। ଫଳରେ ବହୁ ହୋଟେଲ ଓ ଜଳଖିଆ ଦୋକାନ କାଠ ଉପରେ ନିର୍ଭର କରୁଛନ୍ତି। ପୂର୍ବରୁ ପଦ୍ମପୁର ଅଞ୍ଚଳର ସମସ୍ତ ଉଠା ଟିଫିନ ତଥା ଫାଷ୍ଟ ଫୁଡ ଦୋକାନୀ ଗ୍ୟାସ୍ ଉପରେ ନିର୍ଭର କରୁଥିଲେ କିନ୍ତୁ ବାଣିଜ୍ୟକ ଗ୍ୟାସର ମୂଲ୍ୟ ବୃଦ୍ଧି ସେମାନଙ୍କ ପାଇଁ ସମସ୍ୟା ଆଣିଛି।ଏଥିପାଇଁ ସହର ତଥା ଗ୍ରାମାଞ୍ଚଳରେ ଜାଳେଣୀ କାଠର ଚାହିଦା ବୃଦ୍ଧି ପାଇଛି।ଗ୍ୟାସ୍‌ର ସମସ୍ୟା ଦେଖି ରାସ୍ତା କଡର ଉଠା ଦୋକାନୀ ଆଗକୁ ଜାଳେଣୀ କାଠ ସଂଗ୍ରହ କରି ଗଚ୍ଛିତ ରଖିଛନ୍ତି।ଏହାରି ସୁଯୋଗ ନେଇ ଅନେକ କାଠ ମାଫିଆ ସକ୍ରିୟ ହୋଇ ଉଠିଛନ୍ତି।ଜଙ୍ଗଲରୁ କାଠ କାଟିବା ପାଇଁ ସେମାନେ ଜଙ୍ଗଲ ଅଞ୍ଚଳରେ ଶ୍ରମିକ ନିୟୋଜିତ କରି କାଠ କାଟୁଥିବା ଅଭିଯୋଗ ହେଉଛି।ଏଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।ନଚେତ ଯେଉଁ ଭଳି ଗଛ କଟା ଚାଲିଛି ଜଙ୍ଗଲ ଶୂନ୍ୟ ପାଇଁ ବେଶୀ ଦିନ ଲାଗିବ ନାହିଁ ବୋଲି ପରିବେଶବିଦ୍ ମତ ଦେଇଛନ୍ତି।

# ଇଚ୍ଛାମୃତ୍ୟୁ ଆବେଦନ କରିଥିବା ଚାଷୀଙ୍କୁ ଭେଟିଲେ ବିଜେଡି ନେତୃମଣ୍ଡଳୀ

**ନିବୃତ୍ତ ରହିବାକୁ ଆଶ୍ୱାସନା | ଜୋରଦାର ହେବ ଆନ୍ଦୋଳନ**

ଭେଡେନ,୧୨।୫(ସମିସ)

ଭେଡେନ ବ୍ଲକ୍ ଅନ୍ତର୍ଗତ ରେମଣ୍ଡା ପାକ୍ସ ଅଧିନ ତାଲମେଣ୍ଡା ପଞ୍ଚାୟତର ଶତାଧିକ ଚାଷୀଙ୍କ ପ୍ରାୟ ୨୮ ହଜାର ପେକେଟ ଧାନ ପଞ୍ଜିକୃତ ନ ହୋଇ ବିକ୍ରୟ ହୋଇପାରିନାହିଁ।ଆଜକୁ ପ୍ରାୟ ଦୁଇମାସ ହେବ ଚାଷୀ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ଦିନରାତି ବସିଛନ୍ତି।ହେଲେ ପ୍ରଶାସନ ନା ସରକାର କେହି ତତ୍ପରତା ଦେଖାଉଛନ୍ତି ନା ଚାଷୀଙ୍କ ପାଖକୁ ଆସୁଛନ୍ତି। ଇତି ମଧ୍ୟରେ ଚଳିତ ବର୍ଷର ଜିଲ୍ଲା ଧାନକ୍ରୟ କମିଟିର ବୈଠକ ଚାଷୀ ପ୍ରତିନିଧିଙ୍କୁ ଗିରଫ କରି ଥାନାମାନଙ୍କରେ ଅଟକ ରଖି ବିନା ଚାଷୀରେ ବୈଠକ କରି ବିଧାୟକମାନେ ଦାୟିତ୍ୱହୀନ ମନ୍ତବ୍ୟ ଚାଷୀମାନଙ୍କୁ ହତୋତ୍ସାହିତ କରିଛି।ଚାଷୀମାନେ ବାରମ୍ବାର ବିଭିନ୍ନ ପ୍ରତିକାତ୍ମକ ପ୍ରତିବାଦ କରି ଆଜି ହତାସ ହେଲେଣି। ସୋମବାର ଭେଡେନ ବ୍ଲକ୍‌କୁ ଜନଶୁଣାଣି ପାଇଁ ଆସିଥିବା ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି ଚାଷୀ ବିକାଶ ଭୋଇ ଓରଫ ରୋହିତ। ସେ ଲିଖିତ ଭାବରେ ଜଣାଇଛନ୍ତି କି ଗତ ରବିରୁତୁର ଧାନ ବିକି ନପାରି ସହଁରାଟିକ୍ରା ମଡେଲ ମାର୍କେଟରେ ପଡି ରହିଛି।ସେଥିପାଇଁ ସେ ଚାପରେ ଥିବା କହିଛନ୍ତି।ଘରେ ତାଙ୍କ ବୃଦ୍ଧ ମାଆ-ବାପା ଶର୍ଯ୍ୟାଶାୟୀ ଅଛନ୍ତି।ତାଙ୍କପାଇଁ ଔଷଧ ଟିକିଏ ପାଇଁ ପଇସା ନାହିଁ। ପିଲାଙ୍କ ପାଠପଢା ପାଇଁ ପଇସା ନାହିଁ ଘର ଚଳିବ କେମିତି ମାନସୀକ ଭାବେ ଚିନ୍ତାଗ୍ରସ୍ତ ହୋଇ ଏଭଳି



ଚରମପଦକ୍ଷେ ନେଇଥିବା ଜଣାଯାଏ। ଏହି ଖବରକୁ ନେଇ ସାରାରାଜ୍ୟରେ ହୋଇଚଇ ସୃଷ୍ଟି ହୋଇଛି।ଏଭଳି ଏକ ସ୍ୱର୍ଶକାତର ତଥା ହୃଦୟ ବିଦାରକ ଘଟଣା ଜାଣିଲା ପରେ ଚାଷୀ ବିକାଶ ଭୋଇଙ୍କୁ ଭେଟିବିକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ତାଲମେଣ୍ଡାରେ ପହଞ୍ଚି ତାଙ୍କୁ ଆଶ୍ୱାସନା ଦେବା ସହିତ ଚାଷୀ ବିକାଶ ଭୋଇଙ୍କ ଠାରୁ ସମସ୍ତ ଘଟଣା ଶୁଣିବା ପରେ ତାଙ୍କୁ ପ୍ରତିନିଧି ମଣ୍ଡଳୀ ଭାଙ୍ଗି ନ ପଡି ନିଜ ପରିବାର ଓ ପିଲାଙ୍କ ଭବିଷ୍ୟତ ପାଇଁ ଧର୍ଯ୍ୟର ସହ ରହିବା ପାଇଁ ବୁଝାଇଛନ୍ତି। ପ୍ରତ୍ୟେକ ପରିସ୍ଥିତିରେ ବିଜେଡି ତୁମସହ ରହି ଲଢେଇ କରିବ ବୋଲି ଭରଷା ଦେଇଛନ୍ତି।କୌଣଷି ପ୍ରକାର ଚରମ ପଦକ୍ଷେପ ନ ନେବାକୁ ଅନୁରୋଧ କରିଛନ୍ତି। ପରେ ପ୍ରତିନିଧି ମଣ୍ଡଳୀ ସହଁରାଟିକ୍ରା ମଡେଲ ମାର୍କେଟକୁ ଯାଇ ଧାନର ସ୍ଥିତି ପରଖିଛନ୍ତି।ଏହି ପ୍ରତିନିଧ ମଣ୍ଡଳୀରେ ରାଜ୍ୟପରିଷଦ ସଭ୍ୟ ଗୌରହରି ମିଶ୍ର ,ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ,ଭେଡେନ ବ୍ଲକ୍ ବିଜେଡି ସଭାପତ ହରିଶଙ୍କର ବେହେରା ,ମହିଳା ସଭାନେତ୍ରୀ ପଦ୍ମିନୀ ଗଡତିଆ ,ପଞ୍ଚାୟତ ସଭାନେତ୍ରୀ ପୁଷ୍ପା ଦାସ,ବରିଷ୍ଠନେତା ମହମଦ୍ ଜମିର,ବିଜୟ ଭୋଇ ,ଗୋବିନ୍ଦ ଚଉଳିଆ ,ସରୋଜ ସାହୁ ,ରାଜିବ ମହାପାତ୍ର ,ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଚାଷୀଙ୍କ ବୃଦ୍ଧ ମାତା ପିତାଙ୍କ ଦୁଇମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ବନ୍ଦ କରାଯିବା ଷଡଯନ୍ତ୍ର କି। ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିବା ଚାଷୀ ତଥା ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଇଚ୍ଛାମୃତ୍ୟୁ କାମନା





କରିଥିବା ଚାଷୀଙ୍କ ବୃଦ୍ଧ ପିତା ଯାହାଙ୍କ ବୟସ ୯୪ ବର୍ଷ ଏବଂ ମାଆଙ୍କ ବୟସ ୮୫ବର୍ଷ ଉଭୟେ ଶଯ୍ୟାଶାୟୀ। ଫଳରେ ଔଷଧ ପାଇଁ ଖର୍ଚ୍ଚ କରୁଥିବା ପୁଅ ଅସହାୟ ହୋଇ ପଡିଛନ୍ତି। ଜଣେ ଚାଷୀଙ୍କ ପ୍ରତି ପ୍ରଶାସନର ଅବହେଳାର ନଗ୍ନ ଚିତ୍ର ବାରି ହୋଇପଡୁଛି।

● ବରଗଡ଼ ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦଙ୍କ ଆଲୋଚନା

ବରଗଡ,୧୨। ୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବରଗଡ଼ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ ଭୁବନେଶ୍ୱରସ୍ଥିତ ବାସ ଭବନରେ ସୋମବାର ସାକ୍ଷାତ କରି ବରଗଡ଼ ସାଂସଦୀୟ କ୍ଷେତ୍ରର ବହୁ ସମସ୍ୟା ଓ ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିଶେଷ ଭାବରେ ବରଗଡ଼-ନୂଆପଡ଼ା ରେଲୱେ ଲାଇନ୍ ପାଇଁ ଜମି ଅଧିଗ୍ରହଣ ଓ କାର୍ଯ୍ୟ ତ୍ୱରାନ୍ୱିତ କରିବା,ବରଗଡ଼ କେନ୍ସର ହସ୍ପିଟାଲ ତୁରନ୍ତ ସଚଳ କରିବା,ଝାରସୁଗୁଡ଼ା



ଜିଲ୍ଲାରେ ପ୍ରତିଷ୍ଠିତ ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ରାଜ୍ୟର ଅନ୍ୟାନ୍ୟ ସ୍ଥାନ ପରି ବରଗଡ଼ ଚିନିକାରଖାନାକୁ ପୁନଃ ଉଦ୍ଧାର କରିବା , ନୃସିଂହନାଥ-ହରିଶଙ୍କର ମଧ୍ୟରେ ରୋପ୍‌ୱେ ନିର୍ମାଣ କରିବା,ଧାନ ସଂଗ୍ରହ ନୀତି,କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ସମସ୍ୟା ଆଦି ପ୍ରସଙ୍ଗରେ ଦୀର୍ଘ ସମୟ ଧରି ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

## ନିଖିଳ ଉତ୍କଳ କୁଲି ମେହେର ସମାଜର ବୈଠକ

ବରପାଲି,୧୨।୫(ସମିସ):ବରପାଲି ଆଶୀର୍ବାଦ କଲ୍ୟାଣ ମଣ୍ଡପ ପରିସରରେ ନିଖିଳ ଉତ୍କଳ କୁଲି ମେହେର ସମାଜ, ବରଗଡ ଜିଲ୍ଲା ସ୍ତରିୟ ତୃତୀୟ କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମଧୁସୂଦନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବରେସୁବଳମେହେର, ପୂର୍ବତନ ନାବାର୍ଡ ଅଧିକାରୀ ଓଡ଼ିଶା, ସମ୍ମାନିତ ଅତିଥି ଭାବରେ ଦଶରଥ ମେହେର, ସଭାପତି ନିଖିଳ ଉତ୍କଳ କୁଲି ମେହେର ସମାଜ,ଡୋଲାମଣି ମେହେର, ମୁଖ୍ୟ ଉପଦେଷ୍ଟା, ରାଜ୍ୟ କମିଟି, ରାମ ମେହେର, ଉପସଭାପତି ରାଜ୍ୟ କମିଟି, ଘନଶ୍ୟାମ ମେହେର, ସଭାପତି ନିଖିଳ ଉତ୍କଳ କୁଲି ମେହେର ସମାଜ, ସୁବର୍ଣ୍ଣପୁର ଜିଲ୍ଲା, ପୁରନ ମେହେର, ସଂପାଦକ ନିଖିଳ ଉତ୍କଳ କୁଲି ମେହେର ସମାଜ ଯୋଗ ଦେଇଥିଲେ। ବରଗଡ ଜିଲ୍ଲା ନିଖିଳ ଉତ୍କଳ କୁଲି ମେହେର ସମାଜ ସଂପାଦକ ସୁଦାମ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାରେ ବରଗଡ ଜିଲ୍ଲା ଅନ୍ତର୍ଗତ ୫୮ ଖଣ୍ଡ ଗ୍ରାମର ତିନିଶହରୁ ଅଧିକ ଲୋକଙ୍କ ଯୋଗଦାନ୍ ରହିଥିଲା। ବାଗବାଡି ଗ୍ରାମର ଧିରେନ ମେହେରଙ୍କୁ ସମାଜ ତରଫରୁ ଉପଢୌକନ ସହ ମାନପତ୍ର ପ୍ରଦାନ କରଯାଇଥିଲା।୨୦୨୫-୨୬ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର/ଛାତ୍ରୀ ବାଦଲ ମେହେର, ଶ୍ରୀୟା ମେହେର, ନମିତା ମେହେର, ଆୟୁଷ ମେହେର, ଭାଗ୍ୟବତି ମେହେର, ଆୟେଶା ମେହେର, ଶୁଭଶ୍ରୀ ମେହେର, ଟିକି ମେହେର, ମାନିନୀ ମେହେରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ



ସମ୍ମାନିତ କରାଯାଇଥିଲା। ଜିଲ୍ଲା ସଭାପତି ମଧୁସୂଦନ ମେହେର ନିଜ ଜାତି ସମାଜର ଭାଇ ଓ ଭଉଣୀଙ୍କ ପାଇଁ ଆଗାମୀ ଦିନରେ ଆର୍ଥିକ ଅସୁବିଧାରେ ଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସହ ପାଠ ପଢାରେ ସାହାଯ୍ୟ ସହଯୋଗ ନିଖିଳ ଉତ୍କଳ କୁଲି ମେହେର ସମାଜ ତରଫରୁ ପ୍ରଦାନ କରିଯିବ ବୋଲି ଘୋଷଣା କରିଥିଲେ। ସଭାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ତିଳାରାମ ମେହେର, ଜିଲ୍ଲା କୋଷାଧ୍ୟକ୍ଷ ନିବାସ ମେହେର, ଜିଲ୍ଲା ସହ ସଂପାଦକ ରତନ ମେହେର, ସନ୍ତୋଷ ମେହେର, ଉପସଭାପତି ରୋହିତ ମେହେର ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ବରପାଲି, କୁସନପୁରୀ ଗ୍ରାମର ସଦସ୍ୟ ଭାଇମାନେ ସଭା ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

## ଝାରବନ୍ଧରୁ ସରକାରୀ ବସ୍ ସେବା ପାଇଁ ଦାବି

● ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ଝାରବନ୍ଧ,୧୨।୫(ସମିସ):ଝାରବନ୍ଧ ବ୍ଲକ୍‌ର ସଚେତନ ନାଗରିକମାନେ ଝାରବନ୍ଧ ତହସିଲଦାରଅଲେଖଘୁଟାଙ୍କମାଧ୍ୟମରେମୁଖ୍ୟମନ୍ତ୍ରୀମୋହନଚରଣମାଝୀଙ୍କଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଝାରବନ୍ଧରୁ ବରଗଡ଼ ଓ ଭୁବନେଶ୍ୱରକୁ 'ମୁଖ୍ୟମନ୍ତ୍ରୀ ବସ୍‌ସେବା' ଆରମ୍ଭ କରିବାକୁ ଦାବି କରାଯାଇଛି।ସଚେତନ ନାଗରିକମାନଙ୍କ କହିବା ଅନୁସାରେ, ଝାରବନ୍ଧ ବ୍ଲକ୍‌ରୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ବସ୍‌ସେବା ଚାଲୁ ହୋଇନଥିବାରୁ ଛାତ୍ରଛାତ୍ରୀ,ରୋଗୀ, କର୍ମଚାରୀ, ଚାଷୀ ଓ ସାଧାରଣଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ'ମୁଖ୍ୟମନ୍ତ୍ରୀ ବସ ସେବା' ଯୋଜନା ଅନୁସାରେ ଝାରବନ୍ଧକୁ ଯୋଡ଼ାଯାଇଲେ ଅଞ୍ଚଳର ଯାତାୟାତ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ହରିଜନ, ନୀଳାମ୍ବର ସାହୁ, ବିଷ୍ଣୁଚରଣ ସାହୁ, ଦିବସ କୁମାର ସାହୁ, କରୁଣା ପ୍ରଧାନ, ରାହୁଲ ସେଠ, ମହେନ୍ଦ୍ର ପ୍ରଧାନ, ଟିକେଶ୍ୱର ପଟେଲ, ଦୟାନିଧି ସାହୁ, ଶରତ କୁମାର ସାହୁ,ଅକ୍ରୁର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭେଡେନ ମଧ୍ୟପଡ଼ା ପ୍ରିମିୟର ଲିଗ କ୍ରିକେଟ୍; ପ୍ରମେୟ ଇଲେଭେନ ବିଜୟୀ

ଭେଡେନ,୧୨।୫(ସମିସ):ଭେଡେନ ସ୍ଥିତବଜାର ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ମଧ୍ୟପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ସୋମବାର ଅନୁଷ୍ଠିତ ମ୍ୟାଚ୍ ପ୍ରମେୟ ଇଲେଭନ ଓ ଦେଶି ବ୍ଲାଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦେଶି ବ୍ଲାଷ୍ଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୬୯ରନ ସଂଗ୍ରହ କରିଥିଲା ଜବାବରେ ,ପ୍ରମେୟ ଇଲେଭେନ ବ୍ୟାଟିଂ କରି ୯.୧ ଓଭରରେ ୪ ଉଇକେଟ ହରାଇ ୭୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥି ଭାବରେ ଗୌର ଦେହେରି ଓ ସୁଶାନ୍ତ ସାହୁ ଯୋଗଦାନ କରି ପ୍ରମେୟ ଇଲେଭେନର ହାରାଧନ ଭୁକ୍ତା ମେନ ଅପ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।ଅନୁଷ୍ଠିତ ମ୍ୟାଚ୍‌କୁ ମୁକ୍ତିରଞ୍ଜନ ବନଛୋର ଓ ଜଳେଶ ନାଏକ ପଚାଳନା କରିଥିବା ବେଳେ ସ୍କୋରର ଭାବରେ ରାହୁଲ ଅଦାବର ଓ ଓମ ଲହରିଆ ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟପଡ଼ାର ଏମଡି ରାଜୁ,ରୀଙ୍କୁ ମଡ଼ପାଚି, ସୁନିଲ ସାହୁ, ଆରତ ପଟେଲ, ଗଜିନ ମେହେର, ରାଜା ମେହେର, ଜିତୁ ବାଗ,ସଚିଦାନନ୍ଦ ସାହୁ, ଗଣେଶ ମହାଲିଙ୍ଗ, ସଂଜୟ ଲହରିଆ,ସିବିଲ ପଧାନ,ସୁବଳ ଥପା, ସଞ୍ଜୟ ଲହରିଆଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମାଣ୍ଡୋସିଲ ଦ୍ୱିତୀୟ ନାଇଟ୍ କ୍ରିକେଟ କପ୍ ଉଦ୍‌ଘାଟିତ

ପାଇକମାଲ,୧୨।୫(ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଗ୍ରାମରେ ଆୟୋଜିତ ଦ୍ୱିତୀୟ ନାଇଟ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି।ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ବ୍ଲକ୍ କଂଗ୍ରେସ କମିଟି ସଭାପତି ମହେନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଖେଳାଳିଙ୍କୁ ଖେଳ ସ୍ପୃହା, ଶୃଙ୍ଖଳା ଓ ଭାଇଚାରା ମନୋଭାବ ସହିତ ଖେଳିବାକୁ ପ୍ରେରଣା ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଉଗ୍ରସେନ ପ୍ରଧାନ ଗ୍ରାମୀଣ ଅଞ୍ଚଳରେ ଏପରି କ୍ରୀଡା ଆୟୋଜନ ଯୁବପିଢିଙ୍କୁ ସଠିକ୍ ପଥରେ ଆଗେଇ ନେବା ସହ ସାମାଜିକ ଏକତାକୁ ମଜବୁତ କରେ। ସେ ଆୟୋଜକକମିଟିଙ୍କଉଦ୍ୟମକୁଭୁରିଭୁରିପ୍ରଶଂସାକରିଥିଲେ।ଉଦଘାଟନୀ ମ୍ୟାଚ୍‌କୁ ଦେଖିବା ପାଇଁ ବହୁ ସଂଖ୍ୟକ କ୍ରିକେଟ ପ୍ରେମୀ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ରାତ୍ରିକାଳୀନ ଆଲୋକ ସଜ୍ଜା ମଧ୍ୟରେ ଖେଳ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ହୋଇଉଠିଥିଲା।ଉଦ୍‌ଘାଟନୀ ମ୍ୟାଚ୍ ବରତୁଣ୍ଡା ଓ ସହିତ ଭରୁଆମୁଣ୍ଡା ମଧ୍ୟରେ ହୋଇଥିଲା। ଯୋଗିନ୍ଦ୍ର ହଂସ ଓ ହେମାନନ୍ଦ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବିଜୁ ବରିହା କାର୍ଯ୍ୟ ତୁଲାଇଥିଲେ।ନିପୁ କୁମ୍ଭାର ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୨୮ଟି ଦଳ ଅଂଶଗ୍ରହଣ କରିବେ ଯାହା ଆଗାମୀ ଦିନଗୁଡ଼ିକରେ ବିଭିନ୍ନ ଦଳ ମଧ୍ୟରେ ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ଲୋକ ରଞ୍ଜନୀ' ଉଦ୍‌ଘାଟିତ

ବରଗଡ଼,୧୨।୫(ସମିସ)

ଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ସଙ୍ଗୀତ ଏକାଡେମୀ ଏବଂ ଓଡ଼ିଶା ପ୍ରଦେଶର ସଂସ୍କାର ଭାରତୀ ପକ୍ଷରୁ ସୋମବାର ଠାରୁ ୩ ଦିନ ଯଦୁମଣି ପ୍ରେକ୍ଷାଳୟ ବରଗଡ଼ରେ "ଲୋକ ରଞ୍ଜନୀ" କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ସାଂସଦ ବରଗଡ଼ ପ୍ରଦୀପ କୁମାର ପୁରୋହିତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ।ବରଗଡ଼ ମାଟି ହେଉଛି କଳାକାରଙ୍କ ମାଟି। ସବୁବେଳେ କଳାକାରଙ୍କୁ ଏହି ମାଟି ସମ୍ମାନ ଦେଇ ଆସିଛି ଆଜି ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ବରଗଡ଼ ଜିଲ୍ଲା ରେ ଲୋକ ରଞ୍ଜନି କାର୍ଯ୍ୟକ୍ରମ ପ୍ରଥମ କରି ଅନୁଷ୍ଠିତ



ହେଉ ଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସାଂସଦ ପ୍ରଦୀପ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛଉ ନୃତ୍ୟ,ଘଣ୍ଟ ପାଟୁଆ,ଲଉଡ଼ି, ଡାଲଖାଇ, ପରଭା ନୃତ୍ୟ,ଢାପ ନୃତ୍ୟ, କୋନାବରୀ ନୃତ୍ୟ, ଶଦ୍ଧ ନୃତ୍ୟ, ଜାମୁଡାଲି, ନଚନିଆ,ବଜନିଆ, ବଜାସାଲ, ଘୁଡ଼କା ନୃତ୍ୟ, ପାଇକ ଆଖଡ଼ା, ଘୋଡାନାଚ, ବାଘ ନୃତ୍ୟ, ଧୁନକେଲ୍, ଘୁମୁରା, ଖଞ୍ଜଣି, କୁଇ ନୃତ୍ୟ , ଦୁରୁଆ ନୃତ୍ୟ, ଝୁମେର ଆଦି ଲୋକନୃତ୍ୟ ପରିବେଶବିତ୍ ହୋଇଥିଲା ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସଚିବ ଚନ୍ଦ୍ର ଶେଖର ହୋତା, ଡ.ଅରୂପା ନନ୍ଦ ସାହୁ, ଡ.ସତ୍ୟ ସାଇ ନାଏକ,ଗଦାଧର ବାରିକ, ଡ, ତପସ୍ୱନୀ ଗୁରୁ, ଗୋପାଳ ଦାଶ , କେଶ ରଞ୍ଜନ ପ୍ରଧାନ, ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲଙ୍କ ସମେତ ବହୁ ବିଶିଷ୍ଟ କଳାକାର ଉପସ୍ଥିତ ଥିଲେ।

## ଝାରବନ୍ଧରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଝାରବନ୍ଧ,୧୨।୫(ସମିସ): ଝାରବନ୍ଧ ଥାନାରେ ନୂତନ ଥାନା ଅଧିକାରୀ ଭାବେ ସଞ୍ଜୟ କୁମାର ପରିଡା ଯୋଗଦାନ କରିଛନ୍ତି।ସୋମବାର କାର୍ଯ୍ୟଭାର ଗ୍ରହଣ କରି ଥାନାର କର୍ମଚାରୀମାନଙ୍କ ସହ ପରିଚୟ ପରେ ଅଞ୍ଚଳର ଆଇନଶୃଙ୍ଖଳାସ୍ଥିତି ଉପରେ ସମୀକ୍ଷା କରିଥିଲେ। ବରଗଡ ସାଇବର ଥାନାରେ କାର୍ଯ୍ୟ କରୁଥିଲେ। ଥାନା ଅଧିକାରୀ ଶ୍ରୀ ପରିଡା କହିଛନ୍ତି ଯେ, ଝାରବନ୍ଧ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ତାଙ୍କର ପ୍ରଥମ ପ୍ରାଥମିକତା ରହିବ। ବିଶେଷକରି ଅପରାଧ ନିୟନ୍ତ୍ରଣ, ନିଶାଦ୍ରବ୍ୟ



ଚୋରାଚାଲାଣ ରୋକ ଏବଂ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ କାମ କରିବେ ବୋଲି କହିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ କରିବା ସହ ତାଙ୍କର କାର୍ଯ୍ୟକାଳରେ ଝାରବନ୍ଧରେ ଆହୁରି ସୁଦୃଢ଼ ପୁଲିସ ବ୍ୟବସ୍ଥା ଓ ଜନସାଧାରଣଙ୍କ ସହ ସୁସମ୍ପର୍କ ଗଢ଼ିଉଠିବ ବୋଲି ଆଶା ପ୍ରକାଶ କରିଛନ୍ତି।





# ଗୋଟିଏ କୋଠାରେ ଦୁଇଟି ଥାନା

## ଏତଲା ଦେବାକୁ ଯାଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ଅଭିଯୋଗକାରୀ

## କେବେ ମିଳିବ ସାଇବର୍ ଥାନାକୁ ନୂଆ କୋଠା

ଭୁବନେଶ୍ୱର, ୧୨।୫(ସମିସ): ଦିନକୁ ଦିନ ବଢୁଥିବା ସାଇବର ଅପରାଧକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଥାନା ସଂଖ୍ୟା ବୃଦ୍ଧି କରାଯିବା ସହ ସାଇବର ପୁଲିସକୁ ଅଧିକ ପ୍ରଶିକ୍ଷଣ ଦିଆଯାଉଛି। ତେବେ ଏଭଳି ସ୍ଥିତିରେ ଭୁବନେଶ୍ୱର ସାଇବର ଥାନାକୁ ନୂତନ କୋଠା ନ ମିଳିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭିଏସ୍ଏସ୍ ନଗରରେ ଥିବା ପୁଲିସ ଫାଣ୍ଡିରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାକୁ ଅସ୍ଥାୟୀ ଭାବେ ଚାଲୁ କରାଯାଇଥିଲା। ତେବେ ଏପ୍ରିଲ ୫ରେ ଉକ୍ତ ଥାନାକୁ ମୈତ୍ରୀ ବିହାର ଥାନା କୋଠାକୁ ସ୍ଥାନାନ୍ତର କରାଯାଇଛି। ଏପରିକି ଗୋଟିଏ ସ୍ଥାନରେ ୨ଟି ଥାନାର ବୋର୍ଡ ମଧ୍ୟ ଲଗାଯାଇଛି।

ତେବେ ଭିତ୍ତିଭୂମି ନ ଥାଇ ସାଇବର ଥାନାକୁ ମୈତ୍ରୀବିହାର ଥାନା କୋଠାକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଏଥିଲାଗି ସରକାରୀ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଥାନା ସ୍ଥାନାନ୍ତର ଫଳରେ ଅନେକ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ଅଭିଯୋଗକାରୀ ସାଇବର ଠକେଇର ଶିକାର ହୋଇ ଭିଏସ୍ଏସ୍ ନଗରରେ ଥିବା ଥାନାକୁ ଯାଉଛନ୍ତି। ହେଲେ ସେଠାକୁ ଯାଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ମୈତ୍ରୀ ବିହାର ଥାନା କୋଠାର ପ୍ରଥମ ମହଲାରେ ବାରାକ୍ ଓ ବିଶ୍ରାମ କକ୍ଷକୁ ସାଇବର ଥାନା କରିଦିଆଯାଇଛି। ଫଳରେ ଫୋର୍ସ ରହିବାକୁ ଓ ବିଶ୍ରାମ ନେବାକୁ ସ୍ଥାନ ନାହିଁ। ସାଇବର ଥାନାର ସ୍ୱତନ୍ତ୍ର ହାଜତ ଗୃହ ନାହିଁ। ଫଳରେ ଅଭିଯୁକ୍ତମାନଙ୍କୁ ମୈତ୍ରୀ ବିହାର ଥାନା ହାଜତରେ ରଖାଯାଉଛି। ସାଇବର ଥାନାର ଅଭ୍ୟର୍ଥନା କକ୍ଷ ନାହିଁ। ସଙ୍କୁଚିତ ସ୍ଥାନରେ ଚେୟାର ଓ ଟେବୁଲ ପକାଯାଇ ଅଭ୍ୟର୍ଥନା କରାଯାଉଛି।

ଥାନା ପ୍ରଥମ ମହଲାରେ ଚାଲୁଥିବାରୁ ଅଭିଯୋଗ କରିବାକୁ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ହଇରାଣରେ ପଡୁଛନ୍ତି। ସେମାନେ ଶିଡ଼ିରେ ଯାତାୟାତ କରିବାକୁ ସମସ୍ୟା ହେଉଛି। ସହିଦନଗରର ରମା ଜେନା ୨୦ ହଜାର ଠକେଇ ସମ୍ପର୍କରେ ଅଭିଯୋଗ କରିବାକୁ ଗୁରୁବାର ଏପ୍ରିଲ ୩୦ (ଗୁରୁବାର) ସାଇବର ଥାନାକୁ ଯାଇଥିଲେ। ରମା କହିଛନ୍ତି, ସାଇବର ଥାନା ସ୍ଥାନାନ୍ତର ହୋଇଥିବା ନେଇ ମୁଁ ଜାଣିନଥିଲି। ପ୍ରଥମେ ମୁଁ ଅଭିଯୋଗ କରିବାକୁ ଭିଏସଏସ ନଗର ଯାଇଥିଲି। ପରେ ଜଣେ ଅଟୋ ଚାଳକଙ୍କ ସହାୟତାରେ ମୈତ୍ରୀ ବିହାରସ୍ଥିତ ସାଇବର ଥାନାକୁ ଆସିଥିଲେ ବୋଲି ସେ କହିଛନ୍ତି। ପୁଲିସ ଫାଣ୍ଡିରେ ସାଇବର ଥାନା ଚାଲୁଥିବାରୁ ସମସ୍ୟା ହେଉଥିଲା। ତେଣୁ ଅସ୍ଥାୟୀ ଭାବେ ମୈତ୍ରୀ ବିହାର ଥାନା କୋଠାରେ ସାଇବର ଥାନା ଚାଲିଛି। ଖୁବଶୀଘ୍ର ସାଇବର ଥାନା ପାଇଁ ନୂଆ କୋଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।




## ସ୍କାଉଟ୍ସ ଗାଇଡ୍ସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୨।୫(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଂସ୍ଥାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଅଛି। ରାଜ୍ୟ ମୁଖ୍ୟ କମିସନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିସନରଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭ୍ୟମାନେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଅନାମିକା ଦାସ ସ୍ୱାଗତ ଅଭିଭାଷଣ ପରେ ଯୁଗ୍ମ ସମ୍ପାଦକ ବିବରଣୀ ପାଠ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍ର ସଭ୍ୟ ସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣା ଫଟୋ
## ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୨।୫(ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର। ଆଜି ଭଳି କୋଳାହଳ ନା ଭରପୁର ଜଙ୍ଗଲ ନା ଅଲଗା କିଛି। ସେଦିନର କଥାକୁ ଯିଏ ଦେଖିଛି ସିଏ କହିବ। ଆଉ ଯିଏ ଦେଖି ନାହିଁ ସେ କେମିତି ଫେରିପାରିବ ସେ ପୁରୁଣା ଦିନ ପାଖକୁ। ସାଇତା ସ୍ମୃତି, ସ୍ୱର୍ଦ୍ଧିତ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ସେହିପରି ଏକ ପୁରୁଣା ଫଟୋ ଯିଏକୁ ଅନେକ ବର୍ଷ ତଳର ଏକ ପର୍ଯ୍ୟଟନସ୍ଥଳୀକୁ ମନେ ପକାଇଦେଇଛି।

ଇତିହାସ ପୃଷ୍ଠାର ଅନ୍ୟତମ କିର୍ତ୍ତିରାଜୀ ହେଉଛି ଧଉଳୀସ୍ଥିତ ଅଶୋକଙ୍କ ପ୍ରାଚୀନ ଶିଳାଲେଖ। ସେହି ସ୍ଥାନର ଏକ ପୁରୁଣା ଫଟୋ, ଯାହାକି ୧୯୫୦ ମସିହାର ବୋଲି ଜଣାପଡ଼ିଛି। ଏହି ଫଟୋରେ ଅଶ୍ୱତ୍‌ଥାମା ପାହାଡ଼ ଉପରେ ରହିଥିବା ତୃତୀୟ ଶତାବ୍ଦୀର ଶିଳାଲେଖର ଦୃଶ୍ୟ ପରିଲକ୍ଷିତ ହୋଇଥିବାବେଳେ ଏହାସହିତ ନିକଟରେ ବସିଥିବା ଏକ ଛୋଟ ପିଲାକୁ ମଧ୍ୟ ଦେଖିବାକୁ ମିଳିଛି। ସେ ଦିନର ଚିର ଅମ୍ଳାନ ଐତିହ୍ୟର ମୁକସାକ୍ଷୀ ହୋଇ ଠିଆ ହୋଇଥିବା ଏହି ପଥରରେ ଲେଖାଅଛି ଅଶୋକଙ୍କ କୀର୍ତ୍ତିରାଜି। ଏଠାରେ ହିଁ କଳିଙ୍ଗ ଯୁଦ୍ଧରେ ସେ ବିଜୟ ହୋଇଥିଲେ ଓ ପରେ ପରେ ଏହା ତାଙ୍କ ଜୀବନରେ ଏକ ନୂଆ ମୋଡ଼ ଆଣି ଦେଇଥିଲା। ଏନେଇ କଳିଙ୍ଗର ଲୋକମାନଙ୍କର ଶାନ୍ତି ପ୍ରତିଷ୍ଠା ପାଇଁ ସେ ପ୍ରାଚୀନ ଭାଷାରେ ପଥରରେ ଲେଖିଯାଇଛନ୍ତି ତାଙ୍କ କୀର୍ତ୍ତି। ଯାହା ହାତୀର ଶରୀରରେ ଖୋଦିତ ହୋଇ ରହିଛି।

## ଶ୍ରୀମଦନ ମୋହନ ଦେବଙ୍କ ନାଗାଯାତ୍ରା ଉତ୍ସବ



ଧଉଳି, ୧୨।୫(ସମିସ): ବାଲକାଟି ସ୍ଥାନୀୟ ଅଞ୍ଚଳର ଶ୍ରୀମଦନ ମୋହନ ଦେବଙ୍କ ଚନ୍ଦନ ନୀତି ଶେଷ ହେବା ସହିତ ନାଗା ଯାତ୍ରା ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଯାତ୍ରାରେ ବ୍ୟବହୃତ ଖଣ୍ଡ, ଠେଙ୍ଗା, କାଠ ବନ୍ଧୁକ, ଆଦି ଅନେକ ଅସ୍ତ୍ର ଶାସ୍ତ୍ର ପୂଜା ହେବା ପରେ ମହୁରୀ ଏବଂ ତାଳମୁଳି, ଦୁଲଦୁଲି ବାଜାର ମିଶ୍ରଣ ଶବ୍ଦରେ ଦୁଲୁକି ଉଠୁ ଉଠୁଥିଲା ଗାଁଦାଣ୍ଡ। ପାରମ୍ପରିକ ଶୈଳୀରେ ଦୁଇଜଣ ବ୍ୟକ୍ତି ନାଗା ବେଶ ହୋଇ ବାଜା, ମହୁରୀ ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମ ଯୁବକ ଏହି ନାଗା ନାଚର ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ଖଣ୍ଡାଖେଳ, ବାଡିବୁଲା ଖେଳ, ନିଆଁ ଖେଳ ଆଦିପ୍ରଦର୍ଶନ କରାଯାଇଥିଲା। ପରେ ଏହିନାଗା ନାଚ ଗ୍ରାମର ଆଖପାଖ ଅଞ୍ଚଳରେ ପରିକ୍ରମା କରିଥିଲେ। ପ୍ରାପ୍ତସୂଚନା ଅନୁଯାୟୀ ଏହି ନାଗା ଯାତ୍ରା କାହିଁ କେଉଁ ପୂର୍ବପୁରୁଷଙ୍କ ଦ୍ୱାରା ପ୍ରଚଳିତ ପରମ୍ପରା। ଚାରିଦେଶ ର ଆରାଧ୍ୟ ମାତା ପାର୍ବତୀଙ୍କୁ ଧରି ଚାପ ଖେଳୁଛନ୍ତି ବାବାଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଠାକୁରଙ୍କ ଏହି ନୀତିକ୍ରାନ୍ତି ୨୧ ଦିନ ଧରି ଚାଲିଥିଲା। ଆଜି ୨୨ ଦିନରେ ଅନୁରୂପ ଭାବେ ଠାକୁରଙ୍କୁ ପାଲିଙ୍କିରେ ଆଣି ଚନ୍ଦନପୋଖରୀରେ ଚାପ ଖେଳ ପରେ ଭଇଁରୀ ଖେଳ ଶେଷ ପରେ ଚନ୍ଦନ ଗୃହରେ ରହିଛନ୍ତି।

## ଏକାଦଶାହରେ କୈଳାସ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



ଧଉଳି, ୧୨।୫(ସମିସ): ଏକାଦଶାହ ଅବସରରେ ଭୁବନେଶ୍ୱର ବ୍ଲକ ଗୋପୀନାଥପୁର ଗ୍ରାମର କୈଳାସ ଚନ୍ଦ୍ର ମହାନ୍ତି(୮୫)ଙ୍କ ଏକାଦଶାହ ଅବସରରେ ସାମନ୍ତରାୟପୁରସ୍ଥିତି ସରସ୍ୱତୀ କଲ୍ୟାଣ ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ସାମିଲ ହୋଇ ସ୍ୱର୍ଗତଃ ମହାନ୍ତିଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୁଅ ଜୟନ୍ତ କୁମାର ମହାନ୍ତି, ସୁଶାନ୍ତ ମହାନ୍ତି, ସୁକାନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ତୁଷାର ମହାନ୍ତି ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ସ୍ୱର୍ଗତଃ ମହାନ୍ତି ହେଉଛନ୍ତି ସକାଳ ଖବରକାଗଜର ସ୍ଥାନୀୟ ପ୍ରତିନିଧି ସୁକାନ୍ତ ମହାନ୍ତିଙ୍କ ବାପା।

## ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା
# କେନ୍ଦ୍ର ସରକାରଙ୍କ ବିଫଳତାର ପ୍ରତିବାଦ

ଭୁବନେଶ୍ୱର, ୧୨।୫(ସମିସ): ନିଟ୍ ୨୦୨୬ ପରୀକ୍ଷାରେ ପୁନର୍ବାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ଦେଶର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଆଶା ଓ ବିଶ୍ୱାସକୁ ପୁଣିଥରେ ଭାଙ୍ଗି ଚୂରମାର କରିଦେଇଛି। ଏହି ଘଟଣା କେବଳ ଏକ ବ୍ୟବସ୍ଥାଗତ ତ୍ରୁଟି ନୁହେଁ, ବରଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କର ଚରମ ଅପାରଗତା ଓ ଦାୟିତ୍ୱହୀନତାର ପ୍ରତିଫଳନ ବୋଲି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଓଡ଼ିଶା ସୁରକ୍ଷା ସେନାର ଯୁବ ଶାଖା ଆବାହକ ପ୍ରିୟବ୍ରତ ଦାଶ କହିଛନ୍ତି ଯେ ପୂର୍ବ ବର୍ଷମାନଙ୍କରେ ନିଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତାରୁ ସରକାର କୌଣସି ଶିକ୍ଷା ଲାଭ କରିନାହାନ୍ତି। ବାରମ୍ବାର ଏପରି ଘଟଣା ଘଟିବା ପ୍ରମାଣ କରୁଛି ଯେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ଗୋଟିଏ ପଟେ 'ପରୀକ୍ଷା ପେ ଚର୍ଚ୍ଚା' ଏବଂ 'ବିକଶିତ ଭାରତ'ର ସ୍ଲୋଗାନ ଦିଆଯାଉଥିବା ବେଳେ ଅନ୍ୟପଟେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକରେ ସ୍ୱଚ୍ଛତାର ଅଭାବ ରହିଛି। ଏହି ସ୍ଲୋଗାନଗୁଡ଼ିକ ଆଜି ଛାତ୍ରଛାତ୍ରୀଙ୍କ ପାଇଁ ଅର୍ଥହୀନ ହୋଇପଡ଼ିଛି ଏତେ ବଡ଼ ବିଭ୍ରାଟ ପରେ ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ କିମ୍ବା ସମ୍ପୃକ୍ତ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଦେଶର ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଓ ବିଦେଶ ଗସ୍ତକୁ ନେଇ ସଂଗଠନ ପ୍ରଶ୍ନ ଉଠାଇଛି। ଓଡ଼ିଶା ସୁରକ୍ଷା ସେନାର ଯୁବ ଶାଖା ଆବାହକ ପ୍ରିୟବ୍ରତ ଦାଶ ଏବଂ ଛାତ୍ର ଶାଖାଆବାହକ ସଂକେତ ମହାପାତ୍ର ମିଳିତ ଭାବେ ଦାବି କରିଛନ୍ତି ଯେ, ସରକାର ତୁରନ୍ତ ଏହି ଘଟଣାରେ ନୈତିକତା ରକ୍ଷା କରି ଦାୟୀ ମନ୍ତ୍ରୀ ଓ ଅଧିକାରୀଙ୍କୁ ପଦରୁ ଅନ୍ତର କରନ୍ତୁ। ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ ଏବଂ ପରୀକ୍ଷା ବ୍ୟବସ୍ଥାରେ ଏକ ସ୍ଥାୟୀ ସଂସ୍କାର ଅଣାଯାଉ ଯଦ୍ୱାରା ଆଗାମୀ ଦିନରେ କୌଣସି ଛାତ୍ରର ପରିଶ୍ରମ ବୃଥା ଯିବ ନାହିଁ। ଯଦି ସରକାର ତୁରନ୍ତ ଦୃଢ଼ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ସୁରକ୍ଷା ସେନା ରାଜ୍ୟର କୋଣ ଅନୁକୋଣରେ ଛାତ୍ର ସମାଜର ସ୍ୱାର୍ଥ ରକ୍ଷା ପାଇଁ ଡିଜିଟାଲ୍ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ 'ଜାତୀୟ ଦାବି ଦିବସ'




ଭୁବନେଶ୍ୱର, ୧୨।୫(ସମିସ): ଭାରତର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ଆଇଏନଟିୟୁ ସି, ଏଆଇଟୁୟୁସି, ଏଚଏମଏସ, ସିଟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପି ଏଫ ଓ ସ୍ୱାଧୀନ କ୍ଷେତ୍ରୀୟ ଫେଡେରେସନ ଓ ବିଭିନ୍ନ ଶ୍ରମିକ ସଂଗଠନମାନଙ୍କର ମିଳିତ ମଞ୍ଚ ଶ୍ରମିକ ଆନ୍ଦୋଳନ ପ୍ରତି ଏକତା ପ୍ରକାଶ କରି ଚଳିତ ମାସ ୧୨ ତାରିଖକୁ 'ଜାତୀୟ ଦାବି ଦିବସ' ଭାବେ ଭୁବନେଶ୍ୱର ଠାରେ ପାଳନ କରିଛନ୍ତି। ଉତ୍ତର ପ୍ରଦେଶ, ହରିୟାଣା, ନଏଡା, ମାନେସର, ଗୁରୁଗ୍ରାମ, ଫରିଦାବାଦ ଓ ଅନ୍ୟାନ୍ୟ ଶିଳ୍ପାଞ୍ଚଳରେ ଆନ୍ଦୋଳନରତ ଶ୍ରମିକମାନଙ୍କ ଉପରେ ପୋଲିସ ଦମନ, ଗିରଫ ଓ ଭୟଭୀତ କରିବାର ଘଟଣାକୁ ଯୁକ୍ତ ମଞ୍ଚ ତୀବ୍ର ନିନ୍ଦା କରିଛି। କର୍ପୋରେଟ୍ ସ୍ୱାର୍ଥରେ ସରକାରୀ ଯନ୍ତ୍ରଣା ଶ୍ରମିକଙ୍କ ଗଣତାନ୍ତ୍ରିକ ଅଧିକାରକୁ ଦମନ କରୁଛି ବୋଲି ଅଭିଯୋଗ କରାଯାଇଛି। ଗତ କିଛି ମାସ ଧରି ଉତ୍ତର ଓ ମଧ୍ୟ ଭାରତରେ ଚୁକ୍ତିଭିତ୍ତିକ ଓ ଅନିୟମିତ ଶ୍ରମିକଙ୍କ ଉପରେ ଚାଲିଥିବା ଶୋଷଣ ବିରୋଧରେ ଶ୍ରମିକମାନଙ୍କ ଆନ୍ଦୋଳନ ତୀବ୍ର ହୋଇଛି। ଦୀର୍ଘ କାର୍ଯ୍ୟ ସମୟ, ଅତିରିକ୍ତ କାମ ପାଇଁ ଦରମା ନ ମିଳିବା, ବୋନସ୍, ସୁରକ୍ଷା ଓ ଚାକିରିର ନିଶ୍ଚିତତା ନ ଥିବା ପରି ସମସ୍ୟା ବିରୋଧରେ ଶ୍ରମିକମାନେ ଲଢୁଛନ୍ତି। ମିଳିତ ମଞ୍ଚ ଦାବି କରିଛି ଯେ, ଉତ୍ତର ପ୍ରଦେଶ ଓ ହରିଆଣାରେ ଘୋଷିତ ମଜୁରି ବୃଦ୍ଧି ଯଥେଷ୍ଟ ନୁହେଁ। ମହଙ୍ଗା ବୃଦ୍ଧି ପରିପ୍ରେକ୍ଷୀରେ ଶ୍ରମିକଙ୍କ ପାଇଁ ପ୍ରତିମାସ କମ୍ ସେ କମ୍ ୨୬ ହଜାର ଟଙ୍କା ନ୍ୟୁନତମ ମଜୁରି ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଛି। ଏହି ଦାବି ଦିବସରେ ଆଇଏନଟିୟୁସିର ସତ୍ୟ ନାୟକ, ଏଆଇଟିୟୁସିର ନେତା ବିଜୟ ଜେନା, ସୁର ଜେନା, ଏଚଏମଏସର ନେତା ଭୁବନନାଦ ମହାପାତ୍ର, ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ



ଭୁବନେଶ୍ୱର, ୧୨।୫(ସମିସ): ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ସାଂସଦ କମ୍ରେଡ୍ ଲୋକନାଥ ଚୌଧୁରୀଙ୍କ ପୂଣ୍ୟତିଥି ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଦଳର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ୨୩ତମ ସ୍ମୃତି ସମାରୋହ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଲୋକନାଥ ଚୈଧୁରୀଙ୍କ ବହୁମୂଖୀ ପ୍ରତିଭାର ସୂଚନା ଦେଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଏହି ଅବସରରେ କମ୍ରେଡ୍ ଲୋକନାଥ ଚୈଧୁରୀଙ୍କ ସ୍ମୃତି ଚାରଣ କରି ସମସ୍ତ ଧର୍ମ ନିରପେକ୍ଷ, ଗଣତାନ୍ତ୍ରୀକ ଓ ବାମପନ୍ଥୀ ଶକ୍ତି ଐକ୍ୟବଦ୍ଧଭାବେ ଏହାର ପ୍ରତିବାଦ କରିପାରିଲେ ଲୋକନାଥ ଚୈଧୁରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଏହି ସମାରୋହରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶିଷ କାନୁନଗୋ, ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ବିଶ୍ୱ ଶିକ୍ଷକ ସଂଘ ସଭାପତି ଡ. ଅମୀୟ କୁମାର ମହାନ୍ତି, ସାମ୍ବାଦିକ ସୁରେନ୍ଦ୍ର ସାହୁ, ସ୍ତମ୍ଭକାର ସତୀଶ ମିଶ୍ର, ବିଦ୍ୟୁତ କର୍ମଚାରୀ ନେତା ସତ୍ୟବାଦୀ ବାଘ ଓ ପରମାନନ୍ଦ ବେହେରା, ପ୍ରଫୁଲ୍ଲ ତ୍ରିପାଠୀ, ଖୋର୍ଦ୍ଧା ଜିଲ୍ଲା ସହ ସମ୍ପାଦକ ସୁରେନ୍ଦ୍ର ବେହେରା, ଭୁବନେଶ୍ୱର ଜୋନ ସମ୍ପାଦକ କୈଳାସ ପୁହାଣ, ରାଜ୍ୟ ପରିଷଦ ସଦସ୍ୟ ନମିତା ସାହୁ, ବିକେଏମୟୁର ଜାତୀୟ ପରିଷଦ ସଦସ୍ୟ ଶଙ୍କର ବାରିକ ପ୍ରମୁଖ ଲୋକନାଥ ଚୌଧୁରୀଙ୍କ ସ୍ମୃତି ଚାରଣ କରିଥିଲେ।

## ମଦର ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ

ଭୁବନେଶ୍ୱର, ୧୨।୫(ସମିସ): ସାମଜିକ ଅନୁଷ୍ଠାନ ମଦର ପକ୍ଷରୁ ଆନ୍ତର୍ଜାତିକ ମାତୃ ଦିବସ ପାଳିତ ହୋଇଛି। ଜୟଦେବ ଭବନଠାରେ ଆୟୋଜିତ ଅନୁଷ୍ଠାନର ୨୨ତମ ବାର୍ଷିକ ଉତ୍ସବ ପାଳନ ସହ ମଦର ସମ୍ମାନ ୨୦୨୬ ମଧ୍ୟ ପ୍ରଦାନ କରଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନଙ୍କ ମଧ୍ୟରେ ଲେଖିକା ତଥା ଗବେଷିକା ମନୋରମା ବିଶ୍ୱାଳ ମହାପାତ୍ର, ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ର ଏବଂ ମଦର ଅନୁଷ୍ଠାନର ଚେୟାରମ୍ୟାନ୍ ଅବସରପ୍ରାପ୍ତ ପ୍ରମୁଖ ଆୟକର ଅଧିକାରୀ ଶରତ କୁମାର ଦାଶ ଉପସ୍ଥିତ ଥିଲେ। ଓଡ଼ିଶୀ ସଙ୍ଗୀତ ବିଶାରଦ ତଥା ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଶ୍ରେଷ୍ଠ ମା' ସମ୍ମାନରେ ସମ୍ମାନିତ କରଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମାସିକ ମୁଖପତ୍ର ମଦର ୱିସଡମ୍ ନିଉଜ ଲେଟର ଉନ୍ମୋଚିତ କରଯାଇଥିଲା। ଶିଶୁ ପ୍ରତିଭା ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀ ଏବଂ ଓଡ଼ିଆଣୀ ପ୍ରତିଯୋଗିତାର ବିଜୟୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଓମ୍ ପ୍ରସାଦ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## କଳାମଣ୍ଡଳର ନିର୍ମାଣ ତୁରନ୍ତ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨।୫(ସମିସ):ଭୁବନେଶ୍ୱର ସୈନିକ ସ୍କୁଲ ନିକଟରେ ନିର୍ମାଣାଧୀନ କଳାମଣ୍ଡଳ ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଂସ୍କୃତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିକୁ ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ କଳା ମଣ୍ଡଳ ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଇଡ୍‌କୋର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୧୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା କଳାମଣ୍ଡଳ କମ୍ପ୍ଲେକ୍ସରେ ୨୦୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ଏବଂ ୫୦୦ ଆସନ ବିଶିଷ୍ଟ ଏକ ମୁକ୍ତାକାଶ ରଙ୍ଗମଞ୍ଚର କାର୍ଯ୍ୟ ନିର୍ମାଣାଧୀନ ରହିଛି। ସମୀକ୍ଷା ବୈଠକରେ ସଂସ୍କୃତି ବିଭାଗର ସଚିବ ଡ. ବିଜୟକେତନ ଉପାଧ୍ୟାୟ, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦରବୃଦ୍ଧି ପ୍ରତିବାଦରେ ବର୍ଷିଲା ହିନ୍ଦ ମଜଦୁର ସଭା
# ତୁରନ୍ତ ସର୍ବନିମ୍ନ ମଜୁରି ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର, ୧୨।୫(ସମିସ): ମହଙ୍ଗାଇ ମାଡ଼ରୁ ବଞ୍ଚିବା ପାଇଁ ପେଟ୍ରୋଲ-ଡିଜେଲ କମ ବ୍ୟବହାର ସହ କମ ତେଲ ଖାଇବା ଓ ସୁନା କିଣା ବନ୍ଦ କରିବାକୁ ପ୍ରଧାନମନ୍ତ୍ରୀ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦରଦାମ ବୃଦ୍ଧିକୁ ରୋକିବାରେ ସରକାର ବିଫଳ ହୋଇ ଲୋକଙ୍କୁ ନିଜେ ନିଜ ଦାୟିତ୍ୱ ନେବା ଆବଶ୍ୟକ ବୋଲି କହିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଦେଶରେ ଦରଦାମ ବୃଦ୍ଧି ଓ ଉତ୍କଟ ବେକାରି ସମସ୍ୟା ଉଭା ହୋଇଛି, ଯାହା ଏବେ ପ୍ରତିଫଳିତ ହେଉଛି ବୋଲି କହି ବିଜେପି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଆଠଗଡ଼ ବିଧାୟକ ତଥା ହିନ୍ଦ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ମଙ୍ଗଳବାର ସଂଗଠନ ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି, ଶ୍ରମିକ ଓ ଦିନ ମଜୁରିଆ ଖଟିଲେ ଖାଇବେ। କିନ୍ତୁ ସରକାରଙ୍କ ଅପରିଣାମଦର୍ଶୀ ବିଦେଶ ନୀତି ଯୋଗୁଁ ଶ୍ରମିକ ମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ପାରୁନାହାନ୍ତି। ଲକ୍ଷ ଲକ୍ଷ ଶ୍ରମିକ ଗ୍ୟାସ କିଣି ନ ପାରି ଘରକୁ ଫେରି ଯାଉଛନ୍ତି।

ଓଡ଼ିଶାରେ ଏହି ସମସ୍ୟା ଅତ୍ୟନ୍ତ ଗମ୍ଭୀର। ଗତ ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ପାଇଁ ଦୈନିକ ମଜୁରିରେ ଦଶ ଟଙ୍କାର ବୃଦ୍ଧି ଘୋଷଣା କରିଥିଲେ। କିନ୍ତୁ, ବାସ୍ତବରେ ଏହା ମଜୁରିରେ କୌଣସି ବୃଦ୍ଧି ନୁହେଁ। ଏହା ଥିଲା 'ଭିଡିଏ', ଯାହା ବୃଦ୍ଧି କରିବାକୁ ସରକାର ବାଧ୍ୟ। ଆଜିର ଦରବୃଦ୍ଧି ପରିସ୍ଥିତିକୁ ଦେଖି ଶ୍ରମିକଙ୍କ ମୂଳ ମଜୁରି ବୃଦ୍ଧି କରିବା ଆବଶ୍ୟକତା ରହିଛି। ତେଣୁ ଏହି ମଜୁରି ବୃଦ୍ଧି କେବଳ ପ୍ରତାରଣା ବ୍ୟତୀତ କିଛି ନୁହେଁ ବୋଲି ସେ କହିଛନ୍ତି। ଆଉ କିଛି ଦିନ ଗଲେ ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବେ। ହେଲେ ଏହି ଦୁଇବର୍ଷରେ କୌଣସି ମଜୁରି ବୃଦ୍ଧି ହୋଇନାହିଁ। ହେଲେ ପ୍ରତି ୬ ମାସରେ ଥରେ ଏହାକୁ ବିଚାର କରିବା କଥା। ଓଡ଼ିଶାର ଡବଲ ଇଞ୍ଜିନ ସରକାର ଅତି କମରେ ତାଙ୍କ ଦଳ ଶାସିତ ହରିୟାନା ଓ ଉତ୍ତର ପ୍ରଦେଶ ଠାରୁ ଶିଖିବା ଆବଶ୍ୟକ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଶ୍ରମିକ ମଜୁରି ଏକା ଥରକେ ୧୦୦ ପ୍ରତିଶତରୁ ଅଧିକ କରିଥିଲେ (୧୧ ଟଙ୍କାରୁ ୨୫ ଟଙ୍କା)। ନବୀନ ବାବୁ ବି ମୂଳ ମଜୁରିରେ ଏକାଥରକେ ୩୩ ପ୍ରତିଶତ ବୃଦ୍ଧି କରିଥିଲେ। ଏହା ହିଁ ଶ୍ରମିକ-ଅନୁକୂଳ ନୀତି, ଯାହା ରାଜ୍ୟ ସରକାର ଶିଖିବା ଉଚିତ ବୋଲି ସେ କହିଛନ୍ତି। ଏହାସହିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ କିଛି ଦାବି ରଖାଯାଇଛି। ଏଥିରେ ସର୍ବନିମ୍ନ ମଜୁରୀ ୨୬୦୦୦, ଶ୍ରମିକ ବିରୋଧୀ ଚାରି ଶ୍ରମ କୋଡ୍ ବାତିଲ କରିବା, ଟ୍ରେଡ୍ ୟୁନିଅନ୍‌ମାନଙ୍କ ସହ ତୁରନ୍ତ ତ୍ରିପକ୍ଷୀୟ ଆଲୋଚନା କରିବା, ସମାନ କାମକୁ ସମାନ ମଜୁରୀ, ଦିନକୁ ୮ ଘଣ୍ଟା କାମ, ଅତିରିକ୍ତ କାମ ପାଇଁ ଦୁଇଗୁଣା ଓଭରଟାଇମ୍ ପାରିଶ୍ରମିକ, କାର୍ଯ୍ୟସ୍ଥଳର ସୁରକ୍ଷା ସୁନିଶ୍ଚିତ କରିବା, ଶସ୍ତାରେ ଏଲପିଜି ଯୋଗାଣ ଏବଂ ଆବଶ୍ୟକୀୟ ସାମଗ୍ରୀର ଦର କମାଇବାକୁ ଦାବି କରାଯାଇଛି।

## ସାତକୋଶିଆ ଇକୋଟୁ୍ୟରିଜିମ୍

# ୬୦ ହଜାରରେ ବିକ୍ରି ହେଉଛି ଚାକିରି

ଜଗନ୍ନାଥପୁର,୧୨।୫(ସମିସ):

ବିଦେଶରେ ଜଙ୍ଗଲ, ଅଭୟାରଣ୍ୟ ମଧ୍ୟରେ ବୁଲିବାକୁ, ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଉପଭୋଗ କରି, ବିଭିନ୍ନ ପ୍ରକାରର ବନ୍ୟ ଜନ୍ତୁଙ୍କୁ ଦେଖି ଆନନ୍ଦ ଉପଭୋଗ କରିବାକୁ ସାଧାରଣ ଲୋକଙ୍କ ଭିତରେ ଆଗ୍ରହ ବହୁ ମାତ୍ରାରେ ପରିପ୍ରକାଶ ହେଉଛି। ଆମ ଦେଶରେ ବିଭିନ୍ନ ଅଭୟାରଣ୍ୟ ଗୁଡ଼ିକରେ ପରିବେଶ ପର୍ଯ୍ୟଟନସ୍ଥଳ ଗୁଡ଼ିଏ ବିଭିନ୍ନ ରାଜ୍ୟସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଛି। ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ, ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗର ମିଳିତ ଭାଗିଦାରୀରେ ପରିବେଶ ପର୍ଯ୍ୟଟନସ୍ଥଳୀ ଗଢି ଉଠିଛି। ସେ ମଧ୍ୟରୁ ଆମ ଜିଲ୍ଲା ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟ ଅନ୍ୟତମ। ଯଦିଓ ସାତକୋଶିଆ ଅଭୟାରଣ୍ୟରେ ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଏରିଆ ରେ ପର୍ଯ୍ୟଟନ ଶିଳ୍ପ ର ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇନାହିଁ, ତଥାପି ଅଭୟାରଣ୍ୟ ଭିତରେ ଗ୍ରାମ ସଲଗ୍ନ କେତୋଟି ସ୍ଥାନ ରେ ପରିବେଶ ପର୍ଯ୍ୟଟନ ସ୍ଥଳ ଗୁଡ଼ିଏ ରହିଛି, ଯେପରିକି ଛୋଟକେଇ, ବାଘମୁଣ୍ଡା, ପୁରୁଣାକୋଟ,ତରଭା, ବାଲିପୁଟ, ଟିକରପଡ଼ା ଆଦି ଅନେକ ନେଚର୍ କ୍ୟାମ୍ପ,





ଯାହାକୁ କି ଅଭୟାରଣ୍ୟ ର ବନ ବିଭାଗ ଅଧୀନ ରେ ସ୍ଥାନୀୟ କିଛି ଯୁବଗୋଷ୍ଠୀ ରକ୍ଷଣା ବେକ୍ଷଣ କରି ଚଳାଇଥାନ୍ତି ଓ କିଛି ଅର୍ଥ ରୋଜଗାର କରି ନିଜର , ନିଜ ପରିବାର ର ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ପ୍ରତିବର୍ଷ ଶୀତ ଋତୁ ରେ ହିଁ ମୁଖ୍ୟତଃ ଦେଶ,ବିଦେଶ ରୁ ପର୍ଯ୍ୟଟକ ମାନେ ଏଠାକୁ ଆସି ଥାନ୍ତି। ବର୍ଷା ଓ ଗ୍ରୀଷ୍ମ ଋତୁରେ ପର୍ଯ୍ୟଟକ ଙ୍କ ସଂଖ୍ୟା ଖୁବ୍ କମ୍ ଥାଏ। ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ସବୁ ପରିବେଶ ପର୍ଯ୍ୟଟନ ସ୍ଥଳୀ ମାନଙ୍କ ମଧ୍ୟରେ ଟିକରପଡା ଠାରେ ମହାନଦୀ ର କୂଳ ରେ, ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ମଧ୍ୟ ରେ ଥିବା ଇକୋଟୁରଜିମ୍‌ର ରହଣିସ୍ଥଳର ଚାହିଦା ଖୁବ୍ ବେଶୀ, କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଯେ ଚଳିତ ବର୍ଷ ଉକ୍ତ ପର୍ଯ୍ୟଟନ ନିବାସ କୁ ସାତକୋଶିଆ ଅଭୟାରଣ୍ୟ ମଧ୍ୟ ରୁ ଜନ ବସତି ର ବିସ୍ଥାପନ ପ୍ରକ୍ରିୟା ଯୋଗୁ ବନ ବିଭାଗ ତରଫ ରୁ ବନ୍ଦ କରିଦିଆଯାଇଛି। ଏହା ବ୍ୟତୀତ ଅନ୍ୟ ପ୍ରକୃତି ନିବାସ ଗୁଡ଼ିକ କିଛି କିଛି ମାତ୍ରା ରେ ଚାଲୁରହିଛି। ଏବେ କିନ୍ତୁ ଏହି ଇକୋଟୁରିଜିମ୍ କ୍ୟାମ୍ପଗୁଡ଼ିକ ରେ ଅଶ୍ଚର୍ଯ୍ୟନ୍ୟତ କଳା ଭଳି ଏକ ବ୍ୟତିକ୍ରମ ଦେଖାଦେଇଛି। ସ୍ଥାନୀୟ ଲୋକ ମାନେ ଚଳାଉଥିବା ଏହି ପ୍ରକୃତି ନିବାସ ଗୁଡ଼ିକ ରେ ଠିକ୍ ସମୟ ରେ କେବେ ଦରମା ପାଇ ପାରୁନଥିବା ର ଅଭିଯୋଗ ଭିତରେ, ଏବେ କିନ୍ତୁ "ଭାରତ ସିକ୍ୟୁରିଟି ସର୍ଭିସ' ନାମକ, ଯାଜପୁର ଠିକଣା ଥିବା ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ମିଳିଛି। ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ଇକୋ ଟୁରିଜିମ୍‌ର ନିବାସ ଗୁଡ଼ିକ ର ରକ୍ଷଣା ବେକ୍ଷଣ ପାଇଁ। ତେଣୁ ଉକ୍ତ ଘରୋଇ କମ୍ପାନୀ ର ମାଲିକ ନିଜର କର୍ମଚାରୀଙ୍କୁ ଲଗାଇ, (ସେଥିରେ କିଛି ସ୍ଥାନୀୟ ବନବିଭାଗ ର କର୍ମଚାରୀ ମଧ୍ୟ ସଂଶ୍ଳିଷ୍ଟ ଥିବାର ଅଭିଯୋଗ ରହିଛି) ସାତକୋଶିଆର ସ୍ଥାନୀୟ ଯୁବକ ଙ୍କ ଠାରୁ ଚାକିରି କରିବା ନାଁ ରେ ଜଣଙ୍କ ପିଛା ୬୦ହଜାର ଟଙ୍କା ଆଦାୟ କରୁଥିବାର ର ସଂଘାତିକ ଅଭିଯୋଗ ହେଉଛି। ଜଗୁଆଳି ଓ ସଫେଇ କର୍ମଚାରୀ ଙ୍କ ଚାକିରି ପାଇଁ ଶିକ୍ଷାଗତ ଯୋଗ୍ୟତା ମେଟ୍ରିକ୍ ପାସ୍ ଓ ୬୦ ହଜାର ଟଙ୍କା। ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ, ଛୋଟକେଇ, ଜଗନ୍ନାଥପୁର ଇତ୍ୟାଦି ଅଞ୍ଚଳର ଅନେକ ଯୁବକ ୬୦ହଜାର ଟଙ୍କା ଦେଇ ଚାକିରି ଆରମ୍ଭ କରିଲେଣି। ଆହୁରି ଶୁଣିବାକୁ ମିଳୁଛି ଯେ ଉକ୍ତ ଘରୋଇ ସଂସ୍ଥା କୁଆଡେ ଆଗାମୀ ଦିନରେ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ଡାକ୍ତରଖାନା ମାନଙ୍କ ରେ ସିକ୍ୟୁରିଟିର ଦାୟିତ୍ୱ ନେଇ ବିଭିନ୍ନ ଯୁବକ, ଯୁବତୀ ମାନଙ୍କ ଠାରୁ ଟଙ୍କା ନେଇ ନିଯୁକ୍ତି ପ୍ରଦାନ କରିବ। ଉକ୍ତ ବିଷୟ ଉପରେ ସାତକୋଶିଆବାସୀ, ବୁଦ୍ଧିଜୀବୀ ମାନେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ସହିତ, ଗରିବ ପିଲା ମାନେ ୬୦ହଜାର ଟଙ୍କା ଦେଇ ଘରୋଇ ସଂସ୍ଥାରେ ସର୍ତ୍ତମୂଳକ ନିଯୁକ୍ତି ପାଇବା କେତେଦୂର ଯୁକ୍ତିସଂଗତ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ରଖିଛନ୍ତି।

● ୬ ବର୍ଷ ବିତିଲା ନିର୍ମାଣ କାମ ସରୁନି

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ



ଅନୁଗୋଳ,୧୨।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍ ନାକିଚି ମଣ୍ଡାମ ଗ୍ରାମକୁ ସଂଯୋଗୀକରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ମଣ୍ଡାମ ନାଳ ନିକଟରେ ଏକ ବ୍ରିଜ୍ ନିର୍ମାଣ କରାଯାଉଛି। ଏହି ବ୍ରିଜ୍ କାମ ୬ ବର୍ଷ ହେବ ଚାଲୁଥିଲେ ମଧ୍ୟ କାମ ସରୁ ନଥିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ବିଶେଷକରି ଏହି ବ୍ରିଜ କାମ ବହୁତ ବିଳମ୍ବରେ ଚାଲୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ବ୍ରିଜ ନିର୍ମାଣ ବିଳମ୍ବ ହେଉ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ ମଙ୍ଗଳବାର ନାକିଚି ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଏକ ଅଭିଯୋଗ ପତ୍ର ମାଧ୍ୟମ ଅବଗତ କରାଇଛନ୍ତି। ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ମଣ୍ଡାମ ନାଳ ନିକଟରେ ଥିବା ଏକ ଛୋଟ ପୋଲରେ ସାମାନ୍ୟ ବର୍ଷା ହେଲେ ୨ ଫୁଟ୍‌ର ପାଣି ଯାତାୟାତ କରୁଛି। ଯାହାକି ଲୋକେ ବର୍ଷା ଋତୁରେ ଯିବା ଆସିବା ପାଇଁ ବହୁ ହଇରାଣ ହେଉଛନ୍ତି। ଫଳରେ ରାଜ୍ୟ ସରକାର ୬ କୋଟି ଟଙ୍କା ବ୍ୟୟରେ ଉକ୍ତ ସ୍ଥାନରେ ଏକ ବଡ଼ ବ୍ରିଜ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଏହି ବ୍ରିଜ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୦ ମସିହାରେ ଶିଳାନ୍ୟାସ କରା ଯାଇଥିଲା। ପରେ ବ୍ରିଜ କାମ ଆରମ୍ଭ ହୋଇ ଥିଲା। ହେଲେ ଏହି ବ୍ରିଜ କାମ ୬ ବର୍ଷ ହେବ ବିତି ଯାଇଥିଲେ ମଧ୍ୟ ସମାପ୍ତ ହୋଇ ପାରୁ ନାହିଁ। ବିଶେଷକରି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ବ୍ରିଜଟି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଠିକା ସଂସ୍ଥା ସଲାସୂତାର ଯୋଗୁଁ ଉକ୍ତ ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁ ନଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୬ ବର୍ଷ ହେବ କାମ ଚାଲୁଥିବା ବେଳେ କାମଟି ସମ୍ପୂର୍ଣ୍ଣ ହୋଇ ପାରି ନାହିଁ। ଏପରିକି ବ୍ରିଜ୍‌ର ଉଭୟ ପାଶ୍ୱର୍ରେ ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ ହେଉ ନାହିଁ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏହି ବ୍ରିଜ କାମ ସମ୍ପର୍କରେ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗର ଏସଡିଓ ସହରାଇ ସିଂ କୁହନ୍ତି କାମ ଶୀଘ୍ର ସରିବା ପାଇ ବିଭାଗ ପକ୍ଷରୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆ ଯାଇଛି।

## ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ବିକ୍ଷୋଭ



ପାଲଲହଡ଼ା,୧୨।୫(ସମିସ): ଅନୁଗୁଳ ଜିଲ୍ଲା ପାଲଲହଡା ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପାଲଲହଡା ପୂର୍ବତନ ବିଧାୟକ ମୁକେଶ କୁମାର ପାଳଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ସାତ ଦିନ ପୂର୍ବରୁ ବିଭିନ୍ନ ଦାବି ନେଇ ଦିଆଯାଇଥିବା ଦାବିପତ୍ର ପୂରଣ ନହେବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ବିଭିନ୍ନ କାର୍ଯ୍ୟକୁ ବାତିଲ କରିଥିବା ଅଭିଯୋଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଗ୍ରାମବାସୀ ଓ ବିଜେଡି କର୍ମୀ ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଯୋଗଦେଇ ଥିଲେ। ପୂର୍ବତନ ବିଧାୟକ ମୁକେଶ ପାଳ ୧୫ ଦିନ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନ କୁ ଜୋରଦାର କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ସେହିପରି ଉପଜିଲ୍ଲାପାଳ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ କରାଯିବା ର ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

## ମିଣ୍ଡୋଲ ପୁଞ୍ଜି ଆୟୋଜନ ସମିତିର ବାର୍ଷିକ ଅଧିବେଶନ

କିଶୋରନଗର,୧୨।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ପୋପଣ୍ଡା ଗ୍ରାମର ଏକ ଆମ୍ବତୋଟା ପରିସର ମଧ୍ୟରେ ଅଖିଳ ଭାରତୀୟ ଗଣ୍ଡୱାନା ଗୋଣ୍ଡ ମହାସଭା ମିଣ୍ଡୋଲ ପୁଞ୍ଜି ଆୟୋଜନ ସମିତି ଆନୁକୂଲ୍ୟରେ ୨୨ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଜାତିର ଆରାଧ୍ୟ ଦେବତା ଜଙ୍ଘା ବଡ଼ଦେଓଙ୍କ ପୂଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଠମଲ୍ଲିକ ଆୟୋଜନ ସମିତିର ସଭାପତି ସନାତନ ନାୟକ ଯୋଗ ଦେଇଥିବା ବେଳେ ସମ୍ପାଦକ କୃପାସିନ୍ଧୁ ନାୟକ, ରାଣୀବନ୍ଧ ପୁଞ୍ଜି ସଭାପତି କରୁଣାକର ନାୟକ, ସମ୍ପାଦକ ବିମାନ ନାୟକ, ପୂର୍ବତନ ପୁଲିସ ଅଧିକାରୀ ସତ୍ୟାନନ୍ଦ ନାୟକ, ଉପସଭାପତି କ୍ଷିତିଶ କୁମାର ନାୟକ, ସହ ସମ୍ପାଦକ ବିପିନ ବିହାରୀ ନାୟକ, ଶିକ୍ଷାବିତ ବିଜୟ କୁମାର ନାୟକ, ଅନାଦି ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି



ଅବସରରେ ଚଳିତ ଶିକ୍ଷା ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୬ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଆର୍ଥିକ ସହାୟତା ରାଶି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉକ୍ତ ପୁଞ୍ଜିଟି ୧୩ ଖଣ୍ଡ ଗ୍ରାମର ୪୦୦ ପରିବାର ୧୫ ଜଣ ମେମ୍ବରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୦ ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଯୋଗ ଦେଇଥିଲେ। ସ୍ଥାୟୀ ସଭାପତି ଯୁଧିଷ୍ଠିର ସିଂହ ସଭାପତିତ୍ୱ କାର୍ଯ୍ୟ ତୁଲାଇ ଥିବାବେଳେ ସମ୍ପାଦକ ବଙ୍ଗୋବ ନାୟକ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ।

## ବଣ୍ଡାଁରପାଳ ଥାନାରେ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା



ବଣ୍ଡାଁରପାଳ,୧୨।୫(ସମିସ): ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜେନ ଅଚାନକ ବଣ୍ଡାଁରପାଳ ଥାନା ପରିଦର୍ଶନ କରି ଥାନାର ସାମଗ୍ରିକ କାର୍ଯ୍ୟପ୍ରଣାଳୀର ସମୀକ୍ଷା କରିଥିଲେ। ଥାନା ପରିଚାଳନା, ବିଚାରାଧୀନ ମାମଲାର ନିଷ୍ପତ୍ତି, ସୁରକ୍ଷା ପ୍ରସ୍ତୁତି ଓ ପୁଲିସ କାର୍ଯ୍ୟଦକ୍ଷତା ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କୁ ତୁରନ୍ତ ସେବା ପ୍ରଦାନ, କଠୋର ଶୃଙ୍ଖଳା ପାଳନ ଏବଂ ଅଞ୍ଚଳରେ ଆଇନ ଶୃଙ୍ଖଳା ସୁଚାରୁ ଭାବେ ବଜାୟ ରଖିବା ପାଇଁ ଏସ୍‌ପି ଶ୍ରୀ ଜେନ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଥାନାର କାର୍ଯ୍ୟଦକ୍ଷତାକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ବିଶ୍ୱାସ ଅତୁଟ ରଖିବାକୁ ଗୁରୁତ୍ୱ ଦେବା ପାଇଁ ସେ କହିଥିଲେ। ଏହି ପରିଦର୍ଶନ ସମୟରେ ବଣ୍ଡାଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂଙ୍କ ସହ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଲୋଡର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ପାଲଲହଡା,୧୨।୫(ସମିସ): ମଙ୍ଗଳବାର ପାଲଲହଡା ୧୪୯ ଜାତୀୟ ରାଜପଥ ଝିମିରିପାଲି ନୁଡେଇ ପୋଲ ନିକଟରେ ନିର୍ମାଣାଧୀନ ତାଳଚେର ବିମଳାଗଡ଼ ରେଳ ଲାଇନରେ କାମ କରୁଥିବା ଠିକା ସଂସ୍ଥାର ଲୋଡର୍ ମେସିନ ଧକ୍କାରେ ଜଣେ ବାଇକ ଆରୋହୀଙ୍କର ଘଟଣାସ୍ଥଳ ରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ପାଲଲହଡା ଥାନା ବତିସିମା ପଞ୍ଚାୟତ ବାବୁରେଙ୍ଗାଳି ଗ୍ରାମର ଦେବାନନ୍ଦ ହେସା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କୌଣସି କାମରେ ଦେବାନନ୍ଦ ପାଲଲହଡା ଅଭିମୁଖେ ଆସୁଥିବା ବେଳେ ଲୋଡର୍ ମେସିନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ଦେବାନନ୍ଦଙ୍କର ଘାଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବାସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରିରଖିଛି। ଖବର ଲେଖାଯିବା ବେଳକୁ ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିଥିବା ବେଳେ ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର ଉପସ୍ଥିତ ରହିଥିଲେ। ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ଘଟଣାସ୍ଥଳରେ ରହି ଜନସାଧାରଣ ସହିତ ଆଲୋଚନା ଜାରି ରଖିଥିଲେ।

## ତାଳଚେର ଜଗନ୍ନାଥ ମନ୍ଦିରରେ ଚନ୍ଦନଯାତ୍ରା

ତାଳଚେର,୧୨।୫(ସମିସ): ତାଳଚେର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରଭୁଙ୍କର ଚନ୍ଦନଯାତ୍ରା ତଥା ଚାପଖେଳ ମହା ଆଡ଼ମ୍ବରରେ ପାଳିତ ହୋଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୨୧ଦିନ ଧରି ଠାକୁରଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେରର ଇଷ୍ଟଦେବ ମଦନମୋହନ ରଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ଏକ ସୁସଜ୍ଜିତ ବିରାଟ ପଟୁଆରରେ ବିମାନରେ ବସାଇ ଭଜନ, କୀର୍ତ୍ତନ କରିବା ସହ ପ୍ରଭୁଙ୍କ ମନ୍ଦିର ସମ୍ମୁଖ ଦେଇ ବୋହି ଯାଇଥିବା ଚିରୋସ୍ରୋତା ବ୍ରାହ୍ମଣୀ ନଦୀରେ ଏକ ସୁସଜ୍ଜିତ ଡଙ୍ଗାରେ ଚାପଖେଳ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ



ଏହି ଚାପଖେଳ ସମୟରେ ନଦୀକୂଳରେ ଶହଶହ ଭକ୍ତଙ୍କ ସହିତ ରଙ୍ଗୀନ ଆଲୋକମାଳା ଓ ହରିବୋଲ ହୁଳହୁଳିରେ ଅଞ୍ଚଳଟି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଭୁଙ୍କର ପ୍ରିୟ ପ୍ରସାଦ ଲାଗି ହୋଇଥିଲା। ଚନ୍ଦନଚାପ ସାରି ଭକ୍ତମାନେ ଏକ ବିରାଟ ପଟୁଆରରେ ବଡ଼ଦାଣ୍ଡ ସାହିସ୍ଥିତ ମଦନମୋହନ ଯୁଗଳମୂର୍ତ୍ତିକୁ ବିମାନରେ ବସାଇ ଭଜନକୀର୍ତ୍ତନ କରି ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ପୂଜକ ଓ ରାଜପୁରୋହିତ ପୂଜାବିଧି କରିଥିଲେ। ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଟ୍ରେନ୍ ଡ୍ରାଇଭର ଓ ପଏଣ୍ଟ ମ୍ୟାନଙ୍କୁ ମାଡ଼ ମାରି ଡିଜେଲ ଚୋରି; ୮ ଗିରଫ

ତାଳଚେର,୧୨।୫(ସମିସ): ଗତ ୯ ତାରିଖ ବିଳମ୍ବ ରାତ୍ର ୧୧.୪୫ ମିନିଟ ସମୟରେ ଏନଟିପିସିର ଏକ ଖାଲି ୱାଗନ ଲିଙ୍ଗରାଜ କୋଇଲା ଖଣି ସାଇଡିଂରେ କୋଇଲା ଲୋଡିଂ ହେଉଥିବା ସମୟରେ ସେଠାକୁ ୬ ରୁ ୮ ଜଣ ଦୁର୍ବୃତ୍ତ ଟ୍ରେନ ଲୋକୋ ପାଇଲଟ୍ ରେହମାନ ଖାନ୍ ଓ ପଏଣ୍ଟ ମ୍ୟାନ କୀର୍ତ୍ତି ଭୂଷଣ ସାହୁଙ୍କୁ ମାଡ଼ ମାରିବାସହ ଟ୍ରେନ ରୁ ପ୍ରାୟ ୧୨ ଶହ ଲିଟର ଡିଜେଲ ଦୁଇଟି ବୋଲେରୋ ଗାଡ଼ିରେ ଲୁଟ କରି ନେଇଯାଇଥିଲେ। ଏନଟିପିସିର ଡିଜିଏମ ପ୍ରଶାନ୍ତ କୁମାର ସାହା ତାଳଚେର ଥାନାରେ ଏକ ଏତଲା ଦେଇଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରି ଆଜି ଏହି ଘଟଣାରେ ସମ୍ପୃକ୍ତ ୮ ଜଣଙ୍କୁ ଗିରଫ କରିବା ସହ ଡିଜେଲ ଚୋରିରେ ବ୍ୟବହୃତ ୨ ଟି ବୋଲେରୋ ସହ ୧୧୨୦ ଲିଟର ଡିଜେଲ ଜବତ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସୁଙ୍ଗୁରୁ ଓରଫ ଅନିଲ ନାଏକ( ୨୩),ପଞ୍ଚୁ ନାଏକ(୨୬), ଛେନା ଓରଫ ସୁନୀଲ ନାଏକ( ୩୨),ପ୍ରସନ୍ନ ନାଏକ (୨୩),ତରୁ ଓରଫ ଚତୁରା ନାଏକ( ୩୪) ଏ ସମସ୍ତେ ତାଳଚେର ଥାନା ଅନ୍ତର୍ଗତ ସ୍କଟଲ୍ୟାଣ୍ଡପୁର୍ ଗ୍ରାମରହୋଇଥିବା ବେଳେ ଖାଇରାପାଳ ଗ୍ରାମର ରାଜେଶ ଭୂତିଆ( ୩୩),କଙ୍କିଳି ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ( ୩୫) ଏବଂ ତାଳବେଡା ଗ୍ରାମର ଜଗନ୍ନାଥ ସାମଲ ( ୩୨) । ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଜଳ ସଙ୍କଟକୁ ନେଇ ଉପଜିଲ୍ଲାପାଳଙ୍କୁ ଫେରାଦ

ତାଳଚେର,୧୨।୫(ସମିସ): ଲିଙ୍ଗରାଜ କୋଇଲା ଖଣିଠାରୁ ଶହେ ମିଟର ଦୂରରେ ରହିଥିବା କଣ୍ଢାଳ ପଞ୍ଚାୟତର ତାଳବେଡ଼ା, ଏକାଦଶୀପୁର, ବନମାଳୀପୁର, ଦୟାନିଧିପୁର, ରସାଳପୁର, ମଦନମୋହନପୁର, ଲାଙ୍ଗିଯୋଡ଼ା, କୃଷ୍ଣଚନ୍ଦ୍ରପୁର ଇତ୍ୟାଦି ଗ୍ରାମ ଗୁଡ଼ିକରେ ଜଳସଙ୍କଟକୁ ନେଇ ପୂର୍ବନିଷ୍ପତ୍ତିକ୍ରମେ ଆଜି ଗ୍ରାମଗୁଡ଼ିକର ପୁରୁଷ ଓ ମହିଳାମାନେ ଗରା, ବାଲଟି ନେଇ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲଜ୍ଜାଜନକ ଘଟଣା ଘଟିଯାଇଛି। ସ୍ୱାଧୀନତାର ଦୀର୍ଘ ୭ଦଶନ୍ଧିପରେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ସର୍ବସାଧାରଣଙ୍କୁ ଚକିତ କରବା ସହ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଙ୍କି ମାରୁଛି। ସରକାରଙ୍କ ପକ୍ଷରୁ ଆରଡବ୍ଲୁ ଏସଏସ ମାଧ୍ୟମରେ ମେଗାପାନୀୟ ଜଳ ସ୍ୱଜଳଧାରା ପାଣି ଯୋଗାଇ ଦେଉଥିବା ବେଳେ ଏମସିଏଲ ମଧ୍ୟ ପାଇପ୍ ଯୋଗେ ଜଳ ଯୋଗାଇ ଦେଇଥାଏ। ମାତ୍ର ଏହି ପାଣି ସମୁଦ୍ରକୁ ଶଙ୍ଖେ ହେବା ସହ ଏନଏଚଆଇ ବିଭାଗ ପକ୍ଷରୁ ଜେସିବି ଦ୍ୱାରା ରାସ୍ତା ଖୋଳା କାର୍ଯ୍ୟ ଯୋଗୁଁ ମାଟି ତଳେ ରହିଥିବା ପାଇପ ଲାଇନ ଗୁଡ଼ିକ ବାରମ୍ବାର କଟିଯିବା ଫଳରେ ଜଳସଙ୍କଟ ଦେଖାଦେଇଥିବା ଗ୍ରାବାମସୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ଆଜକୁ ତିନିମାସ ହେବ ଚାଲିଥିଲେ ମଧ୍ୟ ଆରଡବ୍ଲୁ ଏସଏସ ପକ୍ଷରୁ କାର୍ଯ୍ୟ କରୁଥିବା ଏଲଏନଟି କର୍ତ୍ତୃପକ୍ଷ, ଏମସିଏଲ କମ୍ପାନୀଙ୍କୁ ଗ୍ରାମବାସୀମାନେ ଅଭିଯୋଗ କଲେ ମଧ୍ୟ ଏଥିରେ କୌଣସି ସୁଧାର ଆସୁନଥିବାରୁ ଆଜି ବାଧହୋଇ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରିଥିଲେ। ଏହାକୁ ହୃଦୟଙ୍ଗମ କରି ତାଳଚେର ଉପଜିଲ୍ଲାପାଳ ଆସିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆର?ବ୍ଲୁ ଏସଏସ କର୍ତ୍ତୃପକ୍ଷ, ଏମ୍‌ସିଏଲ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଖରାଦିନରେ ନିରବଚ୍ଛିନ୍ନଭାବେ ପାନୀୟ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କଣ୍ଢାଳ ପଞ୍ଚାୟତ ସରପଂଚ ଯଶୋବନ୍ତୀ ବେହେରାଙ୍କ ନେତୃତ୍ୱରେ ତାଳବେ?ା ୱାର୍ଡ ମେମ୍ବର ରୋଜି ହୋତା, ଉମାମାଧବ ଆଚାର୍ଯ୍ୟ, ଚୈତନ୍ୟ ପ୍ରଧାନ, ଚତୁର୍ଭୂଜ ନନ୍ଦ, ରବି ଶତପଥୀ, ମୁକ୍ତୁ ଶତପଥୀ, ଲାଲୁ ଆଚାର୍ଯ୍ୟ, ବିନୋଦ ଆଚାର୍ଯ୍ୟ ସମେତ ଗ୍ରାମର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

## କେମିଷ୍ଟସ ଏବଂ ଡ୍ରଗିଷ୍ଟସ ଆସୋସିଏସନ୍ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର

# ୨୦ରେ ଦିନିକିଆ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ

ଅନୁଗୋଳ,୧୨।୫(ସମିସ):

ଅନୁଗୋଳ ଜିଲ୍ଲା କେମିଷ୍ଟସ ଓ ଡ୍ରଗିଷ୍ଟସ ଆସୋସିଏସନ(ଏଡିସିଏ) ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ (ଇଉସିଡିଏ) ଓ ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟ ଏବଂ ଡ୍ରଗିଷ୍ଟ (ଆଇଓସିଡି)ର ଏକ ଜିଲ୍ଲା ସହବନ୍ଧିତ ଶାଖା। ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଙ୍ଘ ସାରା ଦେଶରେ ୧୨ ଲକ୍ଷ ୪୦ ହଜାରରୁ ଅଧିକ କେମିଷ୍ଟ ଏବଂ ବିତରକଙ୍କୁ ପ୍ରତିନିଧିତ୍ୱ କରୁଛି ଏବଂ ସାରା ଦେଶରେ ୫ କୋଟିରୁ ଅଧିକ ପରିବାରର ଔଷଧ ବ୍ୟବସାୟ ଜରିଆରେ ପ୍ରତିପୋଷଣର ଦାୟିତ୍ୱ ବହନ କରୁଛି। କେନ୍ଦ୍ର ଏବଂ ରାଜ୍ୟସ୍ତରରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବାରମ୍ବାର ଆପତ୍ତି ଏବଂ ଅଭିଯୋଗ ସତ୍ତ୍ୱେ, ଔଷଧ ବ୍ୟବସାୟ ଏବଂ ଜନସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିନାହିଁ। ପରିସ୍ଥିତି ବର୍ତ୍ତମାନ ଅତ୍ୟନ୍ତ ଚିନ୍ତାଜନକ ସ୍ତରରେ ପହଞ୍ଚିଛି। ଯାହା ୧୨.୪୦ ଲକ୍ଷରୁ ଅଧିକ ରସାୟନବିଦ୍ ଏବଂ ପ୍ରାୟ ୫ କୋଟିରୁ ଅଧିକ ନିର୍ଭରଶୀଳଙ୍କ ଜୀବନଜୀବିକା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ, ଜାତୀୟ ସଂଗଠନ, (ଏଆଇଓ ସିଡି) ଉକ୍ତ ଦୀର୍ଘକାଳୀନ ନୀତି ପ୍ରତିବାଦରେ ଚଳିତ ମାସ ୨୦ ତାରିଖରେ ଏକଦିନିଆ ଔଷଧ ବ୍ୟବସାୟ ବନ୍ଦ ଡାକରା ଦେଇଛି। ଦାବିଗୁଡ଼ିକ ମଧ୍ୟରେ ଇ-ଫାର୍ମାସୀଗୁଡ଼ିକର ଅବୈଧ କାର୍ଯ୍ୟ ଏବଂ ୨୮.୦୮ ୨୦୧୮ ତାରିଖର ବିଜ୍ଞପ୍ତି, ଜିଏସଆର



୮୧୭(ଇ) ପ୍ରତ୍ୟାହାର, ବଡ଼ କର୍ପୋରେଟଗୁଡ଼ିକ ଦ୍ୱାରା ମୂଲ୍ୟ ନିର୍ଦ୍ଧାରଣ, ୨୬.୦୩.୨୦୨୦ ତାରିଖର ବିଜ୍ଞପ୍ତି, ଜିଏସଆର ୨୨୦(ଇ) ପ୍ରତ୍ୟାହାର, ଅବୈଧ ଇ-ଫାର୍ମାସୀର ସଂଖ୍ୟା ଅନିୟନ୍ତ୍ରିତ ବୃଦ୍ଧି ଦ୍ୱାରା ଶିକାରୀ ମୂଲ୍ୟ ନିର୍ଦ୍ଧାରଣର ଅଭ୍ୟାସ ଔଷଧ ବଣ୍ଟନ ବ୍ୟବସ୍ଥାକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ଏହି ଘଟଣାଗୁଡ଼ିକ କେବଳ କ୍ଷୁଦ୍ର ଏବଂ ମଧ୍ୟମ ରସାୟନ ବିଶେଷଜ୍ଞଙ୍କ ଅସ୍ତିତ୍ୱକୁ ବିପଦରେ ପକାଇ ନାହିଁ ବରଂ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ଗମ୍ଭୀର ବିପଦ ସୃଷ୍ଟି କରୁଛି। ଏହାର କାରଣ ଗୁଡିକ ହେଲା: ବୈଧ ପ୍ରେସକ୍ରିପସନ ବିନା ଔଷଧ ବିକ୍ରୟ, ପ୍ରେସକ୍ରିପସନର ବାରମ୍ବାର ଅପବ୍ୟବହାର, ଆଣ୍ଟିବାୟୋଟିକ୍ ଏବଂ ଅଭ୍ୟାସ ସୃଷ୍ଟିକାରୀ ଔଷଧର ସହଜ ଉପଲବ୍ଧତା, ନକଲି କିମ୍ବା ଯାଞ୍ଚ କରାଯାଇପାରୁନଥିବା ପ୍ରେସକ୍ରିପସନର ପ୍ରସାରଣ, ଫାର୍ମାସିଷ୍ଟ ଏବଂ ରୋଗୀଙ୍କ ମଧ୍ୟରେ ସିଧାସଳଖ ପାରସ୍ପରିକ କ୍ରିୟାର ଅଭାବ, ନକଲି ଏବଂ ଅନୁପଯୁକ୍ତ ଭାବରେ ସଂରକ୍ଷଣ କରାଯାଇଥିବା ଔଷଧର ବିପଦ। ଏହା ଭଲ ଭାବରେ ବୁଝାଯାଉଛି ଯେ ଔଷଧଗୁଡ଼ିକ ସାଧାରଣ ସାମଗ୍ରୀ ନୁହେଁ; ଏଗୁଡ଼ିକ ସିଧାସଳଖ ରୋଗୀଙ୍କ ସୁରକ୍ଷା ସହିତ ଜଡିତ। ବିଦ୍ୟମାନ ବ୍ୟବସ୍ଥା ନିଶ୍ଚିତ କରେ ଯେ ଯୋଗ୍ୟ ଡାକ୍ତର ଏବଂ ପଞ୍ଜିକୃତ ଫାର୍ମାସିଷ୍ଟଙ୍କ ମାଧ୍ୟମରେ ସଠିକ୍ ଔଷଧ ସଠିକ୍ ରୋଗୀଙ୍କ ପାଖରେ ପହଞ୍ଚି?। ଆବଶ୍ୟକ ଓ ଏହି ବ୍ୟବସ୍ଥାରେ ଯେକୌଣସି ଜନସ୍ୱାସ୍ଥ୍ୟ ହାନୀ ପାଇଁ ଗମ୍ଭୀର ପରିଣାମ ଆଣିପାରେ। ଏହା ବ୍ୟତୀତ, ବଡ଼ କର୍ପୋରେଟଗୁଡ଼ିକ ଦ୍ୱାରା ଶିକାରୀ ମୂଲ୍ୟ ନୀତି ଅଧୀନରେ ଗ୍ରହଣ କରାଯାଇଥିବା ଗଭୀର ରିହାତି ଅଭ୍ୟାସଗୁଡ଼ିକ ନିରପେକ୍ଷ ପ୍ରତିଯୋଗିତାକୁ ବିକୃତ କରୁଛି, କ୍ଷୁଦ୍ର ରସାୟନ ବିକ୍ରେତାମାନଙ୍କ ପାଇଁ ଏହାକୁ ବଜାୟ ରଖିବା କ୍ରମଶଃ କଷ୍ଟକର କରୁଛି, ଏବଂ ଏକ ଅସ୍ଥିର ଏବଂ ଅସନ୍ତୁଳିତ ବଜାର ପରିବେଶ ସୃଷ୍ଟି କରୁଛି।ଏହି ସମ୍ବେଦନଶୀଳ ସମସ୍ୟା ଗୁଡିକୁ ଦୃଷ୍ଟିରେ ରଖି ଆଗାମୀ ୨୦ ତାରିଖରେ ତାଳଚେରର ସମସ୍ତ ଔଷଧ ବ୍ୟବସାୟ ବନ୍ଦ ରଖିବା ପାଇଁ ଅନୁଗୋଳ ଜିଲ୍ଲା ଔଷଧ ବ୍ୟବସାୟୀ ସଙ୍ଘର ସଭାପତି ସୁବୋଧ ଚନ୍ଦ୍ର ମିଶ୍ର ଓ ସାଧାରଣ ସମ୍ପାଦକ ନିର୍ମଳ କୁମାର ମିଶ୍ରଙ୍କ ପରାମର୍ଶ କ୍ରମେ ତାଳଚେର ଔଷଧ ବ୍ୟବସାୟୀଙ୍କ ତରଫରୁ ଧୀର ମୋହନ ରାୟ, ପ୍ରଦୀପ କୁମାର ପ୍ରଧାନ , ନାରାୟଣ ସେଠୀ, ବଲ୍ଲଭ ସାହୁ, ସୁଶାନ୍ତ କୁମାର ସାହୁ, ମାୟାଧର ସାହୁ, ମୁଂସାଫ ଖାନ୍, ସୌମ୍ୟ ରଂଜନ ପ୍ରଧାନଙ୍କ ଜରିଆରେ ଏକ ସ୍ମାରକ ପତ୍ର ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। ଲକ୍ଷ ଲକ୍ଷ ରସାୟନବିଦଙ୍କ ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଜୀବିକା ସୁରକ୍ଷା ପାଇଁ ପ୍ରଶାସନ ଓ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

## ଭୁବନେଶ୍ୱର ସିଟି



# ଅସୁରକ୍ଷିତ ରାଜଧାନୀ

## ମଞ୍ଚେଶ୍ୱରରୁ ୨, ଜଗନ୍ନାଥ ବିହାରରୁ ଜଣେ ନାବାଳିକା ଅପହରଣ ଅଭିଯୋଗ

ଭୁବନେଶ୍ୱର, ୧୨।୫(ସମିସ): ରାଜଧାନୀର ବିଭିନ୍ନ ଅଞ୍ଚଳରୁ ୩ ଜଣ ନାବାଳିକା ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରୁ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ୨ନାବାଳିକା ନିଖୋଜ ହୋଇଛନ୍ତି। ତାଙ୍କୁ କେହି ଅପରହଣ କରି ନେଇଥିବା କୁହାଯାଉଛି। ଅଭିଯୋଗକୁ ଭିତ୍ତି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ କେଉଁ କାରଣରୁ ସେ ନିଖୋଜ ହୋଇଛନ୍ତି। କୁଆଡେ ଯାଇଛନ୍ତି ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ରାଜଧାନୀରେ ବେଳକୁ ବେଳ ନିଖୋଜ ଓ ଅପହରଣ ବଢ଼ିବାରେ ଲାଗିଛି। ତେଣୁ ଏହି ଘଟଣାକୁ ଗୁରୁତର ସହ ନେଇ ଆଜି ଜଣେ ନିଖୋଜ ନାବାଳିକା ପାଇଁ କମିସନରେଟ ପୁଲିସ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଛି। ନିଖୋଜ ନାବାଳିକ ଜଣକ ଭରତପୁର ଜଗନ୍ନାଥ ବିହାରରେ ରହୁଥିଲେ। ତାଙ୍କ ଉଚ୍ଚତା ୫ ଫୁଟ ୩ ଇଞ୍ଚ। ସେ ଗତ ମାର୍ଚ୍ଚ ୧୪ ତାରିଖରୁ ନିଖୋଜ ଅଛନ୍ତି। ଗତ ମାର୍ଚ୍ଚ ୧୪ ତାରିଖରେ ଘରୁ ବାହାରକୁ ଆସି ଆଉ ଫେରି ନଥିଲେ। ପରିବାର ଲୋକ ତାଙ୍କ ସମ୍ପର୍କୀୟ ଓ ନାବାଳିକାଙ୍କ ସାଙ୍ଗସାଥୀ ଘର ଖୋଜାଖୋଜି କରି ନିରାଶ ହେବା ପରେ ଭରତପୁରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନାବାଳିକା ଜଣକ ନିଖୋଜ ଅଛନ୍ତି କି ତାଙ୍କୁ କିଏ ଅପହରଣ କରିଛି ସେନେଇ ତନାଘନା ଚଳାଇଛି ପୁଲିସ। ଆଜି କମିସନରେଟ ପୁଲିସ ନିଖୋଜ ନାବାଳିକାଙ୍କ ଫଟୋ ଜାରି କରି ତାଙ୍କ ସମ୍ପର୍କରେ ଯଦି କିଏ ସୂଚନା ପାଆନ୍ତି ତେବେ ଭରତପୁର ଥାନାକୁ ସୂଚନା ଦେବା ପାଇଁ ନିବେଦନ କରିଛନ୍ତି।

■ ବଢ଼ିଚାଲିଛି ଅପହରଣ ଓ ନିଖୋଜ ମାମଲା
■ ପୋଷ୍ଟର ଲଗାଇଲା ପୁଲିସ

## କଲେଜ ଛାତ୍ରୀଙ୍କୁ କାର୍‌ରେ ଟେକିନେଲେ

ଭୁବନେଶ୍ୱର, ୧୨।୫ (ସମିସ): ରାଜଧାନୀରୁ କଲେଜ ଛାତ୍ରୀଙ୍କୁ କାରରେ ଟେକି ନେଲେ। କଟକରେ ଦୁଇ ଦିନ ରଖିବା ସହ ମାରପିଟ୍ ମଧ କଲେ। ସହିଦନଗର ଥାନା ପୁଲିସ ଚଢ଼ଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ପାଣ୍ଡରାର ପ୍ରତାପ ସେଠୀ ଓରଫ୍ ପପୁ (୩୪)।

ପୁଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧାର ଜଣେ ଯୁବତୀ ରାଜଧାନୀର ଏକ ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ (ବାଣିଜ୍ୟ) ପଢୁଥିଲେ। ସେ ସକାଳ ସମୟରେ ପରୀକ୍ଷା ଦେବାକୁ ତାଙ୍କ ବାପାଙ୍କ ସହିତ କଲେଜକୁ ଆସିଥିଲେ। ପରୀକ୍ଷା ଦେବାପରେ ସାଙ୍ଗ ଫୋନରୁ କଲ୍ କରି ବାପାଙ୍କୁ ଡକାଇଥିଲେ। ଠିକ୍ ସେହି ସମୟରେ ପ୍ରତାପ ମାସ୍କ ପିନ୍ଧି ଏକ କାରରେ ଆସି ତାଙ୍କୁ ଠିକଣା ପଚାରିବାକୁ ପାଖକୁ ଡାକିଥିଲା। ଛାତ୍ରୀ ଜଣକ ପାଖକୁ ଯିବା ପରେ ପ୍ରତାପ ତାଙ୍କ ପାଟି ବନ୍ଦ କରି କାର୍ ଭିତରକୁ ଟେକି ନେଇଥିଲା। ରାଜଧାନୀରୁ ଅପହରଣ କରି ନେଇ ୪୨ ମୌଜାସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ନେଇ ଯାଇଥିଲା।

ସେଠାରେ ଛାତ୍ରୀଙ୍କୁ ମାଡ଼ ମାରିବା ସହ ପ୍ରେମ ନିବେଦନକୁ ସ୍ୱୀକାର କରିବା ସହ କେହି ଅପହରଣ କରିନାହାନ୍ତି ବୋଲି କହିବାକୁ କହିଥିଲା। ଏଥିସହିତ ନିଜ ଇଚ୍ଛାରେ ଆସିଥିବାର କହିବାକୁ କହିଥିଲା। ଛାତ୍ରୀ ଜଣକ ବାଧ ହୋଇ ସେସବୁ କଥା କହୁଥିବା ବେଳେ ପ୍ରତାପ ଭିଡିଓ ରେକର୍ଡିଂ କରିଥିଲା। ଏଥିସହିତ ଅପହରଣ କରିଥିବା କଥା ବାହାରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ସେଠାରେ ୨ ଦିନ ରଖିବା ପରେ ପ୍ରତାପ ତାଙ୍କୁ ବାଲକାଟି ନିକଟରେ ଛାଡ଼ି ଦେଇଥିଲା। ସେଠାରୁ ସହିଦନଗର ଥାନା ପୁଲିସ ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଆଜି ପ୍ରତାପକୁ କୋର୍ଟ ଚାଲାଣ କରିଛି।

■ କଟକରେ ନେଇ ଦୁଇ ଦି'ନ ରଖିଥିଲା
■ ବାଲକାଟିରୁ ଛାତ୍ରୀ ଉଦ୍ଧାର; ଅଭିଯୁକ୍ତ ଗିରଫ

## ପ୍ରେମ ବିବାଦରୁ ଛାତ୍ରଙ୍କୁ ଅପହରଣ

ଯାଁଳା, ୧୨।୫(ସମିସ): ଏକ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ଦୁଇ ଜଣ ଛାତ୍ରଙ୍କୁ ଅପରହରଣ କରି ସଂଘବଦ୍ଧ ଆକ୍ରମଣ କରିବା ଘଟଣା ଯାଁଳା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଣକ ହେଲେ ଯାଜପୁରର ରଞ୍ଜନ ବେହେରା। ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ରଞ୍ଜନ ଓ ତାଙ୍କ ସାଙ୍ଗକୁ ଆକ୍ରମଣ କରି କାର୍‌ରେ ଉଠାଇ ନେଇ ଏକ ପରିତ୍ୟକ୍ତ ଘରେ ଅଟକ ରଖିଥିବା ଇନଫୋସିଟି ଥାନାରେ ଅଭିଯୋଗ ହୋଇଛି। ଇନଫୋସିଟି ଥାନା ପୁଲିସ ସୋମବାର ରାତି ପ୍ରାୟ ୧୧ଟା ବେଳେ ଅପହରଣକାରୀମାନଙ୍କ କବଳରୁ ଦୁଇ ଛାତ୍ରଙ୍କୁ ଉଦ୍ଧାର କରି ଏକ ମାମଲା ରୁଜୁ କରିଛି। ମଙ୍ଗଳବାର ଅପହରଣକାରୀ ୮ ଜଣଙ୍କୁ ନୋଟିସ ଦେଇ ଛାଡିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ଗଙ୍ଗପଡ଼ା ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜନୈକା ଛାତ୍ରୀ ପାଠ ପଢ଼ନ୍ତି।ରଞ୍ଜନ ସେଠାରେ ପାଠ ପଢୁ ନଥିଲେ ମଧ ବହୁ ସମୟରେ ତାଙ୍କ ସାଙ୍ଗ ମାନଙ୍କ ସହ ସେହି ଅଞ୍ଚଳରେ ରହୁଥିଲେ। ତେଣୁ ଉକ୍ତ ଛାତ୍ରୀ ଜଣକଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ମଧରେ ନିବିଡ଼ ସମ୍ପର୍କ ସ୍ଥାପନ ହୋଇଥିଲା। କିନ୍ତୁ ଗତ କିଛି ମାସ ହେବ ଛାତ୍ରୀ ଜଣକ ଅନ୍ୟ ଏକ ଛାତ୍ରଙ୍କ ସହ ନିୟମିତ କଥାବାର୍ତ୍ତା ହେଉଥିଲେ। ଏହି ଘଟଣା ଜାଣିବା ପରେ ରଞ୍ଜନ ଓ ଛାତ୍ରୀ ଜଣକଙ୍କ ମଧରେ ପ୍ରେମର ପୂର୍ଣ୍ଣଛେଦ ପଡ଼ିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରଞ୍ଜନ ପାଖରେ ଥିବା କିଛି ଆପତ୍ତିଜନକ ଫଟୋ ଓ ଭିଡିଓ ପ୍ରଘଟ କରିବାକୁ ଛାତ୍ରୀ ଜଣକୁ ଧମକ ଦେଇଥିଲେ। କିନ୍ତୁ ଏହି ଘଟଣାକୁ ନେଇ ଛାତ୍ରୀ ଜଣକ ପ୍ରତିକ୍ରିୟାଶୀଳ ହୋଇଥିଲେ। ରଞ୍ଜନ ଉପରେ ରାଗ ଶୁଝାଇବା ଓ ଫଟୋ ଭିଡ଼ିଓ ନଷ୍ଟ କରିବା ପାଇଁ ନୂଆ ପ୍ରେମିକ ସହଯୋଗରେ ନୀଳ ନକ୍ସା ପ୍ରସ୍ତୁତ କରିଥିଲେ। ସୋମବାର ମଧ୍ୟାହ୍ନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଛାତ୍ରୀ ଜଣକ ଜଟଣୀ ଗେଟ ନିକଟକୁ ଡକାଇଥିଲେ। ରଞ୍ଜନ ଓ ତାର ଜଣେ ସାଙ୍ଗକୁ ନେଇ ଏକ ବାଇକ ଯୋଗେ ତଳଖେତା ଛକ ଜଟଣୀ ଗେଟ ନିକଟକୁ ଆସିଥିଲେ। ଆସିବା କ୍ଷଣି ପୂର୍ବରୁ ଛକି ବସିଥିବା ଛାତ୍ରୀଙ୍କ ନୂଆ ପ୍ରେମିକ ଓ ତାର ସହଯୋଗୀ ପ୍ରମୋଦ, ଦେବାଶିଷ, ଓଁକାର ଓ ବ୍ରହ୍ମାଙ୍କ ସହ ଅନ୍ୟ ୨/୩ ଜଣ ରଞ୍ଜନ ଓ ତାଙ୍କ ସାଙ୍ଗକୁ ଜନଗହଳିପୂର୍ଣ୍ଣ ସ୍ଥାନରେ ନିସ୍ତୁକ ପିଟିବା ସହ ବଳପୂର୍ବକ ଏକ କାରରେ ଅପହରଣ କରି ନେଇଥିଲେ। ଖବର ପାଇ ଇନଫୋସିଟି ଥାନା ପୁଲିସ ତୁରନ୍ତ ଘଟଣା ସ୍ଥଳକୁ ଆସିଥିଲେ ମଧ ଅପହରଣକାରୀ ମାନଙ୍କ ଟେର ପାଇ ନଥିଲେ। ଅପହରଣକାରୀମାନେ ରଞ୍ଜନ ଓ ତାର ସାଙ୍ଗକୁ ଛତାବର ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ ଘରେ ରଖି ପୁଣି ନିସ୍ତୁକ ପିଟିବା ସହ ମୋବାଇଲରେ ଥିବା ଫଟୋ ଭିଡିଓ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ଅପହରଣକାରୀମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ରାତି ପ୍ରାୟ ୧୧ ଟା ବେଳକୁ ୮ ଜଣ ଅପହରଣକାରୀଙ୍କୁ ଧରିବାରେ ସଫଳ ହେବା ସହ ରଞ୍ଜନ ଓ ତାଙ୍କ ସାଙ୍ଗକୁ ଉଦ୍ଧାର କରିଥିଲେ। ୮ ଜଣ ଅପହରଣକାରୀଙ୍କୁ ନୋଟିସ ଦେଇ ଛାଡିଥିବା ଜଣାପଡ଼ିଛି। କିନ୍ତୁ ଏଭଳି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କୁ ନୋଟିସ ଦେଇ ଛାଡିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

■ ପ୍ରଥମ ପ୍ରେମିକକୁ ଉଠାଇନେଲେ ଦ୍ୱିତୀୟ
■ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡ଼ିଲା ପୁଲିସ

# ମାରିଜୁଆନା ମାଫିଆଙ୍କ ପାଇଁ ସୁରକ୍ଷିତ ଭୁବନେଶ୍ୱର

ଭୁବନେଶ୍ୱର, ୧୨।୫(ସମିସ)

ଭୁବନେଶ୍ୱର ବିମାନବନ୍ଦରରେ କୋହଳ ସୁରକ୍ଷା ବ୍ୟବସ୍ଥାର ସୁଯୋଗ ନେଉଛନ୍ତି ନିଶା ବେପାରୀ। ଦେଶର ବିଭିନ୍ନ ଅଞ୍ଚଳର ନିଶା ବେପାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ନିଶାଦ୍ରବ୍ୟ ଚାଲାଣ କରୁଛନ୍ତି। ବିଶେଷକରି କୋକେନ୍, ମାରିଜୁଆନା ଭଳି ବିଦେଶୀ ନିଶାଦ୍ରବ୍ୟ ଭୁବନେଶ୍ୱର ଦେଇ କୋଲକାତା, ତାମିଲନାଡୁ ଭଳି ରାଜ୍ୟକୁ ଚାଲାଣ ହେଉଛି। ଏଭଳି ଏକ ସାଂଘାତିକ ଘଟଣା ଭୁବନେଶ୍ୱର ବିମାନବନ୍ଦରରେ ଦେଖିବାକୁ ମିଳିଛି। ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ସାଢ଼େ ୩ କୋଟି ଟଙ୍କାର ମାରିଜୁଆନା ଜବତ କରାଯିବା ପରେ ଏଭଳି ସାଂଘାତିକ ଘଟଣା ସାମ୍ନାକୁ ଆସିଛି। କେବଳ ଗୋଟିଏ ଥର ନୁହେଁ ଗତ କିଛିବର୍ଷ ମଧରେ ଭୁବନେଶ୍ୱର ବିମାନବନ୍ଦରରୁ ବାରମ୍ବାର ମାରିଜୁଆନ୍ ଜବତ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହିଘଟଣାରେ ଅଧିକାଂଶ ରାଜ୍ୟ ବାହାରର ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଅନ୍ୟ ରାଜ୍ୟର ନିଶା ବେପାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ନିଶାଦ୍ରବ୍ୟ ଚାଲାଣ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ କିଛିଦିନ ମଧରେ ବର୍ଷ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ କଷ୍ଟମ୍‌ସ ବିଭାଗ ସ୍କ୍ୱାଡ୍ ୭ ରୁ ଅଧିକ ଥର ଏହି ନିଷିଦ୍ଧ ନିଶା ମାରିଜୁଆନା ଜବତ କଲାଣି।

■ ବିମାନବନ୍ଦର ଏବେ ନିଶାଦ୍ୟବ୍ୟ ଚାଲାଣର ଗେଟ୍‌ୱେ
■ ନିଶା ବେପାରୀଙ୍କୁ ସୁହାଉଛି ଓଡ଼ିଶା ପୁଲିସର କୋହଳ ମନୋଭାବ









ଏହି ବିଦେଶୀ ନିଶାଦ୍ରବ୍ୟ ଭୁବନେଶ୍ୱର ଦେଇ ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟକୁ ଚାଲାଣ ହେଉଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ତେବେ ଅନ୍ୟ ରାଜ୍ୟକୁ ଚାଲାଣ ପାଇଁ ଓଡ଼ିଶା ବିଶେଷକରି ଭୁବନେଶ୍ୱର ବିମାନ ବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ବେଶ ସୁହାଉଛି। ଯେଉଁଥିପାଇଁ ଚାଲାଣକାରୀମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ସୁବିଧାରେ ବିଦେଶରୁ ଏଭଳି ବିଦେଶୀ ନିଶାଦ୍ରବ୍ୟ ଆମଦାନି କରୁଛନ୍ତି।

ସେହିଭଳି ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୩ କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା ଜବତ ହୋଇଛି। ସନ୍ଦିଗ୍ଧ ଯୁବକଙ୍କ ଲଗେଜ୍‌ରୁ ୩.୨ କିଲୋ ମାରିଜୁଆନା ମିଳିଥିଲା। ବ୍ୟାଙ୍କକ୍‌ରୁ ଏହି ନିଶା ଚାଲାଣ କରୁଥିବା କେରଳୀ ଯୁବକକୁ କଷ୍ଟମ୍‌ସ ଅଧିକାରୀମାନେ ଉଠାଇନେଇ ପଚରାଉଚରା କରିଥିଲେ। ଚାଲାଣକାରୀ କେରଳ ବାସିନ୍ଦା ହୋଇଥିବାରୁ ଜବତ ମାରିଜୁଆନା ଓଡ଼ିଶା ଦେଇ କେରଳ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଜେରା ବେଳେ କେରଳର ଏହି ଯୁବକଜଣକ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିଲେ ଏବଂ ପରେ ଅନ୍ୟ ବିମାନ ଯୋଗେ କେରଳ ଯିବାର ଥିଲା ବୋଲି କହିଥିଲେ।

ଗତ ଜୁଲାଇ ୩୦ ତାରିଖରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ଘଟଣାରେ ମହମ୍ମଦ ଜାମ୍, ମୋହିତ ଓ ବମ୍‌ତିଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। କିନ୍ତୁ ସେମାନେ ବେପାରୀ ନୁହନ୍ତି ବରଂ ଚାଲାଣକାରୀ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍‌ର ତଦନ୍ତ ମୁତାବକ ମାରିଜୁଆନା ଚାଲାଣର ମାଷ୍ଟର ମାଇଣ୍ଡ ଦୁବାଇରେ ବସି ନେଟୱର୍କ ଅପରେଟ କରୁଥିବା ଜଣାପଡ଼ିଥିଲା। ମହମ୍ମଦ ଜାମ୍, ମୋହିତ ଓ ବମ୍‌ତି କେବଳ ଥାଇଲାଣ୍ଡର ବ୍ୟାଙ୍କକରୁ ମାରିଜୁଆନା ଆଣି ଆଗ୍ରାର ଫତେପୁର ସିକ୍ରିରେ ପହଞ୍ଚାଇ ଥାନ୍ତେ। ୩୦ କୋଟିର ମାରିଜୁଆନା ଚାଲାଣ କରି କମିସନ ବାବଦକୁ ୧୦ ପ୍ରତିଶତ ବା ୩ କୋଟି ଟଙ୍କା ନେବାକୁ ଚୁକ୍ତି ହୋଇଥିଲା। କୋଲକାତା ବିମାନବନ୍ଦରରେ କଡ଼ା ସୁରକ୍ଷା ଓ କଟକଣା ବ୍ୟବସ୍ଥା ରହିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ଢ଼ିଲା ନେଇ ସେମାନେ ଗେଟ୍‌ୱେ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ଧରି ନେଇଥିଲେ।

ସୂଚନାଯୋଗ୍ୟ ଦେଢ଼ବର୍ଷ ମଧରେ ଭୁବନେଶ୍ୱର ବିମାନବନ୍ଦରରୁ ପ୍ରାୟ ୬୦କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଅଗଷ୍ଟ ୨୩ ତାରିଖରେ କଷ୍ଟମ୍‌ସ ଅଧିକାରୀମାନେ ୪ କୋଟି ଟଙ୍କା ମୂଲ୍ୟର ଏହି ନିଶା ଜବତ କରିଥିଲେ। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଥିବା ପ୍ରେମୀଯୁଗଳଙ୍କଠାରୁ ଏହା ଜବତ ହୋଇଥିଲା। ପୁଣି ସେହି ମାସରେ ଏହି ବିମାନବନ୍ଦରରୁ ୮ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିଲା। କିନ୍ତୁ ସେଥର ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ସ୍କ୍ୱାଡ୍ ହାବୁଡରେ ଗୁଜରାଟ ଅହମଦାବାଦର ଚାଲାଣକାରୀ ଯୁବକଜଣକ ଧରାପଡ଼ିଥିଲା। ସେହିପରି ଜୁଲାଇ ୩୦ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିଲା। ସେଥର କଷ୍ଟମ୍‌ସ ସ୍କ୍ୱାଡ୍ ଉତ୍ତରପ୍ରଦେଶର ୩ଜଣ ଯୁବକଙ୍କୁ ଗିରଫ କରିଥିଲା। ତେବେ ଓଡ଼ିଶାରୁ ଜବତ ହେଉଥିବା ଏହି ବିଦେଶୀ ନିଶାଦ୍ରବ୍ୟ ମାମଲାରେ ରାଜ୍ୟ ବାହାର ଅଭିଯୁକ୍ତ ଗିରଫ ହେଉଥିବାରୁ ଏହା ସ୍ପଷ୍ଟ ହୋଇଛି ଯେ, ଓଡ଼ିଶାର ଭୁବନେଶ୍ୱର ବିମାନବନ୍ଦରର କୋହଳ ସୁରକ୍ଷା ବ୍ୟବସ୍ଥା ପାଇଁ ସେମାନେ ଏହାକୁ ବାଛି ନେଇଛନ୍ତି।

ମ୍ୟାରିଜୁଆନ ଆମଦାନି ଦୃଷ୍ଟିରୁ ଓଡ଼ିଶାରେ ମଧ ମାରିଜୁଆନ୍ ସେବନକାରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଭୁବନେଶ୍ୱରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଦେଶୀ ତଥା ରାଜ୍ୟ ବାହାରର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରେ ସେମାନେ ଏଭଳି ନିଶାଦ୍ରବ୍ୟ ଅଧିକାଂଶ ପରିମାଣରେ ସେବନ କରୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱରରେ ମାରିଜୁଆନାର ଚାହିଦା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଚାହିଦା ବୃଦ୍ଧି ଦୃଷ୍ଟିରୁ ଯୋଗାଣ ମଧ ବୃଦ୍ଧି ପାଇଥିବା କୁହାଯାଉଛି।

## ଜମି ବିକ୍ରି ଆଳରେ ୨୨ ଲକ୍ଷ ଠକେଇ; ଜଣେ ଗିରଫ



ଭୁବନେଶ୍ୱର, ୧୨।୫ (ସମିସ): ଜମି ବିକ୍ରି ଆଳରେ ୨୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଛତାବରର ସନାତନ ଦାସ (୪୭)। ପୁଲିସ ସୂଚନାନୁସାରେ, ପ୍ରଭାତ କୁମାର ପଟ୍ଟନାୟକ ମେଣ୍ଢାଶାଳ ମୌଜାରେ ଏକ ଜମି କିଣିବାକୁ ଯୋଜନା କରିଥିବା ବେଳେ ସନାତନ ସହ ସମ୍ପର୍କରେ ଆସିଥିଲେ। ସନାତନ ମେଣ୍ଢାଶାଳ ଅଞ୍ଚଳରେ ଏକ ଜମି ଦେଖାଇବା ସହ ଜମିର ମୂଲ୍ୟ ୨୯ ଲକ୍ଷ ଟଙ୍କା ଧାର୍ଯ୍ୟ କରିଥିଲା। ଏହାପରେ ପ୍ରଭାତ ଏକ ଚୁକ୍ତିନାମା କରି ସନାତନକୁ ମୋଟ ୨୨ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଟଙ୍କା ନେବାପରେ ମଧ ସନାତନ ଜମି ରେଜିଷ୍ଟ୍ରି କରିନଥିଲା କି ଅନୁରୋଧ ସତ୍ତ୍ୱେ ଟଙ୍କା ଫେରାଇ ନ ଥିଲେ। ପ୍ରଭାତ ଏନେଇ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ନୋଟାରୀ ଚୁକ୍ତିନାମା, ନୋଟାରୀକୃତ ଟଙ୍କା ରସିଦ, ବ୍ୟାଙ୍କ ଷ୍ଟେଟମେଣ୍ଟର ନକଲ ଓ ଟଙ୍କା କାରବାର ସମ୍ବନ୍ଧୀୟ ଫଟୋଗ୍ରାଫ ଜବତ କରାଯାଇଥିଲା। ସୋମବାର ରାତିରେ ଚଢ଼ଉ କରି ସନାତନକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି। ସନାତନ ନାମରେ ପୂର୍ବରୁ ଚନ୍ଦକା ଥାନାର ୩ଟି ଓ କ୍ୟାପିଟାଲ ଥାନାର ୧ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ଔଷଧ ଚୋରି ଅଭିଯୋଗରେ ଗିରଫ

ଭୁବନେଶ୍ୱର, ୧୨।୫(ସମିସ): ଔଷଧ ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଅଶୋକ କୁମାର ମଙ୍ଗଳ। ତାଙ୍କ ଠାରୁ ଚୋରି ଔଷଧ ଜବତ କରାଯାଇଛି। ଅଶୋକନଗର ସ୍ଥିତ ଅମିତ ଏଜେନ୍ସିଜ୍ ମେଡିସିନ ଷ୍ଟୋରର ମ୍ୟାନେଜର ସାଧୁ ଚରଣ ପଲଟାସିଂହ (୫୮) ଙ୍କ ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇଥିଲା। ଔଷଧ ଚୋରି ନେଇ ସେ ପୂର୍ବରୁ ମଧ ଗିରଫ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୮ ତାରିଖ ସନ୍ଧ୍ୟା ପ୍ରାୟ ୬.୪୭ ସମୟରେ, ଭୁବନେଶ୍ୱର ଅଶୋକନଗରସ୍ଥିତ ଅମିତ ଏଜେନ୍ସିଜ୍ ମେଡିସିନ ଷ୍ଟୋରରୁ ଜଣେ ଅଜଣା ବ୍ୟକ୍ତି ପ୍ରାୟ ୯୦ ହଜାର ଟଙ୍କାର ଦୁଇ ପେଟି ଔଷଧ ଚୋରି କରିଥିଲେ। ଉକ୍ତ ଘଟଣା ମେଡିସିନ ଷ୍ଟୋରରେ ଲାଗିଥିବା ସିସିଟିଭି କ୍ୟାମେରାରେ ସମ୍ପୂର୍ଣ୍ଣ ରେକର୍ଡ ହୋଇଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା ଏବଂ ଅଭିଯୁକ୍ତ ଆଲୋକ କୁମାର ମଙ୍ଗଳଙ୍କୁ ପୂର୍ବରୁ ସମାନ ପ୍ରକାରର ଔଷଧ ଚୋରି ମାମଲାରେ ସମ୍ପୃକ୍ତ ଥିବା ନେଇ ଚିହ୍ନଟ କରାଯାଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ଚୋରି ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଧିକ ଯାଞ୍ଚରୁ ସେ ଚୋରି ହୋଇଥିବା ଔଷଧଗୁଡ଼ିକୁ କଟକ ଜୋବ୍ରା ସେଟଲମେଣ୍ଟ ଅଫିସ ନିକଟସ୍ଥ ସାଇ ଶୁଭମ୍ ମେଡିସିନ ଷ୍ଟୋରରେ ବିକ୍ରି କରିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପୁଲିସ ଉକ୍ତ ଦୋକାନରୁ ଚୋରି ହୋଇଥିବା କିଛି ଔଷଧ ଉଦ୍ଧାର କରି ଜବତ କରିଥିଲେ। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ତାଙ୍କ ବିରୋଧରେ ପୂର୍ବରୁ ଖାରବେଳନଗର ଥାନା, ମାର୍କେଟନଗର ଥାନା, କ୍ୟାପିଟାଲ ଥାନା, ସିଡିଏ ଫେଜ୍-୨ ଥାନା ଏବଂ ଲାଲବାଗ ଥାନାରେ ମୋଟ ୫ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ୭ମ ବାଟାଲିୟନ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୨।୫(ସମିସ):ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରକ୍ଷା ପକ୍ଷରୁ ଇନଫୋସିଟି ନିକଟସ୍ଥ ନନ୍‌ଭେଜ ୱାର୍ଲ୍ଡ ପରିସରରେ ୭ମ ବାଟାଲିୟନର ଚାକିରିରୁ ଅବସର ଗ୍ରହଣ କରିଥିବା କର୍ମଚାରୀ ବିଚିତ୍ରାନନ୍ଦ ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସୁରକ୍ଷାର ଉପଦେଷ୍ଟା ସୁଧାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନନ୍‌ଭେଜ ୱାର୍ଲ୍ଡର ପ୍ରତିଷ୍ଠାତା ମନୋଜ କୁମାର ସାହୁ, ସୁରକ୍ଷା ସମ୍ପାଦକ କେଶବ ରଣା, ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ଦେବ ଚୌଧୁରୀ, ପ୍ରଶାନ୍ତ ଦାସ, ବିଜୟ ଦାସ, ଲୋଚନ ପ୍ରତାପ ସିଂ, ରାଜେନ୍ଦ୍ର ନାୟକ, ସମୀର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ରାଉତରାୟଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ କର୍ମମୟ ଜୀବନ ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିବ ବୋଲି କହିଥିଲେ। ନିର୍ଦ୍ଦେଶିକା ମିଲି ରଣା ଧନ୍ୟବାଦ ଅର୍ପଣ କରିଥିଲେ।





# ସୁନା କିଣିବାକୁ ମନା ?

ଭୁବନେଶ୍ୱର, ୧୨।୫(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସଙ୍କଟ ପାଇଁ ଏବେ ସୁନାଦର ଉପରମୁହାଁ ହୋଇଚାଲିଛି। ଏହି ଯୁଦ୍ଧ ସଙ୍କଟ ପାଇଁ ପ୍ରଧାନମନ୍ତ୍ରୀ ବର୍ଷେ ପାଇଁ ସୁନା ନକିଣିବା ପାଇଁ ଲୋକଙ୍କୁ ଅପିଲ୍ କରିଛନ୍ତି। ଯଦି ଲୋକେ ଏହି ପରିସ୍ଥିତିରେ ସୁନା ନ କିଣିବେ ତେବେ ଦରବୃଦ୍ଧି ନିୟନ୍ତ୍ରଣ ହେବ ସହିତ ବ୍ୟକ୍ତିଗତ ସଞ୍ଚୟ, ଅର୍ଥନୈତିକ ସ୍ଥିରତା, ବିଦେଶୀ ମୁଦ୍ରା ସଞ୍ଚୟ, ଡ଼ଲାର ଖସିବା ସହ ଟଙ୍କା ମଧ ବଢ଼ିବ। ହେଲେ ବିବାହ ଋତୁ ଚାଲିଥିଲେ ମଧ ଲୋକେ ଅଧିକ ମାତ୍ରାରେ ନହେଲେ ନାହିଁ ଅଳ୍ପ କିଛି ଟଙ୍କାରେ ସୁନା କିଣାବିକା କରୁଛନ୍ତି।



ବାହାଘର ଋତୁରେ ସୁନା ଦର ଆକାଶଛୁଆଁ ହେଉଥିବାରୁ ସାଧାରଣ ଲୋକ ଚିନ୍ତାରେ ପଡ଼ିଛନ୍ତି। ଏହି ପରିସ୍ଥିତିରେ ଅନେକେ ସୁନା କିଣିବାକୁ ମନା କରୁଛନ୍ତି। ପୂର୍ବରୁ ଯେତେ ସୁନା କିଣାଯାଉଥିଲା, ଏବେ କେବଳ ଅତି ଆବଶ୍ୟକ ଅନୁଯାୟୀ କିଣିବା ଦରକାର। ସୁନା ନ ଥିଲେ ବି ବିବାହ ସୁନ୍ଦର ଭାବେ ହୋଇପାରେ। ରୁପା କିମ୍ବା ଅନ୍ୟ ଉପଯୋଗୀ ଉପହାର ଦେଇ ସରଳ ଓ ସୁନ୍ଦର ବିବାହର ଉଦାହରଣ ସୃଷ୍ଟି କରାଯାଇପାରେ। ଆଜିର ସମୟରେ ସୁନା ଦର ବଢ଼ିଥିବାରୁ ମଧ୍ୟବର୍ଗୀୟ ପରିବାର ଉପରେ ଅର୍ଥନୈତିକ ଚାପ ବଢୁଛି। କେବଳ ସମାଜ କଣ କହିବ ଭାବି ଋଣ କରି ସୁନା କିଣିବା ଠିକ୍ ନୁହେଁ। ଯେତିକି ସମ୍ଭବ ସେତେକି କରିବା ଦରକାର। ପୁଅ ଓ ଝିଅଙ୍କ ଭଲ ଭବିଷ୍ୟତ, ଶିକ୍ଷା ଓ ସୁଖୀ ଜୀବନ ସୁନାରୁ ଅଧିକ ମୂଲ୍ୟବାନ। ତେଣୁ ଦେଖାଦେଖି ଠାରୁ ଅଧିକ ପରିବାରର ସାମର୍ଥ୍ୟ ଓ ଶାନ୍ତିକୁ ପ୍ରାଥମିକତା ଦେବା ଆବଶ୍ୟକ।

-ଶୈଳବାଳା ନାୟକ, ଗୃହିଣୀ



ଘରର ଆୟକୁ ଦେଖି ବ୍ୟୟ କରିବା ଦରକାର। ସୁନା ଦର ବଢ଼ିଲେ ବିବାହ ଖର୍ଚ୍ଚ ସମ୍ଭାଳିବା ଅନେକ ପରିବାର ପାଇଁ ଅତ୍ୟନ୍ତ କଷ୍ଟକର ହୋଇଯାଏ। ଅନେକ ବାପା ମା ନିଜ ଇଚ୍ଛାକୁ ମାରି ବର୍ଷ ବର୍ଷ ଧରି ଟଙ୍କା ସଞ୍ଚୟ କରନ୍ତି କେବଳ ପୁଅ କିମ୍ବା ଝିଅର ବିବାହ ପାଇଁ। ଏମିତି ସମୟରେ ଅଧିକ ସୁନା କିଣିବାର ଚାପ ମାନସିକ ଚିନ୍ତାକୁ ଆଉ ବଢ଼ାଇ ଦିଏ। ଘରର ଶାନ୍ତି ଓ ସମ୍ପର୍କ ଭଲ ରହିବା ସୁନାରୁ ଅଧିକ ମୂଲ୍ୟବାନ। ଜଣେ ଗୃହିଣୀ ସବୁବେଳେ ଚାହାନ୍ତି ଯେ ବିବାହ ପରେ ଝିଅ କିମ୍ବା ବୋହୂ ସମ୍ମାନ ଓ ସ୍ନେହ ପାଉନ୍ତୁ, ଗହଣାର ତୁଳନା ନୁହେଁ। କେବଳ ଲୋକଦେଖା ପାଇଁ ଋଣ କରି ସୁନା କିଣିଲେ ବିବାହ ପରେ ଦୀର୍ଘଦିନ ପର୍ଯ୍ୟନ୍ତ ପରିବାରକୁ ଅର୍ଥନୈତିକ ଅସୁବିଧା ଭୋଗିବାକୁ ପଡ଼େ। ଏହାର ପ୍ରଭାବ ଘରର ଦୈନିକ ଜୀବନ ଉପରେ ମଧ ପଡ଼େ।

-ସ୍ୱାଗତିକା ସ୍ୱାଇଁ, ଗୃହିଣୀ

ସୁନା ଘର ପାଇଁ ହେଉ ଅବା ବିବାହରେ କେବଳ ଆଡ଼ମ୍ବର ନୁହେଁ, ଅନେକ ପରିବାର ପାଇଁ ସମ୍ମାନ ଓ ସୁରକ୍ଷାର ପ୍ରତୀକ ମଧ ଅଟେ। ସମ୍ପୂର୍ଣ୍ଣ ସୁନା ବିନା ବିବାହ କରିବାକୁ ସମାଜ ସହଜରେ ଗ୍ରହଣ କରିନପାରେ। ବହୁତ ସ୍ଥାନରେ ଏହାକୁ ପରିବାରର ଆର୍ଥିକ ଅସମର୍ଥତା ଭାବରେ ଦେଖାଯାଏ। ଯାହାରୁ ଅନାବଶ୍ୟକ ଆଲୋଚନା ସୃଷ୍ଟି ହୋଇପାରେ। ସୁନାର ଦର ବଢ଼ିଥିଲେ ମଧ ବିବାହର ପରମ୍ପରାକୁ ପୂରାପୂରି ବଦଳାଇବା ସହଜ ନୁହେଁ। ରୁପା ଦେଇ ବିବାହ କରାଯାଇପାରେ କିନ୍ତୁ ସମାଜର ଚିନ୍ତାଧାରା ବଦଳିବାକୁ ଅଧିକ ସମୟ ଲାଗିବ।

-ସୁଶ୍ରୀ ସଙ୍ଗୀତା ସାହୁ, କର୍ମଜୀବୀ



ଏଇ ଗୋଟେ ସପ୍ତାହ ତଳେ ଭଉଣୀର ବାହାଘର ଯାଇଛି। ଦର ବଢ଼ିଥିଲେ ମଧ ଭଉଣୀ ସୁନା କିଣା ଯାଇଛି। ଏବେ ସୁନା ଦର ଯେତିକି ଅଛି ତା ଠାରୁ ରୂପା ଅଧିକ ରହିଛି। ହେଲେବି ସୁନା, ରୁପା ଦୁଇଟାକୁ କିଣିବାକୁ ପଡ଼ିଥିଲା। ଏବେ ଯୁଦ୍ଧ ପାଇଁ ସୁନା ଦର ଉପରମୁହାଁ ହୋଇଛି। ଦର ଅଧିକ ହେଲେ ବି ଅଧିକ ମାତ୍ରାରେ ନହେଲେ ବି କିଛି ମାତ୍ରା ରେ ସୁନା କିଣିବାକୁ ପଡୁଛି। ଏବେ ଯଦି ଝିଅ ହେଉ ଅବା ପୁଅକୁ ସୁନା ନଦେଇ ରୂପା ଦିଆଯାଏ ତେବେ ଲୋକଙ୍କ ଆଖିକୁ ଦେଖାଯିବନି। ଖଣ୍ଡେ ସୁନା ଦିଆହେଇନି ବୋଲି ପରିବାର ଉପରକୁ କଥା ଉଠାଇଦେବେ। ଯେଉଁଥିପାଇଁ ସୁନା ଅଧିକ ଟଙ୍କା ହେଉ ଅବା ଅଳ୍ପ କିଛି ମାତ୍ରାରେ କିଣିବାକୁ ପଡ଼ିବ।



-ସତ୍ୟଜିତ ପଣ୍ଡା, କର୍ମଜୀବୀ



# ଭୁବନେଶ୍ୱର ସିଟି

## ଆଇଆଇଡବ୍ଲ୍ୟୁଏମର ପ୍ରତିଷ୍ଠା ଦିବସ

# ଭୂଜଳ ସ୍ତର ହ୍ରାସ ରୋକିବାକୁ ହେବ

ଭୁବନେଶ୍ୱର, ୧୨।୫(ସମିସ)



ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ୩୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରି କହିଥିଲେ ଯେ ଭୂତଳ ଜଳ ସ୍ତର ହ୍ରାସ ଏକ ବଡ ଚିନ୍ତାର କାରଣ। ଆମ ସମସ୍ତଙ୍କ ମିଳିତ ପ୍ରୟାସରେ ଭୂଜଳ ସ୍ତର ହ୍ରାସ ରୋକିବାକୁ ହେବ। ଆଇଆଇଡବ୍ଲ୍ୟୁ ଏମ ଦ୍ୱାରା ବିକଶିତ କୃତ୍ରିମ ଭୂଜଳ ଭରଣ ଟେକ୍ନୋଲୋଜି ଏ ଦିଗରେ ନିଶ୍ଚୟ ସହାୟକ ହେବ। ଆଇସିଏଆର ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବର୍ଷା ଜଳ ସଂରକ୍ଷଣ କରି ସେଥିରେ କୃଷି କାର୍ଯ୍ୟ ସହିତ ମାଛ ଚାଷ ଦ୍ୱାରା ଚାଷୀ ତାଙ୍କର ଆୟକୁ ବହୁ ଗୁଣିତ କରି ପାରିବେ ବୋଲି ମତ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଶା ସରକାରଙ୍କ କୃଷି ବିଭାଗର ମୁଖ୍ୟ ଯନ୍ତ୍ରୀ ଇଞ୍ଜିନିୟର ବିଷ୍ଣୁ ପ୍ରସାଦ ମିଶ୍ର ଉପସ୍ଥିତ ରହିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡଙ୍ଗୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୧୧ ଜଣ ଶ୍ରେଷ୍ଠ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କର୍ଷ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବୈଜ୍ଞାନିକ ଓ ଶ୍ରେଷ୍ଠ କର୍ମଚାରୀଙ୍କୁ ପୁରସ୍କୃତ କରଯାଇଥିଲା। ପ୍ରତିଷ୍ଠାନରୁ ପ୍ରକାଶିତ ବିଭିନ୍ନ ଟେକ୍ନୋଲୋଜି ବୁଲେଟିନକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଅପରାହ୍ନରେ ଏକ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ସଂସ୍ଥାର କର୍ମଚାରୀଙ୍କ ଦ୍ୱାରା ଜଳ ତରଙ୍ଗ ନାମରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଓଡ଼ିଶାରେ ଅବସ୍ଥିତ ବିଭିନ୍ନ ଆଇସିଏଆର ସଂସ୍ଥାର ମୁଖ୍ୟ, ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀ, ବୈଜ୍ଞାନିକ, ବୈଷୟିକ ଅଧିକାରୀ, ପ୍ରଗତିଶୀଳ କୃଷକ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପରିଶେଷରେ ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ, ଡକ୍ଟର ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

# ମଦ ବନ୍ଦ, ଡ୍ରେନ୍ ନିର୍ମାଣ, ଟ୍ରାଫିକ ସମସ୍ୟାର ସମାଧାନ କରାଯାଉ

ଭୁବନେଶ୍ୱର, ୧୨।୫(ସମିସ): ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ, ଓମଫେଡ୍ ଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ବନ୍ଦ ଦର ବୃଦ୍ଧି, ବର୍ଷା ପୂର୍ବରୁ ଡ୍ରେନ୍ ନିବର୍ମାଣ ଓ ମରାମତି ସମ୍ପୂର୍ଣ୍ଣ, ବୁଲା କୁକୁର ଓ ଷଣ୍ଢ ଉପଦ୍ରବ ବନ୍ଦ ପାଇଁ ପଦକ୍ଷେପ ଗ୍ରହଣ, ବ୍ୟାପକ ବୃକ୍ଷରୋପଣ, ଟ୍ରାଫିକ ସମସ୍ୟାର ସମାଧାନ, ସମସ୍ତ ଟ୍ରାଫିକ ଛକ ଓ ବସିବା ପାଇଁ ଉଦ୍ଦିଷ୍ଟ ସ୍ଥାନରେ ସେଡ୍ ନିର୍ମାଣ ଦାବିରେ ଏଆଇଏମ୍‌ଏସ୍‌ଏସ୍ ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ଏଡିଏମ୍‌ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଦିନକୁ ଦିନ ରାଜ୍ୟରେ ଅପରାଧ ସଂଖ୍ୟା ବୃଦ୍ଧି ପାଇ ରାଜ୍ୟ ଅପରାଧୀଙ୍କ ଆଡ୍ଡା ସ୍ଥଳୀ ହୋଇପଡ଼ିଛି। ଧର୍ଷଣ, ଗଣଧର୍ଷଣ, ହତ୍ୟା ପରି ଅତି ଅମାନୁଷିକ କାଣ୍ଡ ସାରା ରାଜ୍ୟରେ ପ୍ରତିଦିନ ଘଟି ଚାଲିଛି ଯାହାର ପ୍ରତ୍ୟେକ୍ଷ ଓ ପରୋକ୍ଷ କାରଣ ଅବାଧ ମଦ ଓ ବିଭିନ୍ନ ପ୍ରକାରର ମଦକଦ୍ରବ୍ୟ ବୋଲି ଅଭିଯୋଗ ହେଉଛି। ସେହିପରି କୁକୁର ଓ ଷଣ୍ଢଙ୍କ ଆକ୍ରମଣରେ ଅମୂଲ୍ୟ ଜୀବନ ହାନି ପରି ଘଟଣା ଘଟୁଛି। ତେଣୁ ବୁଲା କୁକୁର ଓ ବିଶେଷ କରି ଷଣ୍ଢ ମାନଙ୍କର ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରାଯିବା ଅତ୍ୟନ୍ତ ଜରୁରୀ। ବର୍ଷା ଋତୁ ପୂର୍ବରୁ ଡ୍ରେନ୍ ସମସ୍ୟା ସମାଧାନ ନ କରିଲେ ପୁନର୍ବାର ଅଘଟଣ ଘଟିବା ଆଶଙ୍କା ରହିଥିବା ବେଳେ ଟ୍ରାଫିକ ସମସ୍ୟା ସମାଧାନ ଓ ବିଶ୍ରାମ ସ୍ଥଳୀରେ ସେଡ ନିର୍ମାଣ ଆବଶ୍ୟକତାକୁ ସରକାର ଧ୍ୟାନ ଦିଅନ୍ତୁ ବୋଲି ସଙ୍ଗଠନର ସଭାନେତ୍ରୀ ବିଜୟାଲକ୍ଷ୍ମୀ ପାତ୍ର, ସଙ୍ଗଠନର ଉପସଭାନେତ୍ରୀ ପ୍ରବାସିନୀ ରାଉଳ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ସଞ୍ଜୁକ୍ତା ସାମଲ, ଟୁନି ଦେହୁରୀ ପ୍ରମୁଖ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି।




## ବିଜେଡି ପକ୍ଷରୁ ଭୀମ ଭୋଇଙ୍କ ଜୟନ୍ତୀ




ଭୁବନେଶ୍ୱର, ୧୨।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ମଙ୍ଗଳବାର ବିଧାନସଭା ପାର୍ଶ୍ୱରେ ଅବସ୍ଥିତ ତାଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହାକୁ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରଙ୍ଗାଧର ସାହୁ, କାଳନ୍ଦୀ ସାମଲ, ଚୈତନ୍ୟ ତ୍ରିପାଠୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂ, ଜୟକୃଷ୍ଣ ସାମନ୍ତରାୟ, ସମାଜ ସେବୀ ମନୋରଞ୍ଜନ ମହାନ୍ତି, ଶରତ ସ୍ୱାଇଁ, କ୍ଷୀରୋଦ ମହାପାତ୍ର, ଅକ୍ଷୟ ଦଳେଇ, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରି ସନ୍ଥ ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜୟନ୍ତୀରେ ସନ୍ଥକବିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୨।୫(ସମିସ): ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ଅବସରରେ ଆଜି ବାଚସ୍ପତି ସୁରମା ପାଢ଼ୀ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସନ୍ଥକବିଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସନ୍ଥକବି ଭୀମଭୋଇ ହେଉଛନ୍ତି ଆମ ଓଡ଼ିଆ ଜାତି ପାଇଁ ଆଦର୍ଶ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସନ୍ଥକବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କଳିଙ୍ଗ ବିହାରରେ ପଣା ବଣ୍ଟନ



ବଡ଼ରଘୁନାଥପୁର, ୧୨।୫(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ହେଲ୍ପ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ କଳିଙ୍ଗ ବିହାର ଠାରେ ୨୦୦୦ ଲୋକଙ୍କୁ ଦହି ପଣା ବଣ୍ଟନ କରାଯାଇଛି। ଏହାର ସାଧାରଣ ସମ୍ପାଦିକା ଚିତ୍ରଲେଖା ଆଚାର୍ଯ୍ୟଙ୍କ ନେତୃତ୍ୱରେ ସକାଳ ୯ ଠାରୁ ଦିନ ୪ ଟା ପର୍ଯ୍ୟନ୍ତ ଦହି ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ କାଳୀପ୍ରସାଦ ମିଶ୍ର, ଅନ୍ୟତମ ଅତିଥି ଭାବେ ଯୁବ ନେତା ବିକ୍ରମ କେଶରୀ ଦେବ ମିଶ୍ର, ସୁମିତ୍ରା ମ୍ୟାଡାମ୍, ଉପସଭାପତି ବିଶ୍ୱରଞ୍ଜନ ଧଳ, ସହସମ୍ପାଦିକା ମଧୁସ୍ମିତା ଧଳ ଓ ସସ୍ମିତା ପଟ୍ଟନାୟକ, ମନରଞ୍ଜନ ମହାନ୍ତି, ଅଞ୍ଜନ କୁମାର ସାହୁ, ସୁକାନ୍ତ କୁମାର ମହାନ୍ତି, ମମତା ପଟ୍ଟନାୟକ, ତମସା ପଟ୍ଟନାୟକ, ମହେଶ୍ୱେତା ଜେନା, ସନ୍ଧ୍ୟାରାଣୀ ନନ୍ଦ, ପ୍ରଭଞ୍ଜନ ସାମନ୍ତରାୟ, ରବିନାରାୟଣ ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ, ଯୋଷଡା ସରାଫ, ମନୋରମା ପାଢ଼ୀ, ତମଶା ପଟ୍ଟନାୟକ, ଶ୍ରୀନିବାସ ନାୟକ, ମିନତୀ ସାହୁ, ଋଷି ପ୍ରସାଦ ଭଞ୍ଜ, ସବିତା ସାହୁ, ଶାନ୍ତି ମୈତ୍ରୀ ମହାନ୍ତି, ଉପଦେଷ୍ଟା ତାପସ ପାଣି ଉପସ୍ଥିତ ଥିଲେ। ସଭାପତି ସିବୁରାଜ ମହାପାତ୍ର ଧନ୍ୟବାଦ୍ ଜଣାଇଥିଲେ।

## ଜ୍ୟୋତି ଫେଲୋସିପ୍‌ରେ ସାକାର ହେଉଛି ମେଧାବୀଙ୍କ ସ୍ୱପ୍ନ



ଭୁବନେଶ୍ୱର, ୧୨।୫(ସମିସ): ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଆଶାର ଆଲୋକ ପାଲଟିଛି ଟାଟା ଷ୍ଟିଲ ଫାଉଣ୍ଡେସନର 'ଜ୍ୟୋତି ଫେଲୋସିପ୍'। ଗତ ୧୦ ବର୍ଷରେ ରାଜ୍ୟର ୨୪ ହଜାରରୁ ଅଧିକ ଶିକ୍ଷାର୍ଥୀ ଏହି ମେଧାବୃତ୍ତିର ସୁଫଳ ପାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୫, ୮୫୭ ଜଣ ଛାତ୍ରଛାତ୍ରୀଙ୍କୁ ୫.୯୭ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାର ଅର୍ଚ୍ଚିତା ସେଠୀ ଓ ଯାଜପୁରର ତଙ୍ଗୁରୁ ପ୍ରଧାନଙ୍କ ଭଳି ଦୁର୍ଗମ ଅଞ୍ଚଳର ଅନେକ ମେଧାବୀ ଏହି ଯୋଜନା ଦ୍ୱାରା ଉଚ୍ଚଶିକ୍ଷା ଜାରି ରଖିବାର ସୁଯୋଗ ପାଇଛନ୍ତି। ଆର୍ଥିକ ଅସୁବିଧା ସତ୍ତ୍ୱେ ମେଧା ପରୀକ୍ଷାରେ ସଫଳ ହୋଇ ସେମାନେ ପାଠପଢ଼ା ଖର୍ଚ୍ଚ ନେଇ ଚିନ୍ତାମୁକ୍ତ ହୋଇପାରିଛନ୍ତି। ଜ୍ୟୋତି ଫେଲୋସିପ୍ ଅଧୀନରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମେଧାଭିତ୍ତିକ ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ଚୟନ କରାଯାଉଛି। ୧୭ଟି ବୃତ୍ତିଗତ ପାଠ୍ୟକ୍ରମ ସମେତ ବିଭିନ୍ନ ଶିକ୍ଷାକ୍ଷେତ୍ରରେ ଏହି ସହାୟତା ଦିଆଯାଉଛି। ବର୍ତ୍ତମାନ କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର ଓ ଗଞ୍ଜାମ ଜିଲ୍ଲାର ୨୩ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକରୀ ହେଉଛି। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପ୍ରୟାସ ଦୁର୍ବଳ ଆର୍ଥିକ ପରିବେଶରେ ଥିବା ମେଧାବୀଙ୍କ ପାଇଁ ଉଚ୍ଚଶିକ୍ଷାର ନୂଆ ଦିଗ ଖୋଲିଦେଇଛି।

## ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଭକ୍ତ ସମାବେଶ



ବାଲିପାଟଣା, ୧୨।୫(ସମିସ) : କୁଶଭଦ୍ରା ନଦୀତଟ ବିସ୍ତୀର୍ଣ୍ଣ ପୋଲାଙ୍ଗ ତୋଟା ପରିସରରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ, ମା ତାରିଣୀ ଓ ବାବା ବାଲି କପିଳନାଥ ଙ୍କ ତିନି ଗୋଟି ମନ୍ଦିର ର ପ୍ରତିଷ୍ଠା ଉତ୍ସବ ପାଇଁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞର ଆଜି ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରଥମ ଦିନରେ ୩୨୧ ମହିଳା ପ୍ରାଚୀ ନଦୀର ପବିତ୍ର ତ୍ରିବେଣୀ ଘାଟରୁ ଜଳ ଉଠାଇ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ରଙ୍କ ମନ୍ତ୍ର ଉଚ୍ଚାରଣରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଦଶମଠ ମହନ୍ତ ସୁଦର୍ଶନ ମହାରାଜ ପୂର୍ଣ୍ଣାହୁତି ଅର୍ପଣ କରିଥିଲେ। ପୋଲାଙ୍ଗ ତୋଟା ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଅମୃତ ମଣୋହି ପାଟଣା, ରୟତ ପାଟଣା, ପତିତପାବନ ପାଟଣା ଓ ଗୋଲାମହମଦ ପାଟଣା ଗ୍ରାମବାସୀଙ୍କ ସହଯୋଗରେ ପୂର୍ବତନ ସରପଞ୍ଚ ଭାଗିରଥୀ ପାତ୍ର କାର୍ଯ୍ୟକ୍ରମ ସମ୍ପାଦନାର ମୁଖ୍ୟ ଦାୟିତ୍ୱ ନେଇଥିଲେ। କାର୍ଯକ୍ରମର ବିଭିନ୍ନ ଦିବସରେ ପ୍ରବଚକ ଅସିତ୍ ଜେନା ଓ ପ୍ରାର୍ଥ ସାରଥୀ ଯୋଗଦେଇ ଲୋକଙ୍କୁ ଭକ୍ତି ମାର୍ଗ ପ୍ରଦର୍ଶନ କରାଇଥିଲେ। କୁମାର ଦିଲ୍ଲୀପ, ମାନସୀ ପାଢ଼ୀ, ରବୀନ୍ଦ୍ର ମହାପାତ୍ର ବିଭିନ୍ନ ଦିବସରେ ଭଜନ ପରିବେଷଣ କରିଥିଲେ। ଏହି ଅବସର ରେ ଯୋଗ ଗୁରୁ ଜ୍ୟୋତି ପ୍ରକାଶ ବିଶୋଇଙ୍କ ଦ୍ୱାରା ୪୫୦ ଜଣଙ୍କୁ ନେଇ ଏକ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯାଇଥିଲା। ରଘୁନାଥ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ସାହୁ, ମୁରଲୀଧର ସାହୁ, ପ୍ରତାପ ସାହୁ, ରବୀନ୍ଦ୍ର ସେନାପତି, ଲକ୍ଷ୍ମଣ ମଣ୍ଡଳ, ସଞ୍ଜୟ ସାହୁ, ଭଗବାନ୍ ସାହୁ ପ୍ରମୁଖଙ୍କ ସହିତ ଶତାଧିକ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନୃତ୍ୟାୟନର ବାର୍ଷିକ ଉତ୍ସବ 'ଗୁରୁଦେବ'

ଭୁବନେଶ୍ୱର, ୧୨।୫(ସମିସ): ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟାୟନ ତରଫରୁ ୩୪ତମ ବାର୍ଷିକ ଉତ୍ସବ 'ଗୁରୁଦେବ' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଉପସ୍ଥିତିରେ ସଭାପତି ଇଂ ରାଧାଶ୍ୟାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଓଡିଶୀ ନୃତ୍ୟ ଶିଳ୍ପୀ ତଥା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶିକା ଦୀପ୍ତି ମିଶ୍ର ଏବଂ ସାଧୁ ଟ୍ରାନ୍ସପୋର୍ଟର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଧୀରେନ୍ଦ୍ର ନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା 'ସର୍ବ ଭୁତେ ହରି' ଏକ ଦଳଗତ ଓଡିଶୀ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। ପରେ ପରେ କୁନିକୁନି ଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ ଲୋକ ଗୀତ ଆଦି ପରିବେଷଣ ହୋଇଥିଲା। ଅନୁଷ୍ଠାନର ପ୍ରାୟ ୧୩୦ ଜଣ ଛାତ୍ରଛାତ୍ରୀ ଏହି ବାର୍ଷିକ ଉତ୍ସବରେ ନୃତ୍ୟ ପରିବେଷଣ କରିଥିଲେ।

## ମାଟ୍ରିକ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ବାଲିପାଟଣା, ୧୨।୫(ସମିସ) : ଆଦର୍ଶ ଶିଶୁ ନିକେତନ ତରଫରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ ୱାନ ଲାଭ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ନାଥ ସାହୁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼ ପ୍ରଭାତ କୁମାର ରଥ ଯୋଗ ଦେଇ ଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ପବିତ୍ର ମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶି ଭୂଷଣ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଚୌଧୁରୀ ଦ୍ୱାରକାନାଥ ଦାସ, ସମାଜସେବୀ ନାରାୟଣ ଖୁଣ୍ଟିଆ, ମାଗୁଣି ଚରଣ ସେଠୀ, ଗିରିଶ ପ୍ରଧାନ, ପ୍ରଶାନ୍ତ ସାମନ୍ତରାୟ, ଅରୁଣ ଶତପଥୀ, ଶିବପ୍ରସାଦ ଶତପଥୀ, ବିନୋଦ ଭୋଇ ପ୍ରମୁଖ ଯୋଗଦେଇ କୃତିତ୍ୱ ହାସଲ କରିଥିବା ଅଂଶୁମାନ ଦାସ, ବ୍ଲକରେ ପ୍ରଥମ ଶାନ୍ତନୁ ତ୍ରିପାଠୀ, ଶୁଭଶ୍ରୀ ପ୍ରଧାନ, ଶୁଭମ୍ ପ୍ରଧାନ, ଶୁଭ୍ରଜିତ୍ ସାହୁ, ଆଶୁତୋଷ ସାହୁ, ପ୍ରତ୍ୟାଶା ବିଶ୍ୱାଳ, ଆଦ୍ୟାଶା ପ୍ରିୟଦର୍ଶିନୀ ଦେଠୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସୁଜାତା ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରତାପ ବେହେରା, ଉମେଶ ସାହୁ, ଟୁଲୁ ସାହୁ, ବିଜୟ ବେହେରା, ଶୈଳବାଳା ମେକାପ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୧୨।୫(ସମିସ): ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ସଂଗଠନ 'ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ' ପକ୍ଷରୁ ଜୟଦେବ ଭବନଠାରେ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ସମୂହ ସମ୍ମେଳନ ଏବଂ ସନନ୍ଦ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ପରମ୍ପରା ସମ୍ବନ୍ଧିତ ସାମଗ୍ରୀ ପ୍ରଦର୍ଶନର ଉଦଘାଟନ ପୂର୍ବକ ଶ୍ରୀଜଗନ୍ନାଥଙ୍କ ଧ୍ୟାନମନ୍ତ୍ର ଆବୃତ୍ତି ମଧ୍ୟରେ ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ସୁପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର ପ୍ରତିନିଧି ଓ ପୂଜକମାନଙ୍କ ଉପସ୍ଥିତିରେ ଆଲୋଚନା ଚକ୍ରର ଶୁଭାରମ୍ଭ ହୋଇଥିଲା। ପ୍ରତିଷ୍ଠାନର ସଭାପତି ଡ. ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟକ, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମୁଖ୍ୟ ଆୟକର କମିସନର ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟବକ୍ତା ଏବଂ ସ୍ୱତନ୍ତ୍ର ଶାସନ ସଚିବ ଦେବେନ କୁମାର ପ୍ରଧାନ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡ. ଭାସ୍କର ମିଶ୍ର ଅଦିନରେ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରାକୁ ଦେଶବିଦେଶରେ ଇସ୍କନ ସଂସ୍ଥା ପକ୍ଷରୁ ପାଳିତ ହେଉଥିବା ଏହି ପରମ୍ପରାର ଉଲ୍ଲଙ୍ଘନ କରାଯାଉଥିବାରୁ ଏହାର ଦୃଢ଼ ପ୍ରତିବାଦ କରନ୍ତୁ ବୋଲି ପ୍ରକାଶ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ଆଗକୁ ସାବିତ୍ରୀ

# ଏଥର ଡିମାଣ୍ଡରେ ପଟ୍ଟଚିତ୍ର ଓ ହସ୍ତତନ୍ତ ଶାଢ଼ି

ଭୁବନେଶ୍ୱର, ୧୨।୫(ସମିସ)

ପାଖେଇ ଆସିଲାଣି ସାବିତ୍ରୀ ବ୍ରତ। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ରାଜଧାନୀ ବଜାର। ସାବିତ୍ରୀ ବ୍ରତ ପ୍ରାୟ ୧୫ ଦିନ ପୂର୍ବରୁ ବିଭିନ୍ନ ଶାଢ଼ି ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମଧ ଓଡ଼ିଆ ପରମ୍ପରାର ଏହି ପର୍ବ ପାଇଁ ବଜାରରେ ସକାଳୁ ରାତି ଯାଏ ବିଭିନ୍ନ ହାଟ ବଜାରେରେ ଭିଡ଼ ଆରମ୍ଭ ହୋଇଗଲାଣି। ଚଳିତ ବର୍ଷ ମହିଳାମାନେ ବିଭିନ୍ନ ପ୍ରକାର ଶାଢ଼ୀ କିଣୁଥିବା ବେଳେ ହସ୍ତତନ୍ତ ଓ ପଟ୍ଟଚିତ୍ର ଶାଢ଼ୀର ବେଶ୍ ଚାହିଦା ରହିଥିବା ବ୍ୟବସାୟୀମାନେ କହିଛନ୍ତି।

ଚଳିତ ମାସ ୧୬ ତାରିଖରେ ପାଳନ ହେବାକୁ ଥିବା ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ଗାର୍ମେଣ୍ଟସ୍, ସପିଂ ମଲ୍, ଫୁଟପାଥ୍ ଆଦିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଚଳିତ ବର୍ଷ ନିଜକୁ ସମ୍ପୂର୍ଣ୍ଣ ପାରମ୍ପରିକ ଲୁକ୍‌ରେ ସଜାଇବାକୁ ମହିଳାମାନେ ଶାଢ଼ି କିଣିବା ଆରମ୍ଭ କରିଛନ୍ତି। ତେବେ ଅଧିକ କ୍ରେଜ୍‌ରେ ରହିଛି ପଟ୍ଟଚିତ୍ର ଶାଢ଼ି ଓ ସମ୍ବଲପୁରୀ, ଇକତ୍, ପଞ୍ଚମପଲ୍ଲୀ, ବୋମକେଇ ଆଦି ହସ୍ତତନ୍ତ ଶାଢ଼ି। ଫେଶନ୍ କ୍ଷେତ୍ରରେ ରାଜଧାନୀର ଅପ-ଡ଼େଟ୍ ରହୁଥିବା ମହିଳାମାନେ ପାରମ୍ପରିକ ପରିଧାନ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଟ୍ରାଡିସ୍‌ନାଲ ଲୁକ୍ସରେ ନିଜକୁ ସଜେଇବାକୁ ସେମାନେ ବିଭିନ୍ନ ଜନଜାତିଙ୍କ ଜୀବନଶୈଳୀ, ସେମାନଙ୍କ କଳା ଓ କରିଗରୀର ଛାପ ରହିଥିବା ପୋଷାକକୁ ଅଧିକ ପସନ୍ଦ କରୁଛନ୍ତି। ଏଥିପାଇଁ ବିଭିନ୍ନ ଫେଶନ୍ ଡିଜାଇନରମାନଙ୍କ ନିକଟରେ ଜମୁଛି ଭିଡ଼। ସେମାନେ ଏହିସବୁ ପୋଷାକକୁ ଗ୍ରାହକଙ୍କ ନିଜ ମନ ପସନ୍ଦ କଲର୍ ହିସାବରେ ଡାଏ କରି ସେଥିରେ ବିଭିନ୍ନ କଳାକୃତିକୁ ସ୍ଥାନୀତ କରୁଛନ୍ତି। ସେହିପରି ବିଭିନ୍ନ ଫ୍ୟାବ୍ରିକ ଉପରେ ପ୍ୟାଚ୍ ୱାର୍କ ସମେତ ଗ୍ରାହକଙ୍କ ପସନ୍ଦ ଅନୁସାରେ କଷ୍ଟମାଇଜ୍ ଶାଢ଼ୀର ଅଧିକ ଚାହିଦା ରହିଛି। ବିଶେଷ କରି ବିଭିନ୍ନ ପିଓର ସିଲ୍କ ଶାଢ଼ିରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଅଲୌକିକ କାହାଣୀର ଛବି, ଓଡ଼ିଶୀର ବିଭିନ୍ନ ମୁଦ୍ରା, ରାଧାକୃଷ୍ଣଙ୍କ ଲୀଳାରେ ଗୋପପୁର ଠାରୁ ଆରମ୍ଭ କରି ମଥୁରା ଯାଏଁ ବିଭିନ୍ନ ଦୃଶ୍ୟ, କ୍ରୃଷ୍ଣ ରାସ, ଭାରତୀୟ ବିବାହ ଥିମ୍, ବନ୍ଦନା ଥିମ୍, ରାମାୟଣ, ମହାଭାରତ, ରଥ, ଦେଉଳ, ନର୍ତ୍ତକୀ, ସମେତ ଚାନ୍ଦୁଆ ଆଦି ଥିମ୍‌କୁ ନେଇ କାରୀଗରମାନେ ଆକର୍ଷଣୀୟ ଶାଢ଼ି ଓ ପୋଷାକ ଉପରେ ଚିତ୍ରିତ କରୁଛନ୍ତି। ଯାହାର ଦାମ୍ ୧୦ହଜାର ଟଙ୍କାରୁ ଆରମ୍ଭ କରି ୧ଲକ୍ଷ ଟଙ୍କା ଯାଏ ରହିଛି। ସେହିପରି ବିଭିନ୍ନ ହ୍ୟାଣ୍ଡଲୁମ୍ କଟନ ଶାଢ଼ୀର ଦାମ୍ ୩ହଜାର ଟଙ୍କାରୁ ଆରମ୍ଭ ହୋଇ ୧୦ହଜାର ଟଙ୍କା ଯାଏ ରହିଥିବା ବେଳେ ପାଟ ଶାଢ଼ି ଗୁଡ଼ିକର ଦାମ୍ ୮ ହଜାର ଟଙ୍କାରୁ ଆରମ୍ଭ ହୋଇ ୬୦ହଜାର ଟଙ୍କା ଯାଏ ରହିଛି। ତେବେ ସାବିତ୍ରୀ ପାଇଁ କେବଳ ଅଫ୍ ଲାଇନ୍ ନୁହେଁ ଅନଲାଇଡ଼୍‌ରେ ମଧ୍ୟ କଷ୍ଟମାଇଜ୍ ଡିଜାଇନ୍ ଶାଢ଼ିକୁ ମହିଳାମାନେ ବେଶ୍ ପସନ୍ଦ କରୁଛନ୍ତି।





## ମଦ ବନ୍ଦ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର




**ଅନୁଗୋଳ,୧୨ା୫(ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ବିଶେଷ କରି ନାରୀ, ଛାତ୍ରୀ ଓ ଶିଶୁ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଘଟଣା ବୃଦ୍ଧି ପାଉଛି। ଏହି ସମୟରେ ସରକାର ଟେଟ୍ରାପ୍ୟାକରେ ମଦ ନିଷ୍ପତ୍ତି ଘୋଷଣା ରାଜ୍ୟବାସୀଙ୍କୁ ଏବଂ ବିଶେଷ କରି ମହିଳାମାନଙ୍କୁ ହତଚକିତ କରିଛି। ସରକାରଙ୍କ ଚଳିତ ବଜେଟରେ ମହିଳାଙ୍କର ବିକାଶ କଥା କୁହାଯାଉଛି ମାତ୍ର ବିକାଶ ତ ଦୂରର କଥା ଆମ ରାଜ୍ୟ ନାରୀ ନିର୍ଯାତନା କ୍ଷେତ୍ରରେ ଶୀର୍ଷ ସ୍ଥାନରେ ଅଛି। ଗତ ନିର୍ବାଚନ ପୂର୍ବରୁ ବିଜେପି ପ୍ରତିଶ୍ରୁତି ଦେଇଥିଲେ ରାଜ୍ୟରେ କ୍ଷମତାକୁ ଆସିଲେ ୨୦୨୪ ଅଗଷ୍ଟ ୧୫ ଠାରୁ ରାଜ୍ୟକୁ ମଦମୁକ୍ତ କରିବେ। ମାତ୍ର କ୍ଷମତାକୁ ଆସିଲା ପରେ ମଦ ବନ୍ଦ କରିବା ପରିବର୍ତ୍ତେ ରାଜ୍ୟରେ ବନ୍ଦ ହୋଇଥିବା ୭୦ଟି ମଦ ଦୋକାନ ଖୋଲିଲେ ଓ ୩ଟି ମଦ କାରଖାନା ନୂଆକରି ଖୋଲିବାକୁ ନିଷ୍ପତ୍ତି ନେଲେ ଏବଂ ପୁନର୍ବାର ବର୍ତ୍ତମାନ ମଦର ବହୁଳ ପ୍ରସାର କରି ସାନ ସାନ ପିଲାମାନଙ୍କୁ ନିଶାଶକ୍ତ କରିବା ପାଇଁ ଟେଟ୍ରାପ୍ୟାକରେ ମଦ ଯୋଗାଇ ଦେବା ଭଳି ନିଷ୍ପତ୍ତି ଗ୍ରହଣ କଲେ। ବର୍ତ୍ତମାନ ଆମ ଜିଲ୍ଲାରେ ମଦ ନିଲାମ କରିବା ପାଇଁ ଜିଲ୍ଲା ପ୍ରଶାସନ ବିଜ୍ଞପ୍ତି ପ୍ରକାଶ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଛାତ୍ର ଯୁବକମାନଙ୍କ ମଧ୍ୟରେ ଅପରାଧପ୍ରବଣ ମାନସିକତାକୁ ଆହୁରି ବହୁଗୁଣ ବୃଦ୍ଧି କରିବ। ସ୍କୁଲ ଛାତ୍ର ପର୍ଯ୍ୟନ୍ତ ମଦ୍ୟପ ପାଲଟି ସାରିଲେଣି। ମଦ ମାଦକଦ୍ରବ୍ୟ ଆଜି ସାମାଜିକ ପାରିବାରିକ ସ୍ଥିତିକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଥିବା ବେଳେ ପୁନଶ୍ଚ ଟେଟ୍ରାପ୍ୟାକ ମଦ ଯୋଗାଣ ସମାଜକୁ ଆହୁରି ଯେ ଧ୍ୱଂସ ମୁଖକୁ ନେଇଯିବ ଏଥିରେ କିଛି ସନ୍ଦେହ ନାହିଁ। ଟେଟ୍ରାପ୍ୟାକ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା, ମଦ ଡ୍ରଗ୍ସ ସମେତ ସମସ୍ତ ମାଦକଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଅବିଳମ୍ବେ ମଦ ନିଲାମ ବନ୍ଦ କରିବା, ଅନୁଗୋଳ ଜିଲ୍ଲାକୁ ମଦମୁକ୍ତ କରିବା, ମଦ ନୁହେଁ ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଇ ଦେବା ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଜିଲ୍ଲା ସଭାନେତ୍ରୀ ମନ୍ଦୋଦରୀ ରାଉଳ, ବବିତା ସାହୁ, ଜମ୍ବୁବତି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀରେ ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## କଙ୍କଡ଼ାହାଡ଼ରେ ମହିଳାଙ୍କ ପଦଯାତ୍ରା

**କଙ୍କଡାହାଡ଼,୧୨।୫(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ କଙ୍କଡାହାଡ଼ ଠାରେ ବିଜେପି କଙ୍କଡାହାଡ଼ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସାରଳା ବେହେରାଙ୍କ ନେତୃତ୍ୱରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯଶସ୍ୱିନି ରାଉତ ଯୋଗ ଦେଇଥିଲେ। ଏହି ପଦଯାତ୍ରାରେ କଙ୍କଡାହାଡ଼ ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, କଙ୍କଡାହାଡ଼ ସରପଞ୍ଚ ଅନୁସୟା ସାହୁ, ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, କଙ୍କଡ଼ାହାଡ଼ ମଣ୍ଡଳ ପ୍ରଭାରୀ ଖୁଦିରାମ ବେହେରା, କଙ୍କଡାହାଡ଼ ମଣ୍ଡଳ ସଭାପତି ଶୁଭେନ୍ଦୁ ପାଲ,ବରିଷ୍ଠ ନେତା ବଳଭଦ୍ର ସାହୁ, ଦେବାଶିଷ ପଣ୍ଡା, ମିଶ୍ର ମହାନ୍ତ, ହୃଦାନନ୍ଦ ବେହେରା, ମନମୋହନ ସିଂହଙ୍କ ସମେତ ଶତାଧିକ ମହିଳା ଏହି ଜନ ଆକ୍ରୋଶ ପଦଯାତ୍ରାରେ ସାମିଲ ହୋଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଭୁବନ,୧୨।୫(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଜିରାଳ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏକାଦଶୀ ପତି (୮୬) ଙ୍କ ର ଗତକାଲି ସୋମବାର ପରଲୋକ



ହୋଇଯାଇଛି। ସେ ଗତ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ୪ ପୁଅ ମନୋଜ, ସରୋଜ, ନୀରଜ, କ୍ଷୀରୋଜଙ୍କ ସମେତ ପୁତ୍ର ବଧୂ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପତି ବାବୁଙ୍କ ବିୟୋଗ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଏକାଦଶୀ ବାବୁ ୧୯୭୫ ରୁ ୧୯୮୦ ପର୍ଯ୍ୟନ୍ତ ଜିରାଳ ପଞ୍ଚାୟତର ସରପଞ୍ଚ ଭାବେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ସ୍ୱର୍ଗତ ଏକାଦଶୀ ବାବୁ କେବଳ ଜଣେ ନିର୍ବିବାଦୀୟ ,ନିଷ୍କଳଙ୍କ ରାଜନେତା ଭାବେ ନୁହେଁ ଜଣେ ଧର୍ମ ପରାୟଣ, ପରୋପକାରୀ, ସ୍ନେହୀ, ଦୟାଳୁ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ସେବା ଦେବାରେ ବିଫଳ ଡବଲ ଇଞ୍ଜିନ ସରକାର

# ବିଗୁଡୁଛି ଆଇନଶୃଙ୍ଖଳା; ବଢୁଛି ଅପରାଧ

**ଢେଙ୍କାନାଳ,୧୨ା୫(ସମିସ):**




ଢେଙ୍କାନାଳ ଜିଲ୍ଲାରେ ଭୁଶୁଡ଼ି ପଡ଼ିଛି ଆଇନ ଶୃଙ୍ଖଳା। ମହିଳାଙ୍କୁ ଦୁଷ୍କର୍ମ, ମହିଳା ହିଂସା ସହିତ ଅପରାଧ ବୃଦ୍ଧିପାଇବାରେ ଲାଗିଛି। ଜିଲ୍ଲାରେ ଖଣି ମାଫିଆ, ଗଞ୍ଜେଇ ମାଫିଆ, ମଦ ମାଫିଆଙ୍କ ରାଜ ଚାଲିଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ସହିତ ମହିଳା, ଶିଶୁ ଅସୁରକ୍ଷିତ ବୋଲି ବିଜେଡି ଅଭିଯୋଗ କରିବା ସହିତ ଥାନା ମାଫିଆମାନଙ୍କ କବଜାରେ ରହିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜିଲ୍ଲାରେ ମାଫିଆଙ୍କ ରାଜ ଚାଲିଛି ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଢେଙ୍କାନାଳ ଜିଲ୍ଲା ତଥା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବିଜେଡି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଜେପି ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡ.ନୃସିଂହ ଚରଣସାହୁଙ୍କ କହିଛନ୍ତି ଜିଲ୍ଲା ତଥା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ମାଆ ମାନେ ସୁରକ୍ଷିତ ନୁହଁନ୍ତ ବୋଲି କହିବା ସହିତ ମହିଳାମାନେ ହିଂସା,ହତ୍ୟା ଓ ଦୁଷ୍କର୍ମର ଶିକାର ହେଉଛନ୍ତି ବୋଲି କହିଥିଲେ। ସେହିପରି ଏଠାରେମଦ, ଖଣି, ମାଫିଆଙ୍କ ରାଜ ଚାଲିଛି ବୋଲି କହିବା ସହିତ ପୁଲିସ ପ୍ରଶାସନ ସ୍ଥାଣୁ ପାଲଟିଛି। ଥାନାଗୁଡିକ ମାଫିଆ ମାନଙ୍କ ନିୟନ୍ତ୍ରଣରେରହିଛି ଓ ଗୁଣ୍ଡାରାଜ ଚାଲିଛି।ଆମେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ନିବେଦନ କରୁଛୁ ଜନହିତକରକାର୍ଯ୍ୟ କରିବା ପାଇଁ ପଦକ୍ଷେପ ଗ୍ରହଣକରନ୍ତୁ।ସେହିପରି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଛନ୍ତି ଯେ,ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପୁଲିସ ଷ୍ଟେସନରେ ଆଇଆଇସିମାନଙ୍କ କ୍ଷମତା ମାଫିଆଙ୍କ ମାନଙ୍କ ହାତରେ ରହିଛି। ଭାପୁର ଭଳି ଘଟଣା ଏବଂ ପୂର୍ବତନ ନଗରପାଳ ସୁନୀଲ ଶର୍ମାଙ୍କ ଘରୁ ଚୋରୀ ହୋଇଥିଲେ ମଧ ପୋଲିସ ଚୋରକୁ ଧରିବାରେ ବିଫଳ ହୋଇଛି। ଏହି କେହି ସୁରକ୍ଷିତ ନୁହଁନ୍ତ ବୋଲି କହିବା ସହିତ ଜିଲ୍ଲାରେ ଟ୍ରାଫିକ ସମସ୍ୟା ରହିଛି, ପିସିଆର ବୁଲୁନାହିଁ ଦିନକୁ ଦିନ ଅପରାଦ ବଢୁଛି ବୋଲି କହିଛନ୍ତି।ଢେଙ୍କାନାଳ ଜିଲାର କାମାକ୍ଷାନଗରରେ ଅଧିକ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଢେଙ୍କାନାଳ ଜିଲାରେ ନାରୀ ସୁରକ୍ଷିତ ନାହାନ୍ତି,ଚାଷି ସୁରକ୍ଷିତ ନାହାନ୍ତି, ଯୁବକ , ଯୁବତୀ , କଲେଜ ଝିଅ ମାନଙ୍କ ସମେତ ଶିଶୁବି ସୁରକ୍ଷିତ ନୁହନ୍ତି। ଏହି ସମ୍ବାଦିକ ସମ୍ମିଳନୀରେ ଜିଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ , ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ , ସନ୍ଦୀପ ଷଡଙ୍ଗୀ, ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ବିଜେଡି ଜିଲା ମହିଳା ସଭାପତି ସାଗରୀକା ମିଶ୍ର, ଜିଲ୍ଲା ବିଜେଡି ଯୁବ ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ଛାତ୍ର ସଭାପତି ଆରିୟାନ ଦାସ, ଟାଉନ ସଭାପତି ବିନୋଦ କୁମାର ମହାନ୍ତି, ଜିଲା ଉପସଭାପତି ଦେବାଶିଷ ମିଶ୍ର, ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ , ଉପ ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ମଞ୍ଚସୀନ ଥିବାବେଳେ ଉପସଭାପତି ଅଜୟ କୁମାର ଭଞ୍ଜ, ତିଳୋତ୍ତମା ଚୌଧୁରୀ, ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥବେହେରା,କାଉନସିଲର ସାଗିର ମହମ୍ମଦ, ଲିପିକା ଦସ, ଭୁବନ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ହିନ୍ଦୋଳ ବ୍ଲକ ସଭାପତି ଦେବୀପ୍ରସଦା ପଟ୍ଟନାୟକ, ଗନ୍ଦିଆ ବ୍ଲକ ସଭାପତି ପ୍ରଦୀପ ରାଉତ, ସମ୍ପାଦକ ରଞ୍ଜନ ନାୟକ, ମାନସ ମହାରଣା, ସୋସିଆଲ ମେଡିଆ ସଂଯୋଜକ ଗଙ୍ଗାଧର ରାଉତ, ଉର୍ବଶି ମହାପାତ୍ର ମହିଳା ଟାଉନ ସଭାପତି ଶ୍ରଦ୍ଧାଞ୍ଜଳୀ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।ବିଜେଡି ତରଫରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେଅନ୍ୟମାନଙ୍କ ମଧ୍ୟରେ ସାଗରିକା ମିଶ୍ର,ଶୁଭେନ୍ଦୁ ଷଡଙ୍ଗୀ,ଗୋପାଳ ପାତ୍ରଙ୍କସହିତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## କଣିହାଁରେ ତହସିଲଦାରଙ୍କ ଯୋଗଦାନ

**କଣିହାଁ,୧୨ା୫(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ବ୍ୟାପକ ପ୍ରଶାସନିକ ଅଦଳବଦଳ ପରେ ଅନୁଗୋଳ ଜିଲ୍ଲାର କଣିହାଁ ତହସିଲରେ ନୂତନ ତହସିଲଦାର ଭାବେ ପ୍ରଣବ ରଞ୍ଜନ ସାହୁ ଆଜି ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ପୂର୍ବରୁ ନୂଆପଡ଼ା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ରାଜସ୍ୱ ବିଭାଗରେ ତାଙ୍କର ଦୀର୍ଘ ଅନୁଭବ ଓ କାର୍ଯ୍ୟଦକ୍ଷତା ଥିବାରୁ ସେ ଜଣେ କର୍ମଠ ପ୍ରଶାସକ ଭାବେ ପରିଚିତ। ଶିଳ୍ପ ଓ ଖଣି ସମୃଦ୍ଧ କଣିହାଁ



ଅଞ୍ଚଳରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦେଇ କାମ କରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କଣିହାଁର ପୂର୍ବତନ ତହସିଲଦାର ଚିନ୍ମୟ ଦାସଙ୍କ ସୁନ୍ଦରଗଡ଼ ଜିଲ୍ଲାର କୋଇଡା ତହସିଲକୁ ବଦଳି ହୋଇଛି। ନୂତନ ତହସିଲଦାର ଭାବେ ଶ୍ରୀ ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଠିକାଦାର ସଙ୍ଘର ବୈଠକ

## ବାହାର ଠିକାଦାରଙ୍କୁ ଟେଣ୍ଡର ନ ଭରିବାକୁ ପ୍ରସ୍ତାବ




**ଢେଙ୍କାନାଳ ୧୨।୫(ସମିସ):** ଢେଙ୍କାନାଳ ଜିଲ୍ଲା ଠିକାଦାର ସଂଘର ସାଧାରଣ ବୈଠକ ସ୍ଥାନିୟ ଗୋପୀନାଥ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଠିକାଦାର ସଞ୍ଜୟ କୁମାର ଭଞ୍ଜ ଓ ଜି ପରମେଶ୍ୱର ରାଓଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ୮ଟି ବ୍ଲକ ସମେତ ସମସ୍ତ ବିଜ୍ଞାପିତ ପରିଷଦ ଅଂଚଳ ଓ ଢେଙ୍କାନାଳ ପୌରାଂଚଳର ଠିକାଦାରମାନେ ଯୋଗ ଦେଇଥିଲେ। ବାହାର ଜିଲ୍ଲାର ଠିକାଦାର ମାନଙ୍କୁ ଜିଲାରେ ଟେଣ୍ଡର ନଭରିବା ଏବଂ ଜିଲାର ଠିକାଦାର ମଧ ବାହାର ଲାଇସେନ୍ସ ଆଣି ଟେଣ୍ଡର ନଭରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ଏହି ନିୟମର ଖିଲାପ ହେଲେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତି ସଂଘ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସିଡ୍ୟୁଲ ଅଫ୍ ରେଟ୍ରେ ଟେଣ୍ଡର ଭରିବା ପାଇଁ ପରାମର୍ଶ ଦିଆଯାଇଥିଲା ।ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରିବା ପାଇଁ ସମସ୍ତେ ଏକଜୁଟ୍ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ସଂଘର ପଞ୍ଜିକରଣ କରାଯିବା ସହ ଜିଲ୍ଲାସ୍ତରୀୟ ବୈଠକ ଡକାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯିବା ପାଇଁ ନିଷ୍ପତି ହୋଇଥିଲା ।

## ଜଳ ସେବା ଶିବିର ଉଦ୍‌ଘାଟିତ



**ଖଜୁରିଆକଟା,୧୨ା୫(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଖଜୁରିଆକଟା ଠାରେ ଜନସେବକ ମଲଟିମିଡିଆ କୋର୍ଡିନେସନ କମିଟି ଓଡ଼ିଶା ସଭାପତି ବିଜୟ ସାହୁଙ୍କ ତତ୍ତ୍ୱାବଧାନରେ କମିଟ ସଦସ୍ୟଙ୍କ ଦ୍ୱାରା ଜଳଛତ୍ର କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ଏହି ଜଳଛତ୍ର କାର୍ଯ୍ୟକ୍ରମକୁ ବାଲିମି ଥାନାଧିକାରୀ ଚାରୁଲତା ବେହେରା ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ କରନ୍ଦା ସରପଞ୍ଚ ଦୁଷ୍ମନ୍ତ ନାଏକ, ସମାଜସେବୀ ଚନ୍ଦନ ନାଏକ, ଡାକ୍ତର ଦୀପକ ମାହାନ୍ତି, ଅଧ୍ୟାପକ ଡାକ୍ତର କିଶୋର କୁମାର ପୁଷ୍ଟି, ଡାକ୍ତର କାଶୀନାଥ ମାହାନ୍ତି ଉପସ୍ଥିତ ଥିଲେ। ଏହି ଜଳଛତ୍ରରେ ଘୋଳ ଦହି, ମିଠା ଦହି, ପୁଦିନା ସରବତ ଓଆର୍‌ଏସ୍ ପାଣି, ଲେମ୍ବୁ ପାଣି ଓ ଥଣ୍ଡା ପାଣି ଆଦି ବଣ୍ଟନ କରାଯାଇଥିଲା। ବିଦୁଲତା ଦେହୁରୀ, ଅନସୂୟା ଦେହୁରୀ, ସୁନୀଲ ଦେହୁରୀ, ଅର୍ଚ୍ଚିତା ସାହୁ, ସତ୍ୟାନନ୍ଦ ବେହେରା ସହଯୋଗ କରିଥିଲେ। ଏହି ଜଳଛତ୍ର ଖରାଥିବା ପର୍ଯ୍ୟନ୍ତ ଚାଲୁରହିବ ବୋଲି ଜନସେବକ ଓଡ଼ିଶା ସଭାପତି ବିଜୟ ସାହୁ ପ୍ରକାଶ କରିଛନ୍ତି। ତାଙ୍କର ଏହି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଗୋଣ୍ଡ ସମାଜ ରାଣୀବନ୍ଧ ପୁଞ୍ଜର ବାର୍ଷିକ ସଭା ପ୍ରସ୍ତୁତି ବୈଠକ

**କିଶୋରନଗର୧୨ା୫(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଗୋଣ୍ଡ ସମାଜ ରାଣିବନ୍ଧ ପୁଞ୍ଜି ପକ୍ଷରୁ ବାର୍ଷିକ ସଭା ନିମନ୍ତେ ଯୋଗିବନ୍ଧ ଗ୍ରାମ ଆମ୍ବତୋଟା ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମେ ପ୍ରଭୁ ପାଞ୍ଚଖଣ୍ଡାଙ୍କୁ ପୂଜା କରି ସଭା ଆରମ୍ଭ ହୋଇଥିଲା। ଏଥିରେ ଗୋଣ୍ଡ ସମାଜର ଯୁବ ବର୍ଗଙ୍କୁ ଆକୃଷ୍ଟ କରିବା, ସମାଜର ରୀତିନୀତି ଅନୁସାରେ ନିୟମ ମାନି ଚଳିବା, ନିଜ ଭିତରେ ସୁସମ୍ପର୍କ ରଖିବା ନେଇ ଆଲୋଚନା ହୋଇଥିଲା। ଆସନ୍ତା ଜୁନ ୭ତାରିଖ ବାର୍ଷିକ ସଭା ଠାକୁରଗଡ଼ରେ କରିବା ପାଇଁ ସ୍ଥିର କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସଭାପତି ସଦାଶିବ ନାୟକ, ସମ୍ମାନିତ ଅତିଥିଭାବେ କେନ୍ଦ୍ର ସଭାପତି ପ୍ରସନ ନାୟକ, କେନ୍ଦ୍ର ମହାସଚିବ ସୁରେଶ ଚନ୍ଦ୍ର ନାୟକ ଓ ଷୋହଳ ପୁଞ୍ଜର ସଭାପତି ସମ୍ପାଦକ ଯୋଗ ଦେଇଥିଲେ। ଏହି ବୈଠକ କେନ୍ଦ୍ର କମିଟି ଆଠମଲ୍ଲିକ ଆନୁକୂଲ୍ୟରେ ହୋଇଥିଲା। ରାଣୀବନ୍ଧ ପୁଞ୍ଜର ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ ୧୫୦ପରିବାରର ପୁରୁଷ ମହିଳା ଯୋଗ ଦେଇଥିଲେ।

# କେନ୍ଦ୍ରୀୟ ଶ୍ରମ ନିୟମାବଳୀ ବିରୋଧରେ ବିକ୍ଷୋଭ

**ଢେଙ୍କାନାଳ,୧୨।୫(ସମିସ):**



ଢେଙ୍କାନାଳ ଜିଲ୍ଲାରେ ସିଆଇଟିୟୁ ନେତୃତ୍ୱାଧୀନ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଏବଂ ଅନ୍ୟାନ୍ୟ ଶ୍ରମଜୀବୀ ସଂଗଠନ ତରଫରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମକୋଡ ଭିତ୍ତିରେ କରାଯାଇଥିବା ଶ୍ରମିକମାନଙ୍କ ସମ୍ପର୍କିତ ନିୟମାବଳୀ ସମଗ୍ର ଶ୍ରମିକ ଶ୍ରେଣୀ ଉପରେ ପରୋକ୍ଷ ଦାସତ୍ୱର ସର୍ତ୍ତ ଲଦିଦେବାର ଏକ ବ୍ୟାପକ ଯୋଜନା ବୋଲି ସିଆଇଟିୟୁ ତରଫରୁ ଅଭିଯୋଗ କରାଯାଇଛି। ଏହି ନିୟମାବଳୀଗୁଡ଼ିକ ଶ୍ରମିକମାନଙ୍କର କାର୍ଯ୍ୟକ୍ଷେତ୍ରରେ ସମସ୍ତ ଅଧିକାର ଓ ସୁବିଧାକୁ ଛଡ଼ାଇ ନେବ। କାର୍ଯ୍ୟ କରିବା ସମୟ, ସର୍ବନିମ୍ନମଜୁରି ଓ ସାମାଜିକ ସୁରକ୍ଷା ଇତ୍ୟାଦି ସହିତ ଶ୍ରମିକମାନଙ୍କର ସମସ୍ତ ମୌଳିକ ଅଧିକାର, ସଂଗଠିତ ହେବାର ଅଧିକାର ଓ ମିଳିତ ମୂଲଚାଲ କରିବା ଅଧିକାରକୁ ଧ୍ୱଂସ କରିବା ସହିତ ନିର୍ମାଣ ଶ୍ରମିକଙ୍କ ପାଇଁ ଥିବା ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ୧୯୯୬ ଓ କଲ୍ୟାଣବୋର୍ଡକୁ ଅନ୍ୟାନ୍ୟ ଅସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡରେ ମିଶ୍ରଣ କରାଯିବାର ନିଷ୍ପତ୍ତି, ନିର୍ମାଣ ଶ୍ରମିକଙ୍କୁ ସାମାଜିକ ନିରାପତ୍ତା ଏବଂ ଆଇନଗତ ଅଧିକାର ଗୁଡ଼ିକରୁ ବଞ୍ଚିତ କରିବ। ଏହାକୁ ନେଇ ସଙ୍ଘ ତରଫରୁ ୧୫ଦଫା ଦାବି ନିର୍ମାଣ ଶ୍ରମିକଙ୍କ ଦୈନିକ ମଜୁରି ୧୦୦୦ଟଙ୍କା କରିବା, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣକୁ ଉଭୟ ଅନ୍‌ଲାଇନ୍, ଅଫ୍‌ଲାଇନରେ କରିବା, ନିର୍ମାଣ ଶ୍ରମିକମାନଙ୍କର ବନ୍ଦ କରାଯାଇଥିବା ସମସ୍ତ ସହାୟତା ପ୍ରଦାନ କରିବା, ନିର୍ମାଣ ଦୁର୍ଘଟଣା ଜନିତ କ୍ଷତିପୂରଣ ୧୦ଲକ୍ଷ ଟଙ୍କା ଓ ମୃତ୍ୟୁକାଳୀନ କ୍ଷତିପୂରଣ ୮ଲକ୍ଷ ଟଙ୍କା କରିବା, ଝିଅ ବାହାଘର ରାଶି ୧ ଲକ୍ଷ ପ୍ରଦାନ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ବାବଦରେ ୩ ମାସର ମଜୁରି ପ୍ରଦାନ କରିବା, ଉଭୟ ସରକାରୀ ଓ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରୀ ଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ମାସିକ ପେନସନ୍ ୯ ହଜାର ଟଙ୍କା ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କ ପକ୍କାଘର ଯୋଜନାରେ ହିତାଧିକାରୀଙ୍କୁ ୨ଲକ୍ଷ ସହାୟତା ଓ ସହଜ କିସ୍ତିରେ ଋଣ ପ୍ରଦାନ କରିବା, ନିର୍ମାଣ ଶ୍ରମିକମାନଙ୍କୁ ଯାତାୟତ ପାଇଁ ବସ୍‌ରେ ପାସ୍ ଯୋଗାଇ ଦେବା, ସେସ୍ ଆଇନ ଅନୁଯାୟୀ ସମସ୍ତ ସଂସ୍ଥାଙ୍କ ଠାରୁ ୨% ସେସ୍ ଆଦାୟକୁ କଡ଼ାକଡ଼ି କରିବା ଇତ୍ୟାଦି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲା ଶ୍ରମ ଅଧିକାରୀଙ୍କ କରିଆରେ ପ୍ରଦାନ କରାଯାଇଥଲା। ଢେଙ୍କାନାଳ ଷ୍ଟେସନ ଛକରୁ ଏକ ଶୋଭାଯାତ୍ରା ବାହାର ଜିଲ୍ଲା ଶ୍ରମଦପ୍ତର ପର୍ଯ୍ୟନ୍ତ ଯାଇଥିଲା।। ସେଠାରେ ଆୟୋଜିତ ସଭାରେ ଜିଲ୍ଲା ସମ୍ପାଦକ ସର୍ବଜ୍ଞ ସାହୁ ସଭାପତିତ୍ୱ କରିଥିଲେ। ଶ୍ରମିକ ନେତା ଏଆଇଟିୟୁସିର ରବି ରଥ, ଓଡ଼ିଶା କୃଷକ ସଭାର ଜିଲ୍ଲା ସଭାପତି ବିନୟ କୁମାର ସାହୁ, କୃଷକ ନେତା ସରୋଜ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥେଠିଲେ।ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ ନେତା ମଦନ ପ୍ରଧାନ, ପ୍ରତାପ ସାହୁ, ନିରଞ୍ଜନ ନାୟକ, ସେରାଜ ସାହୁ ଏବଂ ନାରୀ ନେତ୍ରୀ ଟୁନି ନାୟକ, ବନିମା ପ୍ରଧାନ, ସସ୍ମିତା ନାୟକ ଯୋଗ ଦେଇଥିଲେ।

## ଟାଟା ଷ୍ଟିଲ ତରଫରୁ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ

**ଢେଙ୍କାନାଳ,୧୨।୫(ସମିସ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ନରେନ୍ଦ୍ରପୁର ସ୍ଥିତ ଟାଟାଷ୍ଟିଲ ଫାଉଣ୍ଡେସନ ତରଫରୁ ବଅଁରପାଳ ବ୍ଲକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭକରାଯାଇଛି।

ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ ଏବଂ ଦୀର୍ଘସ୍ଥାୟୀ ବିକାଶ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବଅଁରପାଳ ବ୍ଲକରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଅନୁଗୋଳ ବିଧାୟକପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଅଁରପାଳ ବିଡିଓ, ଲୋଚନ ଦାସ, ତାମଡା ସେକ୍ରେଟାରୀ ପ୍ରଦୀପ କୁମାର ସାହୁ, ନୁଆହତା ସରପଞ୍ଚ ଅଶୋକ କୁମାର ଧୀର୍ ଯୋଗଦେଇଥିଲେ। ଜନସାଧାରଣଙ୍କ ସୁରକ୍ଷା, ଶିକ୍ଷା, ସୌରଶକ୍ତି ଏବଂ ଗୋଷ୍ଠୀ କଲ୍ୟାଣ ଉଦ୍ଦେଶ୍ୟରେ କରାଯାଇଥିବା ଏହି ପ୍ରକଳ୍ପ ଯୋଗୁ ୨୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ଅନୁଗୁଳ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଅନୁରୋଧ କ୍ରମେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସନ୍ତ୍ରୀ ଛକ-ମହୀଧରପୁର-ହାତୁରା ପର୍ଯ୍ୟନ୍ତ ୨୦ କିଲୋମିଟର ରାସ୍ତାରେ ୪୭୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରାଯାଇଛି। ହାତୀ ଚଳପ୍ରଚଳ ଏବଂ ମଣିଷ-ହାତୀ ସଂଘର୍ଷ ପ୍ରବଣ ଏହି ଅଞ୍ଚଳରେ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ପ୍ରାୟ ୧୮,୭୪୦ ଜନସାଧାରଣ ଉପକୃତ ହେବେ। ଏହି ପ୍ରକଳ୍ପ ଦ୍ୱାରା ବାର୍ଷିକ ୪୩.୮ ଏମ୍‌ଡବ୍ଲୁଏଚ୍ ପାରମ୍ପରିକ ବିଦ୍ୟୁତ ଶକ୍ତି ସଞ୍ଚୟ ହେବା ସହ ପ୍ରାୟ ୩୫.୦୪ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ।ଅନୁଗୁଳ, ତାଳଚେର ଏବଂ ମେରାମଣ୍ଡଳୀକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଗମନାଗମନ ଏବଂ ବାଣିଜ୍ୟିକ କେନ୍ଦ୍ର ବଅଁରପାଳଠାରେ ସର୍ବସାଧାରଣ ଆଶ୍ରୟସ୍ଥଳ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଦୈନିକ ଯାତ୍ରୀ, ମହିଳା, ବରିଷ୍ଠ ନାଗରିକ ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷା ଓ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ସମସ୍ତ ଆଧୁନିକ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୫୦୦୦ ଜନସାଧାରଣ ଉପକୃତ ହେବେ। ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ବଅଁରପାଳସ୍ଥିତ ପଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନ ବିଭାଗ ପାଇଁ ସ୍ୱତନ୍ତ୍ର ପରୀକ୍ଷାଗାର ନିର୍ମାଣ କରାଯାଇଛି। ଲାବୋରେଟୋରୀ ଫର୍ଣ୍ଣିଚର, ଉପକରଣ ସହ ଖେଳପଡ଼ିଆର



ଉନ୍ନତିକରଣ ଓ ନିରନ୍ତର ବିଦ୍ୟୁତ ସେବା ପାଇଁ ୫ କିଲୋୱାଟ ବିଶିଷ୍ଟ ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା କଲେଜରେ ଅଧ୍ୟୟନ କରୁଥିବା ୧,୨୫୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ପ୍ରୟାସ ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସ୍ଥାନୀୟ ଲୋକଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବା ସହ ସୁରକ୍ଷିତ ପରିବେଶ, ସବୁଜ ଭିତ୍ତିଭୂମି ଏବଂ ସୁଦୃଢ଼ ବ୍ୟବସ୍ଥା ନିର୍ମାଣ କରିବା ଜାରି ରଖିଛି।

## ମଦ ପିଇବାକୁ ବାରଣ କରିବାରୁ ଜୀବନ ହାରିଲା ବାପା

**ଦାରିଙ୍ଗବାଡି,୧୨।୫(ସମିସ):** ନିଶା ସେବନ ପାଇଁ ପୁଅ ବାରଣ କରିବାରୁ କୀଟନାଶକ ପିଇ ଜୀବନ ହାରିଲେ ବାପା। ଏପରି ଅଭାବନୀୟ ଘଟଣା ଘଟିଛି ଦାରିଙ୍ଗବାଡି ଥାନା ବାଡ଼ାବାଙ୍ଗା ପଞ୍ଚାୟତ ବାଲୁବାଙ୍ଗା ଗ୍ରାମରେ। ମୃତ ବୃଦ୍ଧ ହେଲେ ସୀତାରାମ ନାୟକ (୬୨)। ସୋମବାର ସନ୍ଧ୍ୟାରେ ସୀତାରାମ ମଦ୍ୟପାନ କରି ଘରକୁ ଫେରିଥିଲେ। ବାପାଙ୍କୁ ନିଶାସକ୍ତ ଅବସ୍ଥାରେ ଦେଖି ପୁଅ ମୁରଲୀ ନାୟକ ବିରୋଧ କରିବା ସହ ମଦ ନ ପିଇବାକୁ କହିଥିଲେ। ହେଲେ ନିଶାସକ୍ତ ଅବସ୍ଥାରେ ଥିବା ବୃଦ୍ଧ କୋବି ଚାଷ ପାଇଁ ଥିବା କୀଟନାଶକ ଔଷଧ ପିଇ ଦେଇଥିଲେ। ପୁଅ ତୁରନ୍ତ ତାଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ନେବା ବେଳେ ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଅ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଅର୍ଜୁନ ଶବର ସୂଚନା ଦେଇଛନ୍ତି।

## ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ଆସିକା,୧୨।୫(ସମିସ):** ଆସିକା ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ସ୍ଥିତ ଏନଏସି ମାର୍କେଟ କମ୍ପ୍ଲେକ୍ସ ପାର୍ଶ୍ୱରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କିଛିମାସ ହେଲା ମାନସିକ ବିକୃତ ଯୁବକଟି ନ ଖାଇ ପିଇ ବୁଲୁଥିଲେ। ତେବେ ମଙ୍ଗଳବାର ପଡି ରହି ଥିବା ବେଳେ ପୁଲିସକୁ ଖବର ଦେଇଥିଲେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ। ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ରଙ୍ଗେଇଲୁଣ୍ଡା,୧୨।୫(ସମିସ):** ଗୋଳନ୍ଥାରା ଥାନା ଅନ୍ତର୍ଗତ କନିସି ହାଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ କାର୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦପୁର ଗ୍ରାମର ରମେଶ ବେହେରା(୫୫)। ସୂଚନାନୁସାରେ ରମେଶ ପରିବା କିଣିବା ପାଇଁ କନିସି ହାଟ ଯାଇଥିଲେ। ପରିବା କିଣି ୧୬ନଂ ଜାତୀୟ ରାଜପଥ ପାର୍ ହେଉଥିବାବେଳେ ଏକ କାର୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡିଛି।

### ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଣ୍ଡ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## କନ୍ଧମାଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ



**ଜି.ଉଦୟଗିରି,୧୨।୫(ସମିସ):** ଅନୁଗୁଳ ଜିଲ୍ଲାର ନାଲକୋନଗର ଆଲୁମିନିୟମ ମଜଦୁର ସଂଘ ସଭାଗୃହରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଓଡ଼ିଶା ପ୍ରଦେଶର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନବନିର୍ବାଚିତ ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ ସଭାପତି ତଥା ପଞ୍ଚାୟତି ରାଜ ମନ୍ତ୍ରୀ ରବିନାରାୟଣ ନାୟକ, ମହାସଚିବ ପ୍ୟାରୀ ମୋହନ ନାୟକଙ୍କ ସମେତ ଗୋଁଣ୍ଡ ସମାଜର ମୁଖିଆ ଯୋଗ ଦେଇଥିଲେ। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ବୈଠକରେ ଗୋଁଣ୍ଡ ସମାଜର ସାମାଜିକ, ସାଂସ୍କୃତିକ ଐତିହ ଓ ଶୈକ୍ଷିକ ବିକାଶ ପାଇଁ ଆଗାମୀ ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନବ ନିର୍ବାଚିତ ପଦାଧିକାରୀଙ୍କ ସହ ମିଶି ଗୋଁଣ୍ଡ ସମାଜର ସମସ୍ତ ବର୍ଗଙ୍କୁ ଏକଜୁଟ କରିବା ତଥା ସେମାନଙ୍କ ସ୍ୱାର୍ଥରକ୍ଷା ସହ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଶେଷ ପଦକ୍ଷେପ ନେବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ କନ୍ଧମାଳ ଜିଲ୍ଲା ସଭାପତି ଭାବେ ବିଷ୍ଣୁଚରଣ ପ୍ରଧାନଙ୍କ ନାମ ଘୋଷଣା କରାଯାଇଥିବା ବେଳେ ରାଜ୍ୟସ୍ତରୀୟ ସଚିବ ଭାବେ ଅନିଲ କୁମାର ଦଳବେହେରା , ସଚିବ ସୂଚନା ନବୀନ ପାତ୍ର, କମିଟି ସଦସ୍ୟ ଭାବେ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ନାମ ଘୋଷଣା କରାଯାଇଛି। କନ୍ଧମାଳ ଜିଲ୍ଲାର ନୂତନ ପଦାଧିକାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟୁ ଥିବା ବେଳେ ଗୋଁଣ୍ଡ ସମାଜରେ ଏକତା ଏବଂ ଅଖଣ୍ଡତା ବଜାୟ ରହିବ ବୋଲି କହିଛନ୍ତି ପଦାଧିକାରୀ। କନ୍ଧମାଳ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ସହ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବ୍ୟବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି କନ୍ଧମାଳ ସଭାପତି କହିଛନ୍ତି।

### ମହେନ୍ଦ୍ର ମେଳା ଉତ୍ସବକୁ ବିରୋଧ

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମହେନ୍ଦ୍ରାଞ୍ଚଳବାସୀ

**ପାରଳାଖେମୁଣ୍ଡି,୧୨।୫(ସମିସ):**



ଓଡ଼ିଶାର ସର୍ବ ପୁରାତନ ଶୈବପୀଠ ମହେନ୍ଦ୍ରଗିରି ଶିଖରରେ ଚାଲିଥିବା ମନମୁଖୀ ଖନନ, ଅନୈତିକ କାର୍ଯ୍ୟକଳାପ, ପବିତ୍ର ପ୍ରାକୃତିକ ପରିବେଶ ନଷ୍ଟ, ମହେନ୍ଦ୍ରଗିରି ସହ ଜଡ଼ିତ ନିରୀହ ଆଦିବାସୀଙ୍କୁ ଅତ୍ୟାଚାର ସହିତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗଙ୍କ ନିୟମାବଳୀର ଉଲ୍ଲଂଘନ ବିରୋଧରେ ଆସନ୍ତାକାଲି ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ମହେନ୍ଦ୍ରାଞ୍ଚଳବାସୀ। ରାୟଗଡ଼ ବ୍ଲକ ମହେନ୍ଦ୍ରାଞ୍ଚଳ ଆଦିବାସୀ, ବିଶ୍ୱବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର) ଓ ପୂଜାରୀ ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ଏ ସମ୍ପର୍କରେ ପ୍ରଦାନ କରିଛନ୍ତି।

ସେମାନେ ଜଣାଇଛନ୍ତି ଯେ, କେଉଁ ଆଦିମ କାଳରୁ ସେମାନଙ୍କ ପୂର୍ବ ପୁରୁଷ ମହେନ୍ଦ୍ରଗିରି ଶୈବପୀଠରେ ଥିବା ମନ୍ଦିରରେ ନିଃସ୍ୱାର୍ଥପର ଭାବେ ପୂଜା, ମନ୍ଦିରର ଗୁଡିକର ରକ୍ଷଣାବେକ୍ଷଣ ଓ ସେଠାର ପ୍ରାକୃତିକ ପରିବେଶର ସୁରକ୍ଷା ନିରବଚ୍ଛିନ୍ନ ଭାବେ କରୁଛନ୍ତି। ଏଭଳି ସ୍ଥିତିରେ କିଛି ଅନୁପ୍ରବେଶକାରୀ ଭଣ୍ଡ ବାବା, କିଛି ଟାଉଟର, କିଛି କୁଜି ନେତା, ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତି ନିୟମିତ ମହେନ୍ଦ୍ରଗିରିକୁ ଆସି ସେଠାର ଧାର୍ମିକ ପରିବେଶକୁ କଳୁଷିତ କରୁଛନ୍ତି। ଏଥିଯୋଗୁ ଅଦିବାସୀଙ୍କ କୌଳିକ ପ୍ରଥା, ରୀତିନୀତି, ପରମ୍ପରା, ସଂସ୍କୃତି, ସମୂଳେ କ୍ଷୁଣ୍ଣ ହେବାରେ ଲାଗିଛି। ଏପରିକି ପବିତ୍ର ମହେନ୍ଦ୍ରଗିରି ଶିଖରେ ଭୋଜିଭାତର ଆୟୋଜନ, ଉକ୍ତ ଭୋଜିରେ ମଦ୍ୟପାନ, ମାଂସ ଭକ୍ଷଣ ଭଳି ନିନ୍ଦନୀୟ କାର୍ଯ୍ୟ କରାଯାଉଛି। ମହେନ୍ଦ୍ରଗିରି ଅଞ୍ଚଳରୁ ଖଣିଜ ରତ୍ନ ପଥର, ପ୍ରାଚୀନ ଦୁର୍ଲଭ ମୂର୍ତ୍ତି, ଶିବଲିଙ୍ଗ, ଇତ୍ୟାଦି ଚୋରିକରି ନେବାର ପ୍ରମାଣ ମଧ୍ୟ ରହିଛି। ବର୍ତ୍ତମାନ କିଛି ଭଣ୍ଡବାବା, କିଛି ମୁଷ୍ଟିମେୟ ଓ ରାଜନେତାଙ୍କ ସହାୟତାରେ ମହେନ୍ଦ୍ର ମେଳା ଉତ୍ସବ ନାମରେ ଏକ ପ୍ରହସନ କରିବାକୁ ଯାଉଛନ୍ତି। ଯାହା ମହେନ୍ଦ୍ରଗିରିର ଇତିହାସରେ ନାହିଁ। ଉକ୍ତ ମେଳା ଉତ୍ସବରେ ମହେନ୍ଦ୍ରାଞ୍ଚଳ ଆଦିବାସୀଙ୍କ ସାଂସ୍କୃତିକ ଓ ପରମ୍ପରାକୁ ବ୍ୟାଘାତ ସୃଷ୍ଟି ହେବା ସମ୍ଭାବନା ରହିଥିବାରୁ ବିରୋଧ କରୁଛୁ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ ଘୋଷଣା କରିବା ନିମନ୍ତେ ଦାବି ଓ ଅନୁରୋଧ କରାଯାଇଛି। ଯଦି ଉକ୍ତ କାର୍ଯ୍ୟକ୍ରମ ବନ୍ଦ ଘୋଷଣା କରା ନ ଯାଏ ତେବେମହେନ୍ଦ୍ରାଞ୍ଚଳ ଆଦିବାସୀ ବୁଧବାର ଠାରୁ ମହେନ୍ଦ୍ରଗିରି ଶିଖରରେ ଅନିର୍ଦ୍ଦିଷ୍ଟକାଳ ପାଇଁ

### ବିକାଶ ନାମରେ ବିନାଶ କରାଯାଉଥିବା ଅଭିଯୋଗ

ଧାରଣାରେ ବସିବେ ବୋଲି କହିଛନ୍ତି। ଏଥିନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଚେତାଇ ଦିଆଯାଇଛି। ଅଭିଯୋଗକୁ ଶୁଣି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏନେଇ ବିଚାର କରାଯିବ ବୋଲି କହିଥିବା ଜଣାପଡିଛି। ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ମହେନ୍ଦ୍ର ଅଞ୍ଚଳବାସୀ ପ୍ରଦୀପ କୁମାର ଭୂୟାଁଙ୍କ ନେତୃତ୍ୱରେ ତିନି ଜଣିଆ ଟିମ୍ ସଦସ୍ୟ ଉପସ୍ଥିତ ଥିଲେ। ଏନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ସମାନ ପ୍ରକାରର ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ୮୧ କିଲୋ ଗଞ୍ଜେଇ ଜବତ; ୨ ଗିରଫ

**ବାଲିଗୁଡା,୧୨।୫(ସମିସ):** ବାଲିଗୁଡ଼ା ପୁଲିସ ୮୧ କେଜି ଗଞ୍ଜେଇ ସହ ସ୍କର୍ପିଓ ଜବତ କରିଛି। ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ସୋମବାର ବାଲିଗୁଡ଼ା ଥାନା ମିଡ଼ିଆକିଆ ପଞ୍ଚାୟତ ସେନାପଡ଼ି ଅଞ୍ଚଳରେ ବାଲିଗୁଡ଼ା ପୁଲିସର ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରିବା ସମୟରେ ଏକ ସ୍କର୍ପିଓ ଗାଡିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ଘଟଣା ସ୍ଥଳରୁ ଗାଡ଼ି ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଅଭିଯୁକ୍ତ ୨ ଜଣ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଦଣ୍ଡସାହିର ଲୋକନାଥ ରାଉତ (୩୪) ଓ ଦେବ ପ୍ରସନ୍ନ ସ୍ୱାଇଁ (୩୭) ବୋଲି ଜଣାପଡ଼ିଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶିବରଞ୍ଜନ ସିଙ୍ଗା ସୂଚନା ଦେଇଛନ୍ତି।



## ସିଏମ୍ ଟ୍ରଫି ଫୁଟବଲ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ



**ପାରଳାଖେମୁଣ୍ଡି,୧୨।୫(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡ଼ିୟମରେ ସିଏମ୍ ଟ୍ରଫି ଅନ୍ତଃକ୍ଲବ ଓ ଅନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିଅନ୍‌ସିପ୍ ଉଦଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବା ବେଳେ ଏଥିରେ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ ଓ ଭାରପ୍ରାପ୍ତ ଶାରିରୀକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଚାମ୍ପିଅନ୍‌ସିପ୍ ତିନି ଦିନ ଧରି ଚାଲିବ। ଏଥିରେ ୧୪ ବର୍ଷ ବୟସରୁ କମ ଉଭୟ ବାଳକ ବାଳିକା ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ୧୧ ଦଳ ଭାଗ ନେଇଛନ୍ତି। ୬ ବାଳକ ଦଳ ରହିଥିବା ବେଳେ ୫ ବାଳିକା ବର୍ଗରେ ଖେଳୁଛନ୍ତି। ସମସ୍ତ ଖେଳାଳିଙ୍କୁ ସରକାରଙ୍କ ପକ୍ଷରୁ ପୋଷାକ ସହ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ଆଜି ପ୍ରଥମ ଦିବସରେ ତିନୋଟି ମ୍ୟାଚ୍ ହୋଇଥିଲା। ମ୍ୟାଚକୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରିଚାଳନାରେ ସହଯୋଗ କରୁଛନ୍ତି। ଫାଇନାଲରେ ସଫଳ ଖେଳାଳି ଦଳକୁ ରାଜ୍ୟସ୍ତରୀୟ ସିଏମ୍ ଫୁଟବଲ୍ ଚାମ୍ପିଅନ୍‌ସିପ୍‌କୁ ମନୋନିତ କରାଯିବ।

## ସୁଗଡ଼ବାଡ଼ିରେ ୫୩୦ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ

**ରାଇକିଆ,୧୨।୫(ସମିସ):** ରାଇକିଆ ବ୍ଲକ ସୁଗଡ଼ବାଡିରେ ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ଅସହାୟ, ବିଧବା ମହିଳା ଓ ଦରିଦ୍ର ପରିବାରଙ୍କ ପାଇଁ ରିଲିଫ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମରେ ୫୩୦ ପରିବାରକୁ ରାସନ କିଟ୍ ବଣ୍ଟନ କରାଯାଇଥିଲା। ବଣ୍ଟନ କରାଯାଇଥିବା




ରାସନ କିଟ୍‌ରେ ଚାଉଳ, ଡାଲି, ଚିନି, ଖାଦ୍ୟ ତେଲ, ସୋୟାବିନ୍, ଲୁଣ ସହ ୫ କିଲୋ ଆଟା ଓ ଅନ୍ୟାନ୍ୟ ଆବଶ୍ୟକ ଖାଦ୍ୟ ସାମଗ୍ରୀ ରହିଥିଲା। ସୁଗଡ଼ବାଡି ସରପଞ୍ଚ ସୁରଞ୍ଜନ ପ୍ରଧାନ ଓ ୱାର୍ଡ ସଦସ୍ୟ ଖ୍ରୀଷ୍ଟ ଦାସ ପ୍ରଧାନ ଯୋଗ ଦେଇ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ପେଟାମାହା, ରାଡାବାଲି, କାପୁଗୁଟା, ନାହୁଡିମାହା, ପାଙ୍ଗାମାହା, ପିପଳାବାଡି, ସିହୁରିପାଙ୍ଗା, ଲାଟେଡି, ପ୍ରତାପିଡା, ପିଟାଇର୍ପି, ଆଲମରାମୁ, କାଲିଗାଡୁ, କାମ୍ବାରିକିଆ, ମୁରୁଡିପାଙ୍ଗା, ଦିବାରି, ଡିଗୀ ଓ ଲାମୁଙ୍ଗିଆ ଆଦି ଗ୍ରାମର ପରିବାରଙ୍କୁ ରିଲିଫ ଦିଆଯାଇଥିଲା। ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟର ସମ୍ପାଦକ ବିନୟ କୀର୍ତ୍ତି, ସଭାପତି ସୁରେଖା ଡିଗାଲ ଓ କୋଷାଧ୍ୟକ୍ଷ ରମେଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୬୬ ଫୁଟ ରାସ୍ତା ପ୍ରଶସ୍ତୀକରଣ ନେଇ ଅନିଶ୍ଚିତତା; ବଢୁଛି ଅସନ୍ତୋଷ

**ପାରଳାଖେମୁଣ୍ଡି,୧୨।୫ (ସମିସ):**

ପାରଳାଖେମୁଣ୍ଡି ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ସମୟେ ସମୟେ କରାଯାଉଥିଲେ ମଧ୍ୟ ରାସ୍ତା ପ୍ରଶସ୍ତିକରଣର ନାଁ ଗନ୍ଧ ନାହିଁ। ସହରରେ ଜନ ଓ ଯାନ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପରିଷଦ ଅନ୍ତର୍ଗତରେ ସହରର ମୁଖ୍ୟ ରାସ୍ତା ଓ ନାଳ ରହିଥିବା ସମୟରେ ଦୂରାବସ୍ଥା ଥିଲା। ଯାହାକୁ ଦୃଷ୍ଟିରେ ରଖି ମୁଖ୍ୟରାସ୍ତା ଓ ନାଳର ରକ୍ଷଣାବେକ୍ଷଣ ଦାୟିତ୍ୱ ପୂର୍ତ୍ତବିଭାଗକୁ ନ୍ୟସ୍ତ କରାଯାଇଥିଲା। ହେଲେ ସେହି ସେମାନେ ମଧ୍ୟ ଏହି ସହର ଉପରେ ମେଡିକାଲ, ବଜାର ଆଦି ଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ ଉପରେ ନିର୍ଭର କରିଥାନ୍ତି। ତେଣୁ ଏହି ସହର ସଦାସର୍ବଦା ଚଳଚଞ୍ଚଳ ହୋଇଥାଏ। ଦିନକୁ ଦିନ ସହରର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ବାହାର ରାଜ୍ୟର ଲୋକଙ୍କ ଯାତାୟତ





ଦିନକୁ ଦିନ ଲୋକ ଓ ଯାନ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେହି ପୁରୁଣା ଢାଞ୍ଚାରେ ରାସ୍ତା ଗଳିକନ୍ଦି ରହିଛି। ୧୮୮୫ ପୌରପରିଷଦ ସ୍ଥାପନ ହେବା ପରେ ଇଂରେଜ ଶାସନଠାରୁ ଆରମ୍ଭ କରି ରଜାରାଜୁଡା ଶାସନ, ଦେଶ ସ୍ୱାଧୀନତା ପରେ ଗଣତନ୍ତ୍ର ପଦ୍ଧତିରେ ଶାସନ ଚାଲିଛି। ହେଲେ ସେହି ରାଜାରାଜୁଡା ଅମଳରେ ଯେତିକି ରାସ୍ତାଘାଟ ହୋଇଛି ସେତିକିରେ ରହିଯାଇଛି। ବଦଳିଛି ମାନେ ରାସ୍ତା ତଟରେ ଥିବା ମାଟି ଗୁଡିକ ଉପରେ ପିଚୁ କିମ୍ବା ସିମେଣ୍ଟ କଂକ୍ରିଟ ପକାଇ ଦିଆଯାଇଛି। ପ୍ରଶସ୍ତିକରଣ ହୋଇପାରୁ ନଥିବାରୁ ଉଭୟ ପୂର୍ବାବସ୍ଥାରେ ହିଁ ରହିଛି। ଦିନକୁ ଦିନ ଟ୍ରାଫିକ୍ ଅହେତୁକ ବୃଦ୍ଧି ପାଉଛି। ଏପରି ସ୍ଥଳେ ପୂର୍ବତନ ସରକାର ପ୍ରଶସ୍ତିକରଣ ପାଇଁ ଅଣ୍ଟା ଭିଡିଥିଲେ। ସହରରେ ବର୍ତ୍ତମାନ ୫୦ ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ୧୯୯୨ ମସିହାରେ ଜିଲ୍ଲା ଗଠନ ହେବା ପରେ ମଧ୍ୟ ଏହାର ରୂପରେଖ ବଦଳିନି। ଜିଲ୍ଲା ସଦରମହକୁମା ହୋଇଥିବା ଯୋଗୁଁ ୭ ବ୍ଲକର ଜନସାଧାରଣ ଏହି ସହର ଉପରେ ନିର୍ଭର କରିଥାନ୍ତି। ସେପଟେ ପଡୋଶୀ ଆନ୍ଧ୍ର ପ୍ରଦେଶର ସୀମାନ୍ତବର୍ତ୍ତୀ ଗ୍ରାମ ମଧ୍ୟରେ ସହରାଞ୍ଚଳ ନଥିବା ଯୋଗୁଁ ଯୋଗୁଁ ଟ୍ରାଫିକ ସମସ୍ୟା ଲାଗିରହିଛି। ନା ରାସ୍ତାଘାଟର ସଂପ୍ରସାରଣ ହେଉଛି ନାଁ ସହରର ବିକାଶ ହେଉଛି।

ଗତ ବର୍ଷ ମେ' ମାସରେ ରାସ୍ତା ପ୍ରଶସ୍ତିକରଣ ଓ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପୁଣି କାମ ଆରମ୍ଭ କରାଯାଇଥିଲା। ହେଲେ ୪୪ ଫୁଟ ରାସ୍ତା ପ୍ରଶସ୍ତିକରଣ କରାଯିବା ବିଷୟ ଜାଣିବା ପରେ ଚୌଡାକୁ ନେଇ ସହରବାସୀ ଓ ବିଜେପି ପକ୍ଷରୁ ବିରୋଧ କରାଯାଇଥିଲା। ସହରବାସୀ ଓ ବିଜେପି ପକ୍ଷରୁ ୬୬ ଫୁଟ ପ୍ରଶସ୍ତିକରଣ ପାଇଁ ଦାବି କରାଯାଇଥିଲା। ଏଭଳି ସ୍ଥିତିରେ ପୁଣି ପ୍ରଶସ୍ତିକରଣ କାମ ବନ୍ଦ ରହିଛି। ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ କ୍ରିଷ୍ଣା ସିନେମାହଲ ସମ୍ମୁଖ ଠାରୁ ବାଇପାସ୍ ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତାକୁ ଚଉଡା କରିବା ଉଦ୍ଦେଶ୍ୟରେ ସେତେବେଳେ ହିଁ ଜବରଦଖଲ କରି ମେଟାଲିଂ ଆଦି କରାଯାଇଛି। ଯାହାକି ଆଜି ପର୍ଯ୍ୟନ୍ତ ସେହି ମେଟାଲିଂରେ ରହିଯାଇଛି। ରାସ୍ତାର ଦୁଇ ପାଶ୍ୱର୍ରେ ସେମିତି ହିଁ ମେଟାଲ ବିକ୍ଷୀପ୍ତ ହୋଇ ପଡ଼ିଛି। ହେଲେ ଏବେ କେତେ ଦିନ ହେଲା ନାୟରା ପେଟ୍ରୋଲ ପମ୍ପ ନିକଟରେ ପୂର୍ତ୍ତ ବିଭାଗ ଏକ ନାଳ କାମ ଆରମ୍ଭ କରିଛି। ଯାହାକି ୬୬ ଫୁଟ ରାସ୍ତା ହେବା ଅନିଶ୍ଚିତତା ଘେରକୁ ଚାଲିଯାଇଛି। ନାଳ ୬୬ ଫୁଟ ରାସ୍ତା ହେବା ଉଦ୍ଦେଶ୍ୟରେ ହେଉନଥିବା ଅନୁମାନ କରିଛନ୍ତି ସହରବାସୀ। ଏହି ନାଳକୁ ଦେଖିଲେ ୫୦ ଫୁଟରୁ କମ୍ ରାସ୍ତା ହେବା ଅନୁମାନ କରୁଛନ୍ତି ସହରବାସୀ। କାରଣ ଜବରଦଖଲ ଉଚ୍ଛେଦ ସମୟରେ ଯେଉଁ ମାର୍କିଂ କରାଯାଇଥିଲା ତାହାକୁ ଲକ୍ଷ୍ୟ ନକରି ନାଳି ନିର୍ମାଣ ହେଉଛି। ମାର୍କିଂ ସ୍ଥଳ ପୂର୍ବରୁ ନାଳ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଏପରି ନାଳ ହେଲେ ରାସ୍ତା ସମ୍ପ୍ରସାରଣ ବା ପ୍ରଶସ୍ତିକରଣ ହେବ କ'ଣ ଓଲଟି ସଂକୀର୍ଣ୍ଣ ହୋଇଯିବ ବୋଲି ମତ ପ୍ରକାଶ କରୁଛନ୍ତି ଲୋକେ। ଯାହାକୁ ନେଇ ସହରର ବିଭିନ୍ନ ବର୍ଗର ଲୋକେ ପୂର୍ତ୍ତ ବିଭାଗର ଏପରି କାର୍ଯ୍ୟକୁ ନାପସନ୍ଦ କରିବା ସହ ୬୬ ଫୁଟ ରାସ୍ତା ଚଉଡା ଉଦ୍ଦେଶ୍ୟରେ ନାଳ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ଅନୁଦାନ ମିଳୁନି

# ଜରାଜୀର୍ଣ୍ଣ ଅବସ୍ଥାରେ ଆଦିବାସୀ ସଂଗ୍ରହାଳୟ





**ଗୁମ୍ମା,୧୨।୫(ସମିସ):** ସରକାରଙ୍କ ଆଦିବାସୀ ମଙ୍ଗଳ ବିଭାଗର ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଏବେ ସମ୍ପୂର୍ଣ୍ଣ ବନ୍ଦ ପଡିଛି। ବର୍ଷ ତମାମ ଫାଟକରେ ତାଲା ଝୁଲୁଥିବା ବେଳେ ବିଭାଗ ଥାଇ ମଧ୍ୟ ନଥିବା ସଦୃଶ ହୋଇଛି। ବିଶେଷ କରି ଗଜପତି ଜିଲ୍ଲା ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ମୂଳ ଆଦିବାସୀ ଲାଞ୍ଜିଆ ସଉରା ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ଆଦିବାସୀ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ଲାଞ୍ଜିଆ ସଉରା ଜନଜାତିର ବିକାଶ ପାଇଁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ଗୁମ୍ମା ବ୍ଲକର ସେରଙ୍ଗରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଏବଂ କାର୍ଯ୍ୟାଳୟ ପରିସର ମଧ୍ୟରେ ଆକର୍ଷଣୀୟ ସଂଗ୍ରହାଳୟ ମଧ୍ୟ ରହିଛି। ସଂଗ୍ରହାଳୟ ମଧ୍ୟରେ ଆଦିବାସୀଙ୍କ ସ୍ମୃତିକୁ ସାଇତି ରଖିବା ନିମନ୍ତେ ସେମାନଙ୍କ ପାରମ୍ପରିକ ପୋଷାକ, ବେଶଭୂଷା, ଗହଣା, ଅସ୍ତ୍ରଶସ୍ତ୍ର, ବାଦ୍ୟଯନ୍ତ୍ର, ପୁସ୍ତକ, ପୁରାତନ



ଲିପି, ଖାଦ୍ୟ ସାମଗ୍ରୀ, ଘର କରଣା ଆଦି ସାମଗ୍ରୀ ଏପରିକି ଏକ ଆଦିବାସୀଙ୍କ ଚାଳ କୁଡିଆ ଘରର ନମୂନା ପ୍ରଦର୍ଶନ ନିମନ୍ତେ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ପିଢ଼ି ତଥା ଆଧୁନିକ ସମାଜ ନିମନ୍ତେ ବହୁମୂଲ୍ୟ ସ୍ମୃତି ଭାବେ ରଖିବା ଉଦ୍ଦେଶ୍ୟ ଥିଲା। କିନ୍ତୁ ତାହା ଏବେ ନଷ୍ଟ ହେବାରେ ଲାଗିଛି।

ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ପ୍ରକାରେ, ବର୍ଷ ବର୍ଷ ଧରି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡ଼ି ରହିବା ଫଳରେ କେହି ପର୍ଯ୍ୟଟକ କିମ୍ବା ଦର୍ଶକ ସଂଗ୍ରହାଳୟ ବୁଲି ଦେଖିପାରୁନାହାନ୍ତି। ଯାହାକୁ ନେଇ ଅଞ୍ଚଳର ସନିୟା ମଣ୍ଡଳ ଓ ଜକ୍ଷ ଗମଙ୍ଗୋ କ୍ଷୋଭ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାର ଓ କର୍ମଚାରୀ କାର୍ଯ୍ୟ ନ କରି ଘରେ ବସି ମାସିକ ବେତନ ପାଉଥିବା ଅଭିଯୋଗ ହେଉଛି। ଏନେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ କହିବା ଅନୁଯାୟୀ, ୨୦୨୪ ମସିହାଠାରୁ ଆଉ ଅନୁଦାନ ମିଳୁନାହିଁ। ଅର୍ଥାଭାବରୁ ପରିଚାଳନରେ ସମସ୍ୟା ଦେଖାଦେଇଛି। ସରକାର ଏ ଦିଗରେ ଚିନ୍ତା କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

## କୁଟାସିଂହା ପଞ୍ଚାୟତରେ ଉତ୍କଟ ପାନୀୟ ଜଳ ସମସ୍ୟା

# ନଦୀକୂଳରେ ଗାଁ; ହେଲେ ଶୋଷ ମେଣ୍ଟୁନି

ବଲାଙ୍ଗିର,୧୨।୫(ସମିସ)





ନଦୀକୂଳରେ ଗାଁ; ହେଲେ ଶୋଷିଲା ଗ୍ରାମବାସୀ। ଜଳସେଚନ ପାଇଁ ପାଣି ତ ଦୂରରେ ଥାଉ ପିଇବା ପାଣି ପାଇଁ ବି ଲୋକେ ଡହଳ ବିକଳ ହେଉଥିବା ଅଭିଯୋଗ କରିଛନ୍ତି। ହଜାରେ ଜନସଂଖ୍ୟା ବିଶିଷ୍ଟ ଗାଁ ଗୋଟିଏ ନଳକୂପ ଓ କିଛି କୂଅ ଉପରେ ହିଁ ନିର୍ଭର କରୁଛି। ଗାଁ ନିକଟରେ ବହିଯାଇଥିବା ଅଙ୍ଗନଦୀ ଶୁଖିଲା ପଡିବାରୁ ଭୂତଳ ଜଳସ୍ତର ମଧ୍ୟ ନିମ୍ନଗାମୀ ହୋଇଛି। ଏହାର ପ୍ରଭାବରେ ପାନୀୟ ଜଳ ପ୍ରକଳ୍ପ ରହିଥିଲେ ମଧ୍ୟ ପାଣି ଯୋଗାଣ ବନ୍ଦ ରହିଛି। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ କୁଟାସିଂହା ପଞ୍ଚାୟତ ଅଞ୍ଚଳରୁ ଏହିଭଳି ଅଭିଯୋଗ ସାମ୍ନାକୁ ଆସିଛି। ଏହି ପଞ୍ଚାୟତ ଅଙ୍ଗନଦୀ କୂଳରେ ରହିଛି; ହେଲେ ପଞ୍ଚାୟତବାସୀ ପାଣି ପାଇଁ ହଇରାଣ ହୋଇଥିବା ଅଭିଯୋଗ ହୋଇଛି।

ଅଙ୍ଗନଦୀ କୂଳରେ ରହିଥିବା ଏହି ପଞ୍ଚାୟତ ଅଧୀନରେ କୁଟାସିଂହା, ଡୁଙ୍ଗୁରିପାଲି, ସେମେଲମୁଣ୍ଡା, କଣ୍ଟାପାଲ ଓ ତେନ୍ତୁଲି ଗାଁ ରହିଛି। ଜନସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ। ଏହି ପଞ୍ଚାୟତବାସୀଙ୍କ ଶୋଷ ମେଣ୍ଟାଇବା ପାଇଁ ଏକ ପାନୀୟ ଜଳ ପ୍ରକଳ୍ପ ରହିଛି। ନିକଟସ୍ଥ ଅଙ୍ଗନଦୀରୁ ଓଭର ହେଡ ଟ୍ୟାଙ୍କକୁ ପାଣି ଆସୁଛି। ସେଠାରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଭିତରେ ଏହି ଗାଁଗୁଡ଼ିକରେ ଏବେ ଉତ୍କଟ ଜଳ ସମସ୍ୟା ଦେଖା ଦେଇଛି। ଅଙ୍ଗନଦୀ ସ୍ରୋତ ବନ୍ଦ ହୋଇଯିବାରୁ ନଦୀର ଭୂତଳ ଜଳସ୍ତର ବହୁମାତ୍ରାରେ ହ୍ରାସ ପାଇଛି। ବିଶେଷ କରି ଡୁଙ୍ଗୁରିପାଲି ଗାଁରେ ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଗୁରୁତର ଅଭିଯୋଗ ହୋଇଛି।

ନଦୀରୁ ପାଣି ଆସିବା ବନ୍ଦ ହୋଇଯିବାରୁ ଲୋକେ ପାଣି ନ ପାଇ ନଳକୂପ ଓ କୂଅ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ଥିବା ନଳକୂପରୁ ମଧ୍ୟ ଠିକ୍ ଭାବେ ପାଣି ବାହାରୁନି। ଯେଉଁ ନଳକୂପରୁ ପାଣି ବାହାରୁଛି ସେଠାରେ ମହିଳାମାନେ ଲମ୍ବା ଲାଇନ ଲଗାଉଥିବା ଦେଖିବାକୁ ମିଳିଛି।

ତେବେ ଏହି ସମସ୍ୟା ପାଇଁ ବାରମ୍ବାର ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଦୃଷ୍ଟି ଅକର୍ଷଣ କରାଯାଉଛି; ହେଲେ ଟ୍ୟାଙ୍କର ଯୋଗେ ମଧ୍ୟ ପାଣି ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚଙ୍କ କହିବା ଅନୁସାରେ ଭୂତଳ ଜଳସ୍ତର କମିଯାଇଥିବାରୁ ପାଣି ବାହାରୁନାହିଁ। ପାଣି ପାଇଁ ଜେସିବି ଲଗାଇ କୂଅ ଖୋଳା ଯାଉଛି; କିନ୍ତୁ ସେଥିରେ ବି ପାଣି ବାହାରୁନାହିଁ। ତେବେ ଆଗକୁ ଆହୁରି ୨ ମାସରୁ ଅଧିକ ସମୟ ଗ୍ରୀଷ୍ମ ପ୍ରବାହ ଆଶଙ୍କା ରହିଛି। ଏଣୁ ପାଣି ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି।

- ଶୁଖିଲା ପଡିଛି ଅଙ୍ଗନଦୀ
- ପାଣି ପାଇଁ କୂଅ, ନଳକୂପ ଭରସା
- ଅଙ୍ଗନଦୀ ଭୂତଳ ଜଳସ୍ତର ହ୍ରାସ, ଆସୁନାହିଁ ପାଣି

## ସାଇଟ୍ କଲେଜରେ ବିଶ୍ୱ ସେବିକା ଦିବସ

### ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆହତ ସୈନିକଙ୍କୁ ଚିକିତ୍ସାରେ ଫ୍ଲୋରେନ୍ସ ନାଇଟ୍ ଏଙ୍ଗେଲଙ୍କ ଭୂମିକା ଅବିସ୍ମରଣୀୟ



ବଲାଙ୍ଗିର,୧୨।୫(ସମିସ): ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ସାଇଟ ନର୍ସିଂ କଲେଜ ଡିଜିଟାଲ ସଭା ଗୃହରେ ରାମଜୀ ଯୁବକ ସଂଘ ତରଫରୁ ବିଶ୍ୱ ସେବିକା ଦିବସ ପାଳନ ହୋଇଛି। ଏହି ଅବସରରେ ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା ବେଳେ ସାଇଟ ନର୍ସିଂ ଅଧ୍ୟକ୍ଷା ସ୍ନିଗଧା ମିନତି ଦାନୀ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଆହତ ସୈନିକମାନଙ୍କୁ ସେବା ଦେବାରେ ଫ୍ଲୋରେନ୍ସ ନାଇଟ୍ ଏଙ୍ଗେଲଙ୍କ ଭୂମିକା ଅବିସ୍ମରଣୀୟ। ବିଜୁଳି ନ ଥିବାରୁ ଅନ୍ଧାରରେ ଲ୍ୟାମ୍ପ୍ ଧରି ଆହତଙ୍କ ଚିକିତ୍ସା କରୁଥିବାରୁ ତାଙ୍କୁ ଲେଡି ଅଫ୍ ଦି ଲ୍ୟାମ୍ପ୍ ଆଖ୍ୟା ଦିଆଯାଇଥିଲା। ତାଙ୍କ ଜନ୍ମଦିନକୁ ସ୍ମରଣ କରି ସାରା ବିଶ୍ୱ ସେବିକା ଦିବସ ପାଳନ କରୁଛି ବୋଲି ଅତିଥିଗଣ ସୂଚନା ଦେଇଥିଲେ। ଶେଷରେ ସହ-ଅଧ୍ୟକ୍ଷା ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଦେଇଥିଲେ।

**ବିଜୁଳି ନ ଥିବାରୁ ଅନ୍ଧାରରେ ଲ୍ୟାମ୍ପ୍ ଧରି ଆହତଙ୍କ ଚିକିତ୍ସା କରୁଥିବାରୁ ତାଙ୍କୁ ଲେଡି ଅଫ୍ ଦି ଲ୍ୟାମ୍ପ୍ ଆଖ୍ୟା ଦିଆଯାଇଥିଲା**

ଅନୁଷ୍ଠାନର ସଂପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ରୀତା ସହୁ, ସଂଜନା ମିଶ୍ର, ଅର୍ଚ୍ଚନା ମିଶ୍ର, ଜୟଶ୍ରୀ ନାଏକ, ମନୀଷା ଖାଡିଆ, ଅଙ୍କିତା ମେହେର, ଭଗବତୀ ମେହେର ଅଶୋକ ପଧାନ, ଅମୀୟ ଯୋଷୀ, ମହମ୍ମଦ କାଜିମ, ପ୍ରଶାନ୍ତ ତ୍ରିପାଠୀ, ମୁକେଶ ନାଏକ, ଅଖିଳନାଥ ଗୁରୁ, ଭୀମଶଙ୍କର ମିଶ୍ର, ଜୟନ୍ତ ପଟେଲ, ଜଗନ୍ନାଥ ବେହେରା, ବୁଲୁ ମିଶ୍ର ଏବଂ ଲୋକନାଥ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ପିଙ୍କୁ ଭେଟିଲା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ

# କଡ଼ାକଡ଼ି ପାଟ୍ରୋଲିଂ, ନୂଆ ଟ୍ରାଫିକ୍ ଆଉଟପୋଷ୍ଟ ପାଇଁ ଜିଲ୍ଲା ପୁଲିସ ମୁଖ୍ୟଙ୍କୁ ଫେରାଦ

ବଲାଙ୍ଗିର,୧୨।୫(ସମିସ): ଦ୍ରୁତ ଜନସଂଖ୍ୟା ଓ ଭୌଗୋଳିକ ପରିସୀମା ବୃଦ୍ଧି ଯୋଗୁଁ ଶାନ୍ତିପ୍ରିୟ ବଲାଙ୍ଗିର ସହରର ସୁରକ୍ଷା ଓ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଅଣ୍ଟା ଭିଡ଼ିଛି। ମଙ୍ଗଳବାର ସଂଗଠନର ଏକ ପ୍ରତିନିଧି ଦଳ ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି.ଙ୍କୁ ସାକ୍ଷାତ କରିଛନ୍ତି। ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ବର୍ତ୍ତମାନ ବଲାଙ୍ଗିର ସହରର କଳେବର ବୃଦ୍ଧି ପାଇ ଜନସଂଖ୍ୟା ପାଖାପାଖି ୧.୫ ଲକ୍ଷ ଅତିକ୍ରମ କଲାଣି। ଏହି ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାତ୍ର ୨ଟି ପିସିଆର ଭ୍ୟାନ ନିୟୋଜିତ ରହିଛି। ସହରର ଜନସଂଖ୍ୟା ଓ ଭୌଗୋଳିକ ପରିସୀମା ତୁଳନାରେ ଏହା ଅତି ନଗଣ୍ୟ। ଏହାର ସୁଯୋଗ ନେଇ ସହରର ବିଭିନ୍ନ ସ୍ଥାନରେ ନିଶାଖୋରଙ୍କ ପ୍ରାଦୁର୍ଭାବ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି; ଯାହା ସାଧାରଣ ଜନତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ସହରକୁ ଅପରାଧମୁକ୍ତ କରିବା ପାଇଁ ଅତିକମ୍‌ରେ ଆଉ ୩/୪ଟି ନୂତନ ପିସିଆର ଭ୍ୟାନ୍ ସହ ସ୍ୱତନ୍ତ୍ର ପୁଲିସ ବଳ ନିୟୋଜିତ କରି ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥାକୁ ଜୋରଦାର କରିବାକୁ ସଂଗଠନ ଦାବି କରିଛି। ସେହିପରି ସହରର ପ୍ରମୁଖ ଛକଗୁଡ଼ିକରେ ଟ୍ରାଫିକ ନିୟନ୍ତ୍ରଣ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଲୋକସଂଖ୍ୟା ଅନୁସାରେ ଯାନବାହନ ସଂଖ୍ୟା ମଧ୍ୟ ବଢୁଥିବାରୁ ପୂର୍ବରୁ ଥିବା ଟ୍ରାଫିକ ପୋଷ୍ଟ ଗୁଡ଼ିକ ଅପର୍ଯ୍ୟାପ୍ତ ମନେ ହେଉଛି। କାର୍ଯ୍ୟରତ ଟ୍ରାଫିକ କର୍ମଚାରୀଙ୍କ ପାଇଁ ବିଶ୍ରାମ ଗୃହ, ଶୌଚାଳୟ ଓ ପାନୀୟ ଜଳର ସୁବିଧା ଥିବା ଆଧୁନିକ ଟ୍ରାଫିକ ଆଉଟପୋଷ୍ଟ ନିର୍ମାଣ କରିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ବିଶେଷ କରି ସହରର ନୂତନ ବ୍ୟସ୍ତବହୁଳ ଅଞ୍ଚଳ ଗୁଡ଼ିକୁ ଚିହ୍ନଟ କରାଯାଇ ସେଠାରେ ନୂତନ ଟ୍ରାଫିକ ଆଉଟପୋଷ୍ଟ ସହ ଅଧିକାରୀ ନିୟୋଜିତ କରିବାକୁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି।



# ବଡ଼ଟିକା ଗ୍ରାମବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ

ବଲାଙ୍ଗିର,୧୨।୫(ସମିସ): ବର୍ଷକୁ ବର୍ଷ ଗୋଟିଏ ଗୋଟିଏ କରି ଶିକ୍ଷକ ଅବସର ନେଉଛନ୍ତି; କିନ୍ତୁ ତାଙ୍କ ବଦଳରେ ଆଉ ଶିକ୍ଷକ ଆସୁନାହାନ୍ତି। ନବେ ଦଶକରେ ଆରମ୍ଭ ହୋଇଥିବା ଉଚ୍ଚ ବିଦ୍ୟାଳୟରେ ଏବେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। ୨ଜଣ ଶିକ୍ଷକଙ୍କ ଭରସାରେ ଶହେରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ବାରମ୍ବାର ଦାବି ପରେ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ଜିଲ୍ଲା ଶିକ୍ଷା ଅଧିକାରୀ ପଠାଇଥିଲେ; କିନ୍ତୁ ସେମାନେ ବି ଗଲେନାହିଁ। ଏହାଫଳରେ ଶିକ୍ଷକ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢାକୁ ନେଇ ପ୍ରଶ୍ନ ଉଠିଛି। ଏହାର ସମାଧାନ ପାଇଁ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ବଡଟିକା ଗ୍ରାମବାସୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ବଡଟିକା ଗ୍ରାମରେ ୧୯୯୦ ମସିହାରେ ଧରଣୀଧର ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଛି। ଏହି ସ୍କୁଲର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲାସ୍ତରରେ ପ୍ରଶଂସା ସାଉଁଟିଛନ୍ତି; କିନ୍ତୁ ବର୍ତ୍ତମାନ ସମୟରେ ଏହି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦେଖା ଦେଇଛି। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ବର୍ଷକୁ ବର୍ଷ ସ୍କୁଲରେ କାର୍ଯ୍ୟରତ ଶିକ୍ଷକମାନେ ଜଣେ ପରେ ଜଣେ ଅବସର ଗ୍ରହଣ କରୁଛନ୍ତି; କିନ୍ତୁ ତାଙ୍କ ବଦଳରେ ଆଉ ସ୍କୁଲକୁ ଶିକ୍ଷକ ଦିଆଯାଉନାହିଁ। ଏହା ଫଳରେ ବର୍ତ୍ତମାନ ମାତ୍ର ଦୁଇ ଜଣ ବିଜ୍ଞାନ ଶିକ୍ଷକ ରହିଛନ୍ତି। ନବମ ଓ ଦଶମ ଶ୍ରେଣୀରେ ପ୍ରାୟ ଶହେରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ଶିକ୍ଷା ବିଭାଗ ସେମାନଙ୍କ ଭବିଷ୍ୟତ କଥା ଚିନ୍ତା କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ନେଇ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୫୪୯୮/୧୪.୦୧.୨୦୨୫ରେ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ଏହି ସ୍କୁଲକୁ ପଠାଯାଇଥିଲା। ସେମାନେ କିନ୍ତୁ ଏହି ନିର୍ଦ୍ଦେଶକୁ ଅବମାନନା କରି ଯୋଗ ଦେଇ ନଥିଲେ। ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜରିଆରେ ପତ୍ର ସଂଖ୍ୟା ନଂ ୬୬୬୦/୧୯.୦୩.୨୦୨୬ରେ ଏହାର ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ଏହାର ମଧ୍ୟ ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୁବନେଶ୍ୱର ବାଗଙ୍କ ନେତୃତ୍ୱରେ ଅଶୋକ ପଟେଲ, ଗୋବର୍ଦ୍ଧନ ନାଏକ, ମନରଞ୍ଜନ ବିଶ୍ୱାଳ, ଦୀପକ ପସାୟତ, ଭାସ୍କର ପଧାନ, ଛାୟାକାନ୍ତ ବିଶି, ଚୌଧୁରୀ ଦଳପତି, ସର୍ବନ ସାହୁ, ସଭାପତି ପଧାନ ପ୍ରମୁଖ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯଦି ଖରାଛୁଟି ଭିତରେ ଏହାର ସମାଧାନ କରା ନ ଗଲେ ତେବେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



## କଣ୍ଟାବାଞ୍ଜିରେ ଓଡିଶା ଜନତା କଂଗ୍ରେସର ଜିଲ୍ଲାସ୍ତରୀୟ ସମାବେଶ

# କଂଗ୍ରେସ ଉପରେ ବର୍ଷିଲେ ମୋକିମ

କଣ୍ଟାବାଞ୍ଜି,୧୨।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଜିଆର ପ୍ୟାଲେସଠାରେ ଓଡିଶା ଜନତା କଂଗ୍ରେସ ଦଳର ବଲାଙ୍ଗୀର ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ସଭାପତି ରୂପେଶ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଓଡିଶା ଜନତା କଂଗ୍ରେସ ଦଳ ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କଣ୍ଟାବାଞ୍ଜିର ଦାଦନ ସମସ୍ୟା, ବେକାରୀ ସମସ୍ୟା କଥା ଉଠାଇଥିଲେ। ସେହିଭଳି ଦୀର୍ଘ ବର୍ଷ ଧରି କଂଗ୍ରେସ ଏହି ଅଞ୍ଚଳରେ ଶାସନ କରିଛି; ହେଲେ ଏହି ଅଞ୍ଚଳର ସମସ୍ୟାକୁ ଦୂର କରିନାହିଁ। ତେଣୁ ଗତ ନିର୍ବାଚନରେ ଏହି ଅଞ୍ଚଳ ପାଇଁ କଂଗ୍ରେସରୁ ପ୍ରତିନିଧିତ୍ୱ କରୁଥିବା ସେହି ନେତାଙ୍କୁ ଲୋକେ ତୃତୀୟ ସ୍ଥାନରେ ରଖି ଉଚିତ ଶିକ୍ଷା ଦେଇଛନ୍ତି।



ଆଗାମୀ ଦିନରେ ଓଡ଼ିଶା ଜନତା କଂଗ୍ରେସ ଏହି ଅଞ୍ଚଳର ପ୍ରତ୍ୟେକ ସମସ୍ୟାକୁ ନେଇ ଲଢ଼େଇ କରି। ଲୋକଙ୍କ ସାଥୀରେ ରହିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ମହମ୍ମଦ ମୋକିମ୍ କହିଥିଲେ। ଦଳର ନେତା ମଧୁ ମହାନ୍ତି, ଅରୁଣ ତାଣ୍ଡି, ଗୁପ୍ତେଶ୍ୱର ବେହେରା, ଜିତୁ ସୁନାଙ୍କ ସହ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କାମ ସରିବାର ମାତ୍ର କେଇ ମାସରେ ଫାଟିଗଲାଣି





ତୁରେକେଲା,୧୨।୫(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍‌ର ବହୁ ଚର୍ଚ୍ଚିତ ଧାମନଡ଼ଙ୍ଗା ପଞ୍ଚାୟତ ଅନେକ ସମୟରେ ସରକାରୀ ରାଜକୋଷରୁ କିଛି ନାଁ କିଛି ଉପଯୋଗ କରି ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ଏଡିଓ ସବୁବେଳେ ସରକାରୀ ନିୟମ ଉଲ୍ଲଂଘନ କରି ନିଜ ମନମୁଖୀ କାର୍ଯ୍ୟକଳାପ କରି ଆସୁଥିବା ଅଭିଯୋଗ ହୋଇ ଆସୁଛି। ବର୍ତ୍ତମାନ ପୁଣି ଏକ ପାହାଚ ନିର୍ମାଣରେ ଦୁର୍ନୀତି ଜଳ ଜଳ ଦେଖା ଦେଲାଣି। ନବନିର୍ମିତ ପାହାଚରେ ଫାଟ ସୃଷ୍ଟି ହୋଇଛି।

ତୁରେକେଲା ବ୍ଲକ ପ୍ରଶାସନ ପକ୍ଷରୁ ବିକଶିତ ଗାଁ ବିକଶିତ ଭାରତ ଯୋଜନା ମାଧ୍ୟମରେ ଧାମନଡଙ୍ଗା ଗାଁରେ ଥିବା ବୈପାରୀ ବନ୍ଧରେ ପାହାଚ ଓ ପୋଷାକ ପରୀବର୍ତ୍ତନ କକ୍ଷ ନିର୍ମାଣହୋଇଛି। ଏଥିପାଇଁ ସରକାରୀ ରାଜକୋଷରୁ ୩ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମତ୍ର ଗତ କିଛି ମାସ ତଳେ ଏହି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି; କିନ୍ତୁ ନବନିର୍ମିତ ପାହାଚରେ ଫାଟ ଦେଖିବାକୁ ମିଳିଛି। ଏହି ପାହାଚ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଛି। ଦାୟିତ୍ୱରେ ଥିବା ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ମଧୁଚନ୍ଦ୍ରିକା କରି ନିଜର ମନମୁତାବକ ନିଜ ଲାଭବାନ କାର୍ଯ୍ୟ କରିବା ହେତୁ ଏହିଭଳି ଦୁର୍ନୀତି କରିଥିବା ଦେଖିବାକୁ ମିଳିଛି। ଏହାଫଳରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଏହିଭଳି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଗୋଟିଏ ପଟେ ଗ୍ରାମାଞ୍ଚଳ ବିକାଶ ପାଇଁ ଅନେକ ଅନୁଦାନ ଆସୁଥିବା ବେଳେ ଅନ୍ୟପଟେ ଅନୁଦାନକୁ ବିନାଶ କରିବାକୁ ତୁରେକେଲା ବ୍ଲକ୍‌ର ଗୋଟିଏ ଗୋଷ୍ଠୀ ଲାଗି ରହିଥିବା ଦେଖିବାକୁ ମିଳିଛି। ତେବେ ପ୍ରଶାସନ ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ନା ତଦନ୍ତ ନାଁରେ ଦିନ ଗଡ଼ିବ ତାହା ଦେଖିବାକୁ ରହିଲା।

- ଧାମନଡ଼ଙ୍ଗା ପଞ୍ଚାୟତରେ ଦୁର୍ନୀତି
- ପୋଖରୀ ପାହାଚ ନିର୍ମାଣରେ ନିମ୍ନମାନର କାମ
- ଦେଖା ଦେଲାଣି ଫାଟ

# ଗୋଟିଏ ଫଳକରେ ଦୁଇଟି ତଥ୍ୟ

## ମୁଣ୍ଡପଦର ପଞ୍ଚାୟତରେ ମନରେଗା ଦିଗହରା | ଗୋବିନ୍ଦପୁରରେ ଶ୍ରମିକ ବଦଳରେ କାମ କରୁଛି ମେସିନ୍

କଣ୍ଟାବାଞ୍ଜି,୧୨।୫(ସମିସ)





ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଦୁର୍ନୀତିର ଗନ୍ତାଘର ପାଲଟିଛି। ଏହି ଅଞ୍ଚଳର ଶ୍ରମିକ ରୋଜଗାର ନ ମିଳିବା ଯୋଗୁଁ ଗାଁ ଛାଡ଼ି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି; ହେଲେ ଏଠାରେ ଶ୍ରମିକଙ୍କୁ ରୋଜଗାର ଦେବା ବଦଳରେ ମେସିନ ଲଗାଇ କାମ କରା ଯାଉଛି। ଶ୍ରମିକ କାମ କଲେ ତା ପାରିଶ୍ରମିକ ଅନ୍ୟ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପକାଇ ହଡ଼ପ କରାଯାଉଛି ବୋଲି ସାଂଘାତିକ ଅଭିଯୋଗ ହେଉଛି। ଏବେ ପୁଣି ସେହି ଦୁର୍ନୀତି କରିବାକୁ ଚତୁରତା ଦେଖିବାକୁ ମିଳିଛି। ଗୋଟିଏ ପୋଖରୀ ନାଁରେ ମନରେଗା ଓ ପଞ୍ଚାୟତ ଫାଇଲ ଖୋଲି ମେସିନ୍ ଲଗାଇ କାମ କରାଯାଉଛି। ବଙ୍ଗୋମୁଣ୍ଡା ବ୍ଲକର ମୁଣ୍ଡପଦର ପଞ୍ଚାୟତ ଗୋବିନ୍ଦପୁର ଗାଁରେ ଏହା ଦେଖିବାକୁ ମିଳିଛି। ଏହି ଗାଁରେ ସିଆଳବୁଢୀ ବନ୍ଧ ନାଁରେ ଗୋଟିଏ ପୋଖରୀ ରହିଛି; ଯେଉଁ ପୋଖରୀ ବର୍ଷ ବର୍ଷ ଧରି ମାଟି ଉନ୍ନତୀକରଣ ନାଁରେ ଅନେକ ପର୍ଯ୍ୟାୟରେ ଲକ୍ଷ ଲକ୍ଷ ଟଙ୍କା ଫାଇଲ ଖୋଲା ଯାଇଛି; କିନ୍ତୁ ବାସ୍ତବରେ ସେହିପରି କାମ ହୋଇନାହିଁ। ୨୦୨୩-୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ୧୦ଲକ୍ଷ ଟଙ୍କାର ଫାଇଲ ଖୋଲା ଯାଇଥିଲା। ତାହା ମଧ୍ୟ ସଂପୂର୍ଣ୍ଣ ଶେଷ ହୋଇ ନ ଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି; କିନ୍ତୁ ଏବେ ସେହି ବନ୍ଧର ଉନ୍ନତୀକରଣ ନାଁରେ ମୁଣ୍ଡପଦର ପଞ୍ଚାୟତ ପଞ୍ଚଦଶ ଅର୍ଥ କମିଶନ ପାଣ୍ଠିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ସେଠାରେ ସେମିନ ଲଗାଇ କାମ ହେଉଛି। ପୋଖରୀ ମାଟି ଖୋଳି ବନ୍ଧ ଉପରେ ଥିବା ରାସ୍ତାରେ ଟ୍ରାକ୍ଟରରେ ପକା ଯାଉଛି। ଏହା ଦେଖିବା ପରେ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏହି ପଞ୍ଚାୟତରେ ମନରେଗା କାମ କରୁଥିବା ଶ୍ରମିକଙ୍କୁ ଆଜିଯାଏ ତାଙ୍କ ପାରିଶ୍ରମିକ ମିଳିନାହିଁ। ଅଭିଯୋଗ କଲେ ମଧ୍ୟ ବ୍ଲକ୍ ପ୍ରଶାସନ ଶୁଣୁନାହିଁ। ଏଠାରେ ଶ୍ରମିକଙ୍କୁ ରୋଜଗାର ମିଳୁନାହିଁ; କିନ୍ତୁ ମେସିନ୍ କେମିତି କାର୍ଯ୍ୟ କରୁଛି ବୋଲି ପ୍ରଶ୍ନ ଉଠିଛି। ଏହି ଦୁର୍ନୀତି କରିବାକୁ ଚତୁରତା କରାଯାଇଛି। ଗୋଟିଏ ଫଳକର ଦୁଇଟି ପାର୍ଶ୍ୱକୁ ବ୍ୟବହାର କରାଯାଇଛି। ଗୋଟିଏ ପଟେ ମନରେଗା ଓ ଅନ୍ୟପଟେ ପଞ୍ଚଦଶ ଅର୍ଥ କମିଶନ ପାଣ୍ଠିର ତଥ୍ୟ ରହିଛି। ପଞ୍ଚଦଶ ଅର୍ଥ କମିଶନ ଉନ୍ନତୀକରଣ ନାଁରେ ସେମିନ ଲଗାଇ କାମ କରାଯାଉଛି। ଲୋକ ଅଭିଯୋଗ ନ କଲେ ମନରେଗାରେ ଶ୍ରମିକ କାମ କରିଥିବା ଦର୍ଶାଇ ନକଲି ଶ୍ରମିକଙ୍କ ନାଁରେ ଟଙ୍କା ପକାଇ ହଡ଼ପ କରିବାକୁ ଯୋଜନା କରାଯାଉଥିବା ଅଭିଯୋଗ ହେଉଛି। ଏହି ଦୁର୍ନୀତିରେ ବଙ୍ଗୋମୁଣ୍ଡା ବ୍ଲକ୍ ପ୍ରଶାସନ ମଧ୍ୟ ସାମିଲ ଥିବା ଅଭିଯୋଗ ହେଉଛି।



# ଉତ୍ତର ବାଲେଶ୍ୱରରେ ରବିଧାନର ଅଭାବୀ ବିକ୍ରି

ଜଳେଶ୍ୱର, ୧୨।୫ (ସମିସ)



ଚଳିତବର୍ଷ ରବିଧାନ ଅମଳ ସମୟରେ ବାରମ୍ବାର ଝଡତୋଫାନ ଓ ବର୍ଷା ହୋଇଥିବାରୁ ଚାଷୀମାନେ ହଇରାଣ, ହରକତ ହୋଇ ଧାନ ଅମଳ କରୁଛନ୍ତି। ଧାନ ଅମଳରେ ବ୍ୟାପକ ଖର୍ଚ୍ଚ ହେଉଥିବାରୁ ତାକୁ ଭରଣ କରିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ସରକାର ମଣ୍ଡି ଗୁଡିକରେ ଧାନ କ୍ୱିଣ୍ଟାଲ ପ୍ରତି ୨୩୬୯ ଟଙ୍କା ଓ ସହାୟକ ମୂଲ୍ୟ ୮ଶହ ଟଙ୍କା ଘୋଷଣା କରିଥିବା ବେଳେ ଅଦ୍ୟାବଧି ମଣ୍ଡି ଗୁଡିକ ଖୋଲି ନାହିଁ। ଫଳରେ ଚାଷୀ କ୍ୱିଣ୍ଟାଲ ପ୍ରତି ଧାନ ୧୩ଶହ ୫୦ଟଙ୍କାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କୃଷି ବିଭାଗର ତଥ୍ୟରୁ ପ୍ରକାଶ ଜଳେଶ୍ୱର କୃଷି ଜିଲାର ଭୋଗରାଇରେ ୧୦ହଜାର ୫ଶହ ହେକ୍ଟର, ଜଳେଶ୍ୱରରେ ୫ହଜାର୮ଶହ ହେକ୍ଟର, ବାଲିଆପାଳରେ ୪ହଜାର ୮ଶହ ହେକ୍ଟର ଜମିରେ ଧାନଚାଷ ହୋଇଥିବା ଆକଳନ କରାଯାଇଛି। ଏପ୍ରିଲ ମାସ ୧୫ତାରିଖରୁ ଉତ୍ତର ବାଲେଶ୍ୱରରେ ଧାନ ଅମଳ ଆରମ୍ଭ ହେଲାଣି। କିନ୍ତୁ ପ୍ରତିଦିନ କାଳବୈଶାଖୀ ଓ ପ୍ରବଳ ବର୍ଷା ଲାଗି ରହୁଥିବାରୁ ଚାଷୀମାନେ ମେସିନ୍ ସହାୟତାରେ ଧାନ ଅମଳ କରିବାକୁ ବାଧ୍ୟ ହେଉଛନ୍ତି। ଏକର ପ୍ରତି ଧାନ ଅମଳ ଲାଗି ୩ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପ୍ରତିକୂଳ ପାଗ ଯୋଗୁଁ ମଜୁରୀ ସହାୟତାରେ ଅମଳ ସମ୍ଭବ ହେଉନାହିଁ। କିନ୍ତୁ ଏବେ ସରକାରୀ ମଣ୍ଡି ରାଜ୍ୟର ଉତ୍ତର ଉପାନ୍ତରେ ଉପରୋକ୍ତ ୩ଟି ବ୍ଲକ ଥିବାରୁ ଧାନ ବିକ୍ରିରେ ଚାଷୀ ହନ୍ତସନ୍ତ ହେଉଛି। କିନ୍ତୁ ବହୁ ସ୍ଥାନରେ ଘରୋଇ ଖଟି ସହାୟତାରେ କ୍ରୟ ଆରମ୍ଭ ହୋଇଛି। ଖଟି ଗୁଡିକରେ ଧାନ କ୍ୱିଣ୍ଟାଲ ପ୍ରତି ଆଜି ସଂଧ୍ୟାରେ ୧୩ଶହ ୫୦ଟଙ୍କାରେ କ୍ରୟ କରୁଥିବାରୁ କେତେକ ଚାଷୀ ପ୍ରତିନିଧି, କୃଷକ ସଭା ସଦସ୍ୟ, କୃଷକ କ୍ଲବ ଓ ଉଠିଆ ଚାଷୀମାନେ ପ୍ରକାଶ କରିଛନ୍ତି। ରବିଧାନ ଚାଷରେ ଧାନ ତଳିଠାରୁ ଧାନ ଅମଳ ପର୍ଯ୍ୟନ୍ତ ବ୍ୟାପକ ଖର୍ଚ୍ଚ ହେଉଥିବା ବେଳେ ଏବେ ଅମଳ ପାଇଁ ହାରର୍ଭେଷ୍ଟରକୁ ଏକର ପ୍ରତି ୩ହଜାର ଟଙ୍କା ଦେବାପରେ କ୍ୱିଣ୍ଟାଲ ପ୍ରତି ଧାନ ୧୩ଶହ ୫୦ଟଙ୍କାରେ ବିକ୍ରି କରିବା ବେଢି ଉପରେ କରଡା ଭଳି ହୋଇଛି। ଏକ ତଥ୍ୟରୁ ପ୍ରକାଶ, ଜଳେଶ୍ୱର, ଭୋଗରାଇ, ବାଲିଆପାଳରେ ୧୩ଲକ୍ଷ କ୍ୱିଣ୍ଟାଲ ଧାନ ଅମଳ ହେବାକୁ ଥିବା ବେଳେ ଚାଷୀମାନେ କିପରି ବିକ୍ରି କରି ଋଣ ପରିଶୋଧ କରିବେ ସେମାନଙ୍କ ମନରେ ସଂଶୟ ସୃଷ୍ଟି ହୋଇଛି।

- କ୍ୱିଣ୍ଟାଲ ପିଛା ବିକ୍ରି ହେଉଛି ୧୩ଶହ ୫୦ଟଙ୍କା
- ସରକାରୀ ମଣ୍ଡି ଖୋଲିବ କେବେ ?

## ଥମୁନି କାଳବୈଶାଖୀ; ଚାଷୀଙ୍କ ନାହିଁ ନ ଥିବା କ୍ଷତି

କାଳିପଦା, ୧୨।୫ (ସମିସ): ଗଲା କେତେ ଦିନ ହେବ ବାଲିଆପାଳ ଅଞ୍ଚଳରେ କାଳ ବୈଶାଖୀ ଖୁବ ତାଣ୍ଡବ ରଚିଛି। ଏଠାରେ କାଳ ବୈଶାଖୀ ଥମିବାର ନାଁ ଧରୁ ନାହିଁ। କାଳ ବୈଶାଖୀ ପ୍ରଭାବରେ ଚାଷୀଙ୍କର ନାହିଁ ନ ଥିବା କ୍ଷତି ପରିଲକ୍ଷିତ ହୋଇଛି। କାଳ ବୈଶାଖୀ ଯୋଗୁଁ ରବି ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସୁବର୍ଣ୍ଣରେଖା ନଦୀ କୂଳ ଓ ବଙ୍ଗୋପ ସାଗର ଉପ କୂଳରେ ଶୀତ ଋତୁରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୋଇ ଥାଏ।ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ପରିବା ଚାଷ ସାଙ୍ଗକୁ ମୁଗ, ବିରି, ଚିନାବାଦାମ, ରାଶି ଆଦି ଚାଷ ଖୁବ ଭଲ ହୋଇଥିଲା। ଲଗାତାର କାଳ ବୈଶାଖୀ ଯୋଗୁଁ କ୍ଷେତରୁ ବିରି, ମୁଗ, ରାଶି ଆଦି ଅମଳ ହୋଇ ପାରୁ ନାହିଁ। ଏବେ ବି ହାଇ ଇଲଡିଂ ପାଚିଲା ଧାନ ମଧ୍ୟ ଅମଳ ହୋଇ ପାରି ନାହିଁ। ଧାନ କଟା ମେସିନ ଦ୍ୱାରା ଯାହା କିଛି ଅମଳ ହୋଇଛି। ଲଗାତର କାଳ ବୈଶାଖୀ ଯୋଗୁଁ ଆମ୍ବ ଓ କାଜୁ ବାଦାମ ଫସଲରେ ବ୍ୟାପକ କ୍ଷତି ହୋଇଛି। ପବନ ଓ ବର୍ଷା ଯୋଗୁଁ ଆମ୍ବ ଓ କାଜୁ ବାଦାମ ଗଛରୁ ଫଳ ସବୁ ଝଡି ଯାଇଛି। ଚାଷୀଙ୍କ ଖଳାରେ ଧାନ ଗଦା ପଡି ଗଜା ହେଉଛି। ମୁଗ, ବିରି, ରାଶି ଆଦି ମଧ୍ୟ ଖଳାରେ ପଡି ରହି ନଷ୍ଟ ହେଉଛି। ଆଉ ଅଧିକ ଦିନ କାଳ ବୈଶାଖୀ ଲାଗି ରହିଲେ ଚାଷୀ କ୍ଷତି ଭରଣା କରି ପାରିବେ ନାହିଁ ବୋଲି ଗଜେନ୍ଦ୍ର ଜେନା, ମୁରଲୀ ମୋହନ ଜେନା, ଅତୁଲ କୁମାର ଭୋଳ, ସୁଦାମ କୁମାର ଦାସ, କାର୍ତ୍ତିକ କୁମାର ଧଳ, ବାବାଜୀ କୁମାର ପାତ୍ର, ଅଜୟ କୁମାର ଦାସ, ସନ୍ତୋଷ କୁମାର ବାରିକ, କାଳି ଚରଣ ବାରିକ, କାହ୍ନୁ ଚରଣ ପାତ୍ର, ଜଗଦୀଶ ପ୍ରସାଦ ନାୟକ ପ୍ରମୁଖ କହିଛନ୍ତି।

## ରେମୁଣା ବରିଷ୍ଠ ନାଗରିକ ମଞ୍ଚ ବୈଠକ

ରେମୁଣା,୧୨।୫(ସମିସ): ରେମୁଣା ବରିଷ୍ଠ ନାଗରିକ ମଞ୍ଚ ମାସିକ ବୈଠକ ସ୍ଥାନୀୟ "ଓଁମ ନିବାସ " ପରିସରରେ ଦେବଦାସ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରେମୁଣା ଭଳି ଏକ ସମ୍ବେଦନଶୀଳ ସ୍ଥାନକୁ ପ୍ରଶାସନ ପକ୍ଷରୁ ଅଣଦେଖା ହେଉଥିବା ବେଳେ, ରେମୁଣା ଅଞ୍ଚଳ ତଥା ବାହାରୁ ଆସୁଥିବା ରୋଗୀ ଛାତ୍ର, ଛାତ୍ରୀ, ମହିଳା, ଶିଶୁ ଓ ବରିଷ୍ଠ ନାଗରିକ ମାନେ ରାସ୍ତା ଦୁର୍ଘଟଣା, ଶୌଚାଳୟ ନଥିବା ଯୋଗୁ ଟ୍ରାଫିକ ବିହିନ ଯାନବାହାନା ଜାମରେ ଘଣ୍ଟା ଘଣ୍ଟା ଧରି ଆମ୍ବୁଲାନ୍ସ, ଦମକଳ ଫସି ରହିବା, ରେମୁଣା ବଜାର ବାସନ୍ତୀ ମାର୍କେଟ ଛକରୁ ଥାନା ପର୍ଯ୍ୟନ୍ତ ୨୦୦ମିଟର ଜନବସତି ରାସ୍ତା ପାର୍ଶ୍ୱରେ ଠିପିବନ୍ଦ, ଠିପି ଖୁଲା ଦୁଇଟା ମଦ ଦୋକାନ ବେପରୁଆ ଭାବେ ଚାଲିଥିବା ବେଳେ ସମ୍ବେଦନଶୀଳ ଥାନା ଜନବସତି ରାସ୍ତାରେ ସାମାଜିକ ସ୍ଥିତି ରହୁନାହିଁ, ଯାହାଫଳରେ ଉକ୍ତରାସ୍ତାରେ ସାଧାରଣ ନାଗରିକ, ବରିଷ୍ଠ ନାଗରିକ, ଶିଶୁ, ମହିଳା, ଛାତ୍ର ଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଅଛି। ଏଣୁ ଆଜିର ବୈଠକରେ ଏହାର ସାମାଜିକ ସୁଧାରପାଇଁ ପ୍ରଶାସନକୁ ନିବେଦନ କରାଯାଇଥିବାବେଳେ ସାମାଜିକ ସ୍ଥିତି ବଜାଇ ରଖିବାକୁ ଆହ୍ୱାନ କରାଯାଇଛି। ବୈଠକରେ ଭେଟ୍ରିନ ଫୁଟବଲ ଟିମର ଅଧିନାୟକ ଶିବନାରାୟଣ ବିନ୍ଧାଣି, ବରିଷ୍ଠ ଶିକ୍ଷାବିତ ଜଳଧର ଦାସ, ମୃତ୍ୟୁଞ୍ଜୟ ପ୍ରଧାନ, ସଇଦର ବିବି, ସନ୍ତୋଷ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ,ନାମ ଦେବ କମିଳା, ଅବନୀ ପ୍ରଧାନ, ଗଜେନ୍ଦ୍ର ଦାସ, ସଂଗଠନ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ଜୟନ୍ତ ବରାଳ, ଚକ୍ରଧର ଦାସ, ତପନ ଦାସ, ରଘୁନାଥ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ସାଧାରଣ ସମ୍ପାଦକ ନିରଞ୍ଜନ ମହାରଣା ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ ଦେଇଥିଲେ।

## ଫକୀରମୋହନ ବିକାଶ ପରିଷଦ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୨।୫(ସମିସ): ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ଫକୀରମୋହନ ନଗର ନିବାସୀ ସ୍ୱର୍ଗତ ଗଦାଧର ମହାରଣାଙ୍କ ଦେହାନ୍ତ ହୋଇଥିବା ବେଳେ ଏକ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିକାଶ ପରିଷଦ ତରଫରୁ କାର୍ଯ୍ୟକାରୀ ସମ୍ପାଦକ ସମ୍ବିତ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନ ସଭାପତି ଗୋପୀନାଥ ଦାସ, ସମାଜସେବୀ ମାୟାଧର ମହାଳିକ, ବିଜେଡ଼ି ଯୁବନେତା ମନୋଜ ରାଉତ, ଜଗମୋହନ ଜେନା, ଅରୁଣ ମାଇତି, ଶିବାନନ୍ଦ ପଣ୍ଡା,ସ୍ନେହ ଲତା ଜେନା, ମାମି ମହାଳିକ, ଚଞ୍ଚଳ ଗାଙ୍ଗୁଲି, ନବ ଦାସ, ସଞ୍ଜୟଦାସ, ଭଗବାନ ବେହେରା, ଅଜିତ ପାଣିଗ୍ରାହୀ, ଲକ୍ଷ୍ମୀ କାନ୍ତ ଜେନା, ବାପି ଦାସ, ଗୋପବନ୍ଧୁ ସାହୁ, ଭଞ୍ଜ କିଶୋର ପ୍ରଧାନଙ୍କ ସମେତ କରଞ୍ଜିଆ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଗଦାଧର ଅବିଭକ୍ତ କୁରୁଡା ଅଞ୍ଚଳରେ ଜଣେ ଯୁବ ଉଦ୍ୟୋକ୍ତା ସହ ପୂର୍ବତନ ୱାର୍ଡ ମେମ୍ବର ତଥା ବିଗତ ଦିନରେ କରଞ୍ଜିଆ ବିଜେଡ଼ି ସଭାପତି ମଧ୍ୟ ଥିଲେ।

## ସମାଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ବୈଠକ



ଜଳେଶ୍ୱର, ୧୨।୫ (ସମିସ) : ଜଳେଶ୍ୱର ରେଳ ଷ୍ଟେସନକୁ ଅମୃତଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତା'ର କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ। ଯାତ୍ରୀମାନଙ୍କ ଲାଗି ବିଭିନ୍ନ ମୌଳିକ ସମସ୍ୟା ରହିଥିଲେ ମଧ୍ୟ ଏ ସଂପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେହେଁ ଏହାର କୌଣସି ସମାଧାନ ହେଉନାହିଁ। ଲକ୍ଷ୍ମଣନାଥ ଠାରୁ ରାଣିତାଲ ପର୍ଯ୍ୟନ୍ତ ଓଡିଶାରେ ଥିବା ଷ୍ଟେସନ ଗୁଡିକ ସମେତ ଜଳେଶ୍ୱର ରେଳ ଷ୍ଟେସନକୁ ଦକ୍ଷିଣପୂର୍ବ ରେଳ ଡିଭିଜନ୍‌ରୁ ବାଦ୍ ଦେଇ ପୂର୍ବତଟ ରେଳ ଡିଭିଜନ୍‌ରେ ସଂଯୋଗ କରିବା ଦାବିରେ ସମାଜ କଲ୍ୟାଣ ବିକାଶ ପରିଷଦର ଜରୁରୀ ବୈଠକ ଷ୍ଟେସନବଜାର କାଳିମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଖୁବ୍ ଶୀଘ୍ର ଏକ ପ୍ରତିନିଧି ଦଳ ରେଳ ମନ୍ତ୍ରୀ, କୋଲକତାସ୍ଥିତ ଗାଡେନ୍‌ରିଚ୍‌ର ଜିଏମ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସର୍ବସମ୍ମତିକ୍ରମେ ପାରିତ ହୋଇ ଯାଇଛି। ପରିଷଦର ସଭାପତି ରମାକାନ୍ତ ଭଂଜଙ୍କ ପୌରହିତ୍ୟରେ ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ସିଦ୍ଧେଶ୍ୱର ପଣ୍ଡା, ଡ. ଅଜିତ୍ ମହାନ୍ତି, ଅବନୀ ଚାନ୍ଦ, ଶ୍ରୀମନ୍ତ ଘୋଷ, ଅଂଜନ ଦାସ, ଶରତଚନ୍ଦ୍ର ପରିଡା, ବନମାଳି ଧଳ, ସତ୍ୟନାରାୟଣ ଦାସ, ସତ୍ୟେନ ନାଗ, ଜଗନ୍ନାଥ ଗୋଛାୟତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଝାଡ଼େଶ୍ୱର ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ




ବାଲେଶ୍ୱର,୧୨।୫ (ସମିସ): ରେମୁଣା ସୁତେଇସ୍ଥିତ ଝାଡେଶ୍ୱର ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପୁନେସ୍ଥିତ ଏଲିକନ କାଷ୍ଟାଆଲୋଏ ଲିମିଟେଡ କମ୍ପାନୀ ତରଫରୁ ମାନବ ସମ୍ବଳ ବିଭାଗର ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଜଗଦୀଶ, ସହଯୋଗୀ ମାନବ ସମ୍ବଳ ଅଧିକାରୀ ରବିନ୍ଦ୍ର ରାହାସେ ଓ ଅପରେସନାଲ ବିଭାଗୀୟ ମୁଖ୍ୟ ପ୍ରଣଭାନନ୍ଦ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଝାଡେଶ୍ୱର ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲ ଓ ଝାଡେଶ୍ୱର ଶିଳ୍ପ ତାଲିମ କେନ୍ଦ୍ରର ବିଭିନ୍ନ ବିଭାଗର ଶେଷ ବର୍ଷର ପିଲାମାନେ ଭାଗ ନେଇଥିଲେ। ତନ୍ମଧ୍ୟରୁ ୫୦ ଜଣ ଛାତ୍ର ଯୋଗ୍ୟ ବିବେଚିତ ହୋଇଥିଲେ। ଅନୁଷ୍ଠାନର ଚେୟାରମେନ ପରମାନନ୍ଦ ସାନ୍ତରା, ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତରା, ଏକାଡେମିକ ଡିନ୍ ପ୍ରଫେସର ଡ. ବିନାୟକ ସାହୁ, ପ୍ରିନ୍ସିପାଲଙ୍କ ବିଭୁପ୍ରସାଦ ମାହାନା, ପ୍ରଶାସନିକ ଅଧିକାରୀ ପତିତପାବନ ସାହୁ ଓ ଝାଡେଶ୍ୱର ଇଞ୍ଜିନିୟରିଂ କଲେଜର ଟ୍ରେନିଙ୍ଗ ବିଭାଗର ମୁଖ୍ୟ ବିଦ୍ୟା ଦେବସ୍ମିତା ଯୋଗ୍ୟ ବିବେଚିତ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ ବିମଳ କୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ଲେସମେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକ ଇଂ ଅମରେଶ ଗିରି ଓ ଅଧ୍ୟାପକ ଇଂ ବିଶ୍ୱଜିତ ପଣ୍ଡା କ୍ୟାମ୍ପସ ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

## ସ୍ୱାଭିମାନ ଯୁବ ମୋର୍ଚ୍ଚା ରେମୁଣା ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା




ରେମୁଣା,୧୨।୫ (ସମିସ): ସ୍ୱାଭିମାନ ଯୁବ ମୋର୍ଚ୍ଚା ରେମୁଣା ତରଫରୁ ସାରା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବା ଏବଂ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜନ ସଚେତନତା ପାଇଁ ରେମୁଣା ହାଟିଆଗଣ୍ଡ ଛକ ଠାରୁ ମନ୍ଦିର ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କମଳ ଲୋଚନ ପଣ୍ଡା, ପ୍ରେମରଞ୍ଜନ ପାତ୍ର, ସାନ୍ତନୁ ପୁହାଣ, ଅଜୟ ମହାଳିକ, ମନୋରଞ୍ଜନ ଭୋଳ, ଶ୍ରୀକାନ୍ତ ପାତ୍ର, ହରିଶ ଜେନା, ଗଣେଶ ସାହୁ, ଜୟନ୍ତ ପଢ଼ିଆରି, ବସନ୍ତ ରାଉତ୍, ସ୍ୱରୂପରଞ୍ଜନ ରାଉତ୍, ହିତେଶ ରାଉତ୍, ରଜତ ବାରିକ୍, ସୁଭାଶିଷ ପତି, ମନୋଜ ରାଉତ୍, ସୁମନ୍ତ ଦାସ, ନରେଶ ମହାଳିକ, ଜଗା, ଶିବ ଦାସ, ଗୋପୀନାଥ ମହାରଣା, ମନୋରଞ୍ଜନ ପାଲ, କାଳିଆ ପତି, ସେକ୍ ଅବରାଜ୍, ସେକ ସକ, ପ୍ରଣୟ ଚଣ୍ଡ, ରାଜେଶ ବାରିକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ଶୋଭାଯାତ୍ରା କୁ ସଫଳ କରାଇଥିଲେ।

## ୪୦ ୱାରେଣ୍ଟି ଗିରଫ

ସିମୁଳିଆ, ୧୨।୫ (ସମିସ) : ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳରେ ବହୁ ଦିନ ଧରି ହୋଇଥିବା ମକଦ୍ଦମାର ବିଚାର ଧୀନ ଆସାମୀ ମାନେ କୋର୍ଟରେ ହାଜର ହେଉନଥିବା ରୁ ୫୦ରୁ ଅଧିକ ବିଚାରାଧୀନ ଆସାମୀଙ୍କ ବିରୋଧରେ କୋର୍ଟ ସିମୁଳିଆ ଥାନାକୁ ୱାରେଣ୍ଟ ଜାରି କରି ଥିଲା। ଏହା ପରେ ସିମୁଳିଆ ପୁଲିସ ଥାନା ପକ୍ଷରୁ ବିଶେଷ ଧରପଗଡ଼ ଅଭିଯାନ ଚାଲାଯାଇଥିଲା। ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ କେବଳ ୩ ଦିନ ମଧ୍ୟରେ ୪୦ ଜଣ ବିଚାରାଧୀନ ଆସାମୀଙ୍କୁ ଧରିବାରେ ସଫଳ ହୋଇଲା। ଏହି ଅଭିଯାନରେ ସବ୍-ଇନ୍ସପେକ୍ଟର ଖିରୋଦ ସାହୁ, ବିଶ୍ୱମ୍ବର ଚକ୍ରବର୍ତ୍ତୀଙ୍କ ସହ ଏଏସଆଇ ଅଶୋକ କୁମାର ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ମହେନ୍ଦ୍ର ନାୟକ, ଖଗେନ ମହାଳିକ ଓ ବିଶ୍ୱଜିତ ସେଠୀ ପ୍ରମୁଖ ସାମିଲ ଥିଲେ।

# ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ









### ସୁଲଗ୍ନା ବିଏସସି ନର୍ସିଂ କଲେଜ

ବାଲେଶ୍ୱର,୧୨।୫ (ସମିସ): ମଠସାହି, ସରିତାନଗରସ୍ଥିତ ସୁଲଗ୍ନା ବିଏସସି ନର୍ସିଂ କଲେଜରେ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସର ପ୍ରତିଷ୍ଠାତା ତଥା ଚେୟାରମେନ ଡ. ଘନଶ୍ୟାମ ବିଶ୍ୱାଳ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଉପସ୍ଥିତ ନର୍ସିଂ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ, ଦାୟିତ୍ୱଶୀଳ ଏବଂ ସେବାଭାବାପନ୍ନ ହେବାକୁ ଉପଦେଶ ଦେଇଥିବା ବେଳେ ଫକୀରମୋହନ ମେଡିକାଲ କଲେଜର ପୂର୍ବତନ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡା ସୁଧୀର କୁମାର ଘୋଷ ମୁଖ୍ୟ ଅତିଥି ଭାବେ ଆପତକାଳୀନ ସ୍ୱାସ୍ଥ୍ୟ ସେବା ଦିଗରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ଆଲୋଚନା ରଖିଥିଲେ। ସୁଲଗ୍ନା ବିଏସସି ନର୍ସିଂ କଲେଜର ଭାଇସ୍ ପ୍ରିନସିପାଲ ଡ. ଧରଣୀଧର ଘୋଷ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବା ବେଳେ ସୁଲଗ୍ନା ଯୁକ୍ତ ଦୁଇ ସାଇନ୍ସ କଲେଜର ପ୍ରିନସିପାଲ ପ୍ରଫେସର ଚକ୍ରଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଆୟୋଜିତ ସ୍ୱାସ୍ଥ୍ୟ ସେବା ଶିବିରରେ ରକ୍ତଚପ ପରୀକ୍ଷା, ଶ୍ୱାସହାର ପରୀକ୍ଷା ଓ ସୁଗାର ପରୀକ୍ଷା ସହ ଫାଷ୍ଟ ଏଡ଼ ଡେମୋ, ନ୍ୟୁଟ୍ରିସନ କାଉନସେଲିଂ, ହାଇଜିନ କାଉନସେଲିଙ୍ଗ ଇତ୍ୟାଦି ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ 'ସରକାରୀ ବନାମ ବେସରକାରୀ ହସ୍ପିଟାଲ' ଶୀର୍ଷକ ଦଳଗତ ବିତର୍କ ପ୍ରତିଯୋଗିତାରେ ଛାତ୍ରୀମାନଙ୍କର ଦଳଟି ବିଜେତା ହୋଇଥିଲା ବେଳେ କୁଇଜ ପ୍ରତିଯୋଗିତାରେ ମଦର ଟେରେସା ଗ୍ରୁପ ବିଜେତା ଘୋଷିତ ହୋଇଥିଲା। ସେହିପରି ସଂଗୀତ ପ୍ରତିଯୋଗିତାରେ ଦିବ୍ୟାଶା ମହାପାତ୍ର, ସାବିତ୍ରୀ ମୁଖୀ ଏବଂ ରାଜଶ୍ରୀ ଅଙ୍କିତା ସେଠୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ଏକକ ଅଭିନୟରେ ରାଜଶ୍ରୀ ଅଙ୍କିତା ସେଠୀ, ସାବିତ୍ରୀ ମୁଖୀ ଓ ସ୍ୱାଗତିକା ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ପ୍ରବନ୍ଧ ଲିଖନରେ ଦିବ୍ୟାଶା ମହାପାତ୍ର, ଅନ୍ତର୍ଯ୍ୟାମୀ ବାରିକ ଓ ପ୍ରକାଶ କୁମାର ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଗ୍ରୁପ ଓ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାପରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ନର୍ସିଂ ଅଧ୍ୟାପକ ଦେବେଶ ମଲ୍ଲିକ, ଅଧ୍ୟାପିକା ସାଗରିକା ରାଉତ, ଅଧ୍ୟାପିକା ସ୍ୱାତୀକୃଷ୍ଣା ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଦିବ୍ୟାଦୀପ୍ତି ସାହୁ, ଅଧ୍ୟାପିକା ମୋନାଲିସା ନାୟକ ଏବଂ ଅଧ୍ୟାପିକା ସଂଗୀତା ଦାସଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।

### ନିଷ୍ଠ ନର୍ସିଂ କଲେଜ

ଚାନ୍ଦିପୁର ରୋଡସ୍ଥିତ ହିଡ଼ିଗାଁରେ ଅବସ୍ଥିତ ନିଷ୍ଠ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ବିଏସି ନର୍ସିଂ ଓ ଜିଏନଏମ କଲେଜ ଦ୍ୱାରା ବିଶ୍ୱ ସେବିକା ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧକ୍ଷା ପ୍ରାଚୀ ପ୍ରଭା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଡାକ୍ତରଖାନାର ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ରଞ୍ଜନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମ ଅଲ୍ଟିମେଟ ହସ୍ପିଟାଲର କ୍ୟାନ୍ସର ବିଭାଗ ମୁଖ୍ୟ ମେଡିକାଲ ଅଫିସର ବରିଷ୍ଠ ପ୍ରଫେସର ଡାକ୍ତର ଚିର ରଞ୍ଜନ ଖଡେଙ୍ଗ ଜଣେ ନର୍ସ ହିଁ ଗୋଟେ ରୋଗୀର ମାଆ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ଗୋପବନ୍ଧୁ ଦାସଙ୍କ ସେବା ବିଷୟରେ ବୁଝାଇଥିଲେ। ସଭା କାର୍ଯ୍ୟ ଆରମ୍ଭରୁ ଛାତ୍ରୀ ଇତିଶ୍ରୀ ଦାସ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଛାତ୍ରୀ ସ୍ୱାଗତିକା, ଦେବସ୍ମିତା, କ୍ରିଷ୍ଣା, ଅର୍ଚ୍ଚନା, ସେମାନଙ୍କ ବକ୍ତୃତା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନା କରିଥିଲେ। ମନିଷା ଦଳେଇ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସମ୍ମାନିତ ବକ୍ତା ଭାବେ +୨ ନିଷ୍ଠ ବିଦ୍ୟାଳୟ ଅଧକ୍ଷ ହରିହର ରାଉତ, ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ନୈତିକ ଶିକ୍ଷା ରେ ବିଶ୍ୱ ରେକର୍ଡ କରିଥିବା ଅଧ୍ୟାପକ ଡ଼କ୍ଟର ପଙ୍କଜ କୁମାର ଜେନା, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ କୁମାର ନାୟକ, ସମାଜସେବୀ କେଶବ ନାୟକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ଚାନ୍ଦ, ଲିପ୍ସିତା ନାୟକ, ସୌମ୍ୟ ଜ୍ୟୋତି ନାୟକ, ପୂର୍ଣ୍ଣିମା ମହାପାତ୍ର, ଦେବସ୍ମିତା ପ୍ରଧାନ ଉପସ୍ଥିତ ଥିଲେ। ଅଧ୍ୟାପିକା ସୌମ୍ୟା ଜ୍ୟୋତି ନାୟକ ପିଲାମାନଙ୍କୁ ମହମବତୀ ଜଳାଇ ଶପଥ ପାଠ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଦାଶିବ ଜେନା, ଅଜିତ୍ କୁମାର ସାହୁ, ମନୋଜ କୁମାର ପ୍ରଧାନ, ଚନ୍ଦ୍ରକାନ୍ତ ଜେନା, ଉମାକାନ୍ତ ଜେନା ସହଯୋଗ କରିଥିଲେ। ଆଗାମୀ ସପ୍ତାହ ସେବା ସପ୍ତାହ ଭାବେ ପାଳନ କରିବାକୁ ଅଧକ୍ଷ ଘୋଷଣା କରିଥିଲେ।

### ଆଇଏମଏସଆର ବାଲେଶ୍ୱର

ଉତ୍କଳ ବାଣୀ ପରିସରରେ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ, କାଳିଦାସପୁର, ନର୍ସିଙ୍ଗ ମହାବିଦ୍ୟାଳୟର ଅନ୍ତର୍ଜାତୀୟ ସେବିକା ଦିବସ ଓ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଲିସ ଅଫିସର ପ୍ରଜ୍ଞା ପାରମିତା ମହାନ୍ତି, ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ ଓ ଲୋକପ୍ରିୟ ଡାକ୍ତର ଶାନ୍ତନୁ ଦାସ ଓ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଫ୍ଲୋରେନ୍ସ ନାଇଟଙ୍ଗେଲେ ଓ ପ୍ରଭୁ ଜଗନ୍ନାଥଙ୍କୁ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନୁଷ୍ଠାନ ଚେୟାରମ୍ୟାନ ଡାକ୍ତର ସ୍ମୃତି ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣରେ ଏହି ମହାବିଦ୍ୟାଳୟ ଇତିହାସ ବାବଦରେ କହିବା ସହ ଏହି ଅନୁଷ୍ଠାନ କିଭଳି ଛଅ ବର୍ଷ ମଧ୍ୟରେ ଉତ୍ତର ଓଡିଶାରେ ସବୁ ଦୃଷ୍ଟିରେ ଆଗୁଆ ତାହା ସୂଚନାଥିଲେ। ଏହି ଉତ୍ସବରେ ଟ୍ରଷ୍ଟ ସଭ୍ୟ ମନୁ ସାର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ନୈତିକ ଓ ସାମାଜିକ କର୍ତ୍ତବ୍ୟ କିଭଳି ସମନ୍ତରାଳ ହୋଇ ସମାଜ ଗଠନ ଓ ସେବାର ଭିତ୍ତିଭୂମିକୁ ମଜଭୁତ କରିପାରିବେ ଆଲୋଚନା ଜରିଥିଲେ। ଅନୁଷ୍ଠାନ ମ୍ୟାନେଜର ତପନ ମହାନ୍ତି ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଫଳକ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅନୁଷ୍ଠାନର ଏକ ନିରବ ଓ ନିରବଛିନ୍ନ ସେବା ପାଇଁ ଆରତୀ ମହାପାତ୍ରଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟ ଶିକ୍ଷୟତ୍ରୀ ମାନେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦିବସ ବ୍ୟାପି କରି ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମସ୍ତ କର୍ମକର୍ତାମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ସଂଗୀତା ସାହୁ, ମୋନାଲିସା ନାୟକ, ପୂଜା ସେନାପତି, ସୁତଶ୍ରୀ ପୈରା, ବନଜ୍ୟୋସ୍ନା, ମହାପାତ୍ର, ଅନ୍ୱେଷା ଦାସ, ଦୀପାଞ୍ଜଳୀ ସାମନ୍ତ, ଡ. ନିମିଶା ସିଂ, ଆକାଂକ୍ଷା ପାଣିଗ୍ରାହୀ, ଶୁଭ୍ରା ଦାସ ଆଦି ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଏସ୍ସି ନର୍ସିଙ୍ଗ, ତୃତୀୟ ବର୍ଷ ଛାତ୍ରଛାତ୍ରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବାରୁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା।

## ମଣିର ହାତ ଧରିଲେ ବାଇମୁଣ୍ଡି



### ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ସମ୍ପନ୍ନ

ବାଲେଶ୍ୱର,୧୨।୫ (ସମିସ): ବୈଦିକ ରୀତିନୀତି ଅନୁସାରେ ରଶ୍ମି କଲ୍ୟାଣ ମଣ୍ଡପରେ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହର ମଧ୍ୟସ୍ଥ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆରୁ ଆଜି ଏକ ବିଶାଳ ପଟୁଆରରେ ସମ୍ପର୍କଯାତ୍ରା ବର ବାଇମୁଣ୍ଡିକୁ ନେଇ ବରଯାତ୍ରୀ ଦଳ ସହରର ପ୍ରମୁଖ ଅଞ୍ଚଳ ଦେଇ ଯାଇଥିଲେ। ରଂଗଢୋଲ, ପିତୁଳି ନାଚ, ଶନ୍ତାଳୀ ନାଚ, ଦୁଲଦୁଲି ଓ ସାହିଯାତ ସହ ବାଣ ରୋଷଣୀରେ ବାଲେଶ୍ୱର ଆକାଶ କମ୍ପି ଉଠିଥିଲା ଓ ସମଗ୍ର ସହର। ପଣ୍ଡିତ ବିମଳ ପଣ୍ଡା ଓ ବାଲେଶ୍ୱର ବାରିକ ସଂଘର ସଭାପତି ଅରବିନ୍ଦ ବାରିକ ଓ ବିମଳ ବାରିକ ବିବାହ ସମ୍ପନ୍ନ କରିଥିଲେ। ବରକର୍ତ୍ତା ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଡିନ ପ୍ରଫେସର ଡ. ବିନୟ କୁମାର ଦାସ ଓ ପ୍ରାଧ୍ୟାପିକା ଉର୍ମିଳା ଦାସ ତାଙ୍କ ସୁପୁତ୍ର ବାଇମୁଣ୍ଡି ଦାସର ଶୁଭ ବିବାହ ଆଇଟିଆରର ସହ ନିର୍ଦ୍ଦେଶକ ଡ଼ଃ ନୀଳାଦ୍ରି ରାୟ ଓ ପ୍ରାଧ୍ୟାପିକା ଡ଼ଃ ମୌସୁମୀ ଦାସ ପଟ୍ଟନାୟକଙ୍କ କନ୍ୟା ମଣି ସହ କରିଥିଲେ। ଯୌତୁକ ଭାବରେ କଟକ ସହରରେ ବାଇମୁଣ୍ଡିର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାର ସମ୍ପୂର୍ଣ୍ଣ ପ୍ରୟାସ କରାଯିବ ବୋଲି କନ୍ୟା କର୍ତ୍ତା ଆଇଟିଆର ସହ ନିର୍ଦ୍ଦେଶକ ଡ଼ଃ ନୀଳାଦ୍ରି ରାୟ ଓ ବରକର୍ତ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ମୁଖ୍ୟ ପ୍ରଫେସର ଡ଼ଃ ବିନୟ ଦାସ କହିଥିଲେ। ଖ୍ରୀଷ୍ଟିଆନ ପଡ଼ିଆରେ ଆୟୋଜିତ ଅଧିବେଶନ ଉତ୍ସବ କମିଟି ଉପସଭାପତି ଅଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଆଇ ଟି ଆରର ସହ ନିର୍ଦ୍ଦେଶିକା ଶ୍ରାବଣୀ ଘୋଷ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୌରାଞ୍ଚଳ ଅଧକ୍ଷ ଯୋଗ ଦେଇଥିଲେ। ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ବାହାଘର କମିଟି ସଦସ୍ୟା ରଚନା ସେନ କରିଥିବା ବେଳେ ଅଳକା ଘୋଷ ପ୍ରାକକଥା ଓ ଧରିତ୍ରୀ ମହାପାତ୍ର ଶେଷକଥା ରଖିଥିଲେ। ହଜାର ହଜାର ଲୋକେ ଆଜି ଏହି ବାହାଘର ଉତ୍ସବରେ ଯୋଗଦେବା ସହ ଖ୍ରୀଷ୍ଟିଆନ ପଡ଼ିଆରେ ଲାଗିଥିବା ବିଶାଳ କଣ୍ଢେଇ ମେଳା ବୁଲି ଦେଖିଥିଲେ।

## ବାହାଘର ଭୋଜିରେ ମାରପିଟ୍; ୪ଗିରଫ

ବ୍ରହ୍ମପୁର,୧୨।୫(ସମିସ): ବାହାଘର ଭୋଜିରେ ଗଣ୍ଡଗୋଳ ସହ ହତ୍ୟା ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଜିପୁର ରଥ ସାହିର କେ. ନବୀନ(୨୫) ଓ ଜି. ନାଗେଶ(୩୦), ବୋଡିଂ ସାହିର ନିଳାଞ୍ଚଳ ପାତ୍ର ଓରଫ ସିତୁ(୩୦) ଏବଂ କାଲୁଆ ସାହିର ରହିମ ପାତ୍ର ଓରଫ ରାଜୁ(୩୮) । ସୂଚନା ଥାଉକି, ଖୋଡାସିଙ୍ଗିର ରାଜେଶ୍ୱରୀ ମହାଙ୍କୁଡଙ୍କ ଝିଆରୀଙ୍କ ବିବାହ ଭୋଜି ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉପରୋକ୍ତ ଅଭିଯୁକ୍ତମାନେ ଭୋଜିସ୍ଥଳରେ ପହଞ୍ଚି ଖାଦ୍ୟ ସାମଗ୍ରୀ ନଷ୍ଟ କରିଥିଲେ । ଏହାକୁ ରାଜେଶ୍ୱରୀ ଓ ତାଙ୍କ ଭାଇ ଏନ. କ୍ରିଷ୍ଣା ରାଓ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ପରିବାରର ଅନ୍ୟ ଜଣେ ସଦସ୍ୟ ଏ. ସୁନୀଲ ଏଥିରେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ଏକ କାଠପଟା ସାହାଯ୍ୟରେ ତାଙ୍କୁ ମଧ୍ୟ ନିର୍ଘୁମ ମାଡ଼ ମାରିଥିଲେ । ସୁନୀଲଙ୍କ ମୁଣ୍ଡ ଏବଂ ହାତରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା । ଘଟଣାକୁ ନେଇ ରାଜେଶ୍ୱରୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୧୭୪/୨୬) ରୁଜୁ କରି ତଦନ୍ତ କରିଥିଲା । ଆକ୍ରମଣରେ ବ୍ୟବହୃତ କାଠପଟାକୁ ପୁଲିସ ଜବତ କରିଛି ।

## ଲୁଟ୍ ଓ ଜାତିଗତ ଆକ୍ଷେପ ମାମଲା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୨।୫(ସମିସ): ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ହର୍ଷ ବିହାର ଅଞ୍ଚଳରେ ଜଣେ ନାବାଳକଙ୍କୁ ଖଣ୍ଡା ଦେଖାଇ ସୁନାଚେନ୍ ଲୁଟିବା ଏବଂ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଲାଠି ଅଞ୍ଚଳରେ ରହୁଥିବା ବାଲାଜୀପେଣ୍ଠ ଗୋଲା ସାହିର ପ୍ରବୀଣ ଚୌଧୁରୀ (୨୨) । ସୂଚନା ପ୍ରକାରେ ଏପ୍ରିଲ ୩୦ତାରିଖ ରାତି ପ୍ରାୟ ୮.୩୦ମିନିଟ୍ ସମୟରେ ଧାନମେରା ସାହିର ଆର୍ଯ୍ୟନ ଓରଫ ଅମ୍ରିତ ନାୟକ ନିଜର ଦୁଇବନ୍ଧୁଙ୍କ ସହ ହର୍ଷ ବିହାର ଅଞ୍ଚଳକୁ ଯାଉଥିଲେ । ସେହି ସମୟରେ ଅଭିଯୁକ୍ତ ପ୍ରବୀଣ ଚୌଧୁରୀ ଓ ୩ଜଣ ସହଯୋଗୀ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ । ଅମ୍ରିତ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ । ଅଭିଯୁକ୍ତମାନେ ଏକ ଖଣ୍ଡା ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ବେକରୁ ସୁନାଚେନ୍ ଛଡ଼ାଇ ନେଇ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ । ନାବାଳକଙ୍କ ଅଭିଯୋଗ ଆଧାରରେ ବଡ଼ବଜାର ଥାନାରେ ଏକ ମାମଲା(୨୮୦/୨୬) ରୁଜୁ ହୋଇଥିଲା । ଅଭିଯୁକ୍ତ ପ୍ରବୀଣ ନାମରେ ବ୍ରହ୍ମପୁରର ବିଭିନ୍ନ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି । ସେ ଏକ ଅପରାଧିକ ଗ୍ୟାଙ୍ଗର ସଦସ୍ୟ ବୋଲି ତଦନ୍ତରୁ ଜଣାପଡିଛି । ଏହି ଗ୍ୟାଙ୍ଗ ଓ ତାହାର ମୁଖ୍ୟ ବ୍ରହ୍ମପୁର ଏବଂ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କୁ ଭୟଭିତ କରି ଦାଦାବଟି ଆଦାୟ କରିବା ସହ ଜୁଆ, ବ୍ରାଉନସୁଗାର ଏବଂ ଗଞ୍ଜେଇ ବ୍ୟବସାୟରେ ସଂପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି । ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୁଲିସ ଉଦ୍ୟମ ଜାରି ରଖିଛି ।

## ଯୁବକଙ୍କୁ ଛୁରାମାଡ଼; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୨।୫(ସମିସ): ମିଲିଟାରୀ ଲାଇନ ପାର୍କ ନିକଟରେ ଜଣେ ଯୁବକଙ୍କୁ ଛୁରାମାଡ଼ କରି ଟଙ୍କା ଲୁଟ୍ ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଗେଟ୍‌ବଜାର ବିଲ ସାହିର ଏମ୍. ଗଣେଶ ପାତ୍ର ଓରଫ ଚିଣ୍ଟୁ(୨୪) । ପୁଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଛୁରୀ ଜବତ କରିଛି ।

ସୂଚନାଥାଉକି, ୯ ତାରିଖ ବିଳମ୍ବିତ ରାତିରେ ପି. ରାହୁଲ ନିଜ ସାଙ୍ଗ ଜାଭେଦ୍ ଖାନ୍ ଏବଂ ନବୀନ ଖାନଙ୍କ ସହ ମିଲିଟାରୀ ଲାଇନ ପାର୍କ ଅଭିମୁଖେ ଯାଉଥିଲେ । ଏହି ସମୟରେ ଅଭିଯୁକ୍ତ ଗଣେଶ ପାତ୍ର ତାଙ୍କର ଅନ୍ୟ ସହଯୋଗୀ ଅମିତ ନାୟକ, ପିଣ୍ଟୁ ଓରଫ ରୂପେଶ ବେହେରା ଏବଂ କାର୍ତ୍ତିକଙ୍କ ସହ ମିଶି ରାହୁଲଙ୍କୁ ଅଟକାଇ ଟଙ୍କା ମାଗିଥିଲେ । ରାହୁଲ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଏକ ଧାରୁଆ ଛୁରୀରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ରାହୁଲଙ୍କ ଡାହାଣ ହାତ ଏବଂ ପେଟରେ ଗଭୀର ଆଘାତ ଲାଗିଥିଲା । ୧୦ ତାରିଖ ଦିନ ରାହୁଲ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୧୭୫/୨୬) ରୁଜୁ କରି ତଦନ୍ତ ଚଳାଇଥିଲା । ଅଭିଯୁକ୍ତ ଗଣେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

● ଗଛକୁ ଧକ୍କା ଦେଲା କାର୍

## ଗୋଟିଏ ପରିବାରର ୬ ଆହତ

ଆସିକା,୧୨।୫(ସମିସ): ଆସିକା ବ୍ଲକ ଅନ୍ତର୍ଗତ ମୁନିଗାଡି ନିକଟରେ ଦୁର୍ଘଟଣା । ରାସ୍ତା କଡରେ ଥିବା ଏକ ଗଛକୁ ପିଟିଲା କାର । ଏଥିରେ ଗୋଟିଏ ପରିବାରର ୬ ଆହତ ହେଇଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଅଧିକ ସାଂଘାତିକ ହୋଇଥିବା ବେଳେ ଉଭୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଆହତ ମାନଙ୍କ ମଧ୍ୟରେ ଦୁଇ ଜଣ ଶିଶୁ ରହିଛନ୍ତି । କାରଟି ବ୍ରହ୍ମପୁରରୁ ଭଞ୍ଜନଗର ଯାଉଥିବା ସମୟରେ ଏହି ଦୁର୍ଘଟଣା ହୋଇଛି । କୌଣସି କାରଣରୁ କାରଟି ଆସିକା ପଟୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦୋଇଥିଲା । ସ୍ଥାନୀୟଲୋକେ ପହଁଚି ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ପଠାଇଥିଲେ । ଗୁରୁତର ଆହତ ମାନେ ହେଲେ ଭଞ୍ଜନଗର ଅଞ୍ଚଳର ସୁଶାନ୍ତ ସାହୁ, ବିପ୍ରଚରଣ ସାହୁ, ରୀନାସାହୁ, ଶୁଭ୍ରା ସାହୁଙ୍କ ସମେତ ଝିଅ ଶ୍ରୀୟା ସାହୁ(୧୦), ପୁଅ କ୍ରିଷବ ସାହୁ(୪)ଆହତ ହୋଇ ଥିବା ବେଳେ ଆସିକା ମେଡିକାଲ ରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି ।

### ପୁଲିସ ବିଭାଗରେ 'ବ୍ରିଫିଂ ପରେଡ୍'ର ଆବଶ୍ୟକତା ଓ ଯଥାର୍ଥତାକୁ ନେଇ ଚର୍ଚ୍ଚା

# 'ଗୁଣ୍ଡା ପରେଡ୍'ର ସ୍ଥାନ ନେଇଛି 'ପୁଲିସ ପରେଡ୍'

ବ୍ରହ୍ମପୁର,୧୨।୫(ସମିସ)

ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ସମସ୍ତ ଥାନାରେ 'ଗ୍ରୁପ କଲ' ସହିତ 'ବ୍ରିଫିଂ ପରେଡ' ଆରମ୍ଭ ହୋଇଛି । ବ୍ରିଫିଂ ପରେଡରେ ଥାନା ଅଧିକାରୀ ଥାନାର କର୍ମଚାରୀ ତଥା ଅନ୍ୟ ଅଧିକାରୀଙ୍କୁ ଦିନ ତମାମର କାର୍ଯ୍ୟ ଶୁଣିବା ସହିତ ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିବେ । ଏହାଦ୍ୱାରା ଥାନାଗୁଡିକରେ କାର୍ଯ୍ୟକରିବାର ଶୈଳୀରେ ପରିବର୍ତ୍ତନ ଆସିବା ସହିତ ପୁଲିସ କର୍ମଚାରୀଙ୍କ ମନରେ ଉତ୍ସାହ ସୃଷ୍ଟି ହେବ ବୋଲି ଲକ୍ଷ୍ୟ ରଖାଯାଇଛି । ତେବେ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଫଳାଫଳକୁ ନେଇ ଉଠିଛି ପ୍ରଶ୍ନ । ପୂର୍ବରୁ ଅପରାଧିଙ୍କ ମନରେ ଭୟ ଓ ନିୟନ୍ତ୍ରଣ ଆଣିବା ଲକ୍ଷ୍ୟରେ 'ଗୁଣ୍ଡା ପରେଡ' କରାଯାଉଥିଲା । ଯାହା କିଛିଦିନର କାର୍ଯ୍ୟକାରିତା ପରେ ଆପେଆପେ ବନ୍ଦ ହୋଇଯାଇଥିଲା । ଏଭଳି ଅନେକ କାର୍ଯ୍ୟକ୍ରମ ପୂର୍ବରୁ ପୁଲିସ ବିଭାଗ ପକ୍ଷରୁ ହାତକୁ ନିଆଯାଇ ପରବର୍ତ୍ତି ସମୟରେ ତାହାକୁ କାର୍ଯ୍ୟକାରୀ କରିନପାରି ବନ୍ଦ କରାଯାଇଥିବା ନଜିର ରହିଛି । ପୂର୍ବରୁ ଗୁଣ୍ଡା ପରେଡ ହେଉଥିବା ଭଳି ବର୍ତ୍ତମାନ ଖୋଦ୍ ପୁଲିସ ବିଭାଗରେ ଅଧିକାରୀ ଓ କର୍ମଚାରୀଙ୍କୁ ଶୃଙ୍ଖଳିତ କରିବାକୁ ଯାଇ ଏଭଳି 'ବ୍ରିଫିଂ ପରେଡ' ଆରମ୍ଭ କରାଯାଇଥିବା କୁହାଯାଉଛି । ତେବେ ଏହାଦ୍ୱାରା ପୁଲିସ ଅଧିକାରୀ ଓ କର୍ମଚାରୀ ଅଧିକ ଯତ୍ନବାନ ଅଥବା କ୍ରୀୟାଶୀଳ ହେବା ଅପେକ୍ଷା ଅଧିକ ଚାପଗ୍ରସ୍ତ ହେବାର ଆଶଙ୍କା କରାଯାଉଛି । ଏଣୁ ଏଭଳି ବ୍ରିଫିଂ ପରେଡ ଦୈନିକ ପରିବର୍ତ୍ତେ ସପ୍ତାହରେ ଦୁଇ ବା ୩ଦିନ ହେଲେ ଭଲ ହୁଅନ୍ତା ବୋଲି କିଛି ଅବସରପ୍ରାପ୍ତ ପୁଲିସ ଅଧିକାରୀ ମତ ଦେଇଛନ୍ତି । ଗ୍ରୁପ କଲରେ ଅଧିକାରୀମାନେ ଥାନାକୁ ନଯାଇ ବିଭିନ୍ନ ସ୍ଥାନରୁ ଏପରିକି ନିଜ ଘର ନିକଟସ୍ଥ ଥାନାକୁ ଯାଇ ପର୍ଯ୍ୟାୟକ୍ରମେ ଗ୍ରୁପ କଲରେ ସାମିଲ ହେବାର ନଜିର ରହିଛି । ଏଣୁ ରାତିରେ ପାଟ୍ରୋଲିଂ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ପୁଲିସ କର୍ମଚାରୀଙ୍କ ପାଇଁ ଏହା ଏକ ଚାପ ସଦୃଶ ବୋଲି ଆଲୋଚନା ହେଉଛି । ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ଥାନାରେ 'ବ୍ରିଫିଂ ପରେଡ' ଯଦିଓ ଅନୁଷ୍ଠିତ ହୋଇଯାଇଛି ତେବେ ଅଭ୍ୟାସ ନଥିବାରୁ ସେଥିରେ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇନଥିବା ଦେଖିବାକୁ ମିଳିଥିଲା । ସେପଟେ ଥାନାରେ ବ୍ରିଫିଂ ପରେଡ ଆୟୋଜିତ ହେଉଥିବା ବେଳେ ଫାଣ୍ଡି ଗୁଡିକରେ ନିୟୋଜିତ ଅଧିକାରୀଙ୍କ ପାଇଁ ଏହା ଅଡଏକ ସମସ୍ୟା ସୃଷ୍ଟି କରିଛି । ଏସବୁ ଦୃଷ୍ଟିରୁ 'ବ୍ରିଫିଂ ପରେଡ' କେତେଦିନ କାର୍ଯ୍ୟକାରୀ ହେଉଛି ଏବଂ ତାହାର ସଫଳତା କେତେ ମିଳୁଛି ତାହା ଦେଖିବାକୁ ବାକି ରହିଲା ।



● ପୁଲିସ କର୍ମଚାରୀଙ୍କ ଉପରେ ପଡ଼ିବ ଅଯଥା ଚାପ

● ପ୍ରଥମେ 'କଲ ଆଟେଣ୍ଡ' ନା 'ବ୍ରିଫିଂ ପରେଡ୍'?

● କିଛିଦିନ ପରେ ବନ୍ଦ ହେବ; ସବୁ ଥାନା, ଫାଣ୍ଡିରେ ନିୟମିତ ଅସମ୍ଭବ

## ବ୍ରହ୍ମପୁର ନୂତନ ବସ୍‌ଷ୍ଟାଣ୍ଡ ବନ୍ଦ ପରେ ଜୀବନ ଜୀବିକା ପ୍ରଭାବିତ



ବ୍ରହ୍ମପୁର,୧୨।୫(ସମିସ): ବ୍ରହ୍ମପୁରର ନୂତନ ବସ୍‌ଷ୍ଟାଣ୍ଡ ବନ୍ଦ ହେବାରୁ ଶତାଧିକ ଲୋକଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଅଟୋ ଚାଳକ, ଖାଦ୍ୟ ଓ ଫଳ ବ୍ୟବସାୟୀ, ଛୋଟ ଦୋକାନୀ, କ୍ଲିନିକ୍ ଚାଳକ, ଔଷଧ ଦୋକାନ ଏବଂ ଦୈନିକ ମଜୁରିଆ ଶ୍ରମିକମାନେ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରି ନିଜ ଜୀବିକା ଚଳାଉଥିଲେ । ବଢୁଥିବା ଚିନ୍ତାକୁ ଦୃଷ୍ଟିରେ ରଖି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପାଧ୍ୟକ୍ଷ ନିହାର ରଞ୍ଜନ ଶତପଥୀ ନୂତନ ବସ୍‌ଷ୍ଟାଣ୍ଡ ୟୁନିୟନ ଓ ଅଟୋ ଷ୍ଟାଣ୍ଡ ୟୁନିୟନ ସଦସ୍ୟମାନଙ୍କ ସହ ଆଲୋଚନା କରି ସମସ୍ୟା ଓ ଦାବିଗୁଡିକୁ ବୁଝିଥିଲି । ଏହି ଆଲୋଚନା ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ନିର୍ଦ୍ଦେଶନା ଓ ମାର୍ଗଦର୍ଶନରେ ହୋଇଥିଲା । ପ୍ରତିନିଧିମାନେ ବିଏମସି କମିଶନର, ସ୍ଥାନୀୟ ବିଧାୟକ ଏବଂ ବ୍ରହ୍ମପୁର ମେୟରଙ୍କୁ ତତ୍କାଳ ହସ୍ତକ୍ଷେପ ପାଇଁ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି । ଅଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସହିତ ଏକ ଗ୍ରହଣ ପ୍ରତିଲିପି ମଧ୍ୟ ମିଳିଛି । କିନ୍ତୁ ପୁନଃପୁନି ଅନୁରୋଧ ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଆଶ୍ୱାସନ କିମ୍ବା ପୁନର୍ବାସ ଯୋଜନା ଘୋଷଣା କରାଯାଇନାହିଁ ।

ପ୍ରଭାବିତ ଅଞ୍ଚଳବାସୀ ଓ ସମସ୍ତ ହିତାଧିକାରୀମାନେ ସରକାରଙ୍କୁ ହଳଦିଆପଦରରୁ ଫର୍ଷ୍ଟ ଗେଟ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ସିଙ୍ଗଲ୍ ରୁଟ୍ ବସ୍ ସେବା ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି, ଯାହା ଚିକିତ୍ସା ଓ କ୍ଲିନିକ୍ ସମ୍ବନ୍ଧୀୟ କାରଣରେ ଯାତାୟାତ କରୁଥିବା ରୋଗୀ ଓ ସେମାନଙ୍କ ପରିବାରଙ୍କୁ ବହୁତ ସହାୟତା କରିବ । ସିଧାସଳଖ ପରିବହନ ସୁବିଧା ନଥିବାରୁ ବୃଦ୍ଧ ଓ ରୋଗୀମାନେ ଅତ୍ୟଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ନିଷ୍ପତ୍ତିରେ ପ୍ରଭାବିତ ବ୍ୟବସାୟୀ, ଛୋଟ ଦୋକାନୀ ଓ ଶ୍ରମିକମାନଙ୍କ ପାଇଁ ପୁନର୍ବାସ ଏବଂ ବିକଳ୍ପ ସହାୟତା ବ୍ୟବସ୍ଥା କରିବାକୁ ମଧ୍ୟ ଜୋରଦାର ଦାବି ହେଉଛି । ଲୋକମାନେ କହିଛନ୍ତି ଯେ ଉନ୍ନୟନ ଓ ଯାତାୟାତ ସୁବିଧା ଜରୁରୀ ହେଲେ ମଧ୍ୟ, ଏହା ଲୋକଙ୍କ ଜୀବିକା ଓ ଆର୍ଥିକ ସୁରକ୍ଷାର ବଳି ହେବା ଉଚିତ୍ ନୁହେଁ । ସ୍ଥାନୀୟ ବାସିନ୍ଦା ଓ ପ୍ରଭାବିତ ଶ୍ରମିକମାନେ ବର୍ତ୍ତମାନ ପ୍ରଶାସନକୁ ତୁରନ୍ତ ମାନବିକ ଓ ସକାରାକକ ପଦକ୍ଷେପ ନେବାକୁ ଅନୁରୋଧ କରୁଛନ୍ତି, ଯାହା ମାଧ୍ୟମରେ ନଗର ଉନ୍ନୟନ ପ୍ରକ୍ରିୟାରେ କୌଣସି ବର୍ଗ ଅବହେଳିତ ନ ହେଉ ।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା




ଶେରଗଡ଼,୧୧।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଶେରଗଡ଼ ବ୍ଲକର ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନନ୍ତର ପଞ୍ଚାୟତ ପକ୍ଷରୁ ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ,ଶେରଗଡ ବ୍ଲକର କରଡାକଣା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପସା ମଳିକ ବ୍ଲକ ଟପ୍ପର ହୋଇଥିଲା ବେଳେ ଶେରଗଡ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ରାଣୀ ପାଢୀ ଦ୍ୱିତୀୟ, ଶେରଗଡ ମହାଗାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀୟାନ୍ସ ମିଶ୍ର ଓ ଗୋଠଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ପାଢୀ ଏ୧ ଗ୍ରେଡରେ ପାସ କରିଥିବା ବେଳେ ପ୍ରତି ବିଦ୍ୟାଳୟର ଟପ୍ପର ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ନିରଞ୍ଜନ ଜେନା (କାଳିଆ), ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଏବିଇଓ ଶୈଳେନ୍ଦ୍ରୀ ଦଳେଇ, ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ, କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ପୂର୍ବତନ ବରମୁଣ୍ଡଳି ସରପଞ୍ଚ କାଳୁଚରଣ ସାହୁ, ଧନନ୍ତର ସରପଞ୍ଚ ପ୍ରତିନିଧି ମକରା ସ୍ୱାଇଁ, ଖିରିଡା ସରପଞ୍ଚ ପ୍ରତିନିଧି ଅଜିତ କୁମାର ଜେନା, ଜିଲ୍ଲା ଉପସଭାପତି ନୟନୀ କୁମାର ମଳିକ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନଙ୍କ ସହ ୨୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

## 'ଏ-୧' ମାଟ୍ରିକ୍ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର,୧୨।୫(ସମିସ): ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ ପୁରୁଷୋତ୍ତମପୁର ବ୍ଲକର ୭ଜଣ ବିଦ୍ୟାର୍ଥୀ ଏ୧ ଗ୍ରେଡରେ ପାସ୍ କରିଛନ୍ତି । ସେମାନଙ୍କୁ ମଙ୍ଗଳବାର ପୁରୁଷୋତ୍ତମପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହିନ୍ଦୀ ପ୍ରଚାର ସଭା ଗୃହରେ ସମ୍ବର୍ଦ୍ଧିତ କରାଯାଇଛି । ବରିଷ୍ଠ ନାଗରିକ ସଂଘର ସଭାପତି ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ମୁଖ୍ୟ ଅତିଥି, ବକ୍ତା ଏବିଇଓ ଦଣ୍ଡପାଣି ବେହେରା, ସମ୍ମାନିତ ଅତିଥି ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ପିଏମ୍‌ଶ୍ରୀ ନରସିଂହ ଦାସ ବିଦ୍ୟାଳୟ ଶିକ୍ଷକ ଯୁଧିଷ୍ଠିର ସାହୁ ଉପସ୍ଥିତ ଥିଲେ । ଟଙ୍କାଛାଇ ସ୍ଥିତ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜା ସ୍ୱାଇଁ ୬୦୦ରୁ ୫୫୭(୯୩%)



ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି ପ୍ରତାପପୁର ଆର. ଟି ବିଦ୍ୟାପୀଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଲିପସା ବେହେରା ୫୫୦, ଟଙ୍କା ଛାଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଛାତ୍ରୀ ସୋନୁ ଗୌଡ଼ ୫୪୦, ହାଣ୍ଡିଘର ଉନ୍ନୀତ ଉଚ୍ଚବିଦ୍ୟାଳୟର ତୁଳସୀ ସାହୁ୫୪୦, ଚଢେଇଆପଲ୍ଲୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଏ.କରିସ୍ମା ଦୋରା ୫୪୦, ବଡ ବରଗାଁ ଚକ୍ରପାଣି ଦୋରା ଉଚ୍ଚ ବିଦ୍ୟାଳୟର ବସନ୍ତ ପ୍ରଧାନ ୫୪୦, ଭୂତସରସିଙ୍ଗି ଉଚ୍ଚ ବିଦ୍ୟାଳୟର ଆରୁଷି ସାହୁ ୫୪୦ ରଖି ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କାର୍ଯ୍ୟକ୍ରମକୁ ସିଆରସିସି ହେମନ୍ତ ବେହେରା, ସଂଯୋଜନା କରିଥିବା ବେଳେ ବରିଷ୍ଠ ନାଗରିକ ସଂଘ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ

### ଗାଡ଼ି ଛାଡି ଡ୍ରାଇଭର ଫେରାର

ଗଞ୍ଜାମ,୧୨।୫(ସମିସ): ଗଞ୍ଜାମ ଥାନା ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ବରଦା ଗ୍ରାମରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ସୋମବାର ରାତିରେ ଜବତ କରାଯାଇଛି । ସ୍ଥାନୀୟ ଗୋପାଳକଙ୍କ ସାହାଯ୍ୟତାରେ ଗୋରୁ ଗୁଡିକ ଭ୍ୟାନରେ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଓ ବଜରଙ୍ଗ ଦଳର ସଦସ୍ୟ ମାନେ ପହଞ୍ଚି ଯାଇ ଗୋରୁ ଗୁଡିକ ଉଦ୍ଧାର କରିଥିଲେ । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଅଭିଯୁକ୍ତ ଗୋପାଳକଙ୍କୁ ଥାନାକୁ ନେଇ ତଦନ୍ତ କରୁଛି । ବଜରଙ୍ଗୀ ଦଳ ସଂଯୋଜକ ଲକ୍ଷ୍ମୀ ଚରଣ ଜେନା, ଏଲେୟା ରେଡି, ଦୀପକ ରେଡି, କୃତିବାସ, ଅରୁଣ ମହାପାତ୍ର, ପଞ୍ଚୁ ପ୍ରଧାନ, ରାହୁଲ ସାହୁ, ଆଶିଷ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ସଚିନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।

## ବାଲୁଙ୍କେଶ୍ୱର ମନ୍ଦିର-ଆମ୍ବ ମାର୍କେଟ ରାସ୍ତା ଶୋଚନୀୟ

ବ୍ରହ୍ମପୁର,୧୨।୫(ସମିସ)



### ରାସ୍ତା ସାରା ଖାଲ, ମରାମତି ଦାବି

ସହରର ପ୍ରମୁଖ ରାସ୍ତା ମଧ୍ୟରୁ ଅନ୍ୟତମ ବାଲେଙ୍କେଶ୍ୱର ମନ୍ଦିର ଠାରୁ ଆମ୍ବ ମାର୍କେଟ ପର୍ଯ୍ୟନ୍ତ ରହିଥିବା ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି । ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରୁଥିବା ବେଳେ ଗାଡ଼ି ଚାଳକ ଓ ସାଧାରଣ ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସହର ମଧ୍ୟରେ ଗେଟ ବଜାର ଓଭର ବ୍ରିଜ ନିର୍ମାଣ କାମ ଚାଲିଥିବାରୁ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସହରର ବସ୍ ଷ୍ଟାଣ୍ଡକୁ ଡୁଡୁମା କଲୋନୀ ଓ ହଳଦିଆପଦର ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା । ଏହା ପରଠାରୁ ଭୁବନେଶ୍ୱର ଓ କଟକ ଯାତାୟତ କରୁଥିବା ବସ୍ ଗୁଡ଼ିକ ଡୁଡୁମା କଲୋନୀରୁ ବହାରି ପୁରୁଣା ବ୍ରହ୍ମପୁର ଏବଂ ଆମ୍ବମାର୍କେଟ ଦେଇ ଜାତୀୟ ରାଜପଥକୁ ବାହାରି ଥାଏ । କିନ୍ତୁ ବାଲେଙ୍କେଶ୍ୱର ମନ୍ଦିରରୁ ଆମ୍ବ ମାର୍କେଟ ପର୍ଯ୍ୟନ୍ତ ରାସ୍ତାରେ ଯାତାୟତରେ ଛୋଟ ଓ ବଡ଼ ଯାନବାହନ ଚଳାଚଳ ଅଧିକ ବାଧା ବୃଦ୍ଧି ପାଇଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ରହିଥିବା ବେଳେ ରାସ୍ତାର ରକ୍ଷଣାବେକ୍ଷଣ କରାଯାଉନଥିବାରୁ ରାସ୍ତାର ଅବସ୍ଥା ଅଧିକ ଦୟନୀୟ ହୋଇପଡ଼ିଛି । ବିଶେଷ କରି ଖାଲଖମାରେ ନିକଟରେ ପଡ଼ିଥିବା ଗୁଡ଼ି କାରଣରୁ ବିଭିନ୍ନ ସମୟରେ ଗାଡ଼ି ଚକା ଖସି ଦୁର୍ଘଟଣା ଘଟୁଥିବା ବେଳେ ବର୍ଷା ସମୟରେ ଖାଲଖମାରେ ବର୍ଷା ପାଣି ଜମା ହେବାରୁ ଦୁର୍ଘଟଣାର ଆଶଙ୍କା ବଢୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଦୁଇଚକିଆ ଚାଳକମାନେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ସମୟରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖାଯାଉଛି । ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ବାରମ୍ବାର ପ୍ରଶାସନ ଓ ପୂର୍ତ୍ତ ବିଭାଗଙ୍କୁ ରାସ୍ତା ମରାମତି ଓ ପୁନଃନିର୍ମାଣ ପାଇଁ ଦାବି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଶୀଘ୍ର ରାସ୍ତାର ମରାମତି କରାଯାଇନଗଲେ ଆଗାମୀ ଦିନରେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବ ବୋଲି ସାଧାରଣରେ ଚିନ୍ତା ପ୍ରକାଶ ପାଇଛି । ଯଦି ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଅଧିକାରୀ ମାନେ ଏହି ସମସ୍ୟାକୁ ଅଣଦେଖା କରନ୍ତି । ତେବେ ସମସ୍ୟାକୁ ନେଇ ସ୍ଥାନୀୟ ଲୋକ ରାଜରାସ୍ତାରୁ ଓହ୍ଲାଇ ଏହାର ପ୍ରତିବାଦ କରିବେ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି ।

## ଧରାକୋଟ ରଥଖଳା ଚଳଚଞ୍ଚଳ

ଧରାକୋଟ,୧୨।୫(ସମିସ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଗତ ଅକ୍ଷୟ ତୃତୀୟା ଠାରୁ ପୁରୀ ସମେତ ଓଡ଼ିଶାର ବିଭିନ୍ନ ପୁରପଲ୍ଲୀରେ ରଥ ନିର୍ମାଣ ଆରମ୍ଭ ହୋଇଛି । ସେହି ଅନୁଯାୟୀ ବ୍ୟତିକ୍ରମ ପରମ୍ପରାର ନିଦର୍ଶନ ଗଞ୍ଜାମ ଜିଲ୍ଲାର ଧରାକୋଟ ଗଡର ପ୍ରସିଦ୍ଧ ଏକାଦଶୀ ତିଥିରେ ରଥଯାତ୍ରା ପାଇଁ ଏବେ ଧରାକୋଟ ରଥଖଳା ଚଳ ଚଞ୍ଚଳ ହେଲାଣି । ଗତ ଅକ୍ଷୟ ତୃତୀୟା ଠାରୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ମୁଖ୍ୟ ମହାରଣାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ବେଳେ ପୁରୁଣା ରଥକୁ ମଧ୍ୟ ଭଙ୍ଗା ଗଲାଣି । ସମଗ୍ର ଓଡ଼ିଶାରେ ଧରାକୋଟ ରଥଯାତ୍ରାର ଏକ ସ୍ୱତନ୍ତ୍ରତା ରହିଛି । ସମଗ୍ର ବିଶ୍ୱ ସମେତ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଓ ବାହୁଡା ତିଥିରେ ପାଳନ ହେଉଥିବା ରଥଯାତ୍ରା ବେଶ ଖ୍ୟାତି ଅର୍ଜନ କରିଛି । ହେଲେ ଧରାକୋଟରେ ଏହାର ବ୍ୟତିକ୍ରମ ପରମ୍ପରା ଅନୁଯାୟୀ ରଥଯାତ୍ରା ବାହୁଡ଼ା ପରବର୍ତ୍ତୀ ଏକାଦଶୀ ତିଥିରେ ପାଳନ ହୋଇଆସୁଛି । ଧରାକୋଟ ଗଡର ରଥ ପୁରୀର ସୁଭଦ୍ରାଙ୍କ ଦର୍ପ ଦଳନ ରଥ ସହ ସମାନ । ଏହାର ଉଚ୍ଚତା ଓ ଓସାର ଉଭୟ ୩୩ ଫୁଟ । ଏହି ରଥ ନିର୍ମାଣ ପାଇଁ ମୋଟ ୭୮୧ ଖଣ୍ଡ କାଠ ବ୍ୟବହାର ହେଉଛି । ଏଥିରେ ଛଅଟି ଅଖ, ବାରଟି ଚକ ସହ ଚାରି ନାଇକା, ପାରା ଭାଡ଼ି ଉପରେ ଦଧି ନଉତି ରହୁଛି । ନିର୍ମାଣ କାର୍ଯ୍ୟରେ ଅଞ୍ଚଳର କାନ ଗିରିଡି, ବାହାରପୁର, ବେଠୁଆର, ଗଡ ଦାମୋଦରପଲ୍ଲୀ, ଡାକିବଜା, ଗାଙ୍ଗପୁର ଗ୍ରାମର ମହାରଣା ମାନେ ସାମିଲ ଅଛନ୍ତି ।



● ଗାଁରେ ଦୀନବନ୍ଧୁ ଏକଘରିକିଆ

# ପୁଅ ବାହାଘର ପାଇଁ ଗାଁ ଠାକୁରାଣୀଙ୍କ ପୂଜା କରାଇ ଦେଲେନି ପୂଜକ

ରାଜନଗର,୧୨।୫(ସମିସ): ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଅନ୍ତର୍ଗତ ପଦିନୀ ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଗାଁରେ ଦୀନବନ୍ଧୁ ସାହୁଙ୍କୁ ଏକଘରିକିଆ କରାଯାଇଛି। ଗାଁ ଠାକୁରାଣୀଙ୍କ ପୂଜା ଦୀନବନ୍ଧୁଙ୍କ ପୁଅ ବାହାଘର ପାଇଁ ଠାକୁରାଣୀଙ୍କ ପୂଜା କରାଇ ଦେଇନାହାନ୍ତି। ଏ ନେଇ ଦୀନବନ୍ଧୁ ରାଜନଗର ଥାନାରେ ଲିଖିତ ଅଭିଯୋଗ ପରେ ରାଜନଗର ପୁଲିସ ଉଭୟ ପକ୍ଷକୁ ମଙ୍ଗଳବାର ଡକାଇ ତାଗିଦ କରିବା ସହିତ ତୁରନ୍ତ ଏପରି ଅମାନବୀୟ ଘଟଣା ଯେପରି ପୁନରାବୃତ୍ତି ନ ହୁଏ, ଚେତାବନୀ ଦେଇଥିବା ଜଣାପଡ଼ିଛି। ଏହି ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ଆସନ୍ତା ୨୦ ତାରିଖରେ ଥାନାରେ ବସି ସମାଧାନ କରିବାକୁ ଲିଖିତ ଭାବେ ଜଣାଇ ଗାଁକୁ ଫେରିଛନ୍ତି। ସୂଚନା ମୁତାବକ, ପଦିନୀ ଗ୍ରାମର ଦୀନବନ୍ଧୁ ସାହୁଙ୍କ ପୁଅ ବାହାଘର ୭ ତାରିଖରେ ଥିଲା। ବୈଦିକ ବିଧିଅନୁସାରେ ଗାଁ ଠାକୁରାଣୀ ମା' ପଦ୍ମାବତୀ ଦେବୀଙ୍କ ପାଖରେ ପ୍ରଥମେ ଅନୁକୂଳ ପୂର୍ବକ ଠାକୁରାଣୀ ଗାଧୁଆ ପୂଜା ସହ ଗୁଆ ଅନୁକୂଳ କରିବା ପାଇଁ ଦୀନବନ୍ଧୁଙ୍କ ପରିବାରର ଲୋକମାନେ ଗାଁ ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ସେତେବେଳେ ପୂଜକ କାର୍ଯ୍ୟରେ ଥିବା ଦୁର୍ଯ୍ୟୋଧନ ତ୍ରିପାଠୀ ଠାକୁରାଣୀ ଗାଧୋଇ ଦେଇ ନ ଥିଲେ କି ଗୋଲ ଲଗାଇ ଦେଇ ନ ଥିଲେ। ସେମାନଙ୍କୁ ଫେରାଇ ଦେବା ସହିତ ଗୋଷାଥାଳି ବାହାରକୁ ଆଣି ଦେଇ ଠାକୁରାଣୀ ଘରେ ତାଲା ପକାଇଦେଇଥିଲେ। ଦୀନବନ୍ଧୁ ପରିବାର ଅନ୍ୟ ଗ୍ରାମର ଠାକୁରାଣୀଙ୍କ ପାଖରେ ଏହି ଶୁଭ କାମ କରିଥିଲେ। ଚଉଥି ପରେ ପରେ ଦୀନବନ୍ଧୁ ରାଜନଗର ଥାନାର ଦ୍ୱାରସ୍ଥ ହୋଇ ପୂଜକଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଇନ୍ସପେକ୍ଟର ନରେଶ କୁମାର ସାହୁ ଏହା ଆଜିର ସମାଜରେ ଗ୍ରହଣୀୟ ନୁହେଁ। ଗାଁରେ ଭାଇଚାରା ଫେରାଇ ଆଣିବାକୁ ଉଭୟ ପକ୍ଷକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସମାଧାନ ନ ହୁଏ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅଭିଯୋଗକାରୀ ଦୀନବନ୍ଧୁ କହିଛନ୍ତି, ଗାଁରେ ଅନେକ ବେଆଇନ କାର୍ଯ୍ୟ ଓ ଦୁର୍ନୀତିକୁ ଆମେ ବିରୋଧ କରିବାରୁ ଆମକୁ ଅଟକ ରଖାଯାଇଛି।

● ବିଦ୍ୟୁତ୍ ସାମଗ୍ରୀ ଚୋରିର ଭିଡିଓ ଭାଇରାଲ

# କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ

ଗରଦପୁର, ୧୨।୫ (ସମିସ): ଜନସାଧାରଣଙ୍କ ପାଇଁ ଥିବା ବିଦ୍ୟୁତ୍ ସାମଗ୍ରୀକୁ ଲୁଟି ନିଜସ୍ୱ ସ୍ୱାର୍ଥ ସାଧନ କରାଯାଉଥିବା ଅଭିଯୋଗ ଏବେ ଜୋର ଧରିଛି। ଏହାର ଭିଡିଓ ଭାଇରାଲ ହେଉଥିବାବେଳେ ପାଟକୁରା ନିର୍ବାଚନମଣ୍ଡଳୀର ଏକ ନିର୍ଦ୍ଦିଷ୍ଟ ବିଦ୍ୟୁତ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଯନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଅଭିଯୋଗ ମୁତାବକ, ବର୍ଷ ବର୍ଷ ଧରି ଶତାଧିକ ଟ୍ରାନ୍ସଫର୍ମରର ଡିସମେଟାଲ ସାମଗ୍ରୀ, ଜିଆଇ ପୋଲ ଓ ବିଭିନ୍ନ ବିଦ୍ୟୁତ ଉପକରଣକୁ ଠିକାଦାରଙ୍କ ସହ ମିଳିତ ଭାବେ ଚୋରି କରାଯାଇ ପାରାଦୀପ ଅଞ୍ଚଳରେ ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇଥିବା ଚର୍ଚ୍ଚା ହେଉଛି। କେବଳ ବର୍ତ୍ତମାନ ନୁହେଁ, ପୂର୍ବରୁ କାର୍ଯ୍ୟରତ ଥିବା କାର୍ଯ୍ୟାଳୟରୁ ମଧ୍ୟ ଏପରି ଚୋରି ହୋଇଥିବା ଅଭିଯୋଗ ଉଠିଛି। ଏହି ସମଗ୍ର ଘଟଣାକୁ ନୂଆ ମୋଡ଼ ଦେଇଛି ଏକ ଭାଇରାଲ ଭିଡିଓ। ଭିଡିଓରେ ସମ୍ପୃକ୍ତ ଯନ୍ତ୍ରୀ ନିଜେ ଛିଡ଼ା ହୋଇ ଏକ ଗାଡ଼ିରେ ବିଦ୍ୟୁତ୍ ସାମଗ୍ରୀ ଲୋଡ କରୁଥିବା ଦୃଶ୍ୟ ଥିବା ଚର୍ଚ୍ଚା ହେଉଛି। ସୂତ୍ର ଅନୁସାରେ, ଚୋରି ସମୟରେ କାର୍ଯ୍ୟାଳୟର କିଛି ଷ୍ଟାଫ ଏହି ଭିଡିଓ କରିଥିବା ଜଣାପଡ଼ିଛି। ଭିଡିଓ ଭାଇରାଲ ପରେ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାରୀ ସମ୍ପତ୍ତି ଚୋରିରୁ ଆସିଥିବା ଟଙ୍କାରେ କଟକ ସିଡିଏ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଜମି କିଣାଯାଇଥିବା କଥା ମଧ୍ୟ ଚର୍ଚ୍ଚାରେ ରହିଛି। ଏବେ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି ଯେ, ଚାକିରି କରି ଏତେ ବିପୁଳ ସମ୍ପତ୍ତି କେମିତି ସଂଗ୍ରହ ହେଲା। ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ହେଉଛି, ଏହି ସମସ୍ତ ଅଭିଯୋଗ ମଧ୍ୟରେ କିଛି ଲୋକ ମନ୍ଦିର ନିର୍ମାଣ ଓ ଧାର୍ମିକ କାର୍ଯ୍ୟକ୍ରମ ଆଳରେ ନିଜକୁ ସତ୍ୟବାଦୀ ଓ ସମାଜସେବୀ ଭାବେ ପ୍ରମାଣ କରିବାକୁ ଚେଷ୍ଟା କରୁଥିବା କଥା ଲୋକମୁଖରେ ଶୁଣିବାକୁ ମିଳୁଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସାଧାରଣରେ ଦାବି ଜୋର ଧରିଛି। କେଉଁ ଗାଡ଼ିରେ ସାମଗ୍ରୀ ପରିବହନ ହେଲା, କେଉଁଠାରେ ବିକ୍ରି ହେଲା, କେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି, ସେସବୁର ଖୁଲାସା କରିବାକୁ ଦାବି ହେଉଛି।

● ଗଛ କାଟୁଥିବାବେଳେ ଅଘଟଣ

# କଟିଗଲା କାଠୁରିଆଙ୍କ ହାତ ପାପୁଲି ଓ ଆଙ୍ଗୁଠି

କେନ୍ଦ୍ରାପଡ଼ା, ୧୨।୫(ସମିସ): ଗଛ କାଟୁଥିବାବେଳେ ଘଟିଛି ଅଘଟଣ। ରଶିରେ ହାତ ଚାପା ଖାଇଯିବାରୁ କଟର ଲାଗି ଜଣେ କାଠୁରିଆଙ୍କ ହାତ ପାପୁଲି ଓ ଆଙ୍ଗୁଠି କଟିଯାଇଛି। ଆହତ ଅବସ୍ଥାରେ ଗଛ ଉପରେ ଅଟକି ରହିଥିବା କାଠୁରିଆଙ୍କୁ



ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚାଲିବା ପରେ ଅଗ୍ନିଶମ ବାହିନୀ ସୁରକ୍ଷିତ ଭାବେ ତଳକୁ ଆଣିଥିଲା। ଏଭଳି ଘଟଣା କେନ୍ଦ୍ରାପଡ଼ା ପୌରାଞ୍ଚଳର ୩ନଂ ୱାର୍ଡ ଅଧୀନ ଚକଡାବାରଙ୍ଗ ଅଞ୍ଚଳରେ ଘଟିଛି। ସୂଚନା ମୁତାବକ, ଅଲେଖ ଖଟୁଆଙ୍କ ଏକ ଚାଖୁଣ୍ଡା ଗଛ କାଟିବା ପାଇଁ ଜଣେ କାଠୁରିଆ ଠିକା ନେଇଥିଲେ। ମଙ୍ଗଳବାର ସକାଳେ ସେ ଗଛରେ ଚଢ଼ି ବଡ଼ ବଡ଼ ଡାଳ କାଟୁଥିବାବେଳେ ହଠାତ୍ ରଶିରେ ହାତ ଚାପା ଖାଇଯାଇଥିଲା। ଫଳରେ କଟର ଲାଗି ତାଙ୍କ ହାତ ପାପୁଲି ଓ କିଛି ଆଙ୍ଗୁଠି ଗୁରୁତର ଭାବେ କଟିଯାଇଥିଲା। ଆହତ କାଠୁରିଆ ଗଛ ଉପରେ ଥାଇ ପାଣି ପାଇଁ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଘଟଣା ବିଷୟରେ ଜାଣିପାରିଥିଲେ। ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଖବର

**ଘଣ୍ଟାଏରୁ ଅଧିକ ପରିଶ୍ରମ ପରେ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ**

ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗଛଟି ଅଧିକ ଉଚ୍ଚ ହୋଇଥିବାରୁ ଲାଇଫ ଜ୍ୟାକେଟ ଓ ସୁରକ୍ଷା ରସି ସାହାଯ୍ୟରେ କାଠୁରିଆଙ୍କୁ ତଳକୁ ଆଣିବା ପାଇଁ ଅଗ୍ନିଶମ ବାହିନୀ ପ୍ରୟାସ କରିଥିଲା। ଘଣ୍ଟାଏରୁ ଅଧିକ ସମୟ ଧରି ଚାଲିଥିବା ରେସ୍କ୍ୟୁ ଅପରେସନ ପରେ ଆହତ କାଠୁରିଆଙ୍କୁ ସୁରକ୍ଷିତ ଭାବେ ଗଛ ଉପରୁ ତଳକୁ ଅଣାଯାଇ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ବର୍ଷାଧିକ କାଳ ହେବ ବିଇଓ ପଦବୀ ଖାଲି

# ଡେରାବିଶ ବ୍ଲକ୍‌ରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଡେରାବିଶ, ୧୨।୫(ସମିସ)

ଡେରାବିଶ ବ୍ଲକରେ ବର୍ଷାଧିକ କାଳ ହେବ ବିଇଓ ପଦବୀ ଖାଲି ପଡ଼ିଥିବାବେଳେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ କାର୍ଯ୍ୟରତ ଥିବା ବିଇଓ ଶ୍ରୀକାନ୍ତ ବେହେରା ୨୦୨୪ ମସିହାରୁ ଅନ୍ୟତ୍ର ବଦଳି ହେବା ପରେ କେନ୍ଦ୍ରାପଡ଼ା ବିଇଓ ନାରାୟଣ ମଲ୍ଲ ଡେରାବିଶ ବ୍ଲକର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଦୁଇଟି ବ୍ଲକ୍ ଦାୟିତ୍ୱରେ ରହିଥିବାରୁ ଡେରାବିଶ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟକୁ ବହୁ ସମୟରେ ଆସୁ ନ ଥିବାବେଳେ ତାଙ୍କ କେନ୍ଦ୍ରାପଡ଼ା କାର୍ଯ୍ୟାଳୟକୁ ଏଠାରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଦସ୍ତଖତ ହେବାକୁ ଯିବା ନେଇ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ବ୍ଲକ୍ ଅଧୀନରେ ଥିବା ୨୭ଟି ପଞ୍ଚାୟତରେ ୮୪ଟି ପ୍ରାଥମିକ ବିଦ୍ୟାଳୟ, ୪୭ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ, ୨୦ଟି ଉଚ୍ଚବିଦ୍ୟାଳୟ, ୨ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ମିଶାଇ ସମୁଦାୟ ୧୫୨ଟି ରହିଥିବାବେଳେ ସ୍ୱୀକୃତିପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ୫, ଉଚ୍ଚପ୍ରାଥମିକ ବିଦ୍ୟାଳୟ ୭, ଉଚ୍ଚବିଦ୍ୟାଳୟ ୧୭ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ୪ଟିକୁ ମିଶାଇ ୩୩ଟି ବିଦ୍ୟାଳୟ ରହିଥିବା ଜଣାଯାଇଛି। ସେହିପରି ବେସରକାରୀ ପ୍ରାଥମିକ ବିଦ୍ୟାଳୟ ତିନୋଟି ଥିବାବେଳେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ୧୭, ମାଧ୍ୟମିକ ବିଦ୍ୟାଳୟ ୧, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ୨୦କୁ ମିଶାଇ ୩୮ଟି ବିଦ୍ୟାଳୟ ରହିଛି। ଏହି ବ୍ଲକରେ ସମୁଦାୟ ୨୨୩ଟି ବିଦ୍ୟାଳୟ ରହିଛି। ମାତ୍ର ଏଠାରେ ବିଇଓ ଦାୟିତ୍ୱରେ ରହିଥିବା ଶ୍ରୀ ମଲ୍ଲଙ୍କ ଅନୁପସ୍ଥିତି ଫଳରେ କୌଣସି ବିଦ୍ୟାଳୟରେ ବ୍ଲକ୍ ଶିକ୍ଷା ବିଭାଗର ନିୟନ୍ତ୍ରଣ ରହୁ ନ ଥିବା ନେଇ ଶିକ୍ଷାବିତ୍ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରିକି ଶିକ୍ଷା ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନା ବିଭାଗୀୟ ଅଧିକାରୀଙ୍କ ମନମାନିରେ ଚାଲୁଥିବା ନେଇ ପ୍ରାଥମିକ ଶିକ୍ଷକ ସଂଘ ସମନ୍ୱୟ ସମିତି ଉପଦେଷ୍ଟା ଶିକ୍ଷାବିତ୍ ସୁବୋଧ ପରିଡ଼ା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀ ପରିଡ଼ା ଆହୁରି କହିଛନ୍ତି, ପୂର୍ବରୁ ଥିବା ବିଇଓ ଶ୍ରୀ ବେହେରାଙ୍କ ସମୟରେ ବ୍ଲକ୍ ଶିକ୍ଷା ବିଭାଗ ସୁଦୃଢ଼ ଥିଲା। ମାତ୍ର ବର୍ଷକ ତଳେ ତାଙ୍କର ଅନ୍ୟତ୍ର ବଦଳି ହେବା ପରେ କେନ୍ଦ୍ରାପଡ଼ା ବିଇଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। କେନ୍ଦ୍ରାପଡ଼ା ବିଇଓଙ୍କ ଅନୁପସ୍ଥିତି ଓ ଏଠାରେ ଅବସ୍ଥିତ ଏବିଇଓଙ୍କ ପାଖକୁ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ସେମାନଙ୍କ ସମସ୍ୟା ସମ୍ପର୍କରେ ଭେଟିବାକୁ ଆସୁଥିବାବେଳେ ଅଧିକାରୀଙ୍କ ବ୍ୟବହାରରେ ବହୁ ଶିକ୍ଷକ ଅସନ୍ତୋଷ ବ୍ୟକ୍ତ କରୁଥିବା ଶ୍ରୀ ପରିଡ଼ା କହିଛନ୍ତି। ବ୍ଲକ୍ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରଶାସନିକ ଅବହେଳା ପାଇଁ ବହୁ ସରକାରୀ ଯୋଜନା ବିଫଳ ହେବା ସହ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଛି ବୋଲି ଶିକ୍ଷାବିତ୍ ଶ୍ରୀ ପରିଡ଼ା ଅଭିଯୋଗ କରିଛନ୍ତି। ଆସନ୍ତା ଜୁନ୍ ୧୭ ତାରିଖରେ ବିଦ୍ୟାଳୟ ଖୋଲାଯାଇ ପାଠପଢ଼ା ଆରମ୍ଭ କରାଯିବ। ଏହା ପୂର୍ବରୁ ତୁରନ୍ତ ନୂଆ ବିଇଓ ନିଯୁକ୍ତି ଦେବା ପାଇଁ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର କୁମାର ବାରିକଙ୍କୁ ପଚାରିବାରୁ ସେ କହିଲେ, ଜିଲ୍ଲାରେ ୯ଟି ବ୍ଲକ୍ ମଧ୍ୟରୁ ୪ଟିରେ ବିଇଓ ପଦବୀ ଖାଲିପଡ଼ିଛି। ଅବଶିଷ୍ଟ ୫ଟି ବ୍ଲକ୍ ଦାୟିତ୍ୱରେ ଥିବା ବିଇଓଙ୍କୁ ଖାଲିପଡ଼ିଥିବା ବ୍ଲକ୍‌ର ଦାୟିତ୍ୱ ଦିଆଯାଇଛି। ସରକାରଙ୍କ ପକ୍ଷରୁ ନୂଆ ବିଇଓ ନିଯୁକ୍ତି ହେବା ପରେ ଖାଲି ପଡ଼ିଥିବା ବ୍ଲକ୍‌ରେ ବିଇଓ ପଦବୀ ପୂରଣ କରାଯିବ ବୋଲି କହିଛନ୍ତି।

● ୧୫ ବର୍ଷ ପରେ ବସିଲା ଜିଲ୍ଲା ଭିଜିଲାନ୍ସ ଓ ନିରୀକ୍ଷଣ କମିଟି ବୈଠକ

# ବିଚାରାଧୀନ ମାମଲାର ଶୀଘ୍ର ଫଇସଲା ଉପରେ ଗୁରୁତ୍ୱ




କେନ୍ଦ୍ରାପଡ଼ା,୧୨।୫(ସମିସ): ପ୍ରାୟ୧୫ ବର୍ଷର ବ୍ୟବଧାନ ପରେ ଜିଲ୍ଲା ଭିଜିଲାନ୍ସ ଓ ନିରୀକ୍ଷଣ କମିଟିର ବୈଠକ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏସସି ଓ ଏସଟି ଅତ୍ୟାଚାର ମାମଲା, ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ, ସୁମଙ୍ଗଳ ଯୋଜନା ଓ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯାଇଥିଲା। ଉକ୍ତ ବୈଠକରେ ଅତ୍ୟାଚାର ମାମଲାର ପୀଡ଼ିତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ, ବିଚାରାଧୀନ ମାମଲାର ଶୀଘ୍ର ଫଇସଲା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଅନ୍ତର୍ଜାତୀୟ ବିବାହ ପ୍ରୋତ୍ସାହନ ଯୋଜନା ସୁମଙ୍ଗଳ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟି କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସୁବିଧା ପହଞ୍ଚାଇବା, ପ୍ରଚାର ପ୍ରସାରକୁ ବ୍ୟାପକ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜଙ୍ଗଲ ଅଧିକାର ଆଇନ ଅଧୀନରେ ଯୋଗ୍ୟ ପରିବାରକୁ ଅଧିକାର ପତ୍ର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା

**ମହେନ୍ଦ୍ର ମଲିକ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି**

ସହ ଆବେଦନର ଶୀଘ୍ର ନିଷ୍ପତ୍ତି ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଭୀମ ଆର୍ମି ଜିଲ୍ଲା ସଭାପତି ନଗେନ୍ଦ୍ର ଜେନା ଏସସି ଓ ଏସଟି ସମ୍ପର୍କିତ ବିଭିନ୍ନ ସମସ୍ୟା ଉଠାଇଥିବାବେଳେ ବହୁଚର୍ଚ୍ଚିତ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଲିକ ମୃତ୍ୟୁ ଘଟଣାକୁ ନେଇ ପୁଲିସ ତଦନ୍ତ ଉପରେ ପ୍ରଶ୍ନ ଉଠାଇଥିଲେ। ଘଟଣାକୁ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା ହୋଇଥିବା ଅଭିଯୋଗ କରି ସେ ଉଚ୍ଚସ୍ତରୀୟ ତଦନ୍ତ ସହ ପୀଡ଼ିତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଡିଏସପି ପ୍ରଦୀପ ପ୍ରଧାନ, ଜିଲ୍ଲା ମଙ୍ଗଳଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ



କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ,୧୨।୫(ସମିସ): ଓଡ଼ିଶା କନଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନର ଆହ୍ୱାନ କ୍ରମେ ମଙ୍ଗଳବାର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ନିର୍ମାଣ ଶ୍ରମିକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ଶ୍ରମିକ ସଂଗଠନ ଓ ଗଣସଂଗଠନର କର୍ମକର୍ତ୍ତା ଏହି ଆନ୍ଦୋଳନକୁ ସମର୍ଥନ କରି ସାମିଲ ହୋଇଥିଲେ। ଆନ୍ଦୋଳନକାରୀ ଚାରିଟି ନୂଆ ଶ୍ରମ କୋର୍ଡ ପ୍ରତ୍ୟାହାର, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବ୍ୟାପକ ସଂସ୍କାର ଆଣି ଦୁର୍ନୀତି ଓ ଆଇନ ବିରୋଧୀ କାର୍ଯ୍ୟକଳାପ ବନ୍ଦ କରିବା, ମୃତ୍ୟୁକାଳୀନ ସହାୟତା ୬୦ ଦିନ ମଧ୍ୟରେ ପ୍ରଦାନ, ବନ୍ଦ ଥିବା ସମସ୍ତ ଶ୍ରମିକ କଲ୍ୟାଣ ଯୋଜନାକୁ ପୁନଃ ଚାଲୁ କରିବା, ୟୁନିଅନର ବୈଧ ପ୍ରତିନିଧିଙ୍କୁ ପରିଚୟପତ୍ର ପ୍ରଦାନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦାବି ଉଠାଇଥିଲେ। ଏଥିସହ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବିନା ଅନୁମତିରେ ଦଲାଲି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବା ଓ ସମସ୍ତ ଉପବିଭାଗରେ ବ୍ୟୟ ହିସାବ ପରିପୂରଣ କରିବାକୁ ମଧ୍ୟ ଦାବି କରାଯାଇଥିଲା। ନୂତନ ଶ୍ରମ କୋର୍ଡ ଲାଗୁ ହେବା ପରେ ଦେଶର ବିଭିନ୍ନ ରାଜ୍ୟରେ ବେସରକାରୀ କାରଖାନାରେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ଦିଆଯାଉନାହିଁ। ଆଠ ଘଣ୍ଟା କାମ ପରିବର୍ତ୍ତେ ଅଧିକ ସମୟ କାମ କରାଯାଉଥିବା ସହ ଓଭରଟାଇମ ପାଇଁ ଦୁଇଗୁଣା ମଜୁରି ମଧ୍ୟ ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ସଂଗଠିତ ଆନ୍ଦୋଳନକୁ ଦମନ କରିବା ପାଇଁ ପୁଲିସ ଓ ଗୁଣ୍ଡା ଶକ୍ତିର ବ୍ୟବହାର ହେଉଥିବା ଅଭିଯୋଗ କରିଥିଲେ। ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭରେ ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ, ଓଡ଼ିଶା କୃଷକ ସଭା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଏଆଇଟିୟୁସି ନେତା ବାବାଜୀ ଧଳ, କର୍ମଚାରୀ ନେତା ନରୋତ୍ତମ ପାର୍ଥ ସାରଥୀ, ଛାତ୍ର କଂଗ୍ରେସର ଜାତୀୟ ସଂଯୋଜକ ବିଶ୍ୱରଞ୍ଜନ ମହାପାତ୍ର, ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ସୁରେଶ ସ୍ୱାଇଁ, ଏଚଏମଏସ ନେତା ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶ୍ରମ ଆୟୁକ୍ତ ପ୍ରଦୀପ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ମେହେନ୍ଦିପୁର-ମାହାରାକୂଳ ରାସ୍ତା କଡ଼ରୁ ହଟିଲା ଗୋଡ଼ି

କେନ୍ଦ୍ରାପଡ଼ା,୧୨।୫(ସମିସ): ମେହେନ୍ଦିପୁର ଛକରୁ ମାହାରାକୂଳ ଗ୍ରାମ ରାସ୍ତା ପାଖରେ ଗୋଡ଼ି ପକାଯାଇଥିବାରୁ ଯାତାୟାତରେ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ଦୈନିକ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ସକ୍ରିୟ ହୋଇଛି। ଘଟଣାକୁ ଗୁରୁତର ସହ ନେଇ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଲୋକନାଥ ମେହେରଙ୍କ ନିର୍ଦ୍ଦେଶକ୍ରମେ ଏନଫୋର୍ସମେଣ୍ଟ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଥିବାବେଳେ ବର୍ତ୍ତମାନ ସେଠାରୁ ଗୋଡ଼ି ହଟାଯାଇଛି। ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପକାଇ ରଖାଯାଇଥିବାରୁ ସାଧାରଣ ଲୋକ ଓ ଯାନଚାଳକ ଦୀର୍ଘଦିନ ଧରି ଅସୁବିଧାର



**'ସକାଳ' ପ୍ରଭାବ**

ସମ୍ମୁଖୀନ ହେଉଥିଲେ। ସଂକୀର୍ଣ୍ଣ ରାସ୍ତାରେ ଗୋଡ଼ି ଗଦା ହୋଇ ରହିବା ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଥିଲା। ଏହି ଘଟଣା ନେଇ ଖବର ପ୍ରକାଶ ପରେ ସମ୍ପୃକ୍ତ ଅଧିକାରୀ ଘଟଣାକୁ ଗୁରୁତ୍ୱ ଦେଇ ତଦାରଖ ଆରମ୍ଭ କରିଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ, ବିଡିଓ ଓ ତହସିଲ ପ୍ରଶାସନ ମଧ୍ୟ ଏଭଳି ସମସ୍ୟା ପ୍ରତି ଅଧିକ ସତର୍କ ରହି ଆବଶ୍ୟକ ପଦକ୍ଷେପ ନେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଗଣମାଧ୍ୟମରେ ଉଠିଥିବା ଜନସମସ୍ୟା ଉପରେ ତୁରନ୍ତ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଲୋକ ସନ୍ତୋଷ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

ରାଜକନିକା,୧୨।୫(ସମିସ): ରାଜକନିକା ବ୍ଲକ୍ ନମତରା ଗ୍ରାମର ଅଜାମ୍ବର ପଲାଇ (୪୯)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଆଜି ଅପରାହ୍ନରେ ନମତରା ଗାଁର ବନମାଳୀ ପଲାଇଙ୍କ ପୁଅ ଅଜାମ୍ବର ପଲାଇ ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ଓଳାଭର-ସିଂହପୁର ରାସ୍ତାର ସିହୋପଡାରୁ ବରିପଡ଼ା ବଡ଼ପାଟପୋଲ ପାଖରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ତଳେ ପଡ଼ିଯାଇଥିଲେ। ପଥଚାରୀ ଆମ୍ବୁଲାନ୍ସ ଯୋଗେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ବେଲତଳ ଅଧିକାରୀ ସାହିରେ ଅଗ୍ନିକାଣ୍ଡ



ପଟ୍ଟାମୁଣ୍ଡାଇ,୧୨।୫(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବେଲତଳ ଅଧିକାରୀ ସାହିରେ ଅଗ୍ନିକାଣ୍ଡ ଘଟି ରାଜକିଶୋର ଦାଶଙ୍କ କୋଠା ଘର ପୋଡ଼ିଯାଇଛି। ଅଗ୍ନିକାଣ୍ଡ ଯୋଗୁଁ ୩ ବଖରା ଘର, ୩ଟି ବାଇକ ସମେତ ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି। ସେହିପରି ବେଲତଳ ଦଳିତ ସାହିର ବାବୁ ମଲିକଙ୍କ ୨ ବଖରା ଛାଳ ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଗୋରୁ ଆହତ ହୋଇଛନ୍ତି। ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଦାବି କରିଛନ୍ତି।

# ଟ୍ୟୁସନ ଯାଇ ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ ଅଭିଯୋଗ

କେନ୍ଦ୍ରାପଡ଼ା,୧୨।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଧୀନ ବନ୍ତଳା ଅଞ୍ଚଳରୁ ଜଣେ ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଛି। ଟ୍ୟୁସନ ଯାଇଥିବାବେଳେ ଛାତ୍ରୀ ଜଣକ ନିଖୋଜ ହୋଇଥିବା ନେଇ ତାଙ୍କ ମା' କୁଦାନଗରୀ ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଛାତ୍ରୀ ଜଣକ ସୋମବାର ସକାଳ ପ୍ରାୟ ୯ଟା ୩୦ ମିନିଟ ସମୟରେ ଘରୁ ଟ୍ୟୁସନ ପାଇଁ ବାହାରିଥିଲେ। ସେ ଘରକୁ ଫେରି ନ ଥିଲେ। ପରିବାର ଲୋକ ସମ୍ପର୍କୀୟ ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ନାବାଳିକାଙ୍କ ମାଆ କୁଦାନଗରୀ ଥାନାରେ ଏତଲା ଦେଇଥିବାବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗୋରୁ ଗାଡ଼ି ଜବତ, ୩ ଗିରଫ

ପଟ୍ଟାମୁଣ୍ଡାଇ,୧୨।୫(ସମିସ): କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ବେଆଇନ ଗୋରୁ ଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତକାଲି ରାତି ୨ଟା ସମୟରେ ପଟ୍ଟାମୁଣ୍ଡାଇ ବଜାର ଅଞ୍ଚଳରେ ବେଆଇନ ଗୋରୁ ଚାଲାଣ ହେଉଥିବା ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସଦଳବଳେ ଚଢ଼ଉ କରି ପଟ୍ଟାମୁଣ୍ଡାଇ ବାଇପାସ୍ ଛକ ନିକଟରୁ ୨ଟି ଗୋରୁ ବୋଝେଇ ଗାଡ଼ି ଜବତ କରି ୮ ଗୋରୁ ଉଦ୍ଧାର କରିଛନ୍ତି। ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ପୁଲିସ ଚଉଦକୁଲଟ ଚନ୍ଦନପୁର ଗ୍ରାମର ସେକ୍ ମୁର୍ସିଦ, ସେକ ସୁରଜ ଓ ନିରାକାର ବେହେରାଙ୍କୁ ଗିରଫ କରିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ୨୦୯/୨୬ରେ ମକଦ୍ଦମା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

● ଭାଙ୍ଗିଯାଇଛି ପୋଲ, ଶୁଣୁନି ପ୍ରଶାସନ

# ରାସ୍ତା ବନ୍ଦ କଲେ ଗ୍ରାମବାସୀ



ରାଜନଗର, ୧୨।୫ (ସମିସ): ରାଜନଗର ବ୍ଲକର କଣ୍ଡିରା ନିକଟରେ ଗ୍ରାମବାସୀ ରାସ୍ତା ବନ୍ଦ କରି ଅଭିନବ ପ୍ରତିବାଦ କରିଛନ୍ତି। ଦୀର୍ଘଦିନ ହେବ ଛୋଟ ପୋଲ ଭାଙ୍ଗିଯାଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଦାବିଷ୍ଟୁ ସାଜିଛି। ପୋଲ ଉପରେ ଚାରିଚକିଆ ଯାଇପାରୁ ନ ଥିବାବେଳେ ଦୁଇ ଚକିଆ ଯାନ ବିପଦସଙ୍କୁଳ ଭାବେ ଯା'ଆସ କରୁଛି। ପ୍ରଶାସନ ପୋଲ ମରାମତି ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ଆଜି ପୋଲ ନିକଟରେ ବାଡ ବୁଜି ରାସ୍ତା ଅବରୋଧ କରିଛନ୍ତି। ଫଳରେ ୩ଟି ପଞ୍ଚାୟତର ଲୋକେ ହୀନସ୍ତା ଭୋଗିଛନ୍ତି।

# ବାଘବୁଦା ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବଦଳି ଦାବି




ରାଜକନିକା, ୧୨।୫(ସମିସ): ସରକାରୀ ନିୟମ ଅନୁସାରେ ଜଣେ ସରକାରୀ କର୍ମଚାରୀ ୩ ବର୍ଷରୁ ଅଧିକ ଦିନ ଗୋଟିଏ ଅନୁଷ୍ଠାନରେ ରହିପାରିବେ ନାହିଁ। ତେବେ ରାଜକନିକା ବ୍ଲକ ଅନ୍ତର୍ଗତ ବାଘବୁଦା ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ କିଛିଦିନ ତଳେ ଯୁବନେତା ଶ୍ରେୟସ ଦାସ ବିଇଓ, କେନ୍ଦ୍ରାପଡ଼ା ଡିଇଓ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ। କୌଣସି ସୁଫଳ ନ ମିଳିବାରୁ ୧୯ ତାରିଖଠାରୁ ପ୍ରଧାନଶିକ୍ଷକଙ୍କ ବଦଳି ହେବା ଯାଏ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଶ୍ରେୟସ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସରକାର ନିୟମ ତିଆରି କରନ୍ତି। ତାକୁ କାର୍ଯ୍ୟକାରୀ କରିବା ସରକାରୀ ଅଧିକାରୀଙ୍କ ଦାୟିତ୍ୱ। ଏ ଦାୟିତ୍ୱ ଏ କ୍ଷେତ୍ରରେ କ'ଣ ପାଇଁ ଫେଲ ମାରିଛି ବୋଲି ସେ ମଣ୍ଡଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି। ଯଦି ପ୍ରଧାନଶିକ୍ଷକଙ୍କ ବଦଳି ନ ହୁଏ, ତେବେ ଶ୍ରୀ ଦାସ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପିଏମ୍‌ଜି ଓ ପ୍ରଗତି ଅଧୀନରେ ଚାଲୁଥିବା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

# ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୧୨।୫(ସମିସ)



ପ୍ରୋଜେକ୍ଟ ମନିଟରିଂ ଗ୍ରୁପ ଓ ପ୍ରଗତି ଅଧୀନରେ ଚାଲୁଥିବା ବିଭିନ୍ନ ଭିତ୍ତିଭୂମି ଓ ପ୍ରମୁଖ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ନେଇ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ସମସ୍ୟା ଓ ସମାଧାନ ନେଇ ଆଲୋଚନା କରାଯାଇଥିଲା। ବିଦ୍ୟୁତ ପ୍ରକଳ୍ପ, ରାସ୍ତା ଓ ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ, ପାନୀୟଜଳ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବିଶେଷକରି ଜମି ଅଧିଗ୍ରହଣ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଓ କାର୍ଯ୍ୟାନ୍ୱୟନ ସମୟରେ ଆସୁଥିବା ଅନ୍ତର ବିଭାଗୀୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୁଣାତ୍ମକ ଭାବେ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖିବାକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ଗୁରୁତ୍ୱାରୋପ କରିଥିଲେ। ଅଧିକାରୀଙ୍କୁ ନିୟମିତ ତଦାରଖ କରିବା ସହ ବକେୟା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୨/୫/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୩,୯୩୮/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୩୫.୫୦୦ ଗ୍ରାମ୍





### କଣାସ ବର୍ବରତା

## ମୁଖ୍ୟ ଅଭିଯୁକ୍ତକୁ ରିମାଣ୍ଡରେ ଆଣିବ ପୁଲିସ

ପୁରୀ,୧୨।୫(ସମିସ)

କଣାସ ଗୋଲାବଜାର ମାଛ ମାର୍କେଟରେ ଘଟିଥିଲା ବର୍ବର କାଣ୍ଡ। ସର୍ବସମ୍ମୁଖରେ ରାସ୍ତା ଉପରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ବୁଲେଟ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ କିଛି ଦୁର୍ବୃତ୍ତ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କଣାସ ଚାନ୍ଦପଡ଼ାର ସୁଧାଂଶୁ ମହାପାତ୍ର ଓରଫ ହାପି। ସୋମବାର ପୁରୀ କୋର୍ଟରେ ଆତ୍ମସମର୍ପଣ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ୯ ଦିନ ଧରି ବାହାରେ ରହିବାକୁ ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ପୁଲିସ ପଦକ୍ଷେପକୁ ନେଇ ଅନେକ ସନ୍ଦେହ ପ୍ରକଟ କରିଥିଲେ। ତେବେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ଏହି ମାମଲାରେ ପୁଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ରକୁ ଦୁଇଦିନିଆ ରିମାଣ୍ଡରେ ଅଣାଯିବ। ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା ପୁଲିସ। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ପରିବାର ଲୋକେ ମଧ୍ୟ ସ୍କାନରରେ ଅଛନ୍ତି। ଏହାକୁ ଅତି ସାଂଘାତିକ ଅପରାଧିକ ମାମଲା ଭାବେ ପୁଲିସ ନେଇ ତଦନ୍ତ କରୁଛି। ଏହି ଘଟଣାରେ ପୂର୍ବରୁ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସୋମବାର ଜଣକୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ କୋର୍ଟରେ ଆତ୍ମସର୍ମପଣ କରିଥିଲେ। ଘଟଣାରେ ମୋଟ୍ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।





ତେବେ ଏହାର ଖୁଲାସା ପାଇଁ ପୁଲିସ ଅଭିଯୁକ୍ତଙ୍କୁ ୭ ଦିନ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଅବେଦନ କରିଥିଲା। କିନ୍ତୁ କୋର୍ଟ ୨ଦିନ ପାଇଁ ରିମାଣ୍ଡ ଅନୁମତି ଦେଇଥିବା ଏସ୍ ଶ୍ରୀ ସିଂ ସୂଚନା ଦେଇଛନ୍ତି।

ବୁଧବାର ସକାଳୁ ମୁଖ୍ୟ ଅଭିଯୁକ୍ତକୁ ରିମାଣ୍ଡରେ ଆଣି ଖୋଲତାଡ଼ କରିବ ପୁଲିସ। ମୁଖ୍ୟ ଅଭିଯୁକ୍ତକୁ ଲୁଚାଇବାରେ ସହଯୋଗ କରିଥିବା ଯୁବକ ବଳରାମ ଛୋଟରାୟକୁ ପୂର୍ବରୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତକୁ ଛତିଶଗଡ଼ ରାୟପୁର ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିଲା। ଏ ନେଇ କଣାସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ହେଡ୍‌କ୍ୱାର୍ଟର୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଓ ସାଇବର ଟିମ୍ ସମସ୍ତ ତଥ୍ୟ ସଂଗ୍ରହ କରୁଛନ୍ତି। ଆକ୍ରମଣ ଘଟଣାରେ ବ୍ୟବହୃତ ସ୍କୁଟି ଜବତ ହୋଇଛି। ଦୁଇଦିନିଆ ରିମାଣ୍ଡ ସମୟରେ ପୁଲିସ ମୁଖ୍ୟ ଅଭିଯୁକ୍ତଠାରୁ ଆକ୍ରମଣ ଘଟଣାର କାରଣ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବ। ଏହା ଏକ ସଂଗଠିତ ଅପରାଧ ହୋଇଥିବାରୁ ବାଲି ଚୋରା ଚାଲାଣ କାରଣ ସହ ଅନ୍ୟାନ୍ୟ ସବୁ କାରଣ ତଦନ୍ତ ପରିସରଭୁକ୍ତ ହୋଇଛି ବୋଲି ଏସ୍‌ପି କହିଛନ୍ତି।

- ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଛି
- ପରିବାର ଲୋକେ ସ୍କାନରରେ ଅଛନ୍ତି

### ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଆପ୍

ପୁରୀ,୧୨।୫(ସମିସ): କଣାସରେ ଯେଉଁଭଳି ବର୍ବରତା ଘଟଣାରେ ସ୍ଥାନୀୟ ବିଧାୟକଙ୍କୁ ତଦନ୍ତ ପରିଭୁକ୍ତ କରିବା ଲାଗି ଦାବି କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି ମଙ୍ଗଳବାର ଗଣମାଧ୍ୟମକୁ ଦେଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ିଗଲାଣି। ପୂର୍ବରୁ ଯେଉଁଭଳି ଅପରାଧ ଆମେ ୟୁପି, ବିହାରରେ ଦେଖିବାକୁ ପାଉଥିଲୁ ତାହା ଆଜି ଆମ ଓଡ଼ିଶାରେ ସାଧାରଣ କଥା ହୋଇଗଲାଣି। ନିକଟରେ କଣାସରେ ଘଟିଥିବା ବୀଭତ୍ସ ହତ୍ୟା ଉଦ୍ୟମର ମୁଖ୍ୟ ଅଭିଯୁକ୍ତ ହାପି ପୁରୀ କୋର୍ଟରେ ଆତ୍ମସମର୍ପଣ କରିଛି। ଗୋଟିଏ ଦିନ ପୂର୍ବରୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଭିଯୁକ୍ତକୁ ଆତ୍ମସମର୍ପଣ ପାଇଁ ଚେତାବନୀ ଢଙ୍ଗରେ କହିବା, ପୂର୍ବରୁ ଅଭିଯୁକ୍ତଙ୍କ ସହ ବିଧାୟକଙ୍କ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲିବା ଏବଂ ଅଭିଯୁକ୍ତ ଆତ୍ମସମର୍ପଣ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଘଟଣାରେ ବିଧାୟକ ଶ୍ରୀ ମିଶ୍ରଙ୍କ ପ୍ରଚ୍ଛଦ ସମ୍ପୃକ୍ତିକୁ ନେଇ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂଙ୍କ ମନ୍ତବ୍ୟ ଏହି ସନ୍ଦେହକୁ ଅଧିକ ସୁଦୃଢ଼ କରୁଛି। ତେଣୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଆପ୍ ଦାବି କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ରଥ ନିର୍ମାଣ ଅଗ୍ରଗତି ସମୀକ୍ଷା ବୈଠକ




ପୁରୀ,୧୨।୫(ସମିସ): ମଙ୍ଗଳବାର ପୂର୍ବାହ୍ଣ ୧୧ଟା ୩୦ ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ରଥ ମୁଖ୍ୟ ମହାରଣା, କମାର, ରୂପକାର, ଭୋଇ ସର୍ଦ୍ଦାର ଓ ଅଧିକାରୀଙ୍କ ସହିତ ରଥ ନିର୍ମାଣ ଅଗ୍ରଗତି ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ। ପରମ୍ପରା ଅନୁସାରେ, ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ରଥ ନିର୍ମାଣ ସମ୍ପୃକ୍ତ ସେବକ ଓ ଅଧିକାରୀମାନେ ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ମୁଖ୍ୟ ପ୍ରଶାସକ ସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ ହୋଇ ସାରିଥିବା ରଥାଂଶଗୁଡ଼ିକ ପ୍ରବଳ ରୌଦ୍ର ତାପରୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଯଥା ସମୟରେ ରଥ ଦଉଡ଼ି ଇତ୍ୟାଦି ଆବଶ୍ୟକ ଜିନିଷପତ୍ର ସଂଗ୍ରହ ଉପରେ ମୁଖ୍ୟ ପ୍ରଶାସକ ଗୁରୁତ୍ୱାରୋପ କରି ନିୟମିତ ବ୍ୟବଧାନରେ ରଥ ନିର୍ମାଣ କମିଟି ରଥଖଳା ପରିଦର୍ଶନ କରି ରଥ ନିର୍ମାଣ ତ୍ରୁଟିଶୂନ୍ୟ କରିବାକୁ ପରାମର୍ଶ ଦେଇଥିଲେ।

### ଜନଗଣନାରେ ଶ୍ରୀମନ୍ଦିର ସାମିଲ୍

## ସିଂହଦ୍ୱାରରେ ଲାଗିଲା ଗଣନା ନମ୍ବର ୬୫/୦୦୯୯

ପୁରୀ,୧୨।୫(ସମିସ): ବିଶ୍ୱର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିରକୁ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ପ୍ରକ୍ରିୟାରେ ସାମିଲ୍ କରାଯାଇଛି। ଜନଗଣନା ପ୍ରକ୍ରିୟାରେ ଶ୍ରୀମନ୍ଦିରକୁ ଏକ ଗୃହ ବା ବିଲ୍ଡିଂ ଭାବେ ଗଣନା କରାଯାଇଛି। ସୋମବାର ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରାଙ୍କ ଉପସ୍ଥିତିରେ ଜନଗଣନା ଅଧିକାରୀମାନେ ଶ୍ରୀମନ୍ଦିରକୁ ଆସି ସେଠାରେ ନିୟମ ଅନୁସାରେ ସମସ୍ତ ଲେଖାପଢ଼ା ଓ କାଗଜପତ୍ର ପ୍ରକ୍ରିୟା ସମ୍ପନ୍ନ କରିଛନ୍ତି। ଏହି ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ କାନ୍ଥରେ ଶ୍ରୀମନ୍ଦିର ଗଣନା ନମ୍ବର ୬୫/୦୦୯୯ ବୋଲି ଉଲ୍ଲେଖ କରାଯାଇଛି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଦେଶରେ ଥିବା ସମସ୍ତ ଗୃହ, ବିଲ୍ଡିଂ ଓ ଅନ୍ୟାନ୍ୟ ଢାଞ୍ଚାର ତାଲିକା ଓ ଗଣନା କରାଯାଉଛି। ଏହି କ୍ରମରେ ପୁରୀ ଶ୍ରୀମନ୍ଦିରକୁ ମଧ୍ୟ ଏକ ଗୃହ ଭାବେ ଚିହ୍ନଟ କରାଯାଇ ଗଣନା ପ୍ରକ୍ରିୟାରେ ସାମିଲ୍ କରାଯାଇଛି। ପୁରୀ ମହାନଗର ନିଗମ କର୍ତ୍ତୃପକ୍ଷ କହିଛନ୍ତି, ଏହା ଜନଗଣନା ନିୟମ ଅନୁସାରେ ଏକ ସାଧାରଣ ପ୍ରକ୍ରିୟା। ଦେଶର ସମସ୍ତ ଧର୍ମୀୟ ଅନୁଷ୍ଠାନ, ସରକାରୀ କୋଠା ଓ ଘରୋଇ ବିଲ୍ଡିଂକୁ ଏହି ପ୍ରକ୍ରିୟାରେ ସାମିଲ୍ କରାଯାଉଛି।



- ଇସ୍କନର ଅଦିନିଆ ରଥଯାତ୍ରାକୁ ନିନ୍ଦା

## ଶ୍ରୀମନ୍ଦିର କ୍ୟାଲେଣ୍ଡରକୁ ଅନୁକରଣ କରିବାକୁ ପରାମର୍ଶ

ପୁରୀ,୧୨।୫(ସମିସ): ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରି ଜଗନ୍ନାଥ ସଂସ୍କୃତିକୁ ଅବମାନନା କରାଯାଉଛି। ଇସ୍କନ ବାରମ୍ବାର ଏ କ୍ଷେତ୍ରରେ ଅମାନିଆ ହେଉଛି। ବିଦେଶ ପରେ ଏବେ ଦେଶ ଭିତରେ ଉତ୍ତରପ୍ରଦେଶରେ ଅତିଥିରେ ରଥଯାତ୍ରା ଆୟୋଜନ ହେବା ନେଇ ପ୍ରଚାର କରାଯାଇଛି। ଏନେଇ ସମଗ୍ର ବିଶ୍ୱରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ସଂସ୍ଥା ତିଥି ଅନୁଯାୟୀ, ରଥଯାତ୍ରା ପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ତତଃ ସବୁ ତିଥି ନ ମାନିପାରିଲେ ମଧ୍ୟ କିଛି ପ୍ରମୁଖ ତିଥିକୁ ମାନ୍ୟତା ଭିତ୍ତିରେ ମହାପ୍ରଭୁଙ୍କ ଯାନିଯାତ୍ରା ଆୟୋଜନ କରିବାକୁ କୁହାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ବାର୍ଷିକ କ୍ୟାଲେଣ୍ଡରରେ ସୂଚିତ କିଛି ପର୍ବ ନିର୍ଦ୍ଧାରିତ ତିଥିରେ ପାଳନ କରିବାକୁ କୁହାଯାଇଛି। ମହାବିଷୁବ ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ, ରୁକ୍ମିଣୀ ହରଣ ଏକାଦଶୀ, ସ୍ନାନଯାତ୍ରା ଓ ଗଜାନନ ବେଶ, ନେତ୍ରୋତ୍ସବ, ଗୁଣ୍ଡିଚା ଯାତ୍ରା, ଦକ୍ଷିଣାୟନ ସଂକ୍ରାନ୍ତି, ବାହୁଡ଼ା ଯାତ୍ରା, ଶ୍ରୀହରିଶୟନ ଏକାଦଶୀ, ଶ୍ରୀବଳଭଦ୍ର ଜନ୍ମ, ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ, ବାମନ ଜନ୍ମ, ଦଶହରା ଓ ଆୟୁଧ ପୂଜା, କାର୍ତ୍ତିକ ପୂର୍ଣ୍ଣିମା, ପ୍ରାବରଣ ବା ଓଢ଼ଣ ଷଷ୍ଠୀ, ଦେବାଭିଷେକ, ବସନ୍ତ ପଞ୍ଚମୀ, ମହାଶିବରାତ୍ରୀ, ଦୋଳପୂର୍ଣ୍ଣିମା ଭଳି ପ୍ରାୟ ୨୫ଟି ପର୍ବ ନିର୍ଦ୍ଧାରିତ ତିଥିରେ ପାଳନ କରିବାକୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ବିଭିନ୍ନ ଦେଶରେ ଅଦିନରେ ରଥଯାତ୍ରା ହୋଇସାରିଛି। ପୁଣି ଅନେକ ଜାଗାରେ ଅତିଥିରେ ହେବାକୁ ଯାଉଛି। ଯେପରି ଏଥିରୁ ଜଗନ୍ନାଥ ମନ୍ଦିର ପରିଚାଳନା ଅଧିକାରୀମାନେ କ୍ଷାନ୍ତ ରହିବେ ସେନେଇ ଇସ୍କନ ମୁଖ୍ୟାଳୟ ପକ୍ଷରୁ ସମସ୍ତ ଇସ୍କନ ପରିଚାଳନା ଜଗନ୍ନାଥ ମନ୍ଦିର ସଂସ୍ଥାନକୁ ଚିଠି କରିବାକୁ କୁହାଯାଇଛି।

- ଏନ୍‌ଜିଟିରେ ସତ୍ୟପାଠ ଦାଖଲ କଲା 'ସିଆ'

## ପରିବେଶ ମଞ୍ଜୁରି ନ ଥାଇ ସ୍ୱାମୀ ନାରାୟଣ ଟ୍ରଷ୍ଟ କରିଛି ନିର୍ମାଣ

ପୁରୀ,୧୨।୫(ସମିସ): ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (ସିଆ), ଓଡ଼ିଶା ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି), ପୂର୍ବାଞ୍ଚଳ ବେଞ୍ଚ, କୋଲକାତାଙ୍କ ନିକଟରେ ସତ୍ୟପାଠ ଦାଖଲ ହୋଇଛି। ଏଥିରେ କୁହାଯାଇଛି ଯେ, ସ୍ୱାମୀ ନାରାୟଣ ଟ୍ରଷ୍ଟ ପୂର୍ବ ପରିବେଶ ମଞ୍ଜୁରି ନ ନେଇ ନିର୍ମାଣ କାର୍ଯ୍ୟ କରିଛି। ଏହି ଘଟଣା ରାଜ୍ୟରେ ପରିବେଶଗତ ଆଇନର ଅନୁପାଳନକୁ ନେଇ ଗଭୀର ପ୍ରଶ୍ନ ଉଠାଇଛି।

ଏନ୍‌ଜିଟିରେ ଚାଲୁଥିବା ଆବେଦନ ନମ୍ବର ୧୨/୨୦୨୬/ ଇଜେଡ୍ ମାମଲାରେ 'ସିଆ' ପକ୍ଷରୁ ଦାଖଲ ହୋଇଥିବା କାଉଣ୍ଟର ଆଫିଡେଭିଟ୍‌ରେ ପରିବେଶ ସମ୍ବନ୍ଧୀୟ ଆଇନ ଓ ନିୟମାବଳୀର ଉଲ୍ଲେଖ କରାଯାଇଛି। ବିଶେଷ କରି ୮/୮/୨୦୧୯ ତାରିଖର ଭାରତ ସରକାରଙ୍କ ଏକ ଅଫିସ୍ ମେମୋରାଣ୍ଡମ୍‌କୁ ଆଧାର କରି କୁହାଯାଇଛି ଯେ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ନିକଟସ୍ଥ ଅଞ୍ଚଳରେ ହେଉଥିବା ପ୍ରକଳ୍ପ ପାଇଁ ପୂର୍ବରୁ ପରିବେଶ ଓ ବନ୍ୟଜନ୍ତୁ ସମ୍ପର୍କିତ ମଞ୍ଜୁରି ନେବା ଆବଶ୍ୟକ। 'ସିଆ'ର ଏହି ସତ୍ୟପାଠ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏଥିରେ ପ୍ରକଳ୍ପ ପକ୍ଷରୁ ଆବଶ୍ୟକ ପରିବେଶ ଅନୁମତି ବିନା ନିର୍ମାଣ ହୋଇଥିବା ତଥ୍ୟ ସ୍ପଷ୍ଟ ହୋଇଛି। ଏହା ପରିବେଶ ପ୍ରଭାବ ମୂଲ୍ୟାୟନ (ଇଆଇଏ) ନିୟମାବଳୀର ଖୋଲା ଉଲ୍ଲଂଘନ। ଏହି ମାମଲାରେ ଆବେଦନକାରୀ ଭାବେ ସଞ୍ଜୀବ ମହାନ୍ତି ଓ ସନ୍ତୋଷ ମହାନ୍ତିଙ୍କ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଶ୍ରୀ ଅଖଣ୍ଡ ମାମଲା ପରିଚାଳନା କରୁଛନ୍ତି। ସେ କହିଛନ୍ତି ଯେ, ପରିବେଶ ସୁରକ୍ଷା ପାଇଁ ରହିଥିବା ଆଇନକୁ ଅମାନ୍ୟ କରି କୌଣସି ପ୍ରକଳ୍ପ କାର୍ଯ୍ୟ କରାଯିବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଓ ପରିବେଶ ସୁରକ୍ଷା ନୀତି ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଆଇନ ଅନୁଯାୟୀ ଆବଶ୍ୟକ ଅନୁମତି ବିନା ନିର୍ମାଣ କାର୍ଯ୍ୟ କରାଯିବା ଗୁରୁତର ବିଷୟ। ତେଣୁ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ୱାମୀ ନାରାୟଣ ଟ୍ରଷ୍ଟର କୌଣସି ପ୍ରତିକ୍ରିୟା ମିଳିନାହିଁ।

### କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ

## ଅଧ୍ୟାପକଙ୍କ ବିରୋଧରେ ଜାତିଗତ ବିଭେଦ ଅଭିଯୋଗ ଆଣିଲେ ଛାତ୍ରଛାତ୍ରୀ

ପୁରୀ,୧୨।୫(ସମିସ): ଶିକ୍ଷାନୁଷ୍ଠାନରେ ଜାତିଗତ ବିଭେଦ ଭଳି ସଙ୍ଗୀନ ଅଭିଯୋଗ। ଏହି ଅଭିଯୋଗ କରିଛନ୍ତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରର ଛାତ୍ରଛାତ୍ରୀ। ଏହାକୁ ବିରୋଧ କରି ମଙ୍ଗଳବାର ଛାତ୍ରଛାତ୍ରୀମାନେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,



ଶିକ୍ଷାଶାସ୍ତ୍ର ବିଭାଗର ଜନୈକ ଅଧ୍ୟାପକ ଜଣେ ଛାତ୍ରଙ୍କୁ ଏକ ବୈଠକ ସମୟରେ ଅସମ୍ମାନଜନକ ଭାଷା ପ୍ରୟୋଗ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ଆଇନ ନାମରେ ଧମକ ପ୍ରଦାନ କରିଥିଲେ। ଏଥିସହିତ 'ରାମାୟଣର ଉତ୍ତରକାଣ୍ଡ' ପରି ପବିତ୍ର ଧାର୍ମିକ ଗ୍ରନ୍ଥକୁ ବିବାଦୀୟ ପରିପ୍ରେକ୍ଷୀରେ ଉଲ୍ଲେଖ କରାଯିବା ଏବଂ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଉଥିବା କିଛି ମତାମତ ପ୍ରତି ଛାତ୍ରଛାତ୍ରୀମାନେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଆମ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରୁଥିବା ମତାମତ ପ୍ରତି ମଧ୍ୟ ଛାତ୍ର ସମାଜ ତୀବ୍ର ବିରୋଧ ପ୍ରକାଶ କରିଥିଲେ।

ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ପରିସରରେ କୌଣସି ପରିସ୍ଥିତିରେ ମଧ୍ୟ ଜାତିଗତ ଭେଦଭାବ, ସାମାଜିକ ବିଭେଦ ଓ ଧାର୍ମିକ ଅସହିଷ୍ଣୁତାକୁ ପ୍ରୋତ୍ସାହନ ଦିଆଯିବା ଉଚିତ୍ ନୁହେଁ। ସମାନତା, ସୌହାର୍ଦ୍ଦ୍ୟ ଓ ପାରସ୍ପରିକ ସମ୍ମାନ ଆଧାରରେ ଏକ ସୁସ୍ଥ ଏବଂ ସ୍ୱଚ୍ଛ ଶିକ୍ଷାମୂଳକ ପରିବେଶ ଗଠନ କରାଯିବା ଆବଶ୍ୟକ। ପରବର୍ତ୍ତୀ ସମୟରେ ପରିସର ନିର୍ଦ୍ଦେଶକ, ସହ ନିର୍ଦ୍ଦେଶକମାନେ, ଟାଉନ୍ ଥାନାଧିକାରୀ, ଅନ୍ୟାନ୍ୟ ଅଧ୍ୟାପକ ଓ ଛାତ୍ର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ଆପୋଷ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପରିସରର ନିର୍ଦ୍ଦେଶକ ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଏହି ସମସ୍ତ ବିଷୟର ନିରପେକ୍ଷ ତଦନ୍ତ କରାଯାଇ ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଛାତ୍ର ପ୍ରତିନିଧିମାନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ଯଦି ସମସ୍ୟାଗୁଡ଼ିକର ସୁଚିନ୍ତିତ ଏବଂ ନ୍ୟାୟସଙ୍ଗତ ସମାଧାନ କରାଯିବ ନାହିଁ ତେବେ ଆଗାମୀ ଦିନରେ ଛାତ୍ର ସମାଜ ପୁନର୍ବାର ଗଣବିକ୍ଷୋଭ ଓ ଗଣତାନ୍ତ୍ରିକ ପ୍ରତିବାଦକୁ ଆହୁରି ତୀବ୍ର କରିବ।

### ନର୍ସମାନେ ମାନବିକତାର ପ୍ରତୀକ

ପୁରୀ,୧୨।୫(ସମିସ): ବାଲିଗୁଆଳିସ୍ଥିତ ପ୍ରିୟଦର୍ଶିନୀ କଲେଜ ଅଫ୍ ନର୍ସିଂ ଆଣ୍ଡ ଆଲଏଡ୍ ହେଲ୍‌ଥ ସାଇନ୍ସ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ନର୍ସିଂ ଦିବସ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଫୋରେନ୍‌ସିକ୍ ମେଡିସିନ ବିଭାଗର ମୁଖ୍ୟ ଡା. ଅମରେନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ନର୍ସମାନେ ମାନବିକତାର ପ୍ରତୀକ। ବୈଷୟିକ ଯୁଗରେ ନିଜକୁ ଆଧୁନିକତା ସହିତ ଖାପଖୁଆଇ ଆନ୍ତରିକ ସହିତ ସେବା ପ୍ରଦାନ କରିବା ବାଞ୍ଛନୀୟ। ମୁଖ୍ୟବକ୍ତା ସାସ୍ୱତୀ ନର୍ସିଂ ସ୍କୁଲର ଅବସରପ୍ରାପ୍ତ ଅଧକ୍ଷା ବିଦ୍ୟୁଲତା ମିଶ୍ର ନିଃସ୍ୱାର୍ଥପର ଭାବ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ରୋଗୀଙ୍କୁ ସେବା କରିପାରିଲେ ନିଜର ପ୍ରଫେସନକୁ ଆଗକୁ ବଢ଼ାଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଫାର୍ମାସୀ ମହାବିଦ୍ୟାଳୟର ଅଧକ୍ଷ ଡା. ଅମୀୟକାନ୍ତ ମିଶ୍ର ଡାକ୍ତର ରୋଗୀକୁ ରୋଗମୁକ୍ତ କରିବା ପାଇଁ ଔଷଧ ଲେଖନ୍ତି। କିନ୍ତୁ ନର୍ସ ନିଜର ସେବା, ଯତ୍ନ ଓ ମଧୁର ବ୍ୟବହାର ଦ୍ୱାରା ରୋଗୀକୁ ନୂଆ ଜୀବନ ଦେଇଥା'ନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ତଥା ଫାର୍ମାସୀ ମହାବିଦ୍ୟାଳୟର ଏକାଡେମିକ୍ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ନର୍ସମାନଙ୍କର ଭାଷା, ବ୍ୟବହାର ଓ ଅନ୍ତର୍ନିହିତ ଶକ୍ତି ଜାଗ୍ରତ କରି ସେବା କରିବା ଲାଗି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ମନୋରମା ଶତପଥୀ ଆଧୁନିକ ନର୍ସିଂ ସେବାର ଜନନୀ ଫ୍ଲୋରେନ୍ସ ନାଇଟେଙ୍ଗଲଙ୍କ ଜନ୍ମଦିନରେ ତାଙ୍କର ତ୍ୟାଗ ଓ ନିଷ୍ଠାକୁ ଆଦର୍ଶ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅନ୍ୱେଷା ଦାଶ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ସମୁଦ୍ର ସ୍ନାନ ବେଳେ ବିଭିନ୍ନ ସେକ୍ଟରରେ ଅଘଟଣ

## ଦିନକରେ ୨୦ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍‌ଗାର୍ଡ

ପୁରୀ,୧୨।୫(ସମିସ): ପୁରୀ ସମୁଦ୍ରର ବିଭିନ୍ନ ସେକ୍ଟରରେ ବୁଡ଼ିଯାଉଥିବା ବେଳେ ମଙ୍ଗଳବାର ଲାଇଫ୍‌ଗାର୍ଡ ୨୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ୭ ନମ୍ବର୍ ସେକ୍ଟର ମହୋଦଧି ପ୍ୟାଲେସ୍ ସମ୍ମୁଖରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ପଶ୍ଚିମବଙ୍ଗ ପାନଗଡ଼ର ଦୀପ ରାୟ, ଅରଜିତ୍ ପାଞ୍ଜା ଓ ଅଭିଜିତ୍ ପାଞ୍ଜା। ସେହିପରି ୩ ନମ୍ବର୍ ସେକ୍ଟର ବାଳାନନ୍ଦ ଆଶ୍ରମ ସମ୍ମୁଖରେ ବୁଡ଼ିଯାଉଥିବା ହର୍ଷିତ୍ କୁମାର, ସିଦ୍ଧାର୍ଥ ମାଣିକପୁରୀ, ଯନେଶ୍ ସାହୁ, ଡୋମେଶ୍ୱର ସାହୁଙ୍କୁ ଉଦ୍ଧାର କରାଯାଇଛି। ଏମାନେ ହେଲେ ଛତିଶଗଡ଼ ରାଜ୍ୟର। ସେହି ୩ ନମ୍ବର୍ ସେକ୍ଟରରୁ କଟକର ପରମେଶ୍ୱର ଦାସ ଓ ସୁନ୍ଦରଗଡ଼ର ମାଧବେନ୍ଦ୍ର ନାୟକଙ୍କୁ ଉଦ୍ଧାର କରାଯାଇଛି। ବ୍ଲୁ ଫ୍ଲାଗ୍ ବିଚ୍‌ରେ ଗାଧୋଉଥିବାବେଳେ ବୁଡ଼ିଯାଉଥିବା ଯାଜପୁର ମଙ୍ଗଳପୁର ଅଞ୍ଚଳର ପିଣ୍ଟୁ ସାହୁ ଓ ଚନ୍ଦନ ସାହୁଙ୍କୁ ଉଦ୍ଧାର କରାଯାଇଛି। ଏମାନେ ଦୁଇ ଭାଇ ବୋଲି ଜଣାପଡ଼ିଛି। ସେହିପରି ୬ ନମ୍ବର୍ ସେକ୍ଟର ହୋଟେଲ ସ୍ୱପ୍ନପୁରୀ ସମ୍ମୁଖରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପର୍ଯ୍ୟଟକ ହେଲେ ଝାରସୁଗୁଡ଼ା ଓ ନୟାଗଡ଼ ଅଞ୍ଚଳର ମହମ୍ମଦ, ଓମ୍‌ଶ୍ରୀ ଜେନା, ପ୍ରିୟମ୍ ପ୍ରତିଜ୍ଞା ସୁବୁଦ୍ଧି, ସୌମ୍ୟରଞ୍ଜନ, ଚିତ୍ତ ସ୍ୱରୂପ ଦାସ। ୧୩ ନମ୍ବର ସେକ୍ଟର ସମୁଦ୍ରରୁ ବିହାର ଭାନପୁର ଅଞ୍ଚଳର ଶିବମ୍ କୁମାର, ବ୍ଲୁ ଫ୍ଲାଗ ବିଚ୍‌ରୁ ରବିନ୍ ସିଂହଙ୍କୁ ଉଦ୍ଧାର କରାଯାଇଛି। ଗୋଟିଏ ଦିନରେ ଏତେ ସଂଖ୍ୟାରେ ପର୍ଯ୍ୟଟକ ଉଦ୍ଧାର ହେବା ପ୍ରଥମ ଘଟଣା ବୋଲି କୁହାଯାଉଛି। ସମୁଦ୍ରରେ ରିପ୍ କରେଣ୍ଟ ଯୋଗୁଁ ଏଭଳି ଘଟଣା ଘଟିଛି। ଲାଇଫ୍ ଗାର୍ଡ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଯୋଗୁଁ ଅନେକ ଜୀବନ ସୁରକ୍ଷିତ ହୋଇପାରିଛି।



### ଅସୁରକ୍ଷିତ ବାଲୁଖଣ୍ଡ ହରିଣ

## ଗାଡ଼ି ଧକ୍କାରେ ରାସ୍ତାରେ ଚାଲିଗଲା ଜୀବନ

### ଜଙ୍ଗଲରେ ଖାଦ୍ୟ, ପାନୀୟ ଅଭାବ ! ଜନବସତିମୁହାଁ ବେଳେ ବିପଦରେ ପଡୁଛନ୍ତି

ପୁରୀ,୧୨।୫(ସମିସ)

ଅସୁରକ୍ଷିତ ହୋଇପଡ଼ିଛନ୍ତି ବାଲୁଖଣ୍ଡ ଅଭୟାରଣ୍ୟର ହରିଣ। ବିଭିନ୍ନ ସମୟରେ ଏଭଳି ଅଭିଯୋଗ ଆଣିଥା'ନ୍ତି ପରିବେଶବିତ୍। ମଙ୍ଗଳବାର ଗାଡ଼ି ଧକ୍କାରେ ରାସ୍ତାରେ ଗୋଟିଏ ହରିଣର ଜୀବନ ଚାଲିଯିବା ଏହାକୁ ସ୍ପଷ୍ଟ କରୁଛି। ବାଲୁଖଣ୍ଡ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିଲେ ମଧ୍ୟ ଏଠାରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। କିନ୍ତୁ ଏମାନଙ୍କୁ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ଓ ପାନୀୟ ମିଳୁନାହିଁ ବୋଲି ପୂର୍ବରୁ ଅଭିଯୋଗ ହୋଇଆସୁଛି। ଜଙ୍ଗଲ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଖାଦ୍ୟ, ପାନୀୟ ଆଶାରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରି କି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ଏମିତି ବି ମଣିଷଙ୍କ ଦ୍ୱାରା ଏମାନେ ଶିକାର ହେବାର ଦୃଷ୍ଟାନ୍ତ ରହିଛି।



ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ। ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ପୂର୍ବରୁ ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା ଫନୀ ବାତ୍ୟା ପରେ ସେଭଳି ଆଉ ମିଳୁନାହିଁ। ସମାନ ଭାବେ ଚୁଆ, ପୋଖରୀରେ ମଧ୍ୟ ହରିଣଙ୍କ ପିଇବା ପାଇଁ ଆବଶ୍ୟକ ପାଣି ମିଳୁନାହିଁ। ବର୍ତ୍ତମାନ ଖରାଦିନ ଯୋଗୁଁ କିଛି ଚୁଆ, ପୋଖରୀ ବି ଶୁଖିଗଲାଣି। ସିମେଣ୍ଟ କୁଣ୍ଡ ବି ଶୋଷ ମେଣ୍ଟାଇପାରୁନି। ତେଣୁ ଖାଦ୍ୟ, ପାନୀୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହୋଇଥିବା ଏକ ଅଣ୍ଡିରା ହରିଣର ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ହରିଣଟି ଜାତୀୟ ରାଜପଥ ଅତିକ୍ରମ କରୁଥିବାବେଳେ ଦୁଇଟି ଗାଡ଼ି ବାଡ଼େଇଥିଲେ। ଛଟପଟ ହୋଇ ରାସ୍ତାରେ ହିଁ ଚାଲିଯାଇଥିଲା ତା' ଜୀବନ। ପଥଚାରୀଙ୍କଠାରୁ ଖବର ପାଇ ବନ ବିଭାଗ ତାକୁ ନିଜ ହେପାଜତକୁ ଆଣିବା ପରେ ବ୍ୟବଚ୍ଛେଦ କରି ପୋତି ଦିଆଯାଇଛି। ଏ ନେଇ ବାଲୁଖଣ୍ଡ ରେଞ୍ଜର ପ୍ରଦୀପ୍ତ ମହାନ୍ତିଙ୍କୁ ପଚାରିବାରେ, ଗାଡ଼ି ଧକ୍କାରେ ମରିଥିବା ହରିଣଟି ବାଲୁଖଣ୍ଡର ନୁହେଁ। ତାହା ସକ୍ଷୀଗୋପାଳ ଅଞ୍ଚଳର ବୋଲି କହିଛନ୍ତି। ତେବେ ଏହାକୁ ଗ୍ରହଣ କରିପାରିନାହାନ୍ତି ପରିବେଶବିତ୍। ବନ ବିଭାଗ ପ୍ରଥମେ ହରିଣମାନେ ଯେପରି ବାହାରକୁ ନ ଯିବେ ତା' ବ୍ୟବସ୍ଥା ଆଗ କରୁ ବୋଲି କହିଛନ୍ତି।

### ସ୍ନାୟୁ ରୋଗରେ ପୀଡ଼ିତ ରୋଜଗାରିଆ ପୁଅ



# ଚିକିତ୍ସା ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ପରିବାର

କୁଜଙ୍ଗ,୧୨।୫ (ସମିସ)

କୁଜଙ୍ଗ ବ୍ଲକ୍ ପାଟପୁର ପଞ୍ଚାୟତ ବଉଳାଙ୍ଗ ଗ୍ରାମର ଜଗବନ୍ଧୁ ସେଠୀଙ୍କ ପୁଅ ଚନ୍ଦନ ସେଠୀ (୪୧) ମାରାତ୍ମକ ସ୍ନାୟୁ ରୋଗରେ ପୀଡ଼ିତ । । ଚନ୍ଦନ ବିବାହିତ ଓ ତାଙ୍କର ପତ୍ନୀ ବନୀତାଙ୍କ ସହ ଦୁଇ ପୁଅ ସାରଦା ଓ ସୌମ୍ୟ ଅଛନ୍ତି । ଚନ୍ଦନ ରାଜମିସ୍ତ୍ରି କାମ କରି ନିଜ ବୃଦ୍ଧ ପିତାମାତାଙ୍କ ସହ ପରିବାର ଭରଣ ପୋଷଣ କରିଆସୁଥିଲେ । ମାତ୍ର କୋଠାଘର କାମ କରୁଥିବା ବେଳେ ଜଳଧରପୁର ଗ୍ରାମରେ ଦୁଇ ମହାଲା କୋଠା ଉପରୁ ତଳକୁ ଖସିପଡିଥିଲେ । ଗତ ୫ ବର୍ଷ ତଳେ ଏହି ଦୁଃଘଟଣାର ଶିକାର ହୋଇ ଚିକିତ୍ସିତ ହେଉଥିବା ବେଳେ ଏବେ ପୂର୍ବପରି କାମ କରିବାକୁ ସକ୍ଷମ ହୋଇ ପାରୁନାହାଁନ୍ତି ଚନ୍ଦନ । ଅନ୍ୟ ପଟେ ଅଣ୍ଟା ଓ ମୁଣ୍ଡର ଯନ୍ତ୍ରଣା ତାଙ୍କୁ କଷ୍ଟ ଦେଉଥିବା ବେଳେ ଏବେ ତାଙ୍କ ମା' ଗ୍ରାମର ଶେଷଭାଗରେ ଏକ ପାନ ଦୋକାନ କରି ନିଜ ପୁଅ ବୋହୂ ନାତିନାତୁଣୀଙ୍କ ଭରଣ ପୋଷଣ ପାଇଁ ଅଣ୍ଟା ଭିଡିଛନ୍ତି । ଅନ୍ୟ ପଟରେ ଚନ୍ଦନଙ୍କ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଛି ବୋଲି ମା' ଟିକି ସେଠୀ ଅଭିଯୋଗ କରିଛନ୍ତି । ସ୍ନାୟୁ ଓ ଅଣ୍ଟା ପାଇଁ ଚିକିତ୍ସା କରିବାକୁ ଗଲାବେଳେ ଡାକ୍ତର ସିଟି ସ୍କାନ ଓ ଏମ୍ଆର୍ଆଇ କରିବା ପରେ ରୋଗୀକୁ ଦେଖିଥିବାରୁ ଏହି ବ୍ୟୟବହୁଳ ଚିକିତ୍ସା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି ।

### ୧୯୯୯ ବୀରବର ବେହେରା ହତ୍ୟା ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଜଗତସିଂହପୁର,୧୨।୫ (ସମିସ): ଜଗତସିଂହପୁର ଜିଲ୍ଲାର ବିରିଡି ହାଟ ନିକଟରେ ଗତ ୧୯୯୯ ମସିହା ଜାନୁଆରୀ ମାସରେ ସଂଗଠିତ ବୀରବର ବେହେରା ହତ୍ୟାକାଣ୍ଡ ମାମଲାର ଦୁଇଜଣ ଅଭିଯୁକ୍ତଙ୍କୁ ଅଦାଲତ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି । ସୂଚନା ଅନୁସାରେ ୧୯୯୯ ମସିହା ଜାନୁଆରୀ ୧୩ ତାରିଖ ରାତି ୯ ଘଣ୍ଟା ସମୟରେ କୁଳ କଇଜଙ୍ଗା ଗ୍ରାମର ବୀରବର ବେହେରା ଔଷଧ ଆଣିବାକୁ ବିରିଡ଼ି ହାଟ ନିକଟସ୍ଥ ବଜାରକୁ ଯାଇଥିବା ବେଳେ ମାର୍କେଟିଂ ହାଉସ ନିକଟରେ ଶୁକଦେବ ବେହେରା, ବସୁଦେବ ବେହେରା, ଉମେଶ ବେହେରା, ଗୌରାଙ୍ଗ ମହାନ୍ତି ଏବଂ ନରେନ୍ଦ୍ର ଦାସ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଏଥିରେ ବୀରବରଙ୍କ ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ବୀରବରଙ୍କ ପତ୍ନୀ ପ୍ରତିମା ବେହେରା ଜଗତସିଂହପୁର ଥାନାରେ ଏତଲା ଦେବାପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ବିଚାରକରି ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ହରପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ଗୌରାଙ୍ଗ ମହାନ୍ତି ଏବଂ ବସୁଦେବ ବେହେରାଙ୍କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଲେଖାଏଁ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଆଦେଶ କରିଛନ୍ତି କୋର୍ଟ । ସରକାରଙ୍କ ପକ୍ଷରୁ ଏପିପି ଦିଲ୍ଲୀପ କୁମାର ପ୍ରଧାନ ଏହି ମାମଲାକୁ ପରିଚାଳନା କରୁଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୧୮ ମସିହାରେ ଅନ୍ୟ ୩ ଅଭିଯୁକ୍ତଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

### ନାବାଳିକା ଅସଦାଚରଣ ମାମଲା

## ଅଭିଯୁକ୍ତକୁ ୩ ବର୍ଷ କାରାଦଣ୍ଡ

ଜଗତସିଂହପୁର, ୧୨।୫(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଥାନା ଅଞ୍ଚଳରେ ଗତ ୨୦୨୪ ମସିହାରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ବିଚାରକରି ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ବାବୁ ଓରଫ ପ୍ରଭାତ କୁମାର ରାଉତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ସେହିପରି ପୀଡ଼ିତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମାଝୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ ୨୦୨୪ ମସିହା ଅକ୍ଟୋବର ୧୫ ତାରିଖ ମଧ୍ୟାହ୍ନରେ ପୀଡ଼ିତା ଟିଉସନ ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ପ୍ରଭାତ କୁମାର ରାଉତ ତାଙ୍କୁ ଚକୋଲେଟ ଦେବାକୁ କହି ଦୋକାନକୁ ଡାକି ନେଇଥିଲେ । ସେଠାରେ ପୀଡ଼ିତାଙ୍କ ପ୍ରତି ଅସଦାଚରଣ କରିଥିଲେ । କୌଶଳ କ୍ରମେ ପୀଡ଼ିତା ଘରକୁ ପଳାଇ ଆସି ତାଙ୍କ ମାଆଙ୍କୁ କାନ୍ଦି କାନ୍ଦି ଘଟଣା ସମ୍ପର୍କରେ କହିଥିଲେ । ପୀଡ଼ିତାଙ୍କ ମାଆ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଅଭିଯୁକ୍ତ ପ୍ରଭାତକୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର,୧୨।୫(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଅଦାଲତ ନିବନ୍ଧକ ତଥା ଭାରପ୍ରାପ୍ତ ଆଇନ ସେବା ପ୍ରାଧିକରଣ ସଚିବ ବିଶ୍ୱକଳ୍ପିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପୌର ପରିଷଦର ପରିମଳ ବିଭାଗ ମୁଖ୍ୟ ସତ୍ୟ ନାରାୟଣ ପତି, ଅଦାଲତର କର୍ମଚାରୀ, ଅଙ୍ଗନବାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଅଦାଲତ ନିବନ୍ଧକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୨୬ ବିଷୟରେ ସଚେତନ କରାଇବା ସହ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଭିନ୍ନ ରାୟ ବିଷୟରେ ସୂଚନା ଦେଇଥିଲେ । ସେହିପରି ଅତିରିକ୍ତ ଜିଲ୍ଲାପାଳ ପରିବେଶ ସଫା ରଖିବା ସହ ପ୍ଲାଷ୍ଟିକ ବସ୍ତୁକୁ ବର୍ଜନ କରିବା ପାଇଁ ଶପଥ କରାଇଥିଲେ । ପ୍ଲାଷ୍ଟିକ ବସ୍ତୁ ଓ ପଲିଥିନ୍ ପ୍ୟାକେଟ ଆମ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଏହାକୁ ବର୍ଜନ କରିବା ସହ ପୋଖରୀ, ନାଳ, ନର୍ଦ୍ଦମା, ନଦୀ ଓ ସମୁଦ୍ରରେ ଏହାକୁ ନପକାଇବା ପାଇଁ ଉପଜିଲ୍ଲାପାଳ ସଚେତନ କରାଇଥିଲେ । ଅନ୍ୟତମ ବକ୍ତା ଭାବେ ପରିମଳ ବିଭାଗ ମୁଖ୍ୟ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ କିପରି ପରିଚାଳନା କରାଯାଇ ପୁନଃବ୍ୟବହାର କରାଯାଇପାରିବ ଏହି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

## ଚୋରା ମଦ ଜବତ; ଦୁଇ ଗିରଫ

ପାରାଦୀପ,୧୨।୫(ସମିସ): ପାରାଦୀପ ଆଦର୍ଶ ଥାନା ଅଞ୍ଚଳରୁ ପୁଲିସ ଦୁଇ ମଦ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନଙ୍କ ମଧ୍ୟରୁ ଜଣେ ମହିଳା ହୋଇଥିବା ବେଳେ ଜଣେ ପୁରୁଷ ରହିଛି । ବୃନ୍ଦାବନ କଲୋନୀ ଅଞ୍ଚଳରେ ଚୋରା ମଦ ବେପାର କରୁଥିବା ପ୍ରମିଳା ସାହୁ (୫୭) ନାମକ ଜଣେ ମହିଳାଙ୍କୁ ଗିରଫ କରିଛି ପୁଲିସ । ତା' ନିକଟରୁ ୧୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ମହିଳା ଜଣଙ୍କ ବୃନ୍ଦାବନ କଲୋନୀ ଅଞ୍ଚଳରେ ରହି ଏଭଳି ଚୋରା ମଦ ବେପାର କରୁଥିଲା । ସେହିପରି ବୃନ୍ଦାବନ କଲୋନୀ ଅଞ୍ଚଳ ରେବ୍ରଜ କିଶୋର ନାଥ (୩୪) ନାମକ ଜଣେ ଯୁବକକୁ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରାଯାଇଛି । ତା' ନିକଟରୁ ୬ ଲିଟର ମଦ ଜବତ କରିଛି ପୁଲିସ । ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି । ସେମାନେ ରୀତିମତ ଏହି ଚୋରା ମଦ ବେପାର କରୁଥିବା ଥାନା ଅଧିକାରୀ ବବିତା ଦେହୁରୀ ସୂଚନା ଦେଇଛନ୍ତି । ଏନେଇ ଥାନାରେ ୧୨୪ ନଂ.ରେ ଏକ ମାମଲା ରୁଜୁ ହୋଇଛି ।

## ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ବିଶ୍ୱଶାନ୍ତି ମହାଯଜ୍ଞ

ନାଉଗାଁ,୧୨।୫(ସମିସ): ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତର ଓଷକଣା ଗ୍ରାମରେ ମା' କୁତାମଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଚଉଦ ଦୋଳ ମେଳଣ ଉତ୍ସବ ଦୀର୍ଘ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ପ୍ରଥମେ ଅଙ୍କୁରରୋପଣ ଠାରୁ ଆରମ୍ଭ ହୋଇ ଜଳ ଯାତ୍ରା, ଯଜ୍ଞ ଶାଳ ପ୍ରତିଷ୍ଠା, ପ୍ରାତଃ ସୂର୍ଯ୍ୟ ପୂଜା, ଅଗ୍ନିସ୍ଥାପନ ଧାନ୍ୟାଧିବାସ, ହୋମ ସ୍ଥାନ, ମନ୍ଦିର ଅଧିବାସ, ପ୍ରାଣ ପ୍ରତିଷ୍ଠା, ବିଗ୍ରହ ମନ୍ଦିର ପ୍ରବେଶ ଚକ୍ର, ଧ୍ୱଜା ସ୍ଥାପନ କରାଯାଇଥିଲା । ବିଭିନ୍ନ ସ୍ଥାନରୁ ଚଉଦ ଦୋଳ ଦିଅଁ ମାନଙ୍କୁ ନିମନ୍ତ୍ରଣ କରାଯାଇ ମେଳଣ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଯେପରି ବାଦିପାଲା, ଭଜନ ସନ୍ଧ୍ୟା, ମାଳିକା ପ୍ରବଚନ ଆଦି ଆୟୋଜନ କରାଯାଇଛି ।

## ମହିଳାଙ୍କୁ ବଦନାମ ଉଦ୍ୟମ ଅଭିଯୋଗରେ ଜଣେ ଗିରଫ

ଜଗତସିଂହପୁର,୧୨।୫(ସମିସ): ବିବାହିତ ମହିଳାଙ୍କ ଏଆଇ ମାଧ୍ୟମରେ ଅଶ୍ଳୀଳ ଫୋଟୋ ଓ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ ଅଭିଯୋଗରେ କୃଷ୍ଣନନ୍ଦପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି । ଯୁବକ ଜଣକ ହେଲେ କେନ୍ଦ୍ରାପଡା ଜିଲ୍ଲାର ସରୋଜ କୁମାର ବେହେରା ଏବଂ ସେ ଜଗତସିଂହପୁର ଜିଲ୍ଲାର କୃଷ୍ଣନନ୍ଦପୁର ଥାନା ଅନ୍ତର୍ଗତ ତାଳବରେଇ ଠାରେ ରହି ଏକ ଗ୍ୟାରେଜରେ ମେକାନିକ ଭାବେ କାମ କରୁଥିଲେ । ଉକ୍ତ ମହିଳାଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ବାରମ୍ବାର ଉଦ୍ୟମ କରି ବିଫଳ ହେବା ପରେ ତାଙ୍କୁ ବଦନାମ କରିବା ପାଇଁ ଏଆଇ ମାଧ୍ୟମରେ ଅଶ୍ଳୀଳ ଭିଡିଓ ଓ ଫୋଟୋ ମୋବାଇଲରେ ତିଆରି କରିଥିଲେ । ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଏହାକୁ ପୋଷ୍ଟ କରିଥିଲେ । ଘଟଣା ସମ୍ପର୍କରେ ପୀଡ଼ିତା ମହିଳା ଜଗତସିଂହପୁର ସାଇବର କ୍ରାଇମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅନୁସନ୍ଧାନ ଆରମ୍ଭ ହୋଇଥିଲା । ଶେଷରେ ଗତ ୧୧ ତାରିଖରେ ଅଭିଯୁକ୍ତ ସରୋଜକୁ ପୋଲିସ ଗିରଫ କରିଥିଲା । ଆଜି ତାକୁ କୋର୍ଟଚାଲାଣ କରାଯାଇଛି ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାଶ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଠାରୁ ୨ ଟି ମୋବାଇଲ ଜବତ କରାଯାଇଛି । ଡିଏସ୍‌ପି ରଶ୍ମୀରଞ୍ଜନ ଦାଶ ଏବଂ ସାଇବର କ୍ରାଇମ ଥାନାର ଆଇଆଇସି ଭାସଟ ରାୟ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## କୁଜଙ୍ଗରେ ଲୋକନାଥ ଚୌଧୁରୀଙ୍କ ପୁଣ୍ୟ ତିଥି



କୁଜଙ୍ଗ,୧୨।୫(ସମିସ): ଜନନେତା ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକ ସମାଗୋଳ ସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରେ ଥିବା ପ୍ରତିମୂର୍ତ୍ତୀ ନିକଟରେ ଅନୁଷ୍ଠିତ ହୋଇଯାଇଛି । ବାବୁରାମ ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରପେ ସରୋଜ କୁମାର ପଟ୍ଟନାୟକ ଯୋଗଦେଇ ଲୋକନାଥ ଚୌଧୁରୀଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ସଭାରେ ଶିକ୍ଷାବିତ୍ ପ୍ରଭାକର ଭଟ୍ଟ, ସ୍ମୃତି କମିଟିର ସଭାପତି ଯୋଗେନ୍ଦ୍ର ଦାଶ, ସମ୍ପାଦକ କୈଳାସ ଚନ୍ଦ୍ର ତରାଇ, ନବନିର୍ମାଣ କୃଷକ ସଂଘର ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, ନୂତନ ଚନ୍ଦ୍ର ତ୍ରିପାଠୀ, ହରେକୃଷ୍ଣ ମାଝୀ, ଶଙ୍କର ଦାସ, ସୁଦର୍ଶନ ମାଝୀ , ଗୋକୁଳାନନ୍ଦ ପଣ୍ଡା, ପଞ୍ଚାନନ ପଣ୍ଡା, ମଣି ଦଳାଇ, ପ୍ରଦୀପ ବେହେରା, ସୁବୋଧ ତରାଇ, ଚନ୍ଦ୍ର ଶେଖର ଶତପଥି, ପ୍ରଫୁଲ୍ଲ ଦଳାଇ, ଉମାକାନ୍ତ ପରିଡା, ଗଣେଶ ପାତ୍ର ପ୍ରମୁଖ ଦିବଂଗତ ଜନନେତା ଲୋକନାଥ ଚୌଧୁରୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ବିଚାର ଓ ବୁଦ୍ଧିକୁ ଦେଶହିତ ପାଇଁ ଉପଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ ।

### ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ ନିର୍ବାଚନ

## ନିର୍ଣ୍ଣାୟକ ହେବେ ସ୍ୱାଧୀନ ପ୍ରାର୍ଥୀ



ପାରାଦୀପ,୧୨।୫(ସମିସ): ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ କର୍ମକର୍ତ୍ତା ନିର୍ବାଚନ ଆଉ ମାତ୍ର ଦିନ କେଇଟା ପରେ ଅନୁଷ୍ଠିତ ହେବାକୁ ଯାଉଛି । ନିର୍ବାଚନ ଯେତେ ପାଖେଇ ଆସୁଛି ସଦସ୍ୟଙ୍କ ମଧ୍ୟରେ ସେତେ ଉତ୍କଣ୍ଠା ବଢି ଚାଲିଛି । ଚଳିତ ବର୍ଷର ଏହି କର୍ମକର୍ତ୍ତା ନିର୍ବାଚନ ଏକ ପ୍ରକାର ରୋଚକ ମୋଡ ନେଉଥିବା ଆଲୋଚନା ହେଉଛି । ଦୁଇ ପ୍ୟାନେଲ ଜିତିବା ପାଇଁ ସବୁ କଳ ବଳ ଲଗାଇ ଲାଗି ପଡିଛନ୍ତି । ଏପରିକି ଦୁଇ ପ୍ୟାନେଲକୁ ମନ୍ତ୍ରୀ ଓ ସାଂସଦ ବଳ ଯୋଗାଉଥିବା ଆଲୋଚନା ହେଉଛି । ତେବେ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ପ୍ରହଲ୍ଲାଦ ଜେନା ସହ-ସମ୍ପାଦକ ପଦବୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି । ଅନ୍ୟ ସମସ୍ତ ୬ ଟି ପଦବୀ ପାଇଁ ଦୁଇଟି ପ୍ୟାନେଲ ରହିଥିବା ବେଳେ କେବଳ ସହସମ୍ପାଦକ ପଦବୀ ପାଇଁ ଶ୍ରୀ ଜେନା ସ୍ୱାଧୀନ ଭାବେ ଲଢୁଛନ୍ତି । ଶ୍ରୀ ଜେନା ଚଳିତ ବର୍ଷ ସହ-ସମ୍ପାଦକ ପଦବୀ ପାଇଁ ନିର୍ବାଚନ ରେ ଭାଗ ନେବା ପାଇଁ ସ୍ଥିର କରିବା ପରେ ସଂଘର ବହୁ ସଦସ୍ୟଙ୍କ ସମର୍ଥନ ତାଙ୍କ ପ୍ରତି ରହିଥିଲା । ସଂଘରେ ସମସ୍ତ ବ୍ୟବସାୟୀଙ୍କୁ ସମାନ ଭାବେ ଦେଖିବା ସହିତ ବ୍ୟବସାୟ ଯେପରି ଆଗକୁ ବଢିବ ସେନେଇ ତାଙ୍କର ଉଦ୍ୟମ ରହିବା ନେଇ ସେ କହିଛନ୍ତି । ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘରେ ବିଗତ ଦିନରେ ମାଲ ପରିବହନକୁ ନେଇ ହେଉ କିମ୍ବା ମାଲ ବଣ୍ଟନକୁ ନେଇ ହେଉ ସଙ୍ଘ ମଧ୍ୟରେ ଯେଉଁସବୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ତାର ପ୍ରଭାବ ଚଳିତ ନିର୍ବାଚନରେ ପଡ଼ିବ ବୋଲି ଆଲୋଚନା ହେଉଛି । ସଂଘର ପୂର୍ବ ଗୌରବ ଫେରାଇ ଆଣିବାକୁ ସବୁ ପ୍ୟାନେଲ୍ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇ ସଦସ୍ୟମାନଙ୍କୁ ମନାଉଥିବା ଜଣାପଡ଼ିଛି । ଦୁଇ ଜିଲ୍ଲା ଜଗତସିଂହପୁର ଓ କେନ୍ଦ୍ରାପଡାରେ ଏ ନେଇ ଚାଲିଛି ଘନ ଘନ ବୈଠକ । ଅନ୍ୟ ପକ୍ଷରେ ପୁରୁଣା କର୍ମକର୍ତ୍ତା ପୁନର୍ବାର ଚଳିତ ନିର୍ବାଚନକୁ ନିଜ ସପକ୍ଷରେ ନେବା ଲାଗି ଦିନ ରାତି ଲାଗି ପଡିଥିବା ବେଳେ ବିରୋଧୀ ପୁରୁଣା କର୍ମକର୍ତ୍ତାଙ୍କ କାର୍ଯ୍ୟକଳାପକୁ ବ୍ୟବସାୟୀଙ୍କୁ ଜଣାଇ ଭୋଟ ହାତେଇବା ଲାଗି ଚେଷ୍ଟା ଜାରି ରଖିଛନ୍ତି । ତେବେ କାହା ସପକ୍ଷରେ ଚଳିତ ନିର୍ବାଚନ ଯିବ ତାହା କେବଳ ୧୭ ତାରିଖ ଫଳାଫଳ ଘୋଷଣାକୁ ଅପେକ୍ଷା କରାଯାଇଥିବା କୁହାଯାଉଛି ।

## କୋଡିଆଁ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପ୍ରସ୍ତୁତି

ଜଗତସିଂହପୁର,୧୨।୫(ସମିସ): ଗତ ୧୯୦୫ ମସିହାରେ ପ୍ରତିଷ୍ଠିତ କୋଡିଆଁ ଉପ୍ରା ବିଦ୍ୟାଳୟର ୧୨୧ତମ ପ୍ରତିଷ୍ଠା ଉତ୍ସବ ଆୟୋଜନ ନିମନ୍ତେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାରଦା ପ୍ରସାଦ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ସ୍ୱାଇଁ, ଶିକ୍ଷକ ଦୀପକ ମହାନ୍ତି, ପୂର୍ବତନ ଛାତ୍ର ଚୌଧୁରୀ ପ୍ରଦୀପ୍ତ କିଶୋର ଦାସ, ଚୌଧୁରୀ ମିହିର କୁମାର ଦାସ, ଚୌଧୁରୀ ଆଦିତ୍ୟ ଦାସ, ରଘୁନାଥ ମଲ୍ଲ, ପ୍ରତାପ ରାଉତ, ଦେବେନ୍ଦ୍ର ଆଚାର୍ଯ୍ୟ, ଦେବାଶିଷ ଆଚାର୍ଯ୍ୟ, ପ୍ରଦୀପ୍ତ କୁମାର ସାହୁ, ମନମୋହନ ସାହୁ, ଯୀଶୁ ପ୍ରସାଦ ମଲ୍ଲ, ରବୀନ୍ଦ୍ର ଦାସ, ଦିପକ ମଲ୍ଲିକ, ତାରିଣୀ ପ୍ରସାଦ ମିଶ୍ର, ସମରେନ୍ଦ୍ର ଆଚାର୍ଯ୍ୟ, ଅମରେନ୍ଦ୍ର ଆଚାର୍ଯ୍ୟ, ସନ୍ଦିପ ମିଶ୍ର, ସନ୍ତୋଷ କୁମାର ଜେନା, ଆଦି ବହୁ ପ୍ରାକ୍ତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଡିସେମ୍ବର ୧୧, ୧୨ ଓ ୧୩ ତାରିଖ ତିନି ଦିନ ଧରି ଉତ୍ସବ ଆୟୋଜନ ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଉତ୍ସବକୁ ସଫଳ ଓ ସ୍ମରଣୀୟ କରିବା ପାଇଁ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ବହୁ ସଂଖ୍ୟାରେ ଏଥିରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ । ଆଗାମୀ ୨୪ ତାରିଖରେ କାର୍ଯ୍ୟକାରୀ କମିଟି ଗୁଡିକ ଗଠନ ନିମନ୍ତେ ପ୍ରସ୍ତାବ ପାରିତ ହୋଇଛି ।

## ଲୋକନାଥ ଚୌଧୁରୀଙ୍କ ୨୩ତମ ସ୍ମୃତି ଉତ୍ସବ




ଏରସମା,୧୨।୫(ସମିସ): ଏରସମା ସଦର ମହକୁମା ସ୍ଥିତ ତହସିଲ ପଡିଆ ପରିସର ମଧ୍ୟରେ ଲୋକନାଥ ଚୌଧୁରୀଙ୍କ ୨୩ତମ ସ୍ମୃତିବାର୍ଷିକ ଉତ୍ସବ ଲୋକନାଥ ସ୍ମୃତି କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ପଣ୍ଡିତ ନାଗୁଚରଣ ଦେବତାଙ୍କ ସଭାପତିତ୍ୱରେ ଶ୍ରୀ ଚୌଧୁରୀଙ୍କ ଜୀବନୀ ଉପରେ କବିତା ପାଠ କରାଯାଇଥିଲା । ଏରସମା ବ୍ଲକର ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ସ୍ମୃତି କମିଟିର ସଭାପତି ଶଶିଭୂଷଣ ସ୍ୱାଇଁଙ୍କ ସଭାପତିତ୍ୱରେ ଲୋକନାଥ ପଣ୍ଡା ସଂଯୋଜନା କରିଥିଲେ । ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଚନ୍ଦ୍ର ଘଡାଇ, ସମ୍ମାନିତ ଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଶାରଦା ପ୍ରସନ୍ନ ଜେନା, ରାମକୃଷ୍ଣ ପଣ୍ଡା ଯୋଗ ଦେଇଥିଲେ । ଅତିଥି ପରିଚୟ ଦେବାଶିଷ ପରିଜା, ସ୍ୱାଗତ ଭାଷଣ ପ୍ରଶାନ୍ତ କୁମାର ସେଠୀ ଦେଇଥିଲେ । ବିଶେଷ୍ୟ ଆଲୋଚ୍ୟ ସଂଜୟ କୁମାର ବିଶ୍ୱାଳ କରିଥିଲେ । ସମ୍ପାଦକ ଅରୁଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ । ଜନନାୟକ ଲୋକନାଥ ସ୍ମରଣିକା ଉନ୍ମୋଚନ ହେବା ସହ ଜିଲ୍ଲାର ଅନେକ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ

ଜଗତସିଂହପୁର,୧୨।୫(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ ଯୋଗଦେଇ ପୁସ୍ତକମେଳା ଆୟୋଜନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସଂପାଦକ ଶାରଦା ପ୍ରସାଦ ଦାସ ପୂର୍ବ ସାଧାରଣ ପରିଷଦ ବୈଠକର ବିବରଣୀ ପାଠ କରିବା ସହିତ ଚଳିତ ବର୍ଷ ପୁସ୍ତକମେଳାର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ । ବୈଠକରେ ଉପସ୍ଥିତ ସଭ୍ୟମାନେ ବିଭିନ୍ନ ମତାମତ ଦେଇଥିଲେ । ସାଂସ୍କୃତିକ ପରିଷଦର ବର୍ତ୍ତମାନର କମିଟିର ଅବଧି ଶେଷ ହୋଇଥିବାରୁ ଜିଲ୍ଲାପାଳ ତଥା ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ନୂତନ କାର୍ଯ୍ୟକାରୀ କମିଟି ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରାରମ୍ଭରେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଯୁଗ୍ମ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଡ. ସୁଧୀର କୁମାର ମହାନ୍ତି, ବରିଷ୍ଠ ସଦସ୍ୟ ନଟବର ବାରିକ, ଦେବୀ ପ୍ରସାଦ ଚୌଧୁରୀ, ରମାକାନ୍ତ ସାହୁ, ପ୍ରଦୀପ୍ତ କିଶୋର ଚୌଧୁରୀ, ହେମନ୍ତ କୁମାର ରଥ, ବିବୁଧ କୁମାର ମହାନ୍ତି, ଡ. ଜ୍ୟୋତିର୍ମୟୀ ମହାନ୍ତି, ମଧୁସୂଦନ ସାହୁ, ପ୍ରଜ୍ଞା ପାରମିତା ଚୌଧୁରୀ, ମନୋଜ କୁମାର ଦାଶ, ଉତ୍କଳ ରଞ୍ଜନ ମହାନ୍ତି, ମାନସ କୁମାର କାନୁନଗୋ, ବିଜୟଲକ୍ଷ୍ମୀ ମହାପାତ୍ର, ସୁଷମା ପ୍ରଧାନ, ଅବନୀକାନ୍ତ ମହାରଣା, ସୌଦାମିନୀ ରାଉତ, ଦୁର୍ଯ୍ୟୋଧନ ମହାରଣା, ମନୋଜ କୁମାର ମହାପାତ୍ର, ନିକୁଞ୍ଜ କିଶୋର ବେହେରା, ପ୍ରଦୀପ୍ତ କୁମାର ମିତ୍ର, ନିତ୍ୟାନନ୍ଦ ମହାନ୍ତି, ଅତନୁ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ରାଉତ, ଲୋକନାଥ ଦାସ, ପଲ୍ଲବୀ ପଣ୍ଡା, ରାଧାକାନ୍ତ ସାହୁ, ଶ୍ରଦ୍ଧାମୟୀ ରାଉତ, ସୁରେନ୍ଦ୍ର କୁମାର ରାଉତରାୟ, ଆଲୋକ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଙ୍ଘର ଧାରଣା



ଜଗତସିଂହପୁର,୧୨।୫(ସମିସ)

ଓଡିଶା ନିର୍ମାଣ ଶ୍ରମିକ ସଙ୍ଗଠନ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ୧୬ ଦଫା ଦାବିରେ ଆଜି ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସଙ୍ଗଠନ ତରଫରୁ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଶ୍ରମ ଓ ଇଏସଆଇ ବିଭାଗ ନିକଟରେ ପୂର୍ବରୁ ଅନେକ ଥର ଅବଗତ କରାଯାଇଛି । କିନ୍ତୁ ପଞ୍ଜିକୃତ ହିତାଧିକାରୀ ମାନେ ଦୀର୍ଘ ଦିନ ଧରି ଆବେଦନ କରିଥିଲେ ମଧ କଲ୍ୟାଣ ବୋର୍ଡ ଦ୍ୱାରା ଧାର୍ଯ୍ୟ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଆଜି ଏହି ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ବୋଲି ସଙ୍ଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଲୋଭାକାନ୍ତ ସ୍ୱାଇଁ ପ୍ରକାଶ କରିଛନ୍ତି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ୧୬ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲା ଶ୍ରମ ଅଧିକାରୀ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା । ଆଜିର ଏହି ଆନ୍ଦୋଳନରେ ରାଜ୍ୟ କାର୍ଯ୍ୟକାରୀ ସଭାପତିଙ୍କ ସମେତ ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ନାୟକ, ଉପ ସଭାପତି ସଞ୍ଜୟ ପରିଡ଼ା, ପ୍ରତାପ ସୁତାର, ରବିନ୍ଦ୍ର ସ୍ୱାଇଁ, ଆରତୀ ରାଉତ, ସନ୍ତୋଷ ମହାରଣା, ମଧୁସ୍ମିତା ବାରିକ, ଚିତ୍ତରଞ୍ଜନ ମଲ୍ଲିକ ଏବଂ ଶୁକଦେବ ଦାସ ପ୍ରମୁଖ ସାମିଲ ହୋଇଥିଲେ ।

## କାର୍‌ରୁ ୮ ବସ୍ତା ଗୋ-ମାଂସ ଜବତ



ବାରିକପୁର,୧୨।୫(ସମିସ): ଭଣ୍ଡାରିପୋଖରୀ ଥାନା ଛତାବର ବଳିଘାଇ ରାସ୍ତାରେ ଯାଉଥିବା ଏକ କାର୍‌ରୁ ଗୋ-ମାଂସ ଜବତ ହୋଇଛି। ପଶ୍ଚିମବଙ୍ଗ ନମ୍ବର ଥିବା ଡବ୍ଲ୍ୟୁବି ୨୪ ଆର୍ ୩୦୭୩ ଅଲ୍‌ଟୋ କାର୍ ଭିତରେ ପ୍ରାୟ ୮ ବସ୍ତା ଗୋ-ମାଂସ ଯାଉଥିବା ପୁଲିସ ଜାଣିବାକୁ ପାଇଥିଲା। ଗାଡ଼ିଟି ଯାଜପୁର ପଟୁ ବଳିଘାଇ ଦେଇ ଭଦ୍ରକ ଅଭିମୁଖେ ଯାଉଥିବାବେଳେ ରାସ୍ତାର ଭୂତିଆ ନିକଟରୁ ଥାନା ଅଧିକାରିଣୀ ଓ ସ୍ଥାନୀୟ ଲୋକେ ଏହାକୁ ଧରିଥିଲେ। ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର୍ ହୋଇଯାଇଥିଲା। ମାଂସ ଭର୍ତ୍ତି କାର୍‌କୁ ପୁଲିସ ନିଜ ହେପାଜତରେ ରଖିଥିବାବେଳେ ଖବର ଲେଖାହେବା ଯାଏଁ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

## ବୁଲା ଗୋରୁଙ୍କ ଯୋଗୁଁ ବଢୁଛି ଦୁର୍ଘଟଣା

ବନ୍ତ/ଆଗରପଡ଼ା,୧୨।୫(ସମିସ): ଆଗରପଡ଼ା ଅଞ୍ଚଳରେ କ୍ରମଶଃ ବୁଲା ଗୋରୁଗାଈଙ୍କ ଯୋଗୁଁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାର ଜଣାପଡ଼ିଛି। ସ୍ଥାନୀୟ କାଣ୍ଡବା ସାଳନ୍ଦୀ ସେତୁ ଉପରେ ସଂଖ୍ୟାଧିକ ଗୋରୁଗାଈ ଦିନରାତି ଆଡ୍ଡା ଜମାଉଥିବାରୁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଗୋରୁଗାଈମାନେ ରାସ୍ତା ଅବରୋଧ କରି ଠିଆ ହେଉଥିବାରୁ ବାଇକ୍ ଧକ୍କା ହୋଇ ଆରୋହୀମାନେ କ୍ଷତବିକ୍ଷତ



ହେବା ସହ ୪ ଚକିଆ ଯାନ ଧକ୍କାରେ ଗୋରୁଗାଈମାନେ ଆହତ ହେଉଛନ୍ତି। ଆମ୍ବୁଲାନ୍ସ ଓ ଦମକଳ ପରି ଅତି ଜରୁରୀ ଗାଡ଼ିଗୁଡ଼ିକ ଏହି ଗୋରୁଗାଈଙ୍କ ରାସ୍ତା ଅବରୋଧ କରି ରହିବା ଫଳରେ ଯାତାୟାତ କରିବାରେ ଅହେତୁକ ବିଳମ୍ବ ଘଟୁଛି। ଯେତେ ହର୍ଣ୍ଣ ବଜାଇଲେ ସୁଦ୍ଧା ସେମାନେ ରାସ୍ତାରୁ ଘୁଞ୍ଚିବା କାଠିକର ପାଠ ହୋଇପଡିଛି। ମାଲିକମାନେ ଗୋରୁଗାଈମାନଙ୍କୁ ଗୁହାଳରେ ନ ବାନ୍ଧି ବେପରୁଆ ଢଙ୍ଗରେ ଏମାନଙ୍କୁ ଛାଡ଼ି ଦେଉଛନ୍ତି। ଏଥିଯୋଗୁଁ ଦୁର୍ଘଟଣାମାନ ଘଟୁଥିଲେ ସୁଦ୍ଧା ସେଥିପ୍ରତି ତାଙ୍କର କୌଣସି ନିଘା ରହୁନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମରଣଯନ୍ତା ପାଲଟିଛି ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତା



ତିହିଡ଼ି,୧୨।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି-ବୋଡକ ପୂର୍ତ୍ତ ବିଭାଗ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ମରାମତି କାର୍ଯ୍ୟ ହେଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଦୋଳସାହିରୁ ବୋଡକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ସ୍ଥାନେ ସ୍ଥାନେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଥିବାବେଳେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ହଜାର ହଜାର ଛାତ୍ରଛାତ୍ରୀ, ପଥଚାରୀ ଓ ସରକାରୀ କର୍ମଚାରୀ ଜିଲ୍ଲାର କୋଣ ଅନୁକୋଣକୁ ଗମନାଗମନ କରିଥା'ନ୍ତି। ଏହି ରାସ୍ତା ଉପରେ ଭାରୀଯାନ ଯାତାୟାତ କରିବା ନିୟମ ନ ଥିଲାବେଳେ ଦୈନିକ ଶହଶହ ସଂଖ୍ୟାରେ ଓଭରଲୋର୍ଡିଂ ହାଇୱା ଯାତାୟାତ କରୁଥିବା ନେଇ ରାସ୍ତାର ଅବସ୍ଥା ସଂକଟାପନ୍ନ ହେଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ସରକାରଙ୍କ ପକ୍ଷରୁ ବ୍ୟୟବରାଦ ହେଉଥିବାବେଳେ ଏହି ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ମାଟ୍ରିକ୍ ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ




ବାସୁଦେବପୁର,୧୨।୫(ସମିସ): ବାସୁଦେବପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମାଟ୍ରିକ୍ ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବ୍ଲକ୍ ଶିକ୍ଷାଧିକାରୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଶିକ୍ଷା ନାମରେ ଆମ ଉପରେ ବସ୍ତାନୀର ବୋଝ ଲଦି ଦିଆଯାଉଛି। ସମୟକୁ ନ ଜଗିଲେ ଆଗକୁ ଯାଇପାରିବା ନାହିଁ। ବଡ଼ ମଣିଷର ସ୍ୱପ୍ନ ଦେଖ। ସଫଳତା ପାଇବା ପରେ ଭଲ ମଣିଷଟିଏ ହୁଅ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷକ ଅମୀୟ ପାଣିଗ୍ରାହୀ ଆୟୋଜିତ ସଭାରେ ସଂଯୋଜନା କରିଥିଲେ। ସମ୍ବର୍ଦ୍ଧନା ସଭାରେ ଏବିଇଓ ଅମୀୟ ମହାଲିକ, ଏବିଇଓ ଉର୍ମିଳା କର, ଏବିଇଓ ତପନ ଦ୍ୱିବେଦୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ଏ-୧ ପାଇଥିବା ୨୩ ଜଣ ଛାତ୍ରଛାତ୍ରୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ଛଟେଇ ବିରୋଧରେ ଧାରଣା






ବାସୁଦେବପୁର,୧୨।୫(ସମିସ): ତାତିଲେ ଟିପିଏନ୍‌ଓଡିଏଲ୍ ବିଦ୍ୟୁତ୍ କର୍ମଚାରୀ। ଟାଟା କମ୍ପାନୀ ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷ ପଦାକୁ ଆସିଲା। ରାସ୍ତାକୁ ଓହ୍ଲାଇଲେ ଶହଶହ କର୍ମଚାରୀ। ସବୁଠି ଠପ୍ ହୋଇପଡ଼ିଛି ବିଦ୍ୟୁତ୍ କାର୍ଯ୍ୟ। ବାସୁଦେବପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ କାମ ବନ୍ଦ କରି ଟିପିଏନ୍‌ଓଡିଏଲ୍ ବିଦ୍ୟୁତ୍ କର୍ମଚାରୀ ଧାରଣାରେ ବସିଲେ। ଟିପିଏନ୍‌ଓଡିଏଲ୍ (ଟାଟା) କମ୍ପାନୀ ମନୋମୁଖୀ ଭାବେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ କରୁଛି। କର୍ମଚାରୀମାନେ ମିଳିତ ଭାବେ କାମ ବନ୍ଦ କରି ଧାରଣାରେ ବସିରହିଛନ୍ତି। କର୍ମଚାରୀମାନେ ବର୍ଷ ବର୍ଷ ଧରି ଖରା ବର୍ଷା ଶୀତକୁ ଖାତିର୍ ନ କରି ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେଇ ଆସୁଛନ୍ତି। ଏହି କର୍ମଚାରୀମାନଙ୍କୁ ଟାଟା ମନଇଚ୍ଛା ଗୋଟିଏ ପରେ ଗୋଟିଏ ଛଟେଇ କରି ଚାଲିଛି। କମ୍ପାନୀ ଦିନକୁ ଦିନ ନୀତି ନିୟମ ଆଳରେ କର୍ମଚାରୀଙ୍କୁ ଶୋଷଣ କରୁଛି। ଟାଟା କମ୍ପାନୀ ବିରୋଧରେ କର୍ମଚାରୀଙ୍କ ଅସନ୍ତୋଷ ବହ୍ନି ଦେଖାଦେଇଛି। ସାଧାରଣ ବିଦ୍ୟୁତ୍ ଗ୍ରାହକ ପରେ ଏବେ କର୍ମଚାରୀମାନେ ଆପଣେଇ ନେଇଛନ୍ତି ଆନ୍ଦୋଳନ ପନ୍ଥା। ଟାଟା କମ୍ପାନୀ କର୍ମଚାରୀମାରଣ ନୀତିକୁ ବିରୋଧ କରି ଧାରଣାରତ କର୍ମଚାରୀ ନାରା ଦେଉଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋ ତଳେ ବସି ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବିନା ନୋଟିସ୍‌ରେ ଛଟେଇକୁ ବରଦାସ୍ତ କରାଯିବନାହିଁ ବୋଲି କର୍ମଚାରୀମାନେ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ।

**ତିହିଡ଼ି:** ଟାଟା ପାୱାରର କର୍ମଚାରୀ ଛଟେଇକୁ ବିରୋଧ କରି ସରକାରୀ ନିଯୁକ୍ତ ଦାବିରେ ତିହିଡ଼ି ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ୨ ଘଣ୍ଟିଆ ଧାରଣା ଦେଇଥିଲେ। କମ୍ପାନୀର ଏକତରଫା ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିବା ସହ କମ୍ପାନୀ ବିରୋଧରେ ବିଭିନ୍ନ ନାରା ଦେଇଥିଲେ। ଯେଉଁ କର୍ମଚାରୀମାନେ ରାତିଦିନ ପରିଶ୍ରମ କରି କମ୍ପାନୀର କ୍ଷତିକୁ ୨୫.୧୭ ପ୍ରତିଶତରୁ ୭.୬୬ ପ୍ରତିଶତକୁ ଆଣିଥିଲେ ସେମାନଙ୍କୁ ଅତି ଅମାନବିକ ଭାବେ ଛଟେଇ କରାଯାଉଛି। ବହୁ ବୟସ୍କ କର୍ମଚାରୀମାନେ ଏହି ବୟସରେ କ'ଣ କରିବେ ତାହା ଏବେ ଚିନ୍ତାର କାରଣ ହୋଇଛି। ଏପରିକି ବିବାହ ଆଗ ଦିନ ଛଟେଇ ଚିଠି କମ୍ପାନୀ ପାଖରୁ ଆସିବା ପରେ ବିବାହ ମଧ୍ୟ ଭାଙ୍ଗିଯାଇଛି। ପରିବାରରେ ମଧ୍ୟ ଅଶାନ୍ତି ଦେଖାଦେଲାଣି। କମ୍ପାନୀ ଉତ୍ତର ଓଡ଼ିଶାରେ ଯଦି ଛଟେଇ ପ୍ରକ୍ରିୟା ଜାରି ରଖେ ତେବେ ଦାଦନ ଶ୍ରମିକ ସମସ୍ୟା ଉଗ୍ରରୂପ ଧାରଣ କରିବ। ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ କମ୍ପାନୀ ଯେଉଁ ଭାବରେ ଛଟେଇ କରିବାରେ ଲାଗିଛି ତାହା ବିରୋଧରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ତିହିଡ଼ି ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମୋହନ ବେହେରା, ଡେପୁଟି ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସଂଗଠକ ନନ୍ଦକିଶୋର ତ୍ରିପାଠୀ, ତିହିଡ଼ି ସେକ୍ସନ୍ ସଂଗଠକ ଗୋଲକ ବିହାରୀ ମଲ୍ଲିକ, ଯଶିପୁର ସଂଗଠକ ରଞ୍ଜନ ବେହେରା, ଚାନ୍ଦବାଲି ସଂଗଠକ ପୀତବାସ ଓଝା, ଦୋଳସାହି ସଂଗଠକ ନିରାକାର ସାମଲ, ବରିଷ୍ଠ ଲାଇନ୍‌ମ୍ୟାନ୍ ଆଶିଷ ସାହୁ, କାର୍ଯ୍ୟକାରୀ ସଂଗଠକ ସଞ୍ଜୀବ ସାହୁ ଓ ପ୍ରଫୁଲ୍ଲ ସାମନ୍ତଙ୍କ ନେତୃତ୍ୱରେ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଧାରଣା ଦେଇଥିଲେ।

## କବି ପ୍ରଭାତନଳିନୀଙ୍କ ସ୍ମୃତିସଭା



ଭଦ୍ରକ,୧୨।୫(ସମିସ): ଡ. ପ୍ରଭାତନଳିନୀ ମହାପାତ୍ର ଏକାଧାରରେ ଜଣେ ଶିକ୍ଷାବିତ୍, କବି, ଗବେଷକ, ଆଧ୍ୟାତ୍ମ୍ୟବାଦୀ ତଥା ସାମାଜିକ ପ୍ରତିବଦ୍ଧତା ଥିବା ବ୍ୟକ୍ତିତ୍ୱ ଥିଲେ। ସ୍ଥାନୀୟ ଭାଗବତ ମଣ୍ଡପଠାରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ତାଙ୍କ ଏକାଦଶାହରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହା ପ୍ରକାଶ କରିଛନ୍ତି। ଡ. ଶଶଧର ଦାସ, ଡ. ମନୀନ୍ଦ୍ର ମହାନ୍ତି, ଡ. ଗୋଲକ ବିହାରୀ ସାହୁ, ଅଜୟ ନାୟକ, ଡା. ରବୀନ୍ଦ୍ର କୁମାର ନାୟକ, ମାନସ ମହାପାତ୍ର, ଶୈଳବାଳା ମହାପାତ୍ର, କୈଳାସ ଚନ୍ଦ୍ର ପଣ୍ଡା, ଗୀତାରାଣୀ ଆଇଚ, ସୁଚିତ୍ରା ପାଣିଗ୍ରାହୀ, ଡ. ସୁକାନ୍ତି ମହାପାତ୍ର, ଡ. ସୋମା ଚାନ୍ଦ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସଂଗ୍ରାମ ଆଚାର୍ଯ୍ୟ, ବିଜୟ ବହଳୀ, ଅଟଳବିହାରୀ ନାୟକ, ସୃଷ୍ଟିଧର ପରିଡ଼ା, ସମରେନ୍ଦ୍ରନାଥ ମହାପାତ୍ର, ମମତା ମହାପାତ୍ର, କଲ୍ୟାଣୀ ନନ୍ଦ, ସ୍ମୃତି ଦାସ, ହରମୋହନ କୁଅଁର, ଲଲାଟେନ୍ଦୁ ମହାନ୍ତି, କୈଳାସ ମହାପାତ୍ର, ଡ. ଅବନୀ ପ୍ରଧାନ, ଅରୁଣ ଖିଲାର, ଚୈତାଳି ଖିଲାର, ସଂଯୁକ୍ତା ବଳ, ମନୋରମା ରାୟ, ଜାନକୀ ପାଢ଼ୀ, ମନୋରଞ୍ଜନ ଦାସ, ଅଭିଜିତ୍ ନାୟକ, ମନୋରମା ଆଚାର୍ଯ୍ୟ, ଲକ୍ଷ୍ମୀକାନ୍ତ ବାରିକ, ବାବୁଲାଲ ଦାସ, ସୁଧାକର ରାଉତ, ଅଂଶୁମାନ ସ୍ୱାଇଁ, ଅମେରନ୍ଦ୍ର ପାଣିଗ୍ରାହୀ ଓ ରୂପକବିହାରୀ ରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସୋନମ୍ ମିଶ୍ରଙ୍କ ଦ୍ୱାରା ଅନୁଦିତ ସ୍ୱର୍ଗତ ମହାପାତ୍ରଙ୍କ କବିତା ସଂକଳନ 'ଔର ଭି କୁଛ କହେନା ହେ' ଲୋକାର୍ପିତ ହେବା ସହ ତାଙ୍କ ପରିବାର ତରଫରୁ ଗାନ୍ଧୀ ବାଳାଶ୍ରମକୁ ଝରଣା ପଟ୍ଟନାୟକଙ୍କ ଜରିଆରେ ୧୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଡ. ରାଧାରାଣୀ ମହାପାତ୍ର କବିଙ୍କ ସୃଜନ, ଶୈକ୍ଷିକ ଓ ବ୍ୟକ୍ତିଗତ ଜୀବନ ଉପରେ ସୂଚନା ପ୍ରଦାନ କରିଥିଲେ ଓ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ବେଦପାଠ କରିଥିଲେ। ସ୍ୱାମୀ ଦାଶରଥୀ ଦାଶ, ଭଗ୍ନି ସରୋଜିନୀ ମହାପାତ୍ର, ପୁତ୍ର ପୁଣ୍ୟକାମ ଓ ସତ୍ୟକାମ ଏବଂ ବୋହୂ ଶୁଭଶ୍ରୀ ଓ ଜସ୍ମିନ୍ ସଭା ପରିଚାଳନାରେ ସହାୟତା କରିଥିଲେ। ଶେଷରେ କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ ଓ ଦେବେନ୍ଦ୍ର ପଣ୍ଡା ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ।

## ନିର୍ମଳଝରର ଲୋକାର୍ପିତ

ଦୋଳସାହି,୧୨।୫(ସମିସ): ତିହିଡ଼ି ସତ୍ୟସାଇ ଫାଉଣ୍ଡେସନ ତିହିଡ଼ି ସହାୟତାରେ ୧୦ମ ସାଇ ଜଗବନ୍ଧୁ ନିର୍ମଳଝରର ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସୋମବାର ତିହିଡ଼ି ପୁରୁଣା ହାଟ ନିକଟରେ ଲୋକାର୍ପିତ ହୋଇଯାଇଛି। ଶ୍ରୀସତ୍ୟସାଇ ସେବା ସଂଗଠନର ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ-୧ ଜିଲ୍ଲା ସଭାପତି ଡା. ରଞ୍ଜିତ ଖଟୁଆ, ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ସତ୍ୟସାଇ ଟ୍ରଷ୍ଟ ରାଜ୍ୟ ସଦସ୍ୟ ଇଂ. ସନାତନ ପାତ୍ର, ମନୋଜ ନାୟକ, ଶାନ୍ତିଲତା ବିଶ୍ୱାଳ, ତିହିଡ଼ି ସମିତି ଆବାହକ ସଞ୍ଜୟ ମହାପାତ୍ର ଯୋଗଦେଇଥିଲେ। ତିହିଡ଼ିର ସଂଗଠନର ସକ୍ରିୟ କର୍ମୀ ରବୀନ୍ଦ୍ର ଦାସ, କୈଳାସ ରାଉଳ, ହିମାଂଶୁ ନାୟକ, ରାଜେନ୍ଦ୍ର ଜେନା, ନକୁଳ ମହାପାତ୍ର, ବିଜୟ ନାୟକ, ଭରତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେସନ ଟ୍ରଷ୍ଟି ପାର୍ଥସାରଥୀ ନାୟକ ଫାଉଣ୍ଡେସନ ୯ ବର୍ଷରେ ପଦାର୍ପଣ କରିଥିବାବେଳେ ଗରିବ ରୋଗୀଙ୍କୁ ଚିକିତ୍ସାରେ ସହାୟତା, ଗରିବ ମେଧାବୀ ପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସହାୟତା, ଚାରାରୋପଣ ଇତ୍ୟାଦି ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଜାରି ରଖିଥିବା ସୂଚନା ଦେଇଥିଲେ। ଏହି ଅବସରରେ ସୁଶାନ୍ତ ଜେନା, ଦେବବ୍ରତ ଜେନା, ଅଜୟ ଜେନାଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ଲେଖାଏଁ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିଲା।

## ଗାନ୍ଧୀ ବାଳାଶ୍ରମରେ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ



ଭଦ୍ରକ,୧୨।୫(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ସଂଗଠକ ଗୋପବନ୍ଧୁ ଚୌଧୁରୀଙ୍କ ୧୩୧ତମ ଜୟନ୍ତୀ ଗାନ୍ଧୀ ବାଳାଶ୍ରମ ଓ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ମିଳିତ ଆନୁକୂଲ୍ୟରେ ଗାନ୍ଧୀ ବାଳାଶ୍ରମରେ ପାଳିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରୀ ସେବା ଘର ତଥା ଯାଜପୁର ଜିଲ୍ଲା ସର୍ବୋଦୟ ମଣ୍ଡଳ ସମ୍ପାଦକ ନିମାଇଁ ଚରଣ ରାୟ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ମଦନମୋହନ ମହାକୁଡ଼, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ତଥା ଉପଦେଷ୍ଟା ଡ. ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ଶିଶୁମଙ୍ଗଳ ସମିତି ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର କର, ଗାନ୍ଧୀ ବିଚାର ମଞ୍ଚ ସମ୍ପାଦକ ସୁଧାକର ରାଉତ ଓ ଶିକ୍ଷକ କାଲାମ ଖାଁ ପ୍ରମୁଖ ଯୋଗେଦଇ ସ୍ୱର୍ଗତ ଚୌଧୁରୀଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ଦେଶପ୍ରେମ, ସମାଜସେବା, ନାରୀ ଶିକ୍ଷା, ନିଶା ନିବାରଣ, କୁଷ୍ଠ ରୋଗୀଙ୍କ ସେବା, ଆର୍ଥିକ ସମତା, ରାଷ୍ଟ୍ରଭକ୍ତି ଓ ଭୂଦାନ ଆନ୍ଦୋଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯଥାର୍ଥରେ ସେ ଥିଲେ ଜଣେ ସ୍ୱଚ୍ଛ ଗାନ୍ଧୀବାଦୀ ଓ ରଚନାତ୍ମକ କର୍ମୀ। ସତ୍ୟ, ଅହିଂସା, ସର୍ବୋଦୟ, ସତ୍ୟାଗ୍ରହ ପରି ସ୍ୱର୍ଗତ ଚୌଧୁରୀଙ୍କ ଆଦର୍ଶରେ ଆମେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ସର୍ବୋଦୟ ମଣ୍ଡଳ ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ ସଭାର ଉଦ୍ଦେଶ୍ୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରମାକାନ୍ତ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଭଦ୍ରକ,୧୨।୫(ସମିସ): ଭଦ୍ରକ ଉତ୍ତର ବାହିନୀସ୍ଥିତ ସାଳନ୍ଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ଇଂରାଜୀ ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ଦାସ ଓ ପ୍ରାକ୍ତନ ଅଧ୍ୟାପକ ଶୁଭକାନ୍ତ କୁଅଁର ଯୋଗଦେଇଥିଲେ। ଯୁକ୍ତ ୩ କଲେଜ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଅଧ୍ୟାପିକା ମଧୁମିତା ସ୍ୱାଇଁ, ବିଶ୍ୱଜିତ୍ ରାଉତ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ସଭାରେ ଅଧ୍ୟାପିକା ଅଳକା ସାହୁ, ଅଧ୍ୟାପିକା କୁଦୁସିଆ ଜମାଲ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଦାସ, ଅଧ୍ୟାପକ ଦେବେନ୍ଦ୍ର ପ୍ରସାଦ ସାହୁ, ଅଧ୍ୟାପିକା ମମତା ଜେନା, ଅଧ୍ୟାପକ ଲକ୍ଷ୍ମଣ କିଷାନ୍, ସାଦବ୍ କାଦ୍ରୀ, ସଂଯୁକ୍ତା ପାଢ଼ୀ, ସୁଷମା ସାହୁ, ବବିତା ମହାନ୍ତି, ଅମର ପରିଡ଼ା ଓ ପ୍ରଭାତ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଯୁକ୍ତ ୩ କଲେଜ ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକ ଓ ସ୍ମୃତିରଞ୍ଜନ ସ୍ୱାଇଁ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଳା ସଂସ୍କୃତିକୁ ବଜାୟ ରଖିଛନ୍ତି ପାଲା ଗାୟକ ପ୍ରବୋଧ ନାୟକ



ଅସୁରାଳି,୧୨।୫(ସମିସ): ଆଧୁନିକ ସଭ୍ୟତାର ଚାକଚକ୍ୟରେ ଓଡ଼ିଆଙ୍କ ପାରମ୍ପରିକ ଲୋକକଳା 'ପାଲା' ଧୀରେ ଧୀରେ ନିଶ୍ଚିହ୍ନ ହୋଇଯାଉଥିବା ବେଳେ, ଏହାର ସୁରକ୍ଷା ଓ ପ୍ରଚାରପ୍ରସାର ପାଇଁ ନିଜକୁ ସମର୍ପିତ କରିଛନ୍ତି ପାଲା ଗାୟକ ପ୍ରବୋଧ ନାୟକ। ହସନାବାଦ ପଞ୍ଚାୟତ ଅନ୍ତର୍ଗତ ପଙ୍ଗଟା ଗାଁର ଏହି ଅନୁଭବୀ ଶିଳ୍ପୀ ଆଜି ନିଜର ନିଷ୍ଠା ଓ କଳାନୈପୁଣ୍ୟ ଯୋଗୁଁ ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପିତା ଉଗ୍ରେସନ ଓ ମାତା ନେତ୍ରମଣିଙ୍କ ସୁପୁତ୍ର ପ୍ରବୋଧଙ୍କ କଳାତ୍ମକ ଯାତ୍ରା ୧୯୮୩ ମସିହାରୁ ଆରମ୍ଭ ହୋଇଥିଲା। ଗୁରୁ କରୁଣାସିନ୍ଧୁ ନାୟକଙ୍କ ନିର୍ଦ୍ଦେଶନାରେ ପାଲା ଶିକ୍ଷା କରି ସେ ନିଜର ଗାୟନଶୈଳୀକୁ ଏପରି ଶାଣିତ କରିଛନ୍ତି ଯେ, ଓଡ଼ିଶାର ଏପରି କୌଣସି ଜିଲ୍ଲା ନାହିଁ ଯେଉଁଠାରେ ସେ ପାଲା ପରିବେଷଣ କରି ସୁଖ୍ୟାତି ଅର୍ଜନ କରିନାହାନ୍ତି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସେ ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିଛନ୍ତି। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ବିହାରରେ ମଧ୍ୟ ସେ ଜଣେ ଜଣାଶୁଣା ପାଲା ଗାୟକ ଭାବେ ବେଶ୍ ପ୍ରସିଦ୍ଧିଲାଭ କରିଛନ୍ତି। ସେଠାରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା ପରିବେଷଣ କରି ସେ ଓଡ଼ିଆ କଳା ଓ ସଂସ୍କୃତିର ବିଜୟ ଧ୍ୱଜା ଉଡ଼ାଇଛନ୍ତି। ପାଲା ମାଧ୍ୟମରେ ସଂସ୍କୃତି, ଧର୍ମ ଏବଂ ସମାଜ ସଂସ୍କାରର ବାର୍ତ୍ତା ପହଞ୍ଚାଇବାକୁ ସେ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି।

**ଆଖୁଆପଦା ଆନିକଟ**

# ମରାମତି ବିନା ବନ୍ୟା ପରିଚାଳନା ଅସମ୍ଭବ

ବାରିକପୁର,୧୨।୫(ସମିସ)



ବର୍ଷା ଋତୁ ଆଗମନକୁ ଦିନ କେତେଟା ବାକି ରହିଥିବାବେଳେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସାଧାରଣତଃ ପହିଲି ରଜ ପରେ ମଧ୍ୟମ ଧରଣର ବର୍ଷା ହେଲେ ଭଣ୍ଡାରିପୋଖରୀ ଦେଇ ଯାଇଥିବା ବୈତରଣୀ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଥାଏ। ଏହା ପୂର୍ବରୁ ନଦୀ ବନ୍ଧଗୁଡ଼ିକରେ ଥିବା ଦୁର୍ବଳ ତଥା ବିପଦସଙ୍କୁଳ ସ୍ଥାନକୁ ମରାମତି କରାଯାଇଥାଏ। ବୈତରଣୀ ନଦୀ ବନ୍ୟା ଯୋଗୁଁ ଭଣ୍ଡାରିପୋଖରୀ ସମେତ ଧାମନଗର, ଚାନ୍ଦବାଲି ବ୍ଲକ୍ ପ୍ରଭାବିତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀରେ ଜଳସ୍ତର ବୃଦ୍ଧି ହେଲେ ଆଖୁଆପଦା ଆନିକଟଠାରେ ବନ୍ୟା ଜଳକୁ ଆନୁପାତିକ ଭାବେ ସୂଚାରୁ ରୂପେ ପରିଚାଳନା କରାଯାଇଥାଏ। ବନ୍ୟା ଜଳ ପରିଚାଳନା ପାଇଁ ନଦୀ ଗର୍ଭରେ ୩୧୨ ମିଟର ଦୈର୍ଘ୍ୟ ବିଶିଷ୍ଟ କଂକ୍ରିଟ ବନ୍ଧ ରହିଥିବାବେଳେ ସେଥିରେ ଟ୍ରେ ସଟର ମଧ ରହିଛି। ଏହାଛଡ଼ା ଆଖୁଆପଦା ପାଶ୍ୱର୍ରେ ଦୁଇଟି ଓ ମାଳ ଆନନ୍ଦପୁର ବୈତରଣୀ ସଂଯୁକ୍ତ ବୁଢ଼ା ନଦୀରେ ଗୋଟିଏ ବୃହତ୍ ଲୁହା ସଟର ମଧ ନିର୍ମାଣ ହୋଇଛି। ସୂଚନା ମୁତାବକ, ୧୯୯୫-୯୬ରେ ଚାଷ ଜମିକୁ ଜଳ ଯୋଗାଣ ସହିତ ବନ୍ୟା ଜଳ ପରିଚାଳନା ପାଇଁ ଆନିକଟ ନିର୍ମିତ ହୋଇଥିବାବେଳେ ଦୀର୍ଘ ବର୍ଷ ମଧ୍ୟରେ ଏହାର ଆଉ ସେମିତି ନବୀକରଣ କାର୍ଯ୍ୟ ହୋଇନାହିଁ। ଜଳସମ୍ପଦ ବିଭାଗ ପକ୍ଷରୁ ବେଳେବେଳେ ଆନିକଟ ସଟର ସହିତ ଅନ୍ୟ କିଛି ବୈଦ୍ୟୁତିକ ଯନ୍ତ୍ରାଂଶଗୁଡ଼ିକୁ ମରାମତି କରାଯାଇଥାଏ। ପରିତାପର ବିଷୟ ଚଳିତ ବର୍ଷ ଏହା ଉପରେ ବିଭାଗୀୟ ଅଧିକାରୀମାନେ ମରାମତି ପାଇଁ ଏଯାଏଁ ଧ୍ୟାନ ଦେଉନାହାନ୍ତି। ନଦୀ ମଧ୍ୟରେ ନିର୍ମିତ କଂକ୍ରିଟ୍ ୱାଲ୍ ତଳ ଭାଗରେ ଥିବା ପଥର ପ୍ୟାକିଙ୍ଗ୍ କେବେଠାରୁ ନଷ୍ଟ ହୋଇଯାଇଛି। ଏପରିକି ବଡ଼ ବଡ଼ ପଥର ସବୁ ନଦୀ ଅବବାହିକାରେ ଏଣେତେଣେ ବିକ୍ଷିପ୍ତ ଭାବେ ପଡ଼ି ରହିଛି। ଏଥିଯୋଗୁଁ ନଦୀ ମଧ୍ୟରେ ଥିବା କଂକ୍ରିଟ ବନ୍ଧ ଦୁର୍ବଳ ହେଉଥିବା କୁହାଯାଇଛି। ଟ୍ରେ ସଟର, ବିଦ୍ୟୁତ୍ ସଂଯୋଗ ଓ ବନ୍ୟା ଜଳ ନିଷ୍କାସନ ପାଇଁ ଥିବା ଲୁହା ଗେଟ୍‌କୁ ମଧ ଏଯାଏଁ ପରୀକ୍ଷା ନିରୀକ୍ଷା ସହିତ ମରାମତି କରାଯାଉନାହିଁ। କେବଳ ବନ୍ୟା ଜଳ ମାପିବା ପାଇଁ ଥିବା ଗେଜ୍‌କୁ ରଙ୍ଗ ଦିଆଯାଇଛି। ବର୍ଷା ଦିନ ପୂର୍ବରୁ ଆନିକଟ ମରାମତି କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ବିଭାଗ ପକ୍ଷରୁ କେବେ ମରାମତି କାର୍ଯ୍ୟ ହେବ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏନେଇ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲଙ୍କୁ ପଚାରିବାରୁ ସେ ଏ ବାବଦରେ ଅଧସ୍ତନ ଅଧିକାରୀଙ୍କୁ କହିଥିବା ସୂଚନା ଦେଇଛନ୍ତି। କେବେ ବିଭାଗୀୟ ଅଧିକାରୀ ଏ ଦିଗରେ ତତ୍ପରତା ପ୍ରକାଶ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରୟାଲ ଇଲେଭେନ ଚାମ୍ପିଅନ




ଧାମନଗର,୧୨।୫(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡ ଅଧୀନସ୍ଥ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍ ପରିସରରେ କ୍ରାନ୍ତି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଇଲେଭେନ୍ ଫଲ୍ଲୋର୍ସକୁ ପରାସ୍ତ କରି ରୟାଲ ଇଲେଭେନ୍ ଚାମ୍ପିଅନ ହୋଇଛି। ଏଥିରେ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ସେକ୍ ମୁକ୍ତାର ଅହେମ୍ମଦଙ୍କ ତତ୍ତ୍ୱାବଧାନରେ ଗତ ମାସ ୨୪ତାରିଖରୁ ଆରମ୍ଭ ହୋଇଥିବାବେଳେ ଏଥିରେ ୧୨ଟି ଟିମ୍ ଭାଗ ନେଇଥିଲେ। ଗତ ୧୦ ତାରିଖ ଉଦ୍‌ଯାପନୀ ଦିବସରେ ରୟାଲ ଇଲେଭନ ଏବଂ ଇଲେଭନ ଫଲ୍ଲୋର୍ସ ମଧ୍ୟରେ ୨୦ ଓଭର ବିଶିଷ୍ଟ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହେମେନ୍ଦ୍ର ମହାନ୍ତି, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ମନ୍ମଥ କୁମାର ରାଉତ, ଏମ୍‌ଡି ହବିବୁଲ କରିମ୍, ସମାଜସେବୀ ସେକ୍ ହଲିମ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା ହେଉଛି ଭାଇଚାରାର ପ୍ରତୀକ ଓ ନୂତନ ଆଶାର ସଞ୍ଚାର ଏବଂ ଶରୀରର ବ୍ୟାୟାମର ଅଂଶ ବିଶେଷ ବୋଲି ସୂଚନା ପ୍ରଦାନ କରିଥିଲେ। ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ ସହିତ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓଲି ମହମ୍ମଦ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜ୍ୟୋତି ପ୍ରକାଶ ବାରିକ, ସ୍କୋରର ଗୁଗୁଲ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। କିଶୋର ନାୟକ ଓ ମଳୟ ରଞ୍ଜନ ଜେନା ଖେଳ ପରିଚାଳନା କରିଥିଲେ। କେପିଏଲ୍‌ର ଅଧ୍ୟକ୍ଷ ବିଶ୍ୱଜିତ ବାରିକ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ସେକ ମୁକ୍ତାର ଅହେମ୍ମଦ ଧନ୍ୟବାଦ ଦେଇଥିଲେ।

## ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣା

# ପରୀକ୍ଷା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କ ଭରସାକୁ ଆଘାତ କରିଛି : ରୋହିତ

ସମ୍ବଲପୁର, ୧୨।୫ (ସମିସ)

ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣା ଦେଶର ପରୀକ୍ଷା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କର ଭରସାକୁ ଗୁରୁତର ଭାବେ ଆଘାତ କରିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଲକ୍ଷ ଲକ୍ଷ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଓ ଭବିଷ୍ୟତ ସହ ଅନ୍ୟାୟ। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଚିନ୍ତାଜନକ ଘଟଣା, ଯେଉଁ ଛାତ୍ରଛାତ୍ରୀମାନେ ବର୍ଷରୁ ବର୍ଷ କଠିନ ପରିଶ୍ରମ, ଶୃଙ୍ଖଳା ଓ ନିଦ୍ରାହୀନ ହୋଇ ଦିନ ରାତି ଧରି ପ୍ରସ୍ତୁତି କରୁଛନ୍ତି, ସେମାନଙ୍କ ଭବିଷ୍ୟତ ସହ ଏପରି ଖେଳ କେବେବି ଗ୍ରହଣଯୋଗ୍ୟ ନୁହେଁ। ସେ କହିଛନ୍ତି ଯେ, ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତାର ଘଟଣା ଏହା ପ୍ରଥମ ନୁହେଁ। ବାରମ୍ବାର ଏପରି ଘଟଣା ଘଟିବା ଫଳରେ ଛାତ୍ରଛାତ୍ରୀଙ୍କ ମନରେ ଚିନ୍ତା, ନିରାଶା ଓ ଅବିଶ୍ୱାସ ବଢୁଛି। ସତ୍ୟନିଷ୍ଠ ଓ ଯୋଗ୍ୟ ପରୀକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଭାଙ୍ଗି ପଡୁଛି। ଇଂ ପୂଜାରୀ ଦାବି କରିଛନ୍ତି ଯେ, ସମଗ୍ର ଘଟଣାର ନିଷ୍ପକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେ କହିଛନ୍ତି ଯେ, ଦେଶର ଯୁବପିଢ଼ୀଙ୍କ ଭବିଷ୍ୟତ ସହ କୌଣସି ପ୍ରକାରର ସମ୍ମତି କରାଯାଇ ପାରିବ ନାହିଁ। ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ପୁନଃସ୍ଥାପିତ କରିବା ଅତ୍ୟନ୍ତ ଅବଶ୍ୟକ, ଯାହା ଫଳରେ ଛାତ୍ରଛାତ୍ରୀଙ୍କର ଭରସା ପୁନର୍ବାର ସୁଦୃଢ଼ ହୋଇପାରିବ। ବିଜୁ ଜନତା ଦଳ, ସମ୍ବଲପୁର ପକ୍ଷରୁ ନ୍ୟାୟ ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ଏହି ସଂଗ୍ରାମରେ ସମ୍ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି କହିଛନ୍ତି।

## ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ପ୍ରତିବାଦ

ନିଟ୍-ୟୁଜି ୨୦୨୬ ପରୀକ୍ଷାରେ ପେପର ଲିକ୍ ଅଭିଯୋଗ ଏବଂ ଏନ୍‌ଟିଏ ପକ୍ଷରୁ ପରୀକ୍ଷା ବାତିଲ ଘଟଣାକୁ ନେଇ ଆଜି ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ




ସମ୍ବଲପୁରର ବୁଦ୍ଧିଜୀବୀମାନେ ଯୋଗଦେଇ କେନ୍ଦ୍ର ସରକାର ଓ ଏନ୍‌ଟିଏ ବିରୋଧରେ କ୍ଷୋଭ ପ୍ରକାଶ କରିଥିଲେ। ଦେଶର ଯୁବ ସମାଜର ଭବିଷ୍ୟତ ସହ ଏଭଳି ଖେଳ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ। ଏହି ଘଟଣା ଛାତ୍ରଛାତ୍ରୀଙ୍କ ମାନସିକ ଚାପ ବଢ଼ାଇବା ସହ ତାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟରେ ପକାଇଦେଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ନିଟ୍ ପେପର ଲିକ୍ ଘଟଣାର ନିଷ୍ପକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଦେଶର ପରୀକ୍ଷା ପ୍ରଣାଳୀକୁ ରାଜନୀତିରୁ ଦୂରେ ରଖି ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ବ୍ୟବସ୍ଥା ଗଢ଼ାଯାଉ ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି କରାଯାଇଥିଲା। ଶ୍ରମିକ ନେତା ଗଦାଧର କୁଅଁର, ଗୋକୁଳ ମେହେର, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ଚାଷୀ ନେତା ସରୋଜ ମହାନ୍ତି, ନଟୁ ଗୋପାଳ, ପରଭେଜ ଅଲିଖାଁ, ଆଲେଖିକା ପାଣି, ମନୋଜ ମହାପାତ୍ର, ପ୍ରଶାନ୍ତ ଥାପା, ଯୁବ ନେତା ସୁମିତ ପଟେଲ, ଛାତ୍ର ନେତା ଚୁମନ ପ୍ରଧାନ, ଭୂପେନ ସାହୁ, ରାଜକୁମାର ଛୁରା, ରତ୍ନା ବାଗ, ଶିବୁ ସେଠ, ଆର୍ଯ୍ୟନ ନାୟକ, ଆକାଶ ବିଶ୍ୱାଳ, ଗୌରବ ବିଶି, ତନ୍ମୟ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରେସିଭ ସମ୍ବଲପୁର ସହ ଆବାହକ ଦେବଜ୍ୟୋତି ପଟ୍ଟନାୟକ ପରିଚାଳନାର ସହଯୋଗ କରିଥିଲେ।

## ଦେଶର ଶିକ୍ଷା ବ୍ୟବସ୍ଥା ପାଇଁ ବଡ଼ କଳଙ୍କ : ସଞ୍ଜିତ

ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ନେସନାଲ ଟେଷ୍ଟିଙ୍ଗ ଏଜେନସି (ଏନ୍‌ଟିଏ) ବାତିଲ କରିବା ଘଟଣାକୁ ନେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି କେନ୍ଦ୍ର ସରକାରଙ୍କ ଅପାରଗତା ଓ ଶିକ୍ଷା ପ୍ରତି ଅବହେଳାର ନିଦର୍ଶନ ବୋଲି ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଦେଶର ସର୍ବବୃହତ ଚିକିତ୍ସା ପ୍ରବେଶିକା ପରୀକ୍ଷାରେ ପୁନଃ ପେପର୍ ଲିକ୍ ଅଭିଯୋଗ ଓ ପରୀକ୍ଷା ବାତିଲ ଘଟଣା କେନ୍ଦ୍ର ସରକାରଙ୍କ ଚରମ ବିଫଳତା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୁର୍ବଳ ପରିଚାଳନାକୁ ପ୍ରକାଶ କରିଛି। ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀ ଦିନରାତି ପରିଶ୍ରମ କରି ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ର ସରକାର ନିରାପଦ ଓ ସ୍ୱଚ୍ଛ ପରୀକ୍ଷା ପରିଚାଳନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ୨୦୨୪ ମସିହାରେ ନିଟ୍-ୟୁଜି ପରୀକ୍ଷାରେ ପେପର୍ ଲିକ୍ ଓ ଅନିୟମିତତା ନେଇ ସାରା ଦେଶରେ ବିବାଦ ସୃଷ୍ଟି ହୋଇଥିଲା। ସେହି ଘଟଣାରୁ ଶିକ୍ଷା ନ ନେଇ ପୁଣି ୨୦୨୬ ରେ ସେହିପରି ସ୍ଥିତି ସୃଷ୍ଟି ହେବା ଦେଶର ଶିକ୍ଷା ବ୍ୟବସ୍ଥା ପାଇଁ ଏକ ବଡ଼ କଳଙ୍କ ବୋଲି କହିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ପରୀକ୍ଷା ପ୍ରଣାଳୀର ସୁରକ୍ଷା ପ୍ରତି ସରକାରଙ୍କ କୌଣସି ଗୁରୁତ୍ୱ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ଆହୁରି ମଧ୍ୟ ଶ୍ରୀ ମହାନ୍ତି କହିଛନ୍ତି ଯେ, ନିଟ୍-ୟୁଜି ୨୦୨୬ ବାତିଲ ହେବା ଦ୍ୱାରା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତି ପ୍ରଭାବିତ ହେଇଛି। ବର୍ଷବର୍ଷ ଧରି ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ମାନେ ଏବେ ଅନିଶ୍ଚିତତା ଓ ଚାପରେ ଅଛନ୍ତି। ଏହା କେବଳ ଏକ ପରୀକ୍ଷା ବାତିଲ ଘଟଣା ନୁହେଁ, ବରଂ କେନ୍ଦ୍ର ସରକାରଙ୍କ ଅବହେଳା, ଅଦକ୍ଷତା ଓ ଦୁର୍ବଳ ପରିଚାଳନାର ପ୍ରତିଫଳନ ବୋଲି କହିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାକୁ ରାଜନୀତିରୁ ଦୂରରେ ରଖି ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ପରୀକ୍ଷା ପରିଚାଳନା ପାଇଁ ଓ ପ୍ରଶ୍ନ ପତ୍ର ଲିକ୍‌ରେ ଦୋଷୀଙ୍କ ବିରୋଧରେ କେନ୍ଦ୍ର ସରକାର ତୁରନ୍ତ କଠୋର ପଦକ୍ଷେପ ନେବା ପାଇଁ ଦାବୀ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଛାତ୍ର ମୃତ

**ସମ୍ବଲପୁର, ୧୨।୫ (ସମିସ):** ସୋମବାର ରାତି ପ୍ରାୟ ୧୨ଟା ସମୟରେ ସମ୍ବଲପୁର ରିଂରୋଡ୍‌ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏଥିରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଝାଡୁଆପଡ଼ା ନିକଟସ୍ଥ ରିଂରୋଡରେ ବୁଲେଟ୍‌ଟି ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହେବାରୁ ଏହି ଦୁର୍ଘଟଣା ଘଟିଛି। ଭିସୁଟ୍ ଛାତ୍ର ବାଇକ୍ ଚାଳକ ଧନୁପାଲି ବାସିନ୍ଦା ରଞ୍ଜନ ପଣ୍ଡା (୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ତାଙ୍କ ପଛରେ ବସିଥିବା ରେଳନଗରର ଆୟୁଷ କୁମାର ନାଏକ (୨୦) ଗୁରୁତର ଆହତ ହୋଇଥିବା କ୍ଷେତରାଜପୁର ପୁଲିସ ସୂଚନା ଦେଇଛି।

## ଲଜ୍‌ରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଚିଣ୍ଡା, ୧୨।୫(ସମିସ):** କୁଚିଣ୍ଡାସ୍ଥିତ ଏକ ଲଜରେ ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତବର୍ତ୍ତୀ ସୋଲ, ସୁଗୁଡାଗ୍ରାମର ପ୍ରଦୀପ କୁମାର କାଲୋ (୨୭) ଓ ମହୁଲପାଲି ଥାନା ଅଞ୍ଚଳର ଜଣେ ୨୩/୨୪ ବର୍ଷୀୟ ଯୁବତୀ ଲଜରେ ସୋମବାର ରାତ୍ରିଯାପନ କରିଥିଲେ। ଉଭୟଙ୍କ ମଧ୍ୟରେ କଣ ହେଲା କେଜାଣି ଯୁବକ ଜଣକ ଲଜ ଭିତରେ ଦଉଡି ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଯୁବତୀ ଜଣକ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ମଙ୍ଗଳବାର ଭୋରୁ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରିଥିଲେ। ବୁର୍ଲା ଡାକ୍ତରଖାନାରେ ଯୁବକ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏନେଇ କୁଚିଣ୍ଡା ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନଥିବା ବେଳେ ଡାକ୍ତରଖାନାର ରେଜିଷ୍ଟରରେ ମଧ୍ୟ ଉଲ୍ଲେଖ ହୋଇନଥିବା ଜଣାପଡ଼ିଛି।

## କଫସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୨।୫ (ସମିସ):** ଧନୁପାଲି ଥାନା ପୁଲିସ କଫସିରପ୍ କାରବାର କରୁଥିବା ଜଣେ ଯୁବକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୁଲିସ ମାଉଲି ନଗର, ଚାରବାଟି ଅଞ୍ଚଳରେ ଚଢ଼ଉ କରି ମୋତିଝରଣ ଅଞ୍ଚଳର ମହମ୍ମଦ ସମିର ଓରଫ୍ ମନୁ (୨୨)ଠାରୁ ୧୨ଟି କଫସିରପ୍, ୨୦ ଲିଟର ମଦ ଏବଂ ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା ଜବତ କରିଛି। ପୁଲିସ କେସ ନଂ. ୧୭୨/୨୦୨୬ ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି।

## ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୧୨।୫ (ସମିସ) :** ଜଣେ ମହିଳାଙ୍କ ଅଶ୍ଳୀଳ / ବ୍ୟକ୍ତିଗତ ଫଟୋ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେହୁରା ସୂଚନା ଦେଇଛନ୍ତି। ଛି। ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଥାନା, ସମ୍ବଲପୁର କେସ୍ ନଂ. ୯/୧୮-୩-୨୦୨୬ ଦଫା ୭୮/୭୯/୩୧୯(୨) ବିଏନ୍‌ଏସ୍/ ଧାରା ୬୭/୬୭(ଏ) ଆଇଟି ଆଇନ୍ ଅନୁଯାୟୀ ୭୮/୭୯/୩୧୯(୨) ବିଏନ୍‌ଏସ୍/ ଧାରା ୬୬(ସି)/୬୭/୬୭(ଏ) ଆଇଟି ଆଇନ୍‌ରେ ମାମଲା ରୁଜୁ ହୋଇଛି।

ଅତିରିକ୍ତ ଏସପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦେବଗଡ଼ ଜିଲାର ଲିଟେନ କିଷାନ(୨୮)ଙ୍କ ସହ ପୀଡ଼ିତା ଯୁବତୀଙ୍କ ବିବାହ ସ୍ଥିର ହୋଇଥିଲା। ସମ୍ପର୍କ ମଧ୍ୟରେ ଅଭିଯୁକ୍ତ ଜଣକ ଗୋପନରେ ଯୁବତୀଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଓ ଭିଡିଓ ଉଠାଇଥିଲା। ପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରିବାସହ ଅନ୍ୟତ୍ର ବିବାହ କରିବାକୁ ଉଦ୍ୟମ କଲେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ସେ ଧମକ ଦେଇଥିବା ପିଡ଼ିତା ଅଭିଯୋଗ କରିଛନ୍ତି। ପୁଲିସର ତଦନ୍ତ ସମୟରେ ଜଣାଗଲା ଯେ, ଅଭିଯୁକ୍ତ ଇନଷ୍ଟାଗ୍ରାମରେ






ଏକ ନକଲି ଆକାଉଣ୍ଟ ଖୋଲି ସେଥିରେ ଯୁବତୀଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ଅପଲୋଡ କରିଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗ ପରେ ବିଭିନ୍ନ ବୈଷୟିକ ପଦ୍ଧତିରେ ତଦନ୍ତ କରି ପୋଲିସ ସେହି ନକଲି ଆକାଉଣ୍ଟଟି ଲିଟେନଙ୍କ ମୋବାଇଲ ନମ୍ବର ସହ ସଂଯୁକ୍ତ ଥିବା ଓ ସେ ବେଙ୍ଗାଲୁରୁରେ ରହୁଥିବା ଜାଣିବାକୁ ପାଇଥିଲା। ଏହାବାଦ ସାଇବର ପୁଲିସର ଏକ ଦଳ ବେଙ୍ଗାଲୁରୁରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ନିକଟରୁ ଗୋଟିଏ ସ୍ମାର୍ଟଫୋନ୍, ସିମ୍ କାର୍ଡ, ମେମୋରି କାର୍ଡ ଓ ଆଧାର କାର୍ଡ ସହ ଅଶ୍ଳୀଳ ଫଟୋ ଓ ଡିଜିଟାଲ କଣ୍ଟେଣ୍ଟ ଜବତ କରାଯାଇଛି। ପୁଲିସ ଅଭିଯୁକ୍ତ ଲିଟେନକୁ ଆଜି କୋର୍ଟଚାଲାଣ କରିଛି।

ପୁଲିସ୍ ପକ୍ଷରୁ ଜନସାଧାରଣଙ୍କୁ ସାମାଜିକ ଗଣମାଧ୍ୟମ କିମ୍ବା ଅଜଣା ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବ୍ୟକ୍ତିଗତ ଫଟୋଗ୍ରାଫ୍, ଭିଡିଓ, ଓଟିପି କିମ୍ବା ବ୍ୟକ୍ତିଗତ ସୂଚନା ସେୟାର ନ କରିବାକୁ ପରାମର୍ଶ ଦିଆଯାଇଛି। ସାଇବର ଉତ୍ପୀଡ଼ନ, ନକଲି ସାମାଜିକ ଗଣମାଧ୍ୟମ ଆକାଉଣ୍ଟ କିମ୍ବା ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ ସହିତ ଜଡ଼ିତ ଯେକୌଣସି ଘଟଣା ତୁରନ୍ତ ଜାତୀୟ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ କିମ୍ବା ନେସନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ରିପୋର୍ଟ କରାଯାଇପାରିବ ବୋଲି କୁହାଯାଇଇଛି।

## ସହିଦ ମାଧୋ ସିଂହଙ୍କ ସମ୍ପର୍କରେ ଭ୍ରମାତ୍ମକ ତଥ୍ୟକୁ ଓଡ଼ିଶା ସାଂସ୍କୃତିକ ସମାଜର ବିରୋଧ

**ସମ୍ବଲପୁର, ୧୨।୫ (ସମିସ) :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସପ୍ତମ ଶ୍ରେଣୀ ପାଇଁ ପ୍ରସ୍ତୁତ ପାଠ୍ୟପୁସ୍ତକ 'ସାହିତ୍ୟ ସୁମନ'ରେ ମହାନ ସ୍ୱାଧୀନତା ସଂଗ୍ରାମୀ ଘେଁସ ଜମିଦାର ମାଧୋ ସିଂହଙ୍କ ସମ୍ପର୍କରେ ରଚନାକୁ ସ୍ଥାନ ଦେବା ଯେତେ ପ୍ରଶଂସନୀୟ, ଲେଖାଟି ଅତିଶୟ ଭ୍ରମାତ୍ମକ ହେବା ସେତେ ଦୁଃଖ ଓ ପରିତାପର ବିଷୟ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ କୁହାଯାଇଛି। ଡଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓଡ଼ିଶା ସାଂସ୍କୃତିକ ସମାଜର ଏକ ବୈଠକରେ ଆଜି ଏହି ବିଷୟ ଉପରେ ଆଲୋଚନା କରାଯାଇ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ଖୋଦ୍ ଓଡ଼ିଶା ସରକାର ଡିସେମ୍ବର ୩୧କୁ ମାଧୋ ସିଂହଙ୍କ ଫାଶୀ ଦିବସକୁ ବୀରତା ଦିବସ ରୂପେ ପାଳନ କରିଆସୁଥିବା ବେଳେ ମାଧୋ ସିଂହ ପାଠ୍ୟର ଲେଖକ କେଉଁ ଆଧାରରେ ଡିସେମ୍ବର ୨୨ ତାରିଖରେ ମାଧୋ ସିଂହଙ୍କୁ ଫାଶୀ ଦିଆଯାଇଥିଲା ବୋଲି ଲେଖିଛନ୍ତି ତାହା ବୁଝାପଡୁନାହିଁ ବୋଲି ସଦସ୍ୟମାନେ କହିଛନ୍ତି। ସାଂସ୍କୃତିକ ସମାଜ ପକ୍ଷରୁ କୁହାଯାଇଛି, ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ସମେତ ଅନେକ ନାମର ଭୁଲ ବନାନ ତଥା ଭ୍ରମାତ୍ମକ ତଥ୍ୟ ପ୍ରଦାନ କରିଛନ୍ତି। ମାଧୋ ସିଂହଙ୍କ କନ୍ୟା ଛତିଶଗଡ଼ ଜମିଦାରଙ୍କୁ ନୁହେଁ, ମାଧୋଙ୍କ ନାତୁଣୀ ତଥା କୁଞ୍ଜଲ ସିଂହଙ୍କ କନ୍ୟା ଛତିଶଗଡ଼ର ସୋନାଖାନର ଜମିଦାର ନାରାୟଣ ସିଂହଙ୍କ ପୁତ୍ର ଗୋବିନ୍ଦ ସିଂହଙ୍କୁ ବିବାହ କରିଥିଲେ। ଘେଁସର ଅବସ୍ଥିତି ସମ୍ପର୍କରେ ମଧ୍ୟ ଭୁଲ ସୂଚନା ଦିଆଯାଇଛି। ମାଧୋ ସିଂହ ତଥା ସମ୍ବଲପୁର ସଂଗ୍ରାମ ସମ୍ପର୍କରେ ଲେଖକଙ୍କ ଜ୍ଞାନ ନ ଥିବା ତଥା ସେ ଏ ସମ୍ପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ବିବରଣୀ ସଂଗ୍ରହ କରିବା ପାଇଁ ଉଦ୍ୟମ ସୁଦ୍ଧା କରିନଥିବା ପ୍ରତୀତ ହେଉଛି। ଏପରି ଭ୍ରମାତ୍ମକ ଲେଖା ମହାନ ସହିଦ ମାଧୋ ସିଂହ, ତାଙ୍କ ପରିବାରର ଅନ୍ୟ ବଳିଦାନ ଦେଇଥିବା ସଦସ୍ୟ ତଥା ଘେଁସ ସଂଗ୍ରାମୀ ପରିବାର ପ୍ରତି ଭକ୍ତିଭାବ ଥିବା ଅଗଣିତ ଜନତାଙ୍କ ପ୍ରତି ଅପମାନ ଅଟେ। ଏଭଳି ଭ୍ରମାତ୍ମକ ଆଲେଖ୍ୟ ଅକ୍ଷମଣୀୟ ତ୍ରୁଟି ଅଟେ। ଅବିଳମ୍ବେ ଏହାର ପୁନଃଲିଖନ ଓ ପୁନଃମୁଦ୍ରଣ କରାଯିବା ପାଇଁ ଓଡ଼ିଶା ସାଂସ୍କୃତିକ ସମାଜ ଦାବି କରିଛି। ସାଂସ୍କୃତିକ ସମାଜର ସମ୍ପାଦକ ଦୀନବନ୍ଧୁ ପଣ୍ଡା, ଐତିହାସିକ ଦୀପକ କୁମାର ପଣ୍ଡା, ସତ୍ୟନାରାୟଣ ଠାକୁର, ଅଶୋକ ମିଶ୍ର, ଅଖିଳ ପଟ୍ଟନାୟକ, କୈଳାସ ମିସ୍ତ୍ରୀ, ବାବୁଲା ଷଣ୍ଢ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗଣ୍ଡା ସମାଜ କଲ୍ୟାଣ ପରିଷଦର ସମ୍ବର୍ଦ୍ଧନା

**ସମ୍ବଲପୁର, ୧୨।୫(ସମିସ):** ସୋମବାର ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁର୍ଲା ଶାଖା ସଂଗଠନ ସମ୍ପାଦକ ବବୁଲୁ ସୁନା, ସହ ସମ୍ପାଦିକା ସୁନୟନା ନାଏକଙ୍କ ନେତୃତ୍ୱରେ ରେଡକ୍ରସ ସମ୍ମାନ ପାଇଥିବା ପରିଷଦର ସଭାପତି ନିହାଲ ସିଂ, ତ୍ରିଲୋଚନ ନେତ୍ରାଳୟ ତରଫରୁ ସମ୍ମାନ ପାଇଥିବା ଉପସଭାପତି ଶିବଶଙ୍କର ପ୍ରଧାନ, ସମ୍ପାଦକ ଅମିନ ମହାନନ୍ଦ, ସଂଗଠନ ସମ୍ପାଦିକା ଯମୁନା ଶିକାଙ୍କୁ ଗଣ୍ଡା ବଜା ମାଧ୍ୟମରେ ଶୋଭାଯାତ୍ରା କରି ବାବା ସାହେବ ଆମ୍ବେଦକରଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ବୈଠକରେ ଉପଦେଷ୍ଟା ପୁରନ୍ଦର ସୁନା ଶ୍ରୀ ସିଂଙ୍କୁ ପ୍ରଶଂସା କରିଥିଲେ। ମୁନ୍ନା ନାଗ, ରମାକାନ୍ତ ତାଣ୍ଡି, ରାଜେନ୍ଦ୍ର ନାଏକ, ଭଗବାନ ନିଆଲ, ନବୀନ ଯାଦବ, ପ୍ରମୁଖ ସହଯୋଗ କରିଥିଲେ।

## ବୁଲେଟ୍ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ସମ୍ବଲପୁର, ୧୨।୫ (ସମିସ) :** ବେପରୁଆ ଗାଡ଼ି ଚାଳନା ପୁଣି ନେଲା ଜୀବନ। ଗତକାଲି ବୁଲେଟ୍ ଧକ୍କାରେ ଗୁରୁତର ହୋଇଥିବା ବ୍ୟକ୍ତିଜଣକ ଭିମସାର୍‌ରେ ଚିକିତ୍ସାଧୀନ ଅବସ୍ଥାର ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ଗତକାଲି ଅପରାହ୍ଣ ପ୍ରାୟ ସାଢ଼େ ୪ଟା ସମୟରେ ବୈଦାର ନୂଆପାଲିର ସମଲେଇ ଗୁଡ଼ିର ଝାଙ୍କର (ପୂଜକ) କୃଷ୍ଣଚନ୍ଦ୍ର ପଟ୍ଟା (୬୭) ଭାଲୁପାଲି ଛକରେ ରାସ୍ତା ପାରି ହେଉଥିବାବେଳେ ଏକ ବୁଲେଟ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଘରୋଇ ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ତାଙ୍କୁ



ସଂକଟାପନ୍ନ ଅବସ୍ଥାରେ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ଅନ୍ୟପକ୍ଷରେ ବୁଲେଟ୍ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଗତକାଲି ଅଇଁଠାପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଲେଟ୍‌କୁ ଜବତ କରିଥିଲା।

ଭାଲୁପାଲି ଛକ ଓ ସିନ୍ଦୂରପଙ୍କ ନିକଟସ୍ଥ ଛକରେ ନିୟମିତ ଭାବେ ଦୁର୍ଘଟଣା ଘଟୁଥିବାରୁ ଏନେଇ ଏକ ଟିମ୍ ଗଠନ କରି ରାସ୍ତା ନିର୍ମାଣରେ ତ୍ରୁଟି ସଂଶୋଧନ ଏବଂ ଅନ୍ୟ ପ୍ରସ୍ତାବ ଦେବାସହ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

## ରାଜନ ପଣ୍ଡାଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୧୨।୫ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ସମ୍ବଲପୁରୀ ଧନୁଯାତ୍ରା କମିଟିର ସହ ସମ୍ପାଦକ ଛତାବର ଗ୍ରାମର ଦୁଷ୍ମନ୍ତ ପଣ୍ଡା (ମଣ୍ଟୁ) ଙ୍କ ଜ୍ୟେଷ୍ଠ ପୁତ୍ର ରାଜନ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ସମ୍ବଲପୁର ଉପକଣ୍ଠସ୍ଥ ଛତାବର ଗ୍ରାମର ତଥା ସମ୍ବଲପୁରୀ ଧନୁଯାତ୍ରା କମିଟିର ସହ ସମ୍ପାଦକ, ମୋର ଘନିଷ୍ଠ ଭାଇ ମଣ୍ଟୁ ପଣ୍ଡାଙ୍କ ପୁତ୍ର ରାଜନ ପଣ୍ଡାଙ୍କ ସଡ଼କ ଦୁର୍ଘଟଣାରେ ଦେହାନ୍ତ ଖବର ଶୁଣି ମୁଁ ଗଭୀର ଭାବରେ ମର୍ମାହତ ଏବଂ ଦୁଃଖିତ। ରାଜନଙ୍କୁ ମଧ୍ୟ ମୁଁ ବ୍ୟକ୍ତିଗତ ଭାବରେ ଜାଣିଥିଲି। ଏଭଳି ଦୁଃଖଦ ସମୟରେ ଭାଇ ମଣ୍ଟୁ ଏବଂ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି। ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ଏବଂ ଆତ୍ମାର ସଦଗତି ନିମନ୍ତେ ମା' ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।



ସେହିପରି ଶ୍ରୀ ବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟ "ଜୀଇଁ ଥିଲେଁ ବର୍ଷେ" ର ସକ୍ରିୟ ସଦସ୍ୟ ଦୁଷ୍ମନ୍ତ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ରାଜନ୍ ପଣ୍ଡାଙ୍କ ଦୁର୍ଘଟଣାଜନିତ ଅକାଳ ବିୟୋଗ ସମସ୍ତଙ୍କୁ ଅତ୍ୟନ୍ତ ମର୍ମାହତ ଓ ଶୋକାକୁଳ କରିଛି। ଅତ୍ୟନ୍ତ କମ୍ ବୟସରେ ରାଜନ୍‌ଙ୍କ ପରଲୋକ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ହସମୁଖ ବ୍ୟକ୍ତିତ୍ୱ, ସରଳ ବ୍ୟବହାର ଓ ପରିବାର ପ୍ରତି ଆତ୍ମୀୟତା ସମସ୍ତଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିବ। ଏହି ଶୋକାକୁଳ ମୁହୂର୍ତ୍ତରେ ଶ୍ରୀ ବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ବିପିନ ବିହାରୀ ନନ୍ଦ, ଉପଦେଷ୍ଟା ଗିରୀଶ ପଟେଲ, ବେଣୁଧର ଦାଶ, ରାଜେନ୍ଦ୍ର ପଣ୍ଡା, ବୁଲୁ ବିଶ୍ୱାଳ, ପଣ୍ଡିତ ମନମୋହନ ପାଣିଗ୍ରାହୀ, ଶରତଚନ୍ଦ୍ର ପାଢ଼ୀ, ଅରବିନ୍ଦ ନାୟକ, ବିନୋଦ ଅଗ୍ରୱାଲ, ଶକୁନ୍ତଳା ମହାପାତ୍ର, ମୁଖ୍ୟ ସଂଯୋଜକ ଦେବାଶିଷ ପୁରୋହିତ, ସଭାପତି ସୌରଭ ରଞ୍ଜନ ମହାପାତ୍ର, ଚୈତନ୍ୟ ନାୟକ, ସୂରଜ କୁମାର ଗୁରୁ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ଅବାଧ ଗଛ କାଟିବା ନେଇ ଅଭିଯୋଗ



**ରେଢ଼ାଖୋଲ, ୧୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଲ ରେଞ୍ଜ ଅଧୀନ ଝରାମୁଣ୍ଡା ଗ୍ରାମ ନିକଟ ଥିବା କେନାଲହୁଡ଼ାରେ ବଡ଼ ବଡ଼ ବୃକ୍ଷ ଗୁଡିକ କାଟି ନଷ୍ଟ କରିବା ନେଇ ରେଢ଼ାଖୋଲ ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ବନ ବିଭାଗ ପକ୍ଷରୁ ଜଙ୍ଗଲ ପରିବେଶ ସୁସ୍ଥ ସବଳ ରଖିବା ପାଇଁ ବିଭିନ୍ନ ସମୟରେ ବୃକ୍ଷରୋପଣ କରାଯାଇଥିବା ବେଳେ ଜନ ସାଧାରଣ ଅବାଧରେ ବେଧଡକ ବଡ଼ ବଡ଼ ବୃକ୍ଷ ଗୁଡ଼ିକୁ କାଟି ଚାଲିଛନ୍ତି। ବନ ବିଭାଗ ନିଷ୍କ୍ରିୟତା ପ୍ରକାଶ କରିଛି। ସେହିପରି ବଡବାହାଲ ରେଞ୍ଜ ଅଧୀନ ଝରାମୁଣ୍ଡା ଗ୍ରାମ ନିକଟ କେନାଲ ହୁଡ଼ା ତଥା ରେଞ୍ଜ କାର୍ଯ୍ୟାଳୟ ଠାରୁ ମାତ୍ର ଅଧା କିଲୋ ମିଟର ଦୂରରେ ଥିବା ବଡ଼ ବଡ଼ ବୃକ୍ଷ ଗୁଡ଼ିକୁ ଜଣେ ବ୍ୟକ୍ତି ଅବାଧରେ ଦିନ ଦ୍ୱିପହରରେ କାଟି ନଷ୍ଟ କରି ଦେଇଛନ୍ତି। ଏ ସମ୍ପର୍କରେ ଉକ୍ତ ଗ୍ରାମର ହୃଷି ମୁଣ୍ଡା ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ୬୨ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଜବତ, ଜଣେ ଗିରଫ

ସମ୍ବଲପୁର, ୧୨।୫ (ସମିସ)

ସମ୍ବଲପୁର ପୁଲିସ ଯୁଯୋମୁରା ଥାନା ଅଞ୍ଚଳରେ ଥିବା ଏକ ଢାବାରେ ଚଢ଼ଉ କରି ବେଆଇନ ଗ୍ୟାସ୍ ଫିଲିଂ ରାକେଟ୍‌ର ପର୍ଦ୍ଦାଫାଶ କରିବାସହ ୬୨ଟି ଏଲ୍‌ପିଜି ସିଲିଣ୍ଡର ଜବତ କରିଛି। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବାବେଳେ ଜଣେ ନାବାଳକକୁ ପୁଲିସ ଅଟକ ରଖିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯୁଯୋମୁରା ଥାନା ସୀମାବର୍ତ୍ତୀ ରାଜସ୍ଥାନୀ ଢାବାରେ ପୁଲିସ ଚଢ଼ଉ କରିଥିଲା। ଏଠାରେ ଦୀର୍ଘଦିନ ଧରି ଏକ ବେଆଇନ ଏଲପିଜି ଗ୍ୟାସ ରିଫିଲିଂ ରାକେଟ ଚିହ୍ନଟ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଢାବା ମାଲିକ ସୋହାନଙ୍କ ସହ ମିଶି ବେଆଇନ ଗ୍ୟାସ ଡିଲର ଗିରିଧାରୀ ରାମଜୀଙ୍କ ତତ୍ତ୍ୱାବଧାନରେ ଗତ ତିନି ମାସ ଧରି ଏହି କାର୍ଯ୍ୟକଳାପ ଚାଲିଥିଲା। ଅପରାଧୀମାନେ ପାଇପ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ବ୍ୟବହାର କରି ଲୋଡ୍ ହୋଇଥିବା ବାଣିଜ୍ୟିକ ସିଲିଣ୍ଡରରୁ ଖାଲି ସିଲିଣ୍ଡରରେ ଏଲପିଜି ବେଆଇନ ଭାବରେ ପକାଉଥିଲେ। ତଦନ୍ତରୁ ଆହୁରି



ଜଣାପଡ଼ିଛି ଯେ ପାରାଦୀପରୁ ରାୟପୁର ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଆସୁଥିବା ଗ୍ୟାସ ଲୋଡ୍ ଟ୍ରକଗୁଡ଼ିକ ଢାବାରେ ଅଟକି ରହୁଥିଲେ, ଯେଉଁଠାରେ କିଛି ଡ୍ରାଇଭରଙ୍କ ସହମତିରେ ସିଲିଣ୍ଡରରୁ ବେଆଇନ ଭାବରେ ଏଲପିଜି କଢ଼ାଯାଉଥିଲା। ପ୍ରଚଳିତ ଗ୍ୟାସ୍ ଅଭାବର ସୁଯୋଗ ନେଇ, ଅଭିଯୁକ୍ତମାନେ ବେଆଇନ ଭାବରେ ଏଲପିଜି ସିଲିଣ୍ଡର ରିଫିଲିଂ କରି ନିକଟସ୍ଥ ଢାବା ଏବଂ ହୋଟେଲଗୁଡ଼ିକୁ ଲାଭ ପାଇଁ ବିକ୍ରି କରୁଥିଲେ। ଯୁଯୋମୁରା ଥାନା ପୁଲିସ ଚଢ଼ଉ କରି ୪୦ଟି କମର୍ସିଆଲ ଗ୍ୟାସ ସିଲିଣ୍ଡର ଏବଂ ୨୨ଟି ଘରୋଇ ଗ୍ୟାସ ସିଲିଣ୍ଡର ଏହିଭଳି ମୋଟ ୬୨ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ଏହି ବେଆଇନ କାରବାର ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ବିସ୍ଫୋରଣ ଘଟିବାର ଆଶଙ୍କା ରହିଥିଲା। ଯୁଯୋମୁରା ଥାନା କେସ ନଂ. ୮୫/୨୦୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାରେ ସୁବାସ ବିଷ୍ଟୋଇ (୧୯)କୁ ଗିରଫ କରିବାସହ ଜଣେ ନାବାଳକଙ୍କୁ ଅଟକ ରଖିଛି। ମୁଖ୍ୟ ଅଭିଯୁକ୍ତ ଢାବା ମାଲିକ ସୋହନ କୁମାର ଫେରାର ଥିବା ଏସ୍‌ପି ଶ୍ରୀ ଭାମୁ ସୂଚନା ଦେଇଛନ୍ତି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବାବେଳେ ଶୀଘ୍ର ଢାବା ମାଲିକକୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଦୁଇ ମାସରେ ୨୩୭ ସିଲିଣ୍ଡର ଜବତ

ଆଜି ସମ୍ବଲପୁର ପୁଲିସ ୬୨ଟି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଜବତ କରିବାସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେହିପରି ଗତ ମେ ୧ ତାରିଖରେ ସମ୍ବଲପୁର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଧନୁପାଲିସ୍ଥିତ ସାଉଥ୍ ଇଣ୍ଡିଆନ୍ ଟିଫିନ୍ ହୋଟେଲରୁ ୧୧ଟି ଭର୍ତ୍ତି ଓ ଖାଲି ଗ୍ୟାସ୍ ସିଲିଣ୍ଡର ଜବତ କରିଥିଲା। ଏହା ପୂର୍ବରୁ ମାର୍ଚ୍ଚ ୧୭ ତାରିଖରେ ଚଢ଼ଉ କରାଯାଇ ନକ୍ସାପାଲି ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ରଖିଥିବା ୨ଟି କମର୍ସିଆଲ ଓ ଗୋଟିଏ ଘରୋଇ ସିଲିଣ୍ଡର ଜବତ କରାଯାଇଥିଲା। ମାର୍ଚ୍ଚ ୧୨ ତାରିଖରେ ବୁର୍ଲା ମେଟାକାନୀ ଢାବା ନିକଟରେ ଚଢ଼ଉ କରି ୬୨ଟି ସିଲ୍ଡ ଭାରତ ଗ୍ୟାସ ସିଲିଣ୍ଡର ସମେତ ମୋଟ ୧୬୧ଟି ସିଲିଣ୍ଡର ଜବତ କରାଯାଇ ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା।